ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଏପ୍ରିଲ ୪/୨୦୨୧ (୧୬ ପୃଷ୍ଠା+ଛୁଟିଦିନ) | Sambalpur, Sunday, April 4/2021 | ★★

୧୭ଶ ଭାଗ ୧୦୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ପ୍ରମୋଦ ଫାଇନାଲରେ**

ଓଡ଼ିଶାର ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ ଭଗତ ତୃତୀୟ ଦୁବାଇ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଫାଇନାଲରେ ପ୍ରବେଶ କରିଛନ୍ତି।

୧୬

୧୪

**ବଲିଉଡ୍‌ରେ ମନ୍ଦାନାଙ୍କ ଡେବ୍ୟୁ**

ଟଲିଉଡ୍‌ର ନାୟିକା ରଶ୍ମିକା ମନ୍ଦାନା ବଲିଉଡ୍‌ରେ ଏଣ୍ଟ୍ରି କରିଛନ୍ତି। ବିଗ୍ ବିଙ୍କ ସହ 'ଗୁଡ୍ ବାଏ' ଏବଂ ସିଦ୍ଧାର୍ଥ ମାଲହୋତ୍ରାଙ୍କ ସହ 'ମିଶନ ମଜନୁ' ଫିଲ୍ମରେ ମନ୍ଦାନା ନଜର ଆସିବେ।






# ଜୋତା ଫିଙ୍ଗି ନିଲମ୍ବିତ

**ଭୁବନେଶ୍ୱର, ୩।୪(ବ୍ୟୁରୋ)**

ବିଧାନସଭାରେ ଶନିବାର ଲଜ୍ଜାଜନକ ଘଟଣା ଘଟିଛି। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ପୋଡିୟମ ଉପରକୁ ଜୋତା, ଇୟରଫୋନ, କଲମ, ଡଷ୍ଟବିନ ଫିଙ୍ଗିଥିବାରୁ ଭାଜପା ସଦସ୍ୟ ମୋହନ ଚରଣ ମାଝି, ଜୟନାରାୟଣ ମିଶ୍ର ଏବଂ ବିଷ୍ଣୁଚରଣ ସେଠୀଙ୍କୁ ଚଳିତ ବଜେଟ ଅଧିବେଶନ ଶେଷ ଯାଏ ନିଲମ୍ବିତ କରାଯାଇଛି। ଏହି ଅଧିବେଶନ ସରିବା ଯାଏ ଉକ୍ତ ସଦସ୍ୟମାନେ ବିଧାନସଭାରେ ଯୋଗଦେଇ ପାରିବେ ନାହିଁ ବୋଲି ଶନିବାର ଅପରାହ୍ନରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ନିର୍ଦ୍ଦେଶ ଦେଇଥିଲେ। ତେବେ ବାଚସ୍ପତିଙ୍କ ଘୋଷଣାର ପ୍ରାୟ ୨ ଘଣ୍ଟାପରେ ବିଧାନସଭାକୁ ଅନିର୍ଦ୍ଦିଷ୍ଟ କାଳ ଲାଗି ମୁଲତବୀ କରାଯାଇଛି। ଫଳରେ ଭାଜପାର ୩ ସଦସ୍ୟ ଚପଲ ଫିଙ୍ଗା ପାଇଁ ମାତ୍ର ୨ ଘଣ୍ଟା ଲାଗି ବିଧାନସଭାରୁ ନିଲମ୍ବିତ ହୋଇଛନ୍ତି।

ଶନିବାର ବିଧାନସଭାରେ ଖଣି ଦୁର୍ନୀତି ସମ୍ପର୍କିତ ମୁଲତବୀ ପ୍ରସ୍ତାବ ଆଲୋଚନା କରିବାକୁ ବାଚସ୍ପତି ଅନୁମତି ନ ଦେବାରୁ ଭାଜପା ସଦସ୍ୟମାନେ କ୍ଷୁବ୍ଧ ହୋଇଥିଲେ। କେଉଁ କାରଣରୁ ଖଣି ସମ୍ପର୍କିତ ମୁଲତବୀ ପ୍ରସ୍ତାବ ଅଗ୍ରାହ୍ୟ କରାଗଲା ବୋଲି ବାଚସ୍ପତିଙ୍କ ନିକଟରୁ କୈଫିୟତ ତଲବ କରିଥିଲେ। ଖଣି ଦୁର୍ନୀତି ଏକ ପୁରୁଣା ବିଷୟ ହୋଇଥିବାରୁ ଏହାକୁ ଗୃହରେ ଆଲୋଚନା ପାଇଁ ଅନୁମତି ଦିଆଯାଇପାରିବ ନାହିଁ ବୋଲି ବାଚସ୍ପତି କହିଥିଲେ। ଏହାକୁ ନେଇ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଓ ବାଚସ୍ପତିଙ୍କ ☞ପୃଷ୍ଠା-୧୩



ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର



ବିଷ୍ଣୁଚରଣ ସେଠୀ



ଜୟନାରାୟଣ ମିଶ୍ର



ମୋହନ ଚରଣ ମାଝି

- **ଗାନ୍ଧୀ ମୂର୍ତ୍ତି ତଳେ ଧାରଣା ଦେଲେ ଭାଜପା ସଦସ୍ୟ**
- **ବିଲ୍‌କୁ ବିରୋଧ କରି କଂଗ୍ରେସ ସଦସ୍ୟଙ୍କ କକ୍ଷତ୍ୟାଗ**

## ୬ ଦିନ ପୂର୍ବରୁ ଅଧିବେଶନ ବନ୍ଦ

**ଭୁବନେଶ୍ୱର,୩।୪(ବ୍ୟୁରୋ)**

ବିଧାନସଭାର ଚଳିତ ବଜେଟ ଅଧିବେଶନ ଆସନ୍ତା ୯ ତାରିଖରେ ଶେଷ ହେବାର ଥିଲା। ହେଲେ ୬ ଦିନ ପୂର୍ବରୁ ଅର୍ଥାତ୍ ଶନିବାର ଏହାକୁ ଅନିର୍ଦ୍ଦିଷ୍ଟ କାଳ ଲାଗି ମୁଲତବୀ ଘୋଷଣା କରାଯାଇଛି। ଏହି ଅଧିବେଶନ ଫେବୃଆରୀ ୧୮ରୁ ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟ ଫେବୃଆରୀ ୨୭ ଯାଏ ଚାଲିଥିଲା। ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୧୧ରୁ ଆରମ୍ଭ ହୋଇଥିଲା। ଏହି ଅଧିବେଶନ ୨୬ ଦିନ ଚାଲିଲା। ଏହି ସମୟରେ ୧୦ ବିଲ୍ ଆଗତ ହୋଇଥିବାବେଳେ ସେଥିରୁ ୯ ବିଲ୍ ବିଧାନସଭାର ଅନୁମୋଦନ ଲାଭ କରିଛି। ଅଧିବେଶନ କାଳରେ ୮ଟି ଖର୍ଚ୍ଚ ଦାବି ଆଲୋଚନା ହୋଇଥିବା ବେଳେ ୬ଟି ବାର୍ଷିକ ରିପୋର୍ଟ, ୫ଟି ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ହୋଇଛି। ୨୦୭୨ଟି ତାରକା ☞ପୃଷ୍ଠା-୧୩

# ୧୦ ଜିଲାରେ ନାଇଟ୍ କର୍ଫ୍ୟୁ

**ଭୁବନେଶ୍ୱର, ୩।୪(ବ୍ୟୁରୋ)**

**ଚିନ୍ତା ବଢ଼ାଇଲେ ପଡ଼ୋଶୀ**

- **୫ରୁ ଲାଗୁ, ରାତି ୧୦ରୁ ସକାଳ ୫ ପର୍ଯ୍ୟନ୍ତ ବଳବତ୍ତର**
- **ଦୋକାନ, ବାଣିଜ୍ୟିକ ପ୍ରତିଷ୍ଠାନ, କାର୍ଯ୍ୟାଳୟ ଓ ଅନୁଷ୍ଠାନ ବନ୍ଦ ରହିବ**

ଛତିଶଗଡ଼ ଓ ଅନ୍ୟ ପଡ଼ୋଶୀ ରାଜ୍ୟ ପାଇଁ ଓଡ଼ିଶାରେ ବିଗୁଡୁଛି କରୋନା ସ୍ଥିତି। ସୀମାନ୍ତ ଜିଲାଗୁଡିକରେ ସଂକ୍ରମଣ ବୃଦ୍ଧି ପାଉଥିବା ଜଣାପଡିବା ପରେ ଏବେ ବଡ଼ ପଦକ୍ଷେପ ଆରମ୍ଭ କରିଛନ୍ତି ରାଜ୍ୟ ସରକାର। ପ୍ରଥମେ ଛତିଶଗଡ଼ ସୀମାରେ ଯାଞ୍ଚ କଡ଼ାକଡ଼ି କରିବା ସହ ଯାତାୟାତ ଉପରେ କଟକଣା ଲଗାଯାଇଥିଲା। ଶନିବାର ସୀମାନ୍ତ ୧୦ ଜିଲାରେ ନାଇଟ୍ କର୍ଫ୍ୟୁ ଜାରି କରିଛନ୍ତି ସରକାର। ଏହି ଜିଲାଗୁଡ଼ିକ ମଧ୍ୟରେ ରହିଛି ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି। ଆସନ୍ତା ୫ ତାରିଖ ସୋମବାରଠାରୁ ଏହି କଟକଣା ଲାଗୁ ହେବ। ରାତି ୧୦ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ବଳବତ୍ତର ରହିବ ନାଇଟ୍ କର୍ଫ୍ୟୁ କଟକଣା। ଅନ୍ୟ ଆଦେଶ ପର୍ଯ୍ୟନ୍ତ ଏହି କଟକଣା ଜାରି ରହିବ ବୋଲି ସ୍ୱତନ୍ତ୍ର ରିଲିଫ୍ ☞ପୃଷ୍ଠା-୧୩



# ରବିବାର ଦର୍ଶନ ବନ୍ଦ

**ପୁରୀ ଅଫିସ,୩।୪**

**କୋଭିଡ୍ କଟକଣା କଡ଼ାକଡ଼ି କଲା ଶ୍ରୀମନ୍ଦିର ପ୍ରଶାସନ**

ସାମ୍ପ୍ରତିକ ସ୍ଥିତିକୁ ଅନୁଧ୍ୟାନ କରି ଶ୍ରୀମନ୍ଦିର ଭିତରେ ଓ ବାହାରେ କୋଭିଡ୍ କଟକଣାକୁ କଡ଼ାକଡି କରାଯାଇଛି। ଏନେଇ ଶନିବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୂଆ ମାର୍ଗଦର୍ଶିକା ଜାରି ହୋଇଛି। ଏହି କ୍ରମରେ ପ୍ରତି ରବିବାର ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ବ୍ୟବସ୍ଥାକୁ ବନ୍ଦ କରାଯାଇଛି। ଏହି ଦିନ ଶ୍ରୀମନ୍ଦିର ପରିସର ଓ ଚାରିପାଖକୁ ସାନିଟାଇଜ କରାଯିବ। ଏପରି କି ସର୍ବସାଧାରଣ ☞ପୃଷ୍ଠା-୧୩



# ୫ ଯବାନ ଶହୀଦ

**ଛତିଶଗଡ଼ରେ ଏନ୍‌କାଉଣ୍ଟର**

- **୩ ମାଓବାଦୀ ନିହତ**

**ରାୟପୁର/ମାଲକାନଗିରି, ୩।୪(ଡି.ଏନ୍.ଏ.)**

କିଛିଦିନର ନୀରବତା ପରେ ଛତିଶଗଡ଼ର ବିଜାପୁର ଜିଲାରେ ଶନିବାର ମାଓବାଦୀ ଓ ସୁରକ୍ଷା ବଳ ମଧ୍ୟରେ ଗୁଳି ବିନିମୟ ଘଟି ୫ ଯବାନ ଶହୀଦ ହେବା ସହ ଅନ୍ୟ ୨୪ ଜଣ ଆହତ ହୋଇଛନ୍ତି। ସୁରକ୍ଷା କର୍ମୀଙ୍କ ଗୁଳିରେ ଜଣେ ମହିଳାଙ୍କ ସମେତ ୩ ମାଓବାଦୀ ନିହତ ହୋଇଥିବାବେଳେ ସେମାନଙ୍କଠାରୁ ଏକ ଇନ୍‌ସାସ୍ ରାଇଫଲ ଜବତ ହୋଇଛି। ମୃତ ଯବାନଙ୍କ ମଧ୍ୟରୁ ୨ ଜଣ କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ(ସିଆର୍‌ପିଏଫ୍)ର ହୋଇଥିବାବେଳେ ଅନ୍ୟ ୩ ଜଣ ଜିଲା ରିଜର୍ଭ ଗାର୍ଡ (ଡିଆର୍‌ଜି)ର ବୋଲି ଜଣାପଡ଼ିଛି। ଖବର ଅନୁଯାୟୀ ବିଜାପୁର ଜିଲା ଅନ୍ତର୍ଗତ ତରେନ ଥାନାର ଜନାଗୁଡାଠାରେ ଏସ୍‌ଟିଏଫ୍, ଡିଆରଜି ଏବଂ ସିଆରପିଏଫର କୋବ୍ରା ବାହିନୀର ଯବାନମାନେ ବଡ ଧରଣର ଅପରେଶନରେ ବାହାରିଥିଲେ। ମାଓବାଦୀଙ୍କ ଶିବିର ☞ପୃଷ୍ଠା-୧୩

**ଆଜିର ସମ୍ପାଦକୀୟ**

**ନିରପେକ୍ଷ ଗଣମାଧ୍ୟମ ଲୋଡ଼ା**

# ସିଏଜି ଧରିଲେ ଅନିୟମିତତା

**ମେଡିକାଲ ନିଗମର ଔଷଧ କିଣା ଚଞ୍ଚକତା**

**ଭୁବନେଶ୍ୱର, ୩।୪ (ବ୍ୟୁରୋ)**

ଓଡ଼ିଶା ରାଜ୍ୟ ମେଡିକାଲ ନିଗମ ଲିମିଟେଡ୍ (ଓଏସ୍‌ଏମ୍‌ସିଏଲ୍)ରେ ଚଞ୍ଚକତା ହୋଇଛି। ଔଷଧ, ଚିକିତ୍ସା ସାମଗ୍ରୀ ଓ ବିଭିନ୍ନ ଯନ୍ତ୍ରପାତି କ୍ରୟରେ ଜାଲିଆତି କରାଯାଇଛି। ଶନିବାର ବିଧାନସଭାରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଦ୍ୱାରା ଉପସ୍ଥାପିତ ସାଧାରଣ ଓ ସାମାଜିକ କ୍ଷେତ୍ର-୨୦୧୯ କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ (ସିଏଜି) ରିପୋର୍ଟରେ ଏଭଳି ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆସିଛି।

ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ୨୦୧୬ରୁ ୨୦୧୯ ମଧ୍ୟରେ ଓଏସ୍‌ଏମ୍‌ସିଏଲ ଦ୍ୱାରା ଔଷଧ, ଚିକିତ୍ସା ସାମଗ୍ରୀ, ଉପକରଣ, ଯନ୍ତ୍ରପାତି ଓ ଆସବାବପତ୍ର ଉପରେ କ୍ରୟ ଚୂଡ଼ାନ୍ତ କରିବା ଯୋଗୁ ସରକାରଙ୍କୁ ବହୁ ଟଙ୍କାର ରାଜସ୍ୱ ହରାଇବାକୁ ପଡ଼ିଛି। ଓଏସ୍‌ଏମ୍‌ସିଏଲ ଏହି ସମୟରେ ବିଭିନ୍ନ ସରକାରୀ ସଂସ୍ଥାକୁ ଅନୁମୋଦିତ ପରିମାଣର ମାତ୍ର ୪୯% ଔଷଧ ଓ ଚିକିତ୍ସା ସାମଗ୍ରୀ ଯୋଗାଇବାରେ ସଫଳ ହୋଇଥିଲା। କମ୍ ଔଷଧ ☞ପୃଷ୍ଠା-୧୩

- **ଦକ୍ଷତା ନ ଥାଇ ଘରୋଇ ସଂସ୍ଥାକୁ ଅନୁକମ୍ପା**
- **ଡିଡିୟୁଜିକେୱାଇରେ ବିପୁଳ ଅର୍ଥ ହେରଫେର**
- **ବିଡିଏ ପାଇଁ ସରକାରଙ୍କ ୨.୬୨ କୋଟି ଟଙ୍କା ଅଯଥା ଖର୍ଚ୍ଚ**
- **ବିଏମ୍‌ସି କିଣିଥିବା ଟ୍ରାନ୍ସଫର୍ମର ବ୍ୟବହାର ହେଲାନି, ୧.୧୩ କୋଟିର ରାଜସ୍ୱ ହାନି**




**ୱାଜେଙ୍କ ଏନ୍‌ଆଇଏ ହାଜତ ମିଆଦ ବଢ଼ିଲା**

ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ବାସଭବନ ଆଣ୍ଟିଲିଆ ନିକଟରୁ ବିସ୍ଫୋରକ ଭର୍ତ୍ତି ସ୍କର୍ପିଓ ମିଳିବା ପରେ ଏହାର ମାଲିକ ମନସୁଖ ହିରେନଙ୍କର ରହସ୍ୟଜନକ ମୃତ୍ୟୁ ଘଟଣାରେ ଗିରଫ ହୋଇଥିବା ମୁମ୍ବାଇ ପୋଲିସ ଅଧିକାରୀ ସଚିନ ୱାଜେଙ୍କ ହାଜତ ମିଆଦକୁ ଏପ୍ରିଲ ୭ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ୭ ତାରିଖ ପର୍ଯ୍ୟନ୍ତ ୱାଜେଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ହାଜତରେ ରଖିବା ଲାଗି ସ୍ୱତନ୍ତ୍ର ଅଦାଲତ ଶନିବାର ନିର୍ଦ୍ଦେଶ ଦେଇଛନ୍ତି।

## ସଂକ୍ଷେପରେ

### ହିମନ୍ତ ଶର୍ମାଙ୍କ ପ୍ରଚାର କଟକଣା ହ୍ରାସ

**ନୂଆଦିଲ୍ଲୀ, ୩।୪:** ଭାଜପାର ଷ୍ଟାର ପ୍ରଚାରକ ଆସାମ ମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ପ୍ରଚାର ଉପରେ ନିର୍ବାଚନ କମିଶନ ୪୮ ଘଣ୍ଟିଆ ରୋକ ଲଗାଇଥିବାବେଳେ ଶନିବାର ଏହାକୁ ୨୪ ଘଣ୍ଟାକୁ ହ୍ରାସ କରିଛନ୍ତି। ବୋଡୋଲ୍ୟାଣ୍ଡ ପିପିଲ୍ସ ଫ୍ରଣ୍ଟର ଅଧକ୍ଷ ହଗ୍ରାମା ମୋହିଲାରିଙ୍କ ବିରୋଧରେ ଧମକପୂର୍ଣ୍ଣ ମନ୍ତବ୍ୟ ଦେବା ଅଭିଯୋଗରେ ହିମନ୍ତଙ୍କ ବିରୋଧରେ ଇସି ଶୁକ୍ରବାର କଟକଣା ଲଗାଇଥିଲେ। ନିଜର ମନ୍ତବ୍ୟ ପାଇଁ ହିମନ୍ତ ଦୁଃଖ ପ୍ରକାଶ କରିବା ସହ ଭବିଷ୍ୟତରେ ଆଚରଣ ବିଧି ଉଲ୍ଲଂଘନ କରିବେ ନାହିଁ ବୋଲି ପ୍ରତିଶ୍ରୁତି ଦେବା ପରେ ତାଙ୍କ ନିର୍ବାଚନ ପ୍ରଚାର କଟକଣାକୁ ହ୍ରାସ କରାଯାଇଛି।

### ଅଭିନେତା ତାରିକ୍ ଶାହାଙ୍କ ପରଲୋକ



**ମୁମ୍ବାଇ, ୩।୪:** ଚଳଚ୍ଚିତ୍ର ନିର୍ଦ୍ଦେଶକ ତଥା ବର୍ଷୀୟାନ ଅଭିନେତା ତାରିକ୍ ଶାହାଙ୍କର ଶନିବାର ସକାଳେ ମୁମ୍ବାଇର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୫୮ ବର୍ଷ ହୋଇଥିଲା। ଡବଲ ନିମୋନିଆ ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା କେତେକ ରିପୋର୍ଟରେ ପ୍ରକାଶ ପାଇଛି। ଦୁଇବର୍ଷ ହେଲା ତାରିକ୍‌ଙ୍କର କିଡ୍‌ନୀ ସମସ୍ୟା ଥିଲା ଓ ନିୟମିତ ଡାଏଲିସିସ ହେଉଥିଲା। ଦୁଇଦିନ ପୂର୍ବରୁ ସେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତାଙ୍କ ପରଲୋକରେ ଚଳଚ୍ଚିତ୍ର ଜଗତରେ ଶୋକର ଛାୟା ଖେଳିଯାଇଛି। ବାହାର ଆନେ ତକ୍, ଗୁମ୍‌ନାମ ହୈ କୋଇ ଏବଂ ମୁମ୍ବାଇ ସେଣ୍ଟ୍ରାଲ ଭଳି ଚଳଚ୍ଚିତ୍ର ପାଇଁ ଜଣାଶୁଣା ତାରିକ୍ 'କଉ୍ୱା ସଚ୍' ଟିଭି ଶୋ' ଏବଂ 'ଜନମ କୁଣ୍ଡଳି' ଚଳଚ୍ଚିତ୍ରରେ ନିର୍ଦ୍ଦେଶନା ଦେଇଥିଲେ।

### ଶ୍ରୀଲଙ୍କା: ଇଷ୍ଟର ପୂର୍ବରୁ କଡ଼ା ସୁରକ୍ଷା

**କଲମ୍ବୋ, ୩।୪:** ଶ୍ରୀଲଙ୍କାରେ ଇଷ୍ଟର ରବିବାର ବିସ୍ଫୋରଣ ଘଟଣାକୁ ୨ ବର୍ଷ ପୂରିଛି। ୨୦୧୯ ଏପ୍ରିଲ ୨୧ରେ ଶ୍ରୀଲଙ୍କା ରାଜଧାନୀ କଲମ୍ବୋର ଉତ୍ତର ଭାଗରେ ଥିବା ୩ ଚର୍ଚ୍ଚ ଓ ୩ ହୋଟେଲରେ ଭୟାବହ ବିସ୍ଫୋରଣ ଘଟି ୨୭୦ ଜଣଙ୍କ ମୃତ୍ୟୁ ଘଟିଥିଲା ଓ ୫୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ମୃତକଙ୍କ ମଧରେ ୧୧ ଜଣ ଭାରତୀୟ ଥିଲେ। ଇସ୍‌ଲାମିକ ଷ୍ଟେଟ୍ (ଆଇଏସ୍) ସହ ସମ୍ପୃକ୍ତ ନ୍ୟାଶନାଲ ଥୋହିଥ୍ ଜମାତ (ଏନ୍‌ଟିଜେ)ର ସ୍ଥାନୀୟ ଜେହାଦୀମାନେ ଏହି ଆକ୍ରମଣ ଘଟାଇଥିଲେ। ଏହାର ବର୍ଷ ପୂର୍ତ୍ତି ଅବସରରେ ଶନିବାର ଶ୍ରୀଲଙ୍କାର ବିଭିନ୍ନ ଚର୍ଚ୍ଚରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି।

## ନିର୍ବାଚନରେ ମିସ୍ ଇଣ୍ଡିଆ ଗ୍ଲାମର



ଦୀକ୍ଷା ସିଂ

ପଞ୍ଚାୟତ ନିର୍ବାଚନ ଲଢ଼ିବା ନେଇ ଘୋଷଣା କରିବାପରେ ଶନିବାର ଟ୍ରେଣ୍ଡିଂ ଲିଷ୍ଟର ଟପ୍‌ରେ ରହିଛନ୍ତି ମିସ୍ ଇଣ୍ଡିଆ-୨୦୧୫ର ଫାଇନାଲିଷ୍ଟ ତଥା ବିୟୁଟି ମଡେଲ ଦୀକ୍ଷା ସିଂ। ଉତ୍ତରପ୍ରଦେଶ ଜୌନପୁର ଜିଲାର ବକ୍ସା ବ୍ଲକ ଅନ୍ତର୍ଗତ ୨୬ ନମ୍ବର ୱାର୍ଡରୁ ସେ ନିର୍ବାଚନ ଲଢ଼ିବେ। ବକ୍ସା ବ୍ଲକ ଚିତ୍ତୋରି ଗ୍ରାମର ୨୪ ବର୍ଷୀୟା ଦୀକ୍ଷା ୨୦୧୫ରେ ମିସ୍‌ଇଣ୍ଡିଆ ପ୍ରତିଯୋଗିତାରେ ଭାଗ ନେଇ ଫାଇନାଲ ରାଉଣ୍ଡରେ ପହଞ୍ଚିଥିଲେ। ସେ ଦର୍ଶନ ରାୱଲ ଏବଂ ନେହା କକ୍କରଙ୍କ ଗୀତ 'ତେରି ଆଖୋଁ ମେ'ରେ ନଜର ଆସିଥିଲେ। ବାପା ଜିତେନ୍ଦ୍ର ସିଂ ପୂର୍ବରୁ ଉକ୍ତ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିଆସୁଥିଲେ। କିନ୍ତୁ ଚଳିତ ଥର ତାହା ମହିଳାଙ୍କ ପାଇଁ ସଂରକ୍ଷିତ ହୋଇଥିବାରୁ ଦୀକ୍ଷା ନିର୍ବାଚନକୁ ଓହ୍ଲାଇଛନ୍ତି।

## ହସ୍ପିଟାଲରେ ଅଗ୍ନିକାଣ୍ଡବେଳେ ସର୍ଜରି

ରୁଷିଆର ଏକ ହସ୍ପିଟାଲରେ ଭୟଙ୍କର ଅଗ୍ନିକାଣ୍ଡବେଳେ ଏକ ଡାକ୍ତରୀ ଟିମ୍ ଜଣେ ସାହସିକତା ଦେଖାଇ ଜଣେ ରୋଗୀଙ୍କ ଓପନ-ହାର୍ଟ ସର୍ଜରି କରିଛନ୍ତି। ମେଡିକାଲ ଟିମ୍ ପଙ୍ଖା ଲଗାଇ ଅପରେଶନ ଥିଏଟର ଭିତରକୁ ନିଆଁର ପ୍ରବେଶକୁ କିଛି ସମୟ ପାଇଁ ଅଟକାଇଥିଲେ। ହସ୍ପିଟାଲରେ ସମ୍ପୃକ୍ତ ରୋଗୀଙ୍କ ଅପରେଶନ ଚାଲିଥିବାବେଳେ ହଠାତ୍ ଅଗ୍ନିକାଣ୍ଡ ଘଟିଥିଲା। ପ୍ରାୟ ୧୨୦ ଜଣଙ୍କୁ ସେଠାରୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ହାର୍ଟ ସର୍ଜରି ସରି ନ ଥିବାରୁ ଉକ୍ତ ଡାକ୍ତରୀ ଟିମ୍ ବାହାରକୁ ବାହାରି ପାରି ନ ଥିଲେ। ବିଭିନ୍ନ କୌଶଳରେ ୮ ଡାକ୍ତର ଓ ନର୍ସ ପ୍ରାୟ ୨ ଘଣ୍ଟାର ଅପରେଶନ ସଫଳତାର ସହ ଶେଷ କରି ତାଙ୍କ ଜୀବନ ରକ୍ଷା କରିଥିଲେ। ଏହାପରେ ସମ୍ପୃକ୍ତ ରୋଗୀଙ୍କୁ ଅନ୍ୟ ଏକ ହସ୍ପିଟାଲକୁ ପଠାଯାଇଥିଲା।



# ୧.୨୩ କୋଟି ଟପିଲା ସଂକ୍ରମଣ

**ନୂଆଦିଲ୍ଲୀ, ୩।୪**

ଭାରତରେ କରୋନା ସଂକ୍ରମଣର ଦ୍ୱିତୀୟ ଲହର ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଛି। କ୍ରମାଗତ ୨୪ ଦିନ ହେଲା ଦେଶରେ ଆକ୍ରାନ୍ତଙ୍କ ସଂଖ୍ୟା ହୁ ହୁ ହୋଇ ବଢ଼ିଚାଲିଛି। ଗତ ୨୪ ଘଣ୍ଟା ମଧ୍ୟରେ ୮୯,୧୨୯ ନୂଆ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୭୧୪ ଜଣଙ୍କ ଜୀବନ ଯାଇଛି। ଗତ ସାଢ଼େ ୬ ମାସ ମଧ୍ୟରେ ଏହା ସର୍ବାଧିକ ଦୈନିକ ସଂକ୍ରମଣ। ଏହାକୁ ମିଶାଇ ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧.୨୩ କୋଟି ଅତିକ୍ରମ କରିଥିବା ଶନିବାର କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ଦୈନିକ ସଂକ୍ରମଣର ୮୧.୪୨ ପ୍ରତିଶତ କେବଳ ୮ଟି ରାଜ୍ୟରେ ଦେଖିବାକୁ ମିଳିଛି। ସେହି ରାଜ୍ୟଗୁଡ଼ିକ ହେଲେ ମହାରାଷ୍ଟ୍ର, କର୍ନାଟକ, ଛତିଶଗଡ଼, ଦିଲ୍ଲୀ, ତାମିଲନାଡ୍ରୁ, ଉତ୍ତରପ୍ରଦେଶ, ପଞ୍ଜାବ ଏବଂ ମଧ୍ୟପ୍ରଦେଶ।

ଭାରତରେ ମୋଟ ସକ୍ରିୟ ମାମଲା ସଂଖ୍ୟା ୬,୫୮,୯୦୯କୁ ବୃଦ୍ଧି ପାଇଛି, ଯାହା କି ମୋଟ ସଂକ୍ରମଣର ୫.୩୨ ପ୍ରତିଶତ। ଦିନକରେ ସକ୍ରିୟ ମାମଲା ସଂଖ୍ୟା ୪୪,୨୧୩ ବୃଦ୍ଧି ପାଇଛି। ମୋଟ ସକ୍ରିୟ ମାମଲାର ୫୦ ପ୍ରତିଶତ ୧୦ଟି ଜିଲା ପୁଣେ, ମୁମ୍ବାଇ, ନାଗପୁର, ଠାଣେ, ନାସିକ, ବେଙ୍ଗାଲୁରୁ ଅର୍ବାନ, ଔରଙ୍ଗାବାଦ, ଦିଲ୍ଲୀ, ଅହମଦନଗର ଏବଂ ନାନ୍ଦେଡ୍‌ରେ ରହିଛି। ଗତ ଦୁଇ ମାସରେ ମହାରାଷ୍ଟ୍ରରେ ସକ୍ରିୟ ମାମଲା ୯ ଗୁଣ ବୃଦ୍ଧି ହୋଇଛି।



ପୁଣେରେ ଶନିବାରଠାରୁ ୧୨ ଘଣ୍ଟିଆ ନାଇଟ୍ କର୍ଫ୍ୟୁ ଆରମ୍ଭ ହୋଇଛି।

ଶନିବାର ୭୧୪ ଜଣଙ୍କ ମୃତ୍ୟୁ ପରେ କରୋନା ଜନିତ ମୋଟ ମୃତ୍ୟୁସଂଖ୍ୟା ୧,୬୪,୧୧୦ ହୋଇଛି। ଅକ୍ଟୋବର ୨୧ ପରେ ଶନିବାର କରୋନାରେ ସର୍ବାଧିକ ମୃତ୍ୟୁ ଘଟିଛି। ମହାରାଷ୍ଟ୍ରରେ ଶନିବାର ସର୍ବାଧିକ ୪୭,୯୧୩ ଜଣ ସଂକ୍ରମିତ ହୋଇଥିବାବେଳେ କର୍ନାଟକରେ ୪,୯୯୧, ଛତିଶଗଡ଼ରେ ୪,୧୭୪ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଗତବର୍ଷ ସେପ୍ଟେମ୍ବର ୨୦ରେ ଦୈନିକ ସଂକ୍ରମଣ ୯୨,୬୦୫ ରହିଥିଲା।

୧୨ଟି ରାଜ୍ୟରେ ସଂକ୍ରମଣ ଅତ୍ୟଧିକ ବୃଦ୍ଧି ପାଉଥିବା ବେଳେ ଶୁକ୍ରବାର କ୍ୟାବିନେଟ ସଚିବ ରାଜୀବ ଗୌବାଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ରାଜ୍ୟର ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକ ଏବଂ ସ୍ୱାସ୍ଥ୍ୟ ସଚିବମାନେ ଯୋଗଦେଇଥିଲେ। ବୈଠକରେ ଗତ ଦୁଇ ସପ୍ତାହ ମଧ୍ୟରେ ଦୈନିକ ସଂକ୍ରମଣ ଅତ୍ୟଧିକ ବୃଦ୍ଧି ପାଇଥିବା ରାଜ୍ୟଗୁଡ଼ିକ ଉପରେ ଫୋକସ୍ କରାଯାଇଥିଲା। ଅତ୍ୟନ୍ତ ଉଦ୍‌ବେଗଜନକ ସ୍ଥିତିରେ ଥିବା ଏହି ରାଜ୍ୟଗୁଡ଼ିକରେ ତୁରନ୍ତ କୋଭିଡ୍ ପରୀକ୍ଷା ବଢ଼ାଇବା, କଣ୍ଟେନମେଣ୍ଟକୁ କଡ଼ାକଡ଼ି କରିବା, କଣ୍ଟାକ୍ଟ ଟ୍ରେସିଂକୁ ତ୍ୱରାନ୍ୱିତ କରିବା ସହ କୋଭିଡ୍ ନିୟମାବଳୀ ପାଳନ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଥିଲା।

ସଂକ୍ରମଣ ରୋକିବା ଲାଗି ଟିକାକରଣ ବଢ଼ାଇବା ଉପରେ ଗୁରୁତ୍ୱ ଦିଆଯାଉଛି। ବର୍ତ୍ତମାନ ସୁଦ୍ଧା ଦେଶରେ ୭.୩ କୋଟିରୁ ଊର୍ଦ୍ଧ୍ୱ ଟିକା ଦିଆଗଲାଣି।

- ଦିନକରେ ୮୯ ହଜାର ସଂକ୍ରମିତ, ୭୧୪ ମୃତ
- ୮ ରାଜ୍ୟରେ ୮୧.୪୨% ମାମଲା

## ୩୪ ଆତଙ୍କବାଦୀ ନିହତ

**କାବୁଲ, ୩।୪**

ଆଫଗାନ ଏୟାର ଫୋର୍ସ ପକ୍ଷରୁ ଫର୍‌ୟାବ ଓ ବାଘ୍‌ଲାନ ପ୍ରଦେଶରେ ଏୟାର ଷ୍ଟ୍ରାଇକ୍ ଯୋଗୁ ୩୩ ତାଲିବାନ ଆତଙ୍କବାଦୀ ନିହତ ହୋଇଛନ୍ତି। ଆହୁରି ୩୩ ଜଣ ଆହତ ହୋଇଥିବା ସ୍ଥାନୀୟ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ନିହତଙ୍କ ମଧ୍ୟରେ ୬ ତାଲିବାନ ଡିଭିଜନାଲ କମାଣ୍ଡର ରହିଛନ୍ତି। ସେମାନଙ୍କଠାରୁ ବିପୁଳ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି।

## ଆକ୍ରମଣରେ ୨୩ ମୃତ

**ମୋଗାଦିଶୁ, ୩।୪**

ସୋମାଲିଆର ୨ ମିଲିଟାରୀ ବେସ୍‌ରେ ଇସ୍‌ଲାମୀୟ ଉଗ୍ରପନ୍ଥୀଙ୍କ ଆକ୍ରମଣରେ ୨୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୪ ସୈନ୍ୟ ଅଛନ୍ତି। ୨ଟି କାର୍‌ରେ ଉଗ୍ରପନ୍ଥୀମାନେ ମିଲିଟାରି ବେସ୍‌ରେ ପଶିଯାଇ ବୋମାମାଡ଼ କରିଥିଲେ। ସେମାନଙ୍କୁ ଅଟକାଇବାକୁ ସେନା ପକ୍ଷରୁ ଗୁଳିଚାଳନା କରାଯାଇଥିଲା। ଏଥିରେ ୧୯ ଉଗ୍ରପନ୍ଥୀଙ୍କ ମୃତ୍ୟୁ ଘଟିଛି। ଇସ୍‌ଲାମିକ ଗୋଷ୍ଠୀ ଅଲ୍-ଶବାବ ଘଟଣା ପାଇଁ ନିଜକୁ ଦାୟୀ କରିଛି।

## ଖେତରୁ ମିଳିଲା ସ୍ପେସ୍‌ଏକ୍ସ ରକେଟ୍

**ଇଫର୍ତ୍ତା, ୩।୪**

ଗତ ସପ୍ତାହରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ସ୍ପେସ୍‌ଏକ୍ସ ରକେଟ ଫାଲ୍‌କନ୍-୯ ଆମେରିକାର ପୂର୍ବ ୱାଶିଂଟନ୍ ରାଜ୍ୟର ଏକ ଖେତରେ ପଡ଼ିଥିବା ଜଣାଯାଇଛି। ଆମେରିକା ଉଦ୍ୟୋଗପତି ଏଲନ୍‌ମସ୍କଙ୍କ ସ୍ପେସ୍‌ଏକ୍ସ ରକେଟ ଉତ୍କ୍ଷୀପଣ କରାଯାଇଥିବାବେଳେ ତାହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ତେବେ ଏହା ଦ୍ୱାରା କେହି ମୃତାହତ ହୋଇ ନ ଥିବା କୁହାଯାଇଛି। ପୁନଃବ୍ୟବହାର ଯୋଗ୍ୟ ଏହି



ରକେଟ୍‌କୁ ପୃଥିବୀ କକ୍ଷକୁ ପଠାଯିବାକୁ ସ୍ପେସଏକ୍ସ ଉଦ୍ୟମ ଚଳାଇଛି। ଏଥିରେ ପୃଥିବୀ ବାହାରକୁ ମାନବ ପରିବହନ ପାଇଁ ଯୋଜନା ରହିଛି।

## କ୍ୟାପିଟୋଲ ଆକ୍ରମଣ: ପୋଲିସ ଅଫିସର ନିହତ

**ୱାଶିଂଟନ, ୩।୪**

ଆମେରିକାର ୱାଶିଂଟନ ଡିସିସ୍ଥିତ ସଂସଦ ଭବନ କ୍ୟାପିଟୋଲରେ ଶୁକ୍ରବାର ଚଳିତ ବର୍ଷ ଦ୍ୱିତୀୟ ଆକ୍ରମଣ ଘଟିଥିଲା। ଜଣେ ଯୁବକ ନିଜ କାର୍‌କୁ କ୍ୟାପିଟୋଲ କମ୍ପ୍ଲେକ୍ସ ବ୍ୟାରିକେଡ୍‌ରେ ଧକ୍କା ଦେବାରୁ ଜଣେ ପୋଲିସ ଅଧିକାରୀ ନିହତ ହୋଇଥିବାବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ଏହା ପରେ କ୍ୟାପିଟୋଲକୁ ଲକ୍‌ଡାଉନ କରିଦିଆଯାଇଥିଲା। ପୋଲିସ ଗୁଳିରେ ଆକ୍ରମଣକାରୀ ନିହତ ହୋଇଛନ୍ତି। ଖବର ଅନୁଯାୟୀ ଶୁକ୍ରବାର ସ୍ଥାନୀୟ ସମୟ ଅପରାହ୍ନ ୧ଟା ବେଳେ ନୀଳ ରଙ୍ଗର ଏକ କାର କ୍ୟାପିଟୋଲ କମ୍ପ୍ଲେକ୍ସର ନର୍ଥ ବ୍ୟାରିକେଡ୍‌କୁ ଧକ୍କା ଦେଇଥିଲା। ଏଥିରେ ୱିଲିୟମ ବିଲି ଏଭାନ୍ସ ନାମକ ପୋଲିସ ଅଫିସରଙ୍କ ମୃତ୍ୟୁ ଘଟିଛି। ଏହା ପରେ ଆକ୍ରମଣକାରୀ କାର୍‌ରୁ ବାହାରି ଛୁରିରେ ଅନ୍ୟମାନଙ୍କୁ ଆକ୍ରମଣ ଉଦ୍ୟମ କରୁଥିବାବେଳେ ପୋଲିସ ଗୁଳିରେ ଗୁରୁତର ଆହତ ହୋଇଥିଲେ। ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଛି। ଆକ୍ରମଣକାରୀ ଇଣ୍ଡିଆନାର ନୋଆ ଗ୍ରୀନ୍(୨୫) ନ୍ୟାଶନାଲ ଅଫ୍ ଇସ୍‌ଲାମର ସମର୍ଥକ ବୋଲି ଜଣାପଡ଼ିଛି। ପ୍ରାଥମିକ ତଦନ୍ତରୁ ଆକ୍ରମଣ ସହ ଆତଙ୍କବାଦର ସମ୍ପର୍କ ଥିବା ଜଣାପଡ଼ିନାହିଁ।






ବେଙ୍ଗାଲୁରୁର ଏକ ବଜାରରେ ବିବିଏମ୍‌ପି ମାର୍ଶାଲମାନେ ଲୋକଙ୍କୁ କୋଭିଡ୍ ଗାଇଡ୍‌ଲାଇନ୍ ସମ୍ପର୍କରେ ସଚେତନ କରାଉଛନ୍ତି।

## ଗଣବଳାତ୍କାର ପରେ ଛାତ୍ରୀଙ୍କ ମୃତ୍ୟୁ

**ମିରଟ, ୩।୪**

ଉତ୍ତରପ୍ରଦେଶର ମିରଟରେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର କରି ଜବରଦସ୍ତ ବିଷ ପିଆଇ ଦିଆଯିବାରୁ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ପୋଲିସ ଶନିବାର ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟକୁ ନେଉଥିବାବେଳେ ସେମାନେ ଜଣେ ପୋଲିସ କର୍ମଚାରୀଙ୍କ ପିସ୍ତଲ ଛଡ଼ାଇ ନେଇ ଖସି ପଳାଇବାକୁ ଉଦ୍ୟମ କରିଥିଲେ। ଫଳରେ ପୋଲିସ ଓ ଅଭିଯୁକ୍ତଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଶେଷରେ ପୋଲିସ ଦୁଇ ଜଣଙ୍କୁ କାବୁ କରି ନେଇଥିଲା। ପୋଲିସ ଗୁଳିରେ ଅଭିଯୁକ୍ତ ଲଖନ ଆହତ ହୋଇଛନ୍ତି। ଗଣବଳାତ୍କାର ଘଟଣାରେ ୪ ଜଣ ସମ୍ପୃକ୍ତ ଥିଲେ। ଅନ୍ୟ ଦୁଇଜଣ ଧରାପଡ଼ିନାହାନ୍ତି।

ଅଭିଯୋଗ ଅନୁଯାୟୀ ଛାତ୍ରୀ ଜଣକ ଗୁରୁବାର ଟ୍ୟୁଶନ ପଢ଼ିବାକୁ ଅପରାହ୍ନ ସାଢ଼େ ୩ଟାରେ ଘରୁ ବାହାରିଯାଇଥିଲେ। ବାଟରୁ ୪ ଅଭିଯୁକ୍ତ ତାଙ୍କୁ ଉଠାଇନେଇ ଗଣବଳାତ୍କାର କରିବା ପରେ ଜବରଦସ୍ତ ବିଷାକ୍ତ ପଦାର୍ଥ ପିଆଇ ଦେଇଥିଲେ ବୋଲି ତାଙ୍କ ପରିବାର ଲୋକେ କହିଛନ୍ତି। ଛାତ୍ରୀଙ୍କୁ ସଙ୍ଗେ ସଙ୍ଗେ ହସ୍ପିଟାଲ ନିଆଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ଛାତ୍ରୀଙ୍କ ଘରୁ ଏକ ସୁଇସାଇଡ୍ ନୋଟ ଜବତ ହେବା ପରେ ପୋଲିସ ଗଣବଳାତ୍କାର ଓ ଅନ୍ୟାନ୍ୟ ଧାରାରେ ମାମଲା ରୁଜୁ କରି ବିଭିନ୍ନ ଦିଗ ଉପରେ ତଦନ୍ତ ଚଳାଇଛି। ତେବେ ଛାତ୍ରୀଙ୍କ ମୃତ୍ୟୁକୁ ନେଇ ରାଜନୀତି ଜୋର୍ ଧରିଛି। ରାଜ୍ୟରେ ମହିଳାଙ୍କ ପ୍ରତି ଅପରାଧ ବୃଦ୍ଧି ପାଇଥିବାରୁ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ସମାଲୋଚନା କରିଛନ୍ତି।

**ଖସି ପଳାଉଥିବା ଅଭିଯୁକ୍ତଙ୍କୁ ପୋଲିସ ଗୁଳି**



# ମୋଦି-ମମତା ବାକ୍‌ଯୁଦ୍ଧ

**ନୂଆଦିଲ୍ଲୀ, ୩।୪**

ପଶ୍ଚିମବଙ୍ଗରେ ଆସନ୍ତା ୬ ତାରିଖରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ହେବାକୁ ଯାଉଥିବାବେଳେ ଏଥିପାଇଁ ପ୍ରଚାର ଜୋର୍ ଧରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ନେତ୍ରୀ ମମତା ବାନାର୍ଜୀ ବିଭିନ୍ନ ରାଲିରେ ଯୋଗଦେଇ ପରସ୍ପରକୁ କଡ଼ା ସମାଲୋଚନା କରିଛନ୍ତି। ନନ୍ଦିଗ୍ରାମ ସ୍ଥିତିରୁ ପଶ୍ଚିମବଙ୍ଗରେ ଭାଜପା ଜିତିବା ଏକପ୍ରକାର ନିଶ୍ଚିତ। ଫଳାଫଳ ଘୋଷଣା ପରେ ଭାଜପାର ଶପଥ ଗ୍ରହଣ ଉତ୍ସବରେ ଯୋଗଦେବାକୁ ଆସିବେ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ହୁଗ୍‌ଲିରେ ବିଶାଳ ରାଲିକୁ ଉଦ୍‌ବୋଧନ ଦେଇ ମୋଦି ଟିଏମ୍‌ସି ନେତ୍ରୀଙ୍କ ଇଭିଏମ୍ ସମାଲୋଚନାକୁ ପରିହାସ କରିଥିଲେ। ଯଦି ଖେଳାଳି ଅମ୍ପାୟରଙ୍କୁ ସମାଲୋଚନା କରନ୍ତି ତେବେ ସେମାନଙ୍କ ଖେଳ ଶେଷ ବୁଝିବାକୁ ହେବ ବୋଲି ସେ କହିଥିଲେ। ଲୋକେ ଟଙ୍କା ନେଇ ଭାଜପା ରାଲିକୁ ଆସୁଥିବା ମମତା କହି ସେମାନଙ୍କ ଆତ୍ମସମ୍ମାନକୁ ଆଘାତ ଦେଇଛନ୍ତି। ତାଙ୍କର ବିରୋଧୀ ମାନସିକତା ଯୋଗୁ ରାଜ୍ୟ ଶିଳ୍ପ ଓ ନିଯୁକ୍ତିରୁ ବଞ୍ଚିତ ହୋଇଛି। ୨୦୦୬-୦୮ ସିଙ୍ଗୁର ଆନ୍ଦୋଳନ ଯୋଗୁ ଟାଟା ମୋଟର୍ସ ସେଠାରେ ନାନୋ କାର୍





- ମମତାଙ୍କ ବିରୋଧୀ ମାନସିକତା ଯୋଗୁ ରାଜ୍ୟ ଶିଳ୍ପରୁ ବଞ୍ଚିତ: ମୋଦି
- ପଶ୍ଚିମବଙ୍ଗରେ ବିଭାଜନ ଚାହୁଁଛି ଭାଜପା: ଟିଏମ୍‌ସି ନେତ୍ରୀ

ଉତ୍ପାଦନରୁ ଓହରିଯାଇଥିଲା ବୋଲି ମୋଦି କହିଥିଲେ। ୨୦୨୪ରେ ମମତା ବାରାଣସୀରେ ମୋଦିଙ୍କୁ ଚ୍ୟାଲେଞ୍ଜ କରିବେ ବୋଲି ଟିଏମ୍‌ସିର ଟୁଇଟ୍ ଉପରେ ପ୍ରଧାନମନ୍ତ୍ରୀ କହିଥିଲେ, ପଶ୍ଚିମବଙ୍ଗରେ ପରାଜିତ ହେବା ଜାଣି ଦିଦି ଆଉ ଏକ ଆସନ ଖୋଜୁଛନ୍ତି।

ଅନ୍ୟପକ୍ଷରେ ମମତା ମଧ୍ୟ ଭାଜପା ଉପରେ ଜୋର୍‌ଦାର ବର୍ଷିଛନ୍ତି। ଉତ୍ତର ୨୪ ପ୍ରଗଣାରେ ଏକ ସାଧାରଣ ସଭାରେ ସେ କହିଥିଲେ, ଭାଜପା ଜାତି ଓ ଧର୍ମ ଆଧାରରେ ଲୋକଙ୍କୁ ଭାଗ ଭାଗ କରୁଛି। ବ୍ରିଟିଶ ସମୟରେ ବଙ୍ଗ ଭଙ୍ଗ ଭଳି ଭାଜପା ପଶ୍ଚିମବଙ୍ଗରେ ବିଭାଜନ ଚାହୁଁଛି। ଏହାର ନେତାମାନେ ପଶ୍ଚିମବଙ୍ଗର ଭାଷା ସଂସ୍କୃତିକୁ ନଷ୍ଟ କରିଦେବାକୁ ଉଦ୍ୟମ କରୁଥିବା ମମତା କହିଥିଲେ। ରାଜନୈତିକ ଫାଇଦା ହାସଲ ପାଇଁ ଗୈରିକ ଦଳ ରାଜ୍ୟରେ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି କରିବାକୁ ଚାହୁଁଛି ବୋଲି ତୃଣମୂଳ କଂଗ୍ରେସ ନେତ୍ରୀ ଅଭିଯୋଗ କରିଥିଲେ।

## ଟିଏମ୍‌ସି ନେତାଙ୍କ ୩ କୋଟିର ସମ୍ପତ୍ତି ବାଜ୍ୟାପ୍ତ

**ସାରଦା ଚିଟ୍‌ଫଣ୍ଡ ଦୁର୍ନୀତି**

**ନୂଆଦିଲ୍ଲୀ, ୩।୪**

ସାରଦା ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶନିବାର ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତା କୁନାଲ ଘୋଷ, ଲୋକ ସଭା ସଦସ୍ୟ ଶତାବ୍ଦୀ ରୟ ଏବଂ ଦେବଯାନୀ ମୁଖାର୍ଜୀଙ୍କର ୩ କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ କରିଛି। କୁନାଲ ଘୋଷ ସାରଦା ମିଡିଆ ଗ୍ରୁପ୍ ସିଇଓ ଥିବାବେଳେ ଶତାବ୍ଦୀ ରାୟ ଏହାର ବ୍ରାଣ୍ଡ ଆମ୍ବାସାଡର ଥିଲେ। ସେହିପରି ଦେବଯାନୀ ସାରଦା ଗ୍ରୁପ୍ ଅଫ୍ କମ୍ପାନିଜ୍‌ର ନିର୍ଦ୍ଦେଶକ ପଦରେ ରହିଥିଲେ। ମନିଲଣ୍ଡରିଂ ନିରାକରଣ ଆଇନ (ପିଏମ୍‌ଏଲ୍‌ଏ)ରେ ଚିଟ୍‌ଫଣ୍ଡ ଦୁର୍ନୀତିର ତଦନ୍ତ କରୁଥିବା ଇଡି ଏପର୍ଯ୍ୟନ୍ତ ୬୦୦ କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ କଲାଣି। କୁନାଲ ପୂର୍ବରୁ ୩୪ ମାସ ଜେଲ୍‌ରେ ବିତାଇସାରିଛନ୍ତି। ୨୦୧୬ ଅକ୍ଟୋବର ୫ରେ ତାଙ୍କୁ ଜାମିନ ମିଳିଥିଲା। ଦଳବିରୋଧୀ କାର୍ଯ୍ୟ ଲାଗି ୨୦୧୩ରେ କୁନାଲଙ୍କୁ ଟିଏମ୍‌ସିରୁ ନିଲମ୍ବନ କରାଯାଇଥିଲା। ପରେ ତାଙ୍କୁ ଦଳରେ ନିଆଯାଇ ମୁଖପାତ୍ର କରାଯାଇଥିଲା। ଚିଟ୍‌ଫଣ୍ଡ ମାମଲାରେ ଟିଏମ୍‌ସିର ଅନେକ ନେତାଙ୍କ ବିରୋଧରେ ଇଡ଼ି ଓ ସିବିଆଇ ତଦନ୍ତ ଚଳାଇଛନ୍ତି।

### ଭୁଲ୍‌ରେ ଡବଲ୍ ଡୋଜ ଟିକା ଦେଲେ ନର୍ସ

**କାନପୁର:** ଉତ୍ତରପ୍ରଦେଶର କାନପୁରଠାରେ ଶନିବାର ଜଣେ ନର୍ସ ଫୋନ୍‌ରେ କଥା ହେଉଥିବାବେଳେ ଜଣେ ୫୦ ବର୍ଷୀୟା ମହିଳାଙ୍କୁ ଏକାଥରରେ କରୋନା ଟିକାର ଡବଲ୍ ଡୋଜ୍ ଦେଇଦେଇଥିବା ଅଭିଯୋଗ ହୋଇଛି। ଆକବରପୁର ଅଞ୍ଚଳରେ ଥିବା ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ଘଟଣା ଘଟିଛି। ପ୍ରୋଟକଲ ଅନୁଯାୟୀ ଟିକାର ପ୍ରଥମ ଡୋଜ ନେବାର କିଛି ସପ୍ତାହ ପରେ ଦ୍ୱିତୀୟ ଡୋଜ ନେବା କଥା। ଖବର ଲେଖା ହେବା ସୁଦ୍ଧା ମହିଳାଙ୍କ କୌଣସି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଉପୁଜି ନ ଥିବା ଜଣାପଡ଼ିଛି। ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ଶିକ୍ଷା ସଫଳତାର ପ୍ରଥମ ପାହାଚ



ସମାବର୍ତ୍ତନ ଉତ୍ସବରେ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ, ବିଶ୍ୱବିଦ୍ୟାଳୟ କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍, ଉଚ୍ଚ ଶିକ୍ଷାମନ୍ତ୍ରୀ ଅରୁଣ କୁମାର ସାହୁ, କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଓ ସମ୍ମାନିତ ବ୍ୟକ୍ତିତ୍ୱମାନେ।

## ଉତ୍କଳ ବିଶ୍ୱବିଦ୍ୟାଳୟର ୫୦ତମ ସମାବର୍ତ୍ତନ ଉତ୍ସବ

- ଜୀବନ୍ତ ଶିକ୍ଷା ପରିବେଶ ସୃଷ୍ଟି କରିବାକୁ ଉପରାଷ୍ଟ୍ରପତିଙ୍କ ଆହ୍ୱାନ
- ପାଠ୍ୟକ୍ରମରେ ଆଦିବାସୀ ଓ ବିପର୍ଯ୍ୟୟ ପରିଚାଳନାକୁ ଗୁରୁତ୍ୱ
- ୫ ଡକ୍ଟରେଟ, ୪୦ ପିଏଚ୍.ଡି, ୯୦ଜଣଙ୍କୁ ସ୍ୱର୍ଣ୍ଣ ପଦକ

**ଭୁବନେଶ୍ୱର, ୩।୪(ବ୍ୟୁରୋ)**

ଶିକ୍ଷାର ଲକ୍ଷ୍ୟ କେବଳ ବୌଦ୍ଧିକ ବିକାଶରେ ସୀମିତ ନୁହେଁ, ଏହା ଏକବିଂଶ ଶତାବ୍ଦୀର ଦକ୍ଷତାରେ ଭୂଷିତ ତଥା ଏକ ସାମଗ୍ରିକ ସ୍ୱୟଂ ସମ୍ପୂର୍ଣ୍ଣ ବ୍ୟକ୍ତି ଗଢ଼ିବା ପାଇଁ ଉଦ୍ଦିଷ୍ଟ। ଚରିତ୍ର ଗଠନ କରିବା ସହ ଶିକ୍ଷା ହେଉଛି ସଫଳ ଜୀବନର ପ୍ରଥମ ପାହାଚ। ଶିକ୍ଷା ହିଁ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ ଓ ସଙ୍ଗଠିତ କରିଥାଏ ବୋଲି ଉପରାଷ୍ଟ୍ରପତି ଭେଙ୍କାୟା ନାଇଡୁ କହିଛନ୍ତି। ଶନିବାର ଉତ୍କଳ ବିଶ୍ୱବିଦ୍ୟାଳୟର ୫୦ତମ ସମାବର୍ତ୍ତନ ଉତ୍ସବରେ ଉପରାଷ୍ଟ୍ରପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିଥିଲେ। ସେ କହିଲେ, ଆମର ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନ ସମୂହର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେମାନେ ବିଦ୍ୟାର୍ଥୀଙ୍କୁ ଆବଶ୍ୟକ କୌଶଳ ଓ ଦକ୍ଷତା ଯୋଗାଇ ସମର୍ଥ କରିବା ଆବଶ୍ୟକ। ଏହାଦ୍ୱାରା ବିଦ୍ୟାର୍ଥୀମାନେ କେବଳ ନିଯୁକ୍ତି ଆଶାୟୀ ନ ହୋଇ ନିଯୁକ୍ତି ସୃଷ୍ଟିକାରୀ ହୋଇପାରିବେ। ଆନ୍ତର୍ଜାତିକ ଶିକ୍ଷା କ୍ଷେତ୍ରରେ ଭାରତର ଗୌରବମୟ ପରମ୍ପରାକୁ ଆମେ ଭୁଲିଯିବା ଅନୁଚିତ। ତକ୍ଷଶୀଳା, ନାଳନ୍ଦା, ବଲ୍ଲଭି ଓ ବିକ୍ରମଶୀଳା ଭଳି ପ୍ରାଚୀନ ଭାରତୀୟ ବିଶ୍ୱବିଦ୍ୟାଳୟର ଜୀବନ୍ତ ପରିବେଶରେ ଏକଦା ଦେଶ ବିଦେଶର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ବିଦ୍ୟାର୍ଥୀ ଅଧ୍ୟୟନ କରୁଥିଲେ। ପରିପୂର୍ଣ୍ଣ ଓ ସୃଜନଶୀଳ ବ୍ୟକ୍ତିବିଶେଷ ସୃଷ୍ଟି କରିବାକୁ ଆମକୁ ସେହି ମହାନ ଭାରତୀୟ ପରମ୍ପରାକୁ ପୁନଃସ୍ଥାପିତ କରିବାକୁ ପଡ଼ିବ। ଦେଶକୁ ଉଭୟ ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ପରିବର୍ତ୍ତନ କରିବାର ବିଶେଷ ଦକ୍ଷତା ସେହିଭଳି ବ୍ୟକ୍ତି ବିଶେଷଙ୍କର ରହିବ ବୋଲି ଉପରାଷ୍ଟ୍ରପତି କହିଛନ୍ତି।

ଆଦିବାସୀଙ୍କ ପାଇଁ ମଧ୍ୟ ଉପରାଷ୍ଟ୍ରପତି ନାଇଡୁ କେତେକ ପ୍ରସ୍ତାବ ରଖିଥିଲେ। ଆଦିବାସୀ ସମୁଦାୟର ବିକାଶ ପାଇଁ ଆବଶ୍ୟକ ଗବେଷଣା ସହ ବିଶ୍ୱବିଦ୍ୟାଳୟଗୁଡ଼ିକ ନୀତି ନିର୍ଦ୍ଧାରଣରେ ସହଯୋଗ କରିବା ଉଚିତ। ସେହିପରି ଓଡ଼ିଶା ନିୟମିତ ଭାବେ ବନ୍ୟା, ବାତ୍ୟା ଓ ମରୁଡ଼ି ଭଳି ପ୍ରାକୃତିକ ବିପତ୍ତି ଦ୍ୱାରା କ୍ଷତିଗ୍ରସ୍ତ ହେଉଛି। ତେଣୁ ଶିକ୍ଷାରମ୍ଭରୁ ବିପର୍ଯ୍ୟୟ ପରିଚାଳନାକୁ ଏକ ଅବିଚ୍ଛେଦ୍ୟ ଅଂଶ କରିବାର ଆବଶ୍ୟକତା ରହିଛି। ଏହାଦ୍ୱାରା ଭବିଷ୍ୟତରେ ବିପର୍ଯ୍ୟୟ ମୁକାବିଲା କରିବାକୁ ଆମେ ଭଲଭାବେ ପ୍ରସ୍ତୁତ ହୋଇପାରିବା। ଉତ୍କଳ ବିଶ୍ୱବିଦ୍ୟାଳୟ ଏ ଦିଗରେ ନେତୃତ୍ୱ ନେବ ବୋଲି ଉପରାଷ୍ଟ୍ରପତି ଆଶାବ୍ୟକ୍ତ କରିଛନ୍ତି। ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କରି ସେ କହିଲେ, ସମାବର୍ତ୍ତନ ଆପଣଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଦିବସ। ଏ ପର୍ଯ୍ୟନ୍ତ ପହଞ୍ଚିବା ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି। ଉତ୍ସାହ, ଅଧ୍ୟବସାୟ, ତପସ୍ୟା ଏବଂ ଶିଖିବା ପାଇଁ ମୁକ୍ତ ମନକୁ ଅବ୍ୟାହତ ରଖିଲେ ଏହା ଜୀବନବ୍ୟାପୀ ଦିଗ୍‌ଦର୍ଶନ ଦେବ ବୋଲି ଉପରାଷ୍ଟ୍ରପତି କହିଛନ୍ତି।

କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ଅରୁଣ କୁମାର ସାହୁ ଯୋଗ ଦେଇଥିବାବେଳେ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ବିଶ୍ୱବିଦ୍ୟାଳୟର ସମୃଦ୍ଧ ଅତୀତ ଓ ଭବିଷ୍ୟତ ଯୋଜନା ସମ୍ପର୍କରେ କହିଥିଲେ। କୁଳସଚିବ ଡ. ଅଭୟ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ଦେଶର ୫ଜଣ ବ୍ୟକ୍ତିତ୍ୱ ଯଥା ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସ, କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ୍ ଅଫ୍ ଇଣ୍ଡିଆ(ସିଏଜି) ଗିରୀଶଚନ୍ଦ୍ର ମୁର୍ମୁ, ଓଡ଼ିଶା ହାଇକୋର୍ଟର ବିଚାରପତି ସଞ୍ଜୁ ପଣ୍ଡା, ଭାଭା ଆଟୋମିକ୍‌ରିସର୍ଚ୍ଚସେଣ୍ଟର(ବାର୍କ)ର ନିର୍ଦ୍ଦେଶକ ଅଜିତ୍ କୁମାର ମହାନ୍ତି, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ଉପଦେଷ୍ଟା ବିଜୟ କୁମାର ସାହୁଙ୍କୁ ସମ୍ମାନଜନକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯାଇଥିଲା। ସେହିପରି ସମାବର୍ତ୍ତନ ଉତ୍ସବରେ ୨୦୧୯-୨୦ ଶିକ୍ଷାବର୍ଷ ପାଇଁ ମୋଟ୍ ୪୦ଜଣଙ୍କୁ ପିଏଚ୍.ଡି ଡିଗ୍ରୀ ଓ ୯୦ଜଣଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା।

### ଫେରିଗଲେ ଉପରାଷ୍ଟ୍ରପତି

ଦୁଇଦିନିଆ ଓଡ଼ିଶା ଗସ୍ତ ସାରି ଶନିବାର ଅପରାହ୍ନରେ ଉପରାଷ୍ଟ୍ରପତି ଭେଙ୍କାୟା ନାଇଡୁ ଦିଲ୍ଲୀ ଫେରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ପୂର୍ବାହ୍ନ ୧୧ଟା ୩୦ରେ ରାଜଭବନ ଯାଇଥିଲେ। ସେଠାରେ ମଧ୍ୟାହ୍ନ ଭୋଜନ କରିବା ସହ ବିଶ୍ରାମ ନେଇଥିଲେ। ଅପରାହ୍ନ ୪ଟା ୪୦ରେ ରାଜଭବନରୁ ବାହାରି ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ। ଅପରାହ୍ନ ୫ଟାରେ ଉପରାଷ୍ଟ୍ରପତି ନାଇଡୁ ସ୍ୱତନ୍ତ୍ର ବିମାନରେ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଥିଲେ।

## କିନ୍ନରଙ୍କଠାରୁ ୭୨ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ

**ବାଲେଶ୍ୱର ଅଫିସ, ୩।୪**

ବାଲେଶ୍ୱର ଜିଲା ଶିଳ୍ପାଞ୍ଚଳ ଥାନା ପୋଲିସ ଶନିବାର ଜଣେ କିନ୍ନର ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରିଛି। ତାଙ୍କ ଠାରୁ ୭୨ ଗ୍ରାମ୍ ଓଜନର ବ୍ରାଉନ୍‌ସୁଗାର ସହ ନଗଦ ୩ଶହ ଟଙ୍କା ଓ ଗୋଟିଏ ମୋବାଇଲ୍ ଜବତ କରାଯାଇଛି। ଏନେଇ ଶିଳ୍ପାଞ୍ଚଳ ଥାନାରେ ମାମଲା (ନଂ. ୪୩।୨୧) ଧାରା ୟୁ/ଏସ୍ ୨୧(ବି), ଏନ୍‌ଡିପିଏସ୍ ଆକ୍ଟ ୧୯୮୫ରେ ରୁଜୁ କରାଯାଇଛି। ଅଭିଯୁକ୍ତଜଣକ ହେଲେ ଖୋର୍ଦ୍ଧା ଜିଲା ବାଣପୁର ଥାନା ବାଲୁଗାଁ ଅଧୀନ ପାଟଣାସାହି ଗ୍ରାମର ରବି ବେହେରା ଓରଫ୍ ରାକ୍ଷୀ କିନ୍ନର (୪୦)। ତାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ମିନତୀ ବିଶ୍ୱାଳ ପ୍ରକାଶ କରିଛନ୍ତି।

## ଶିଶୁକୁ ଚେଙ୍କ ଅଭିଯୋଗ
## ଦିଶାରୀ ଗିରଫ

**ନବରଙ୍ଗପୁର, ୩।୪(ବି.ପ୍ର.)**

୪ ମାସର ଏକ ଶିଶୁକୁ ଚେଙ୍କ ଦେବା ଅଭିଯୋଗରେ ଖାତିଗୁଡ଼ା ପୋଲିସ ଦିଶାରୀ ଗଙ୍ଗାଧର ଜାନୀଙ୍କୁ ଗିରଫ କରିଛି। ଗିରଫ ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଲକିଗୁଡା ଗ୍ରାମର ତ୍ରିନାଥ ନାୟକ ନିଜ ୪ ମାସର ଶିଶୁପୁତ୍ରକୁ ଗୁରୁତର ଅବସ୍ଥାରେ ୧ ତାରିଖରେ ତେନ୍ତୁଳିଖୁଣ୍ଟି ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ପିଲାଟିକୁ ମୃତ ଘୋଷଣା କରିଥିଲେ। ଶିଶୁର ପେଟ ଓ ଛାତିରେ ୩୦ ରୁ ୪୦ଟି ଚେଙ୍କ ଦିଆଯାଇଥିବା ଡାକ୍ତର ଅଭିଯୋଗ ଆଣିଥିଲେ। ଏହାପରେ ଖାତିଗୁଡା ପୋଲିସ ତଦନ୍ତ ଆରମ୍ଭ କରିଥିଲା। ପୋଲିସ ମୃତ ଶିଶୁର ମା' ବାପାଙ୍କୁ ଆଣି ପଚରାଉଚରା କରିଥିଲା। ସେମାନେ ପିଲାଟିକୁ ନନ୍ଦାହାଣ୍ଡି ବ୍ଲକ ଦହଣା ପଞ୍ଚାୟତ ନୁଆଗାଁକୁ ନେଇଥିଲେ। ସେଠାରେ ଦିଶାରୀ ଗଙ୍ଗାଧର ଜାନି ପିଲାଟିକୁ ଚେଙ୍କ ଦେଇଥିବା ଜଣାପଡିଥିଲା।

# ବିଦେଶରେ ଚାକିରି ନାଁରେ ଠକେଇ

**ବ୍ରହ୍ମପୁର ଅଫିସ,୩।୪**

ବିଦେଶରେ ଚାକିରି ଦେବା ନାଁରେ ଟଙ୍କା ଠକେଇ ନେଇ ବ୍ରହ୍ମପୁରର ଜଣେ ଯୁବକ ଅଭିଯୋଗ କରିଥିଲେ। ଏଭଳି ଏକ ଅଭିଯୋଗର ତଦନ୍ତ କରି ବ୍ରହ୍ମପୁର ବଡ଼ବଜାର ଥାନା ପୋଲିସ ଭୁବନେଶ୍ୱର ନୟାପଲ୍ଲୀରୁ ଏହି ଠକ ର୍ୟାକେଟ୍ ମୁଖ୍ୟ ସଞ୍ଜୟ କୁମାର ଜେନା (୪୧)ଙ୍କୁ ଶନିବାର ଗିରଫ କରିଛି। ତାଙ୍କ ନିକଟରୁ ଏକ ଲାପଟପ୍, ମୋବାଇଲ୍ ଫୋନ, ୫ ପାସ୍‌ପୋର୍ଟ, ୧୩ ବ୍ୟାଙ୍କ ଚେକ୍‌ବୁକ୍, ୧୩ ପାସ୍‌ବୁକ୍, ବିଭିନ୍ନ ଜାତୀୟ ତଥା ଅନ୍ତର୍ଜାତୀୟ କମ୍ପାନୀର ଲେଟର୍ ପ୍ୟାଡ୍ ଏବଂ ବହୁ କାଗଜପତ୍ର ଜବତ କରାଯାଇଛି।

ପ୍ରକାଶ ଯେ, ବ୍ରହ୍ମପୁର ସହରର ଜଣେ ଯୁବକ ଏକ ନିର୍ଦ୍ଦିଷ୍ଟ ୱେବ୍‌ସାଇଟରେ ବିଦେଶରେ ଚାକିରି ଅଫର୍ ପାଇଥିଲେ। ଏହାପରେ ସେ ସମ୍ପୃକ୍ତ ୱେବ୍‌ସାଇଟରେ ଦିଆଯାଇଥିବା ମୋବାଇଲ୍ ନମ୍ବରରେ ଯୋଗାଯୋଗ କରି ଆବେଦନ କରିଥିଲେ। ତାଙ୍କୁ ମାଳଦୀପରେ ଚାକିରି ମିଳିବ ବୋଲି କୁହାଯାଇଥିଲା। ଭିଜା, ପାସ୍‌ପୋର୍ଟ ସହିତ ଅନ୍ୟାନ୍ୟ କାଗଜପତ୍ର ପାଇଁ ତାଙ୍କୁ ଟଙ୍କା ମଗାଯାଇଥିଲା। ଫଳରେ ଯୁବକ ଜଣକ ଦୁଇଟି ପର୍ଯ୍ୟାୟରେ ପ୍ରାୟ ୧ଲକ୍ଷ ୨୫ ହଜାର ଟଙ୍କା ଅନ୍‌ଲାଇନରେ ଜମା କରିଥିଲେ। କିଛି ମାସ ପରେ ତାଙ୍କ ନିକଟକୁ ନିଯୁକ୍ତିପତ୍ର, ଭିଜା, ପାସ୍‌ପୋର୍ଟ ଆସିଥିଲା। କିନ୍ତୁ ଯାଞ୍ଚ ପରେ ତାହା ନକଲି ବୋଲି ଜଣାପଡ଼ିଥିଲା। ସେ ନେଇ ଯୁବକ ଜଣକ କମ୍ପାନୀ ମୁଖ୍ୟ ସଞ୍ଜୟଙ୍କ ସହିତ ଯୋଗାଯୋଗ କରିଥିଲେ। ହେଲେ ସେ ଚାକିରି ପାଇ ନ ଥିଲେ କି ଟଙ୍କା ଫେରିପାଇ ନ ଥିଲେ। ଓଲଟା ତାଙ୍କୁ ନାନା ଧମକ ମିଳିଥିଲା। ଏଣୁ ସେ ଗତ ୩୧ ତାରିଖରେ ବଡ଼ବଜାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନମ୍ବର ୭୩/୨୧ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବଡ଼ବଜାର ଥାନା ଅଧିକାରୀ ପ୍ରଶାନ୍ତ ଭୂପତିଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାର ତଦନ୍ତ କରି ଭୁବନେଶ୍ୱରରୁ ମୁଖ୍ୟ ଅଭିଯୁକ୍ତ ସଞ୍ଜୟଙ୍କୁ ଗିରଫ କରି ବ୍ରହ୍ମପୁର ଆଣିଛି। ସେ ଗଞ୍ଜାମ ଜିଲାର ୩ଜଣ ଯୁବକଙ୍କଠାରୁ ଟଙ୍କା ଠକେଇ କରିଥିବା ଜଣାପଡ଼ିଛି। ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ଆନ୍ଧ୍ରର ୧୯ଜଣ ଯୁବକଙ୍କଠାରୁ ପ୍ରାୟ ସାଢେ ୮ଲକ୍ଷ ଟଙ୍କା ଠକେଇ କରିଥିବା ବର୍ତ୍ତମାନର ତଦନ୍ତରେ ଜଣାପଡ଼ିଛି।

**ଭୁବନେଶ୍ୱରରୁ ଅଭିଯୁକ୍ତ ଗିରଫ**



ସଞ୍ଜୟ ଜେନା

# ଦୁଇଦିନ ୧୪ ଜିଲାରେ ଝଡ଼ବର୍ଷା

### ୟେଲୋ ୱାର୍ନିଂ ଦେଲା ପାଣିପାଗ ବିଭାଗ

**ଭୁବନେଶ୍ୱର, ୩।୪(ବ୍ୟୁରୋ)**

ରାଜ୍ୟର କିଛି ଜିଲାରେ ଦୁଇଦିନ ହେବ ବର୍ଷା ହୋଇଥିବାରୁ ଲୋକଙ୍କୁ ଗରମରୁ ଆଶ୍ୱସ୍ତି ମିଳିଛି। ଶନିବାର ଫୁଲବାଣୀରେ ସର୍ବାଧିକ ୧୬ମିମି ବର୍ଷା ହୋଇଥିବାବେଳେ ଦାରିଙ୍ଗବାଡ଼ି, କେନ୍ଦୁଝରଗଡ଼, ବୌଦ୍ଧରେ ମଧ୍ୟ ବର୍ଷା ହୋଇଛି। ମୟୂରଭଞ୍ଜ, ଗଜପତି, ଗଞ୍ଜାମ, କୋରାପୁଟ, ନୟାଗଡ଼, ଖୋର୍ଦ୍ଧା, କଟକ ଓ ଯାଜପୁରର କିଛି ସ୍ଥାନରେ ମଧ୍ୟ ଝଡ଼ ତୋଫାନ ହୋଇଛି। ଆସନ୍ତା ଦୁଇଦିନ ରାଜ୍ୟର ୧୪ ଜିଲାରେ ଝଡ଼ବର୍ଷା ସହ ବଜ୍ରପାତ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି। ୪ରୁ ୫ ତାରିଖ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ଗଜପତି, ଗଞ୍ଜାମ, ଖୋର୍ଦ୍ଧା, ପୁରୀ, ନୟାଗଡ଼, କନ୍ଧମାଳ, ଢେଙ୍କାନାଳ ଓ ଅନୁଗୋଳର କିଛି ସ୍ଥାନରେ ଝଡ଼ତୋଫାନ ସହ ବଜ୍ରପାତ ହେବ। ଏଥିପାଇଁ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ ବିଭାଗ। ୫ରୁ ୬ ତାରିଖ ମଧ୍ୟରେ ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, କଳାହାଣ୍ଡି ସ୍ୱଳ୍ପ ପରିମାଣର ବର୍ଷା ହୋଇପାରେ।




କରୋନାରେ ଆକ୍ରାନ୍ତ ସଚିନ ତେନ୍ଦୁଲକରଙ୍କ ଆଶୁ ଆରୋଗ୍ୟ କାମନା କରି ପୁରୀରେ ଶିଳ୍ପୀ ମାନସ ସାହୁଙ୍କ ସ୍ୟାଣ୍ଡ ଆନିମେଶନ।




# କଇଁଫୁଲିଆ ସେତୁ ଲୋକାର୍ପିତ

### ଭିଡିଓ କନ୍‌ଫରେନ୍ସରେ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

**ଆସିକା, ୩।୪(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଆସିକା ସହର ଉପକଣ୍ଠ ଟିନିଶିଳ୍ପ ସଂଲଗ୍ନ କଇଁଫୁଲିଆ ନାଳ ଉପରେ ନିର୍ମିତ ହାଇଲେଭଲ ସେତୁକୁ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫେରେନ୍ସରେ ଉଦ୍‌ଘାଟନ କରିଛନ୍ତି। ୩ କୋଟି ୩୩ ଲକ୍ଷ ଟଙ୍କାରେ ନିର୍ମିତ ସେତୁ ଦ୍ୱାରା ଆସିକା-ସୋରଡା-ପିପଲପଙ୍କା-ଗାଜଲବାଡି ଜିଲାର ଆସିକା ଦେଇ ବିଭିନ୍ନ ଅଞ୍ଚଳର ପ୍ରାୟ ସାଢେ ୩ଲକ୍ଷ ଲୋକ ଏହାର ସୁଫଳ ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ରାଜ୍ୟ ସରକାର ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି। ଏହାର ବିକାଶ ହେଲେ ବାଣିଜ୍ୟ ଓ ପର୍ଯ୍ୟଟନ କ୍ଷେତ୍ରର ସୁବିଧା ହୋଇପାରିବ। ଏଣୁ ଚଳିତ ବର୍ଷ ୨୩ଶହ କୋଟି ଟଙ୍କା ବ୍ୟୟରେ ୧ହଜାର କି.ମି.ପକ୍କା ରାସ୍ତା ଓ ୩୦ ସେତୁ ନିର୍ମାଣ ଲାଗି ଯୋଜନା କରାଯାଇଛି। ଏହା ଛଡା ବିଜୁ ସେତୁ ଯୋଜନାରେ ୧ ହଜାର କୋଟି ଟଙ୍କା ଓ ଗ୍ରାମସଡକ ଯୋଜନାରେ ୨ହଜାର କୋଟିର ବ୍ୟୟ ଅଟକଳ କରାଯାଇଥିବା ସେ ସୂଚନା ଦେଇଥିଲେ।

ଉଦ୍‌ଘାଟନୀ ସମାରୋହରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧ୍ୟକ୍ଷତା କରିଥିଲେ। ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, ବିଧାୟିକା ମଞ୍ଜୁଳା ସ୍ୱାଇଁ, ଜିଲା ପରିଷଦ ଅଧ୍ୟକ୍ଷା ସୋନମ୍ ପୋଲାଇ, ଡିଆରଡିଏ ପିଡି ସିନ୍ଧେ ଦତ୍ତାତ୍ରୟ ଭାଉସାହେବ ପ୍ରମୁଖ ଉଦ୍‌ବୋଧନ ଦେଇ ଜିଲାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଚେଷ୍ଟା ଜାରି ରହିଥିବାରୁ କୃତଜ୍ଞତା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ପ୍ରତିନିଧି ନୀଳମଣି ପଟ୍ଟନାୟକ, ସୁରଥ ପ୍ରଧାନ, ଯୁବନେତା ନଚିକେତା ସ୍ୱାଇଁ, ବ୍ଲକ ଅଧ୍ୟକ୍ଷ ହରେକୃଷ୍ଣ ମଳିକ, କବିସୂର୍ଯ୍ୟନଗର ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ପାଢୀ, ଶିବ ନାହାକ, ସତ୍ୟନାରାୟଣ ସ୍ୱାଇଁ ଓ ଅନିଲ ନାହାକ ପ୍ରମୁଖ ଉପସ୍ଥିତ ଥିଲେ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର କଇଁଫୁଲିଆ ହାଇଲେଭଲ ସେତୁକୁ ଉଦ୍‌ଘାଟନ କରିବା ଅବସରରେ ସେଠାରେ ଉପସ୍ଥିତ ଏମ୍‌ପି ଏବଂ ଅନ୍ୟମାନେ।



**ଆଜିର ମନ୍ତବ୍ୟ**

କେବଳ କଂଗ୍ରେସ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମସ୍ୟା ରହିଛି। କାରଣ ତାଙ୍କୁ ଜଣାଅଛି ଆର୍‌ଏସ୍‌ଏସ୍ ଭଳି ସିପିଆଇ(ଏମ୍) ମଧ ବିଭାଜନକାରୀ ଦଳ। **-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଅନାଘା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅନାବୃଷ୍ଟିରୁ ରାଇଜ ମରେ,**
**ପାପ ମାରେ ଧର୍ମ,**
**କଟୁଆଳ ଘରେ ଚୋର,**
**ଆଳସ୍ୟ ମାରେ କର୍ମ।**

ଅନାବୃଷ୍ଟି ହେଲେ ଦୁର୍ଭିକ୍ଷ ଦେଖାଦିଏ। ପାପ କଲେ ଧର୍ମ ନାଶ ହୁଏ। କଟୁଆଳ ଘରେ ଚୋର ରହିଲେ ତାକୁ ଆଉ ଧରିବ ବା କିଏ, ଫଳସ୍ୱରୂପ ଲୋକଙ୍କ ଧନ ଜୀବନ ଅସୁରକ୍ଷିତ ହୋଇଯାଏ। ସେହିପରି ଅଳସୁଆ ହେଲେ ବ୍ୟକ୍ତି କର୍ମକୋଢ଼ି ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଅତି କ୍ଷୁଧା ଯାର,**
**ହାଡ଼ କଣ୍ଟା ତା'ର।**

ପେଟର ଭୋକ କୁ ସହ୍ୟ କରିବା କେତେ ଯେ କଷ୍ଟକର ତାହା କେବଳ ଜଣେ ଅନୁଭବୀ ହିଁ ଜାଣିଥାଏ। ଭୋକିଲା ପାଟିକୁ ସବୁ ସୁଆଦିଆ ଲାଗିଥାଏ। ଭୋକ ବିକଳରେ କ୍ଷୁଧାର୍ଥ ବ୍ୟକ୍ତି ଯାହା ପାଏ ଆଗପଛ କିଛି ନ ବିଚାରି ବିକଳରେ ତାକୁ ଖାଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ଅନୁଷ୍ଠାନ

# ଟ୍ରେନ୍ ଧକ୍କାରେ ଠିକା ଶ୍ରମିକ ମୃତ

ତାଳଚେର,୩।୪(ନି.ପ୍ର.)- ଅନୁଗୋଳ ଜିଲା ତାଳଚେରସ୍ଥିତ ଏମ୍‌ସିଏଲ୍‌ର ଅନନ୍ତ କୋଇଲା ଖଣିର ୫ ନମ୍ବର ରେଲ୍‌ୱେ ସାଇଡିଙ୍ଗରେ କାମ କରୁଥିବା ଜଣେ ଠିକା ଶ୍ରମିକ ରାଜୁ ବୁବୁଙ୍ଗାଙ୍କ ଟ୍ରେନ୍ ଧକ୍କାରେ ମୃତ୍ୟୁ ହୋଇଛି। ରାଜୁ ରେଲୱେ ସାଇଡିଙ୍ଗରେ ଟ୍ରାକ୍ ସଫେଇ କାମରେ ନିୟୋଜିତ ଥିଲେ। ଶୁକ୍ରବାର ସେ ୫ ନମ୍ବର ସାଇଡିଙ୍ଗରେ ରେଳଲାଇନ ପାର ହେଉଥିବାବେଳେ ଏକ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହା ପରେ ମୃତ ଠିକା ଶ୍ରମିକଙ୍କ ପରିବାରରୁ ଜଣକୁ ନିଯୁକ୍ତି ଓ କ୍ଷତିପୂରଣ ଦାବିରେ ପରିବାର ଲୋକଙ୍କ ସହ ଶ୍ରମିକମାନେ ଆନ୍ଦୋଳନ କରିଥିଲେ। ଫଳରେ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। କ୍ଷତିପୂରଣ ପ୍ରଦାନ କରାଯିବାକୁ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ଲିଭୁନି ଶିମିଳିପାଳ ନିଆଁ



ଓଡ୍ରାଫ୍ କର୍ମଚାରୀ ନିଆଁ ଲିଭାଉଛନ୍ତି।

## ୨୨ସ୍ଥାନରେ ଜଳୁଛି

ବାରିପଦା ଅଫିସ,୩।୪

ଶିମିଳିପାଳରେ ଦିନରାତି ନିଆଁ ଜଳୁଛି। ସବୁଜ ସୁନ୍ଦର ଏହି ଅଭୟାରଣ୍ୟକୁ ଗ୍ରାସ କରିଚାଲିଛି ବାନାଗ୍ନି। ସରୀସୃପଠାରୁ ଆରମ୍ଭ କରି ବନ୍ୟଜନ୍ତୁମାନେ ନିଆଁ ଯୋଗୁ ବେଶ୍ ପ୍ରଭାବିତ ହୋଇଛନ୍ତି। ଗତ ୪ ଦିନ ହେଲା ଅଭୟାରଣ୍ୟର ବିଭିନ୍ନ ସ୍ଥାନରେ ନିଆଁ ଜଳୁଥିବା ବେଳେ ଏହାକୁ ଆୟତ୍ତ କରିବାରେ ବନ କର୍ମଚାରୀ, ଓଡ୍ରାଫ୍ ଟିମ୍ ଓ ସ୍ଥାନୀୟ ଜନସାଧାରଣ ପ୍ରୟାସ ଜାରି ରଖିଛନ୍ତି। ଶନିବାର ୨୨ଟି ସ୍ଥାନରେ ଜଙ୍ଗଲ ଜଳୁଥିବା ନେଇ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଏମ.ଜଗଜୟାନନ୍ଦ କହିଛନ୍ତି । ଅଭୟାରଣ୍ୟର ଦକ୍ଷିଣ ଡିଭିଜନର ୧୦ ଓ ଉତ୍ତର ଡିଭିଜନର ୧୨ଟି ସ୍ଥାନରେ ନିଆଁ ଲାଗିଛି। ଦକ୍ଷିଣରେ ଥିବା ଡୁକୁରା, ଜେନାବିଲ, ପିଠାବଟା ରେଞ୍ଜ ଓ ଉତ୍ତରରେ ଥିବା ନଅଁଣା ସାଉଥ୍, କେନ୍ଦୁମୁଣ୍ଡି ରେଞ୍ଜରେ ନିଆଁ ଲାଗଛି। ବୁଧବାରଠାରୁ ଶନିବାର ମଧ୍ୟରେ ଅଭୟାରଣ୍ୟର ୧୫୭ଟି ସ୍ଥାନରେ ନିଆଁ ଲାଗିଥିବା ସୂଚନା ମିଳିଛି। ନିଆଁ ସାଙ୍ଗକୁ ପ୍ରଚଣ୍ଡ ରୌଦ୍ରତାପରେ ବନ୍ୟଜନ୍ତୁ ଅସୁରକ୍ଷିତ ଅବସ୍ଥାରେ ଘୁରି ବୁଲୁଛନ୍ତି। ଏହାର ସୁଯୋଗ ନେଇ ଶିକାରୀମାନେ ସେମାନଙ୍କୁ ଶିକାର କରୁଛନ୍ତି। ଅଭୟାରଣ୍ୟର ସୁରକ୍ଷା ଦିଗରେ ଆବଶ୍ୟକ କର୍ମଚାରୀ ନିୟୋଜିତ କରିବା ପାଇଁ ପ୍ରାକ୍ତନ ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ଭାନୁମିତ୍ର ଆଚାର୍ଯ୍ୟ ଦାବି କରିଛନ୍ତି। ତେବେ ଶନିବାର ଅପରାହ୍ନରେ ଯଶିପୁର ଅଞ୍ଚଳରେ କୁଆପଥର ସହ ପ୍ରବଳ ବର୍ଷା ହୋଇଛି। ଆକାଶ ମେଘାଚ୍ଛନ୍ନ ରହିଥିବା ବେଳେ ସ୍ଥାନେସ୍ଥାନେ ସାମାନ୍ୟ ବର୍ଷା ହୋଇଥିବା ଜଣାପଡ଼ିଛି। ବନବିଭାଗ ପକ୍ଷରୁ ଅଭୟାରଣ୍ୟ ସଂଲଗ୍ନ ଅଞ୍ଚଳଗୁଡ଼ିକରେ ଶିମିଳିପାଳ ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଜାରି ରହିଛି। ବନକର୍ମଚାରୀମାନେ ଗାଁ ଗାଁ ବୁଲି ଲୋକମାନଙ୍କୁ ଜଙ୍ଗଲର ସୁରକ୍ଷା ଦିଗରେ ସଚେତନ କରୁଥିବା ଦେଖିବାକୁ ମିଳୁଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଚନ୍ଦ୍ର ପୂର୍ବାଷାଢ଼ା ନକ୍ଷତ୍ର ପାଇଁ ଘରର ଅଟକି ରହିଥିବା କେତେକ କାମକୁ ସମ୍ପନ୍ନ କରିବେ। କେତେକ କ୍ଷେତ୍ରରେ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ କାମକୁ ତ୍ୱରାନ୍ୱିତ କରିପାରନ୍ତି। ଅଧିକ ଭ୍ରମଣଜନିତ ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେଇପାରେ। ଅଧ୍ୟାପନା, ପ୍ରଶାସନିକ ସେବା, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସା ମିଳିବ।

**ବୃଷ**
ବନ୍ଧୁଙ୍କ ପରାମର୍ଶ ଅନୁଯାୟୀ ହଠାତ୍ ନୂତନ ଯୋଜନା ସକାଶେ ମନ ବଳାଇବେ। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ଅନେକ କାମ ହାତକୁ ନେଇ ଟେନ୍‌ସନରେ ରହିବେ। କଚେରି ମାମଲାର ଶୁଣାଣି ନିଜ ସପକ୍ଷରେ ଯିବାର ସମ୍ଭାବନା ରହିଛି। କଳା, ସାହିତ୍ୟ, ଆଲୋଚନା, ସଭାସମିତି ତଥା ଆନୁଷ୍ଠାନିକ କ୍ଷେତ୍ରରୁ ସୁଫଳ ଓ ଆନନ୍ଦ ମିଳିବ।

**ମିଥୁନ**
ପରିବାରର ଗୋପନୀୟ କଥାକୁ ବନ୍ଧୁଙ୍କ ନିକଟରେ ପ୍ରକାଶ କରି ପରୋକ୍ଷରେ ସମାଲୋଚିତ ହୋଇପାରନ୍ତି। ସାଙ୍ଗଠନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ଉପରିସ୍ଥଙ୍କ ସହଯୋଗରୁ ସରକାରୀ କ୍ଷେତ୍ରରୁ ଲାଭର ଆଶା କରିପାରନ୍ତି। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ମାନ୍ଦା ହେବ ନାହିଁ।

**କର୍କଟ**
ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ, ଆଜି ତାହା ଟିକିଏ ବିଳମ୍ବରେ ପାଇବେ। ହାତକୁ ନେଇଥିବା କାମଗୁଡ଼ିକ ସୁରୁଖୁରୁରେ ସମ୍ପନ୍ନ ହେବ। ବ୍ୟବସାୟ ଓ ନିର୍ମାଣ, ପରିବହନରେ ସଫଳତା ହାସଲ କରିବା ସମ୍ଭାବନା ରହିଛି। ନିଜର ଇଚ୍ଛା ଅନୁସାରେ ବିଳାସ ଉପକରଣ କିଣିପାରନ୍ତି।

**ସିଂହ**
ଘରୋଇ ସମସ୍ୟା ହେତୁ ମାନସିକ ଶାନ୍ତି ବ୍ୟାହତ ହେବ। ନିକଟସ୍ଥ ମିତ୍ର ବନ୍ଧୁମାନେ ଆବଶ୍ୟକ ସହଯୋଗ କରିବେ। ମାତ୍ର ଆପଣ କେତେକ କ୍ଷେତ୍ରରେ ଜାଣିଶୁଣି ମଧ ନୀରବ ରହିବାକୁ ବାଧ୍ୟ ହେବେ। ସାମାଜିକ ସ୍ତରରେ ଦୀର୍ଘ ଦିନରୁ ଚାହୁଁଥିବା ସୁଯୋଗ ହାତଛଡ଼ା ହୋଇପାରେ।

**କନ୍ୟା**
କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରିପାରନ୍ତି। ଖର୍ଚ୍ଚାନ୍ତ ହେବା ସାଙ୍ଗକୁ ସାଧାରଣ କଥାକୁ ମଧ ଜଟିଳ ଆକାରରେ ଗ୍ରହଣ କରିବେ। ଦୀର୍ଘ ଦିନର ଆଶା ପୂରଣ ହେବ ଓ ସମ୍ପର୍କୀୟଙ୍କ ଶୁଭ ସୂଚନାରୁ ଖୁସି ହେବେ। ନିଜର ବେକାରିଆ ଭାଇଙ୍କ ଥଇଥାନ ସକାଶେ ପଦସ୍ଥ ବ୍ୟକ୍ତିଙ୍କୁ ପରାମର୍ଶ କରିପାରନ୍ତି।

**ତୁଳା**
ବିଭିନ୍ନ ଯୋଜନା ହାତକୁ ନେବେ, କିନ୍ତୁ ଶନିଙ୍କ ପ୍ରଭାବ ଆର୍ଥିକ ସ୍ଥିତିକୁ ବିଗାଡୁଥିବାରୁ ବ୍ୟସ୍ତ ହୋଇପାରନ୍ତି। ବ୍ୟବସାୟରେ ଉନ୍ନତି ଏବଂ ନିର୍ମାଣ କାର୍ଯ୍ୟ ଅଟକିବ ନାହିଁ। ଆଜି ଆନୁଷ୍ଠାନିକ କ୍ଷେତ୍ରରେ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ଜଣେ ଅପରିଚିତ ବ୍ୟକ୍ତି ଆପଣଙ୍କୁ ବହୁତ ସାହାଯ୍ୟ କରିବେ, ଯାହାକି ଆପଣଙ୍କ କଳ୍ପନା ବାହାରେ ଥିବ।

**ବିଛା**
ଭାବ ପ୍ରବଣତାରେ ଭାସିଯାଇ କିଛି ମନ୍ତବ୍ୟକୁ କେନ୍ଦ୍ର କରି ବୟସ୍କ ବ୍ୟକ୍ତିମାନେ ଅସନ୍ତୋଷ ପ୍ରକାଶ କରିପାରନ୍ତି। ଅନୁରାଧା ନକ୍ଷତ୍ରର ମାନସିକ ସ୍ଥିତି କେତେକାଂଶରେ ଠିକ୍ ରହି ନ ପାରେ। କିଣାବିକାରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହେବାର ଆଶା କରାଯାଇପାରେ।

**ଧନୁ**
ପାରିବାରିକ ଦୁଶ୍ଚିନ୍ତା ବଢ଼ିଯିବା ଦ୍ୱାରା ଚାପଗ୍ରସ୍ତ ଯୋଗୁ କାମ ଶୃଙ୍ଖଳିତ ହେବ ନାହିଁ। ସ୍ୱାସ୍ଥ୍ୟ ପ୍ରତି ସାବଧାନ ନ ହେଲେ ଅସୁବିଧାରେ ପଡ଼ିପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ବିଭିନ୍ନ ପ୍ରକାର ସମସ୍ୟା ଦେଖା ଦେଇପାରେ। କର୍ମ କ୍ଷେତ୍ରରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ।

**ମକର**
ଆଜି ଆତ୍ମୀୟଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ଦୀର୍ଘଦିନରୁ ବାକି ରହିଯାଇଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପିଲାଙ୍କ ଆଚରଣଗତ ତ୍ରୁଟିରୁ ସମସ୍ୟା ଆସିପାରେ। ଆଜିର କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। ଦୀର୍ଘ ଦିନର ପୁରୁଣା ରୋଗକୁ ନେଇ ବ୍ୟସ୍ତତା ପ୍ରକାଶ କରିବେ।

**କୁମ୍ଭ**
ଆଜି ସବୁ କାମ ବିଳମ୍ବରେ ଓ ବହୁ କଷ୍ଟରେ ସମ୍ପନ୍ନ ହେବ। ସାଧାରଣ କଥାରେ ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି, ମାତ୍ର ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ, କିନ୍ତୁ ପ୍ରତିବନ୍ଧକ ଲାଗିରହିବ। ସାଧାରଣ କଥାକୁ କେନ୍ଦ୍ର କରି ପରିବାରରେ ଝଡ଼ ଉଠିପାରେ, ଏଣୁ ଚିନ୍ତିତ ରହିବେ।

**ମୀନ**
ଆଲୋଚନା ପରିସରରେ ଅପ୍ରିୟ ସତ୍ୟଭାଷଣରୁ ଦୂରେଇ ରହିବା ଭଲ। ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ଅପଦସ୍ଥ ହୋଇପାରନ୍ତି। ଆନୁଷ୍ଠାନିକ କିମ୍ବା ସାମାଜିକ ସ୍ତରରେ କିମ୍ବା ରାଜନୀତିରେ ଚେଷ୍ଟା କଲେ ସଫଳତା ହାସଲ କରିପାରିବେ। ବିଶୃଙ୍ଖଳିତ ପୁତ୍ରକନ୍ୟାଙ୍କ ହେତୁ କେତେକ ସମସ୍ୟାକୁ ନେଇ ଚିନ୍ତିତ ହେବେ।

ଆଜି ଚୈତ୍ର କୃଷ୍ଣପକ୍ଷର କାଳାଷ୍ଟମୀ ରବିବାର, ଅପ୍ରେଲ ୪ ତାରିଖ, ରାଶିନକ୍ଷତ୍ର- ପୂର୍ବାଷାଢ଼ା/ଧନୁ, ମେଷ ରାଶିର ଘାତବାର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୩୦ ଗତେ ଘ.୦୯।୪୭ ମଧ୍ୟେ, ସନ୍ଧ୍ୟା ଘ.୦୭।୩୧ ଗତେ ଘ.୦୯।୦୫ ମଧ୍ୟେ ଅମୃତବେଳା ।। ସକାଳ ଘ.୦୫।୪୧ ଗତେ ଘ.୦୬।୩୦ ମଧ୍ୟେ, ଘ.୦୧।୦୩ ଗତେ ଘ.୦୧।୫୨ ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୦୪।୨୬ ଗତେ ଘ.୦୫।୫୮ ମଧ୍ୟେ ରାହୁକାଳ ।।


# classifieds Everyday
0674-2580101, 2549302



### BRIDE WANTED

Brahmin groom 53yrs, 5ft.3 inch, Central Govt. service, caste no bar, widow and divorced allowed. Mob/ Whatsapp. 7205806557. D-20367

Suitable brahmin bride required. Contact: 7978409094. D-63999

### GROOM WANTED

Beautiful Khandayat girl 1990, 5'4", B.Tech serving Bhubaneswar "SUNASANSAR". 9937512659, 8249969649 (Govt. service preferable). D-20416

Groom wanted: Divorcee Khandayat bride 41, clerk 45 (Caste-no-bar)- 7873374269. D-70915

+2 qualified Government College Clerk କରଣ unmarried 50ବୟସ୍କା ଝିଅଙ୍କୁ any caste ଘରଜ୍ୱାଇଁ ଦରକାର। 7749076723. D-67978



### SALE

Scorpio, Ertiga Vdi, Waganr Vxi, Polo Diesel, Maruti Eco, Hyundai i10, Dzire Vdi, Hondacity Diesel, 9937557575, 9337116330. D-20425

Hyundai Xcent car 85000km camera LED, 2017 with OLA attached well contition 4,80,000/- negotiable. 8249533255. D-69391



### SALE

Booking open for BDA Layout 3BHK Duplex with gated community behind ITER College, Jagamara, Bhubaneswar. Contact: 9861616986. D-67589

ଭୁବନେଶ୍ୱର ହଂସପାଳ ଭିଙ୍ଗାରପୁର ଛକପାଖରେ ଘରବାରି **SC Plot 5,41,000/-ରେ ବିକ୍ରି ହେବ। 9439832956.** D-70824

2000sqft. residential plot for sale at Gajapati Nagar, Bhubaneswar. Price: 79lakhs. Contact: 7504392698. D-70579

**Require, Minimum 2Acre Yellowzone Homestead Land with 30/40 feet Road on Sharing/ Outright basis across Bhubaneswar for Duplex Project/ Plotting. Contact- 9861022055/ 9938219397.** D-20406

କେଶୁରା ମୌଜାରେ Immediate Electricity ସହିତ ଘରକରି ରହିବା ପାଇଁ ପଟ୍ଟା ଥିବା ପ୍ଲଟ୍ ମିଳୁଛି। Contact: 8480619769. D-20391

**Ready to move house/plot on Bhubaneswar Patia, Raghunathpur, Kalarahanga, Dhauli, Phulnakhara, Mancheswar, Hanspal, Puri canal road, Ranga Bazar, Patrapada. Contact: 8249363553.** D-70821

Shree Krishna Developer, 55acres township plotting project near Sum Hospital for enquiry. 8337900881. D-70571

**2400sqft. gharabari boundary plot NH-5 Hitech Chhaka immedate sale. 9438299931.** D-70827

**1/2/3 BHK ready to move apartment for sale at DHPL Enclave 2 Kalarahanga. Contact 9937059891.** D-20409

3BHK Semi- furnished flats1583sqft. and duplexes 1750sqft. brokers excuse. 6371090682. D-68277

**Bhubaneswar, Hanspal residential Colonyରେ 1500sqft. @ 23,25,000ରେ plot ମିଳୁଛି। 9853415415, 7008351926.** D-20248

ଭୁବନେଶ୍ୱର ଯାଆଁଳା NHରୁ ½km ଦୂରତାରେ 30' ରାସ୍ତାଥାଇ plot ଏବଂ AIIMS ପାଖରେ sqft. 650/- କିଣନ୍ତୁ। 9348767829. D-70820

**ଭୁବନେଶ୍ୱର ଗଙ୍ଗପଡ଼ା NH-16ରୁ 400mtr ଦୂରତାରେ ସ୍ଥିତିବାନ ପ୍ଲଟ୍ ମିଳୁଅଛି। 7978676652.** D-70819

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ପିତାପଲ୍ଲୀ bypass ପାଖରେ 4,80,000/- (outright). 9348232008, 9668344479. D-70817

**2900 Sqft. Developed Boundary Plot near Infocity-2, Janla @ 870/-. 9777302825.** D-70823

Demarcated residential Plot at Sundargram (Dadhi College Front), Balianta, Rangabazar, Madanpur (GEC Front), Ranasinghpur (AIIMS), Malipada, Janala. Contact: 7978209813, 9777955594. D-70822

**Plot for sale near Pipili Toll Gate, just 16 kms from Bhubaneswar, Kalpana Square. Contact: 9937446498.** D-70562

**ସୁନ୍ଦରପଦା Hi-tech Apartment Opposite ରେ Boundary ଥାଇ Gharabari Plot କିଣନ୍ତୁ। 7008492511.** D-69390

ଭୁବନେଶ୍ୱରରେ ପ୍ଲଟ୍ ବିକ୍ରିହେବ। Near Rabi Talkies ଘରବାରି ପାଚେରି ଲାଇନ୍ ସହିତ। 9178660666. D-70570

**Residential cum commercial gharabari plot 12000sft. with boundarywall touching to road at Brahmanjharilo, Cuttack 11km. to Bhubaneswar, 18km to Cuttack. 7809525452, 8249851363.** D-70442

1900sqft. residential yellowzone plot for sale at Sreevihar, Damana Bhubaneswar. Price: 57.5lakhs, Contact: 8260595320. D-70578

**Develope land for sale 3500sqft. adjacent to 100ft. Puri canalroad Hanspal. Kindly contact genuine buyer only- 9437922726, 7205337726.** D-70912

**Gharabari BDA yellowzone plot near Gandhi College sqft. 1250/- Jatani Niser 650/-. 7978230118, 8249477254.** D-70825



1500sqft. commercial space available at Jaydev Vihar Square, Bhubaneswar. 9438802628, 8895267880. D-20417

Semifurnished A/C room near Lingaraj Temple, Bhubaneswar. Rs. 5,000/-, 9437388990. D-69495

10,000 Sq.ft. Shed Office for rent running Spice Manufacturing Unit, Automatic Mudhi Manufacturing Unit require Joint Venture at Janla. Contact: 7381966616. D-67787

Rent for Office/ Shop/ Others 2000sqft. area. Prime location on NH-Cosmopolis Chhaka, near Khandagiri, Bhubaneswar- 751019. Contact: 9871816986. D-59984

Ground floor 2Bed room independent house LaxmiSagar. Bhubaneswar. Contact: 9437075580, 9437557580. D-69494

Single room for office 5. Kharvelnagar near Keshari Talkies, Bhubaneswar. 9238647661. D-69392

2BHK flat available in Reeta Valley in Gudiapokhari, Uttara for rent. Contact: 7978097047. D-67121

Independent house for small Family Santha Vihar, Lingipur. Mob: 9439357429. D-61083

Two storied building 3500sqft. main road Maitri vihar for commercial near Fortune tower, Bhubaneswar. Contact: 9337892385. D-70913



Refreshing your mind your body with the best therapy at Lotus Spa. 9801811949. D-70441

Ayurvedic full body massage by experienced (M/F) therapist. 9861193818, 8018656899. D-59985

New opening Saikrupa Panchakarma and Spa jointpain, fullbody massage, 8984068077. D-65914

Swarna SPA newly open positively health benefits with expert therapist. 9556978408. D-70576

Massage for ladies and gents therapist only 5th cute No.- 9439140029. D-20396

Zen SPA positively health benefits with experts therapeutic genuinely massage. 7205084157. D-70577

Get good massage for your health the best therapy. 7749997224. D-70444

### LOST

ମୋ original patta ଖାତା ନଂ.-366/23, ପ୍ଲଟ୍ ନଂ.-୮୫୬, ମୌଜା ଏକଚାଳିଆ ତା. ୨୮।୦୩।୨୦୨୧ ଦିନ ଗୁଡ଼ିଆପୋଖରୀଠାରେ ହଜିଯାଇଛି। କେହି ସହୃଦୟ ବ୍ୟକ୍ତି ଉକ୍ତ ପଟ୍ଟା ପାଇଲେ ଆମ୍ଭଙ୍କୁ ଜଣାଇବାକୁ ଅନୁରୋଧ। ଲତା ପ୍ରଧାନ, Mob: 9778831000, 0674-2465186. D-20427


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୩,୧୧,୬୦,୬୩୧ | ୨୮,୫୪,୬୮୧ | ୧୦,୫୫,୭୯,୨୭୬ |
| ଭାରତ | ୧,୨୪,୭୭,୪୬୮ | ୧,୬୪,୬୧୦ | ୧,୧୬,୨୫,୩୧୮ |
| ଓଡ଼ିଶା | ୩,୪୨,୨୨୪ | ୧୯୨୧(+୫୩) | ୩,୩୭,୬୩୫ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ପିଆଇଏଲ୍ ପୂର୍ବରୁ ପ୍ରତିପକ୍ଷଙ୍କୁ ସମୟ ଦିଅ



## ଜନସ୍ୱାର୍ଥ ମାମଲା ସମ୍ପର୍କରେ ହାଇକୋର୍ଟଙ୍କ ମତ

**ଭୁବନେଶ୍ୱର, ୩।୪(ବ୍ୟୁରୋ)**

ଦିନକୁ ଦିନ ଉଚ୍ଚ ଅଦାଲତରେ ଜନସ୍ୱାର୍ଥ ମାମଲା(ପିଆଇଏଲ୍)ର ସଂଖ୍ୟା ବଢ଼ିବାରେ ଲାଗିଛି। ବିଶେଷକରି ଅନେକ କ୍ଷେତ୍ରରେ ଆବେଦନକାରୀମାନେ କୌଣସି କର୍ତ୍ତୃପକ୍ଷଙ୍କ ନିକଟରେ ଦରଖାସ୍ତ କରିବା ପରେ ପ୍ରତିପକ୍ଷ ଏହାର କାର୍ଯ୍ୟକାରିତା ନେଇ କୌଣସି ନିଷ୍ପତ୍ତି ନେବା ପୂର୍ବରୁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରୁଛନ୍ତି। ତେଣୁ କୌଣସି ପ୍ରସଙ୍ଗରେ ଯଦି ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ଦରଖାସ୍ତ କରାଯାଉଛି, ତେବେ ପ୍ରତିପକ୍ଷଙ୍କୁ ଉକ୍ତ ଆବେଦନ ଉପରେ କୌଣସି ନିଷ୍ପତ୍ତି ନେବାକୁ ସର୍ବନିମ୍ନ ୨ମାସ ସମୟ ଦେବା ଆବଶ୍ୟକ ବୋଲି ମୁଖ୍ୟ ବିଚାରପତି ଏସ୍.ମୁରଲୀଧର ଏବଂ ବିଚାରପତି ବି.ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଗତ ୩୦ତାରିଖରେ ଏକ ଆବେଦନର ଶୁଣାଣିବେଳେ କହିଛନ୍ତି। ଆବେଦନକାରୀ ମଦନ ମୋହନ ସାହୁ ଅନୁଗୋଳ ଜିଲାପାଳଙ୍କ ବିରୋଧରେ କରିଥିବା ଜନସ୍ୱାର୍ଥ ମାମଲାର ବିବରଣୀ ଅନୁସାରେ ଅନୁଗୋଳ ଜିଲା ପାଲଲହଡ଼ାରେ ଜଙ୍ଗଲ ଜମି ଉପରେ ଏକ ଗୃହ ନିର୍ମାଣକୁ ଆବେଦନକାରୀ ବିରୋଧ କରିଥିଲେ। ହେଲେ ଏହାକୁ ସ୍ଥାନୀୟ ସହରଗୁରୁଜଙ୍ଗ ବନ ସୁରକ୍ଷା ସମିତିର କୌଣସି ସଦସ୍ୟ ତାଙ୍କୁ ସହଯୋଗ କରି ନ ଥିଲେ। ତେଣୁ ସେ ଏ ସମ୍ପର୍କରେ ଅନୁଗୋଳ ଜିଲାପାଳଙ୍କ ନିକଟରେ ଗତ ଫେବୃୟାରୀ ୫ତାରିଖରେ ଏକ ଦରଖାସ୍ତ କରିଥିଲେ। ତେବେ ଏହି ଦରଖାସ୍ତ ଉପରେ ପ୍ରତିପକ୍ଷ ଜିଲାପାଳ କୌଣସି ନିଷ୍ପତ୍ତି ନେବାପୂର୍ବରୁ ମାତ୍ର ୪ଦିନ ଅର୍ଥାତ୍ ଫେବୃୟାରୀ ୯ତାରିଖରେ ଆବେଦନକାରୀ ଉଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଓଡ଼ିଶା ହାଇକୋର୍ଟ ପବ୍ଲିକ ଇଣ୍ଟ୍ରେଷ୍ଟ ଲିଟିଗେଶନ (ପିଆଇଏଲ୍) ରୁଲ୍ସ, ୨୦୧୦ର ଧାରା ୮ଅନୁସାରେ କୌଣସି ପିଆଇଏଲ୍ ରୁଜୁ କରିବା ପୂର୍ବରୁ ଆବେଦନକାରୀ ନିର୍ଦ୍ଦିଷ୍ଟ ବିଭାଗୀୟ ଅଧିକାରୀଙ୍କ ନିକଟରେ କାର୍ଯ୍ୟାନୁଷ୍ଠାନ ପାଇଁ ଆବେଦନ କରିବା ଆବଶ୍ୟକ। ସେହିପରି ଦେୱାନୀ ସଂହିତାର ଦଫା ୮୦ ଅନୁସାରେ କୌଣସି ପିଆଇଏଲ୍ ରୁଜୁ ସମୟରେ ଏହାର ସବିଶେଷ ବିବରଣୀ ଏବଂ ପ୍ରତିପକ୍ଷଙ୍କ ନିକଟରେ ପୂର୍ବରୁ କରାଯାଇଥିବା ଦରଖାସ୍ତର ଜବାବ ଦାଖଲ କରିବା ଆବଶ୍ୟକ। ଜରୁରୀ ମାମଲା ଅର୍ଥାତ୍ ଯେଉଁଠାରେ ପ୍ରତିପକ୍ଷଙ୍କ ଉତ୍ତରକୁ ଅପେକ୍ଷା କଲେ ଅପୂରଣୀୟ କ୍ଷତି ହେବାର ସମ୍ଭାବନା ରହିଛି, ସେହି କ୍ଷେତ୍ରରେ ପ୍ରତିପକ୍ଷଙ୍କୁ କୌଣସି ପ୍ରାକ୍ ନୋଟିସ୍ ନ ଦେଇ ପିଆଇଏଲ୍ ଫାଇଲ କରାଯାଇପାରିବ। ରୁଲ୍ ୮ ଅନୁସାରେ ଯେତେବେଳେ କୋର୍ଟ ଅନୁଭବ କରିବେ ଯେ, ଦଫା ୮୦ ଅନୁଯାୟୀ କୌଣସି କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରାଯାଇଛି, ସେଠାରେ ଆବେଦନକାରୀ ପ୍ରତିପକ୍ଷଙ୍କୁ କୌଣସି ନିଷ୍ପତ୍ତି ନେବାକୁ ସର୍ବନିମ୍ନ ୨ମାସ ସମୟ ଦେବା ଆବଶ୍ୟକ। ଏପରି କି ଯଦି ଆବେଦନକାରୀ ଜରୁରୀ ମନେକରିବେ ତେବେ ଉକ୍ତ ମାସ ମଧ୍ୟରେ ପ୍ରତିପକ୍ଷଙ୍କୁ ଆଉ ଏକ ରିମାଇଣ୍ଡର ଦେଇପାରିବେ ବୋଲି କୋର୍ଟ କହିଛନ୍ତି। ତେଣୁ ମଦନ ମୋହନ ଅନୁଗୋଳ ଜିଲାପାଳଙ୍କ ବିରୋଧରେ କରିଥିବା ମାମଲାରେ କୋର୍ଟ କୌଣସି ଚୂଡ଼ାନ୍ତ ରାୟ ପ୍ରକାଶ ନ କରି ଆବେଦନକାରୀଙ୍କୁ ଆଇନ ଅନୁଯାୟୀ ଆଉଥରେ ଆବେଦନ କରିବାକୁ କହିଛନ୍ତି।

## ଟିକା ନେଇ ବୃଦ୍ଧଙ୍କ ମୃତ୍ୟୁ ଅଭିଯୋଗ

**ନବରଙ୍ଗପୁର/ ଡାବୁଗାଁ/ ପାପଡ଼ାହାଣ୍ଡି, ୩।୪ (ବି.ପ୍ର./ ଡି.ଏନ୍.ଏ.):** କରୋନା ଟିକା ନେଇ ପାପଡ଼ାହାଣ୍ଡି ବ୍ଲକ ଶୁଣ୍ଠିଗୁଡା ଗ୍ରାମର ଟଙ୍କଧର ବିଶୋଇ(୬୬)ଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ପଠାଯାଇଛି। ସୂଚନା ଅନୁଯାୟୀ, ଟଙ୍କଧର ଗୁରୁବାର କୋଭିଡ୍ ଟିକା ନେଇଥିଲେ। ଶୁକ୍ରବାର ତାଙ୍କର ପେଟ ବ୍ୟଥା ସହ ଜ୍ୱର ହୋଇଥିଲା। ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ହୋଇଥିଲା। ଟିକା ଯୋଗୁ ଟଙ୍କଧରଙ୍କ ମୃତ୍ୟୁ ହୋଇଥିବା ତାଙ୍କ ପୁଅ ନରସିଂହ ଶୁକ୍ରବାର ରାତିରେ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ନଂ. ୮/୨୧ରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଶନିବାର ପାପଡ଼ାହାଣ୍ଡି ତହସିଲଦାର ପ୍ରେମଲାଲ ହିଆଲ, ମେଡିକାଲ ଟିମ୍ ଓ ପୋଲିସ ପୁଣିଥରେ ଶୁଣ୍ଠିଗୁଡ଼ାକୁ ଯାଇ ଟଙ୍କଧରଙ୍କ ପରିବାର ଲୋକଙ୍କୁ ବୁଝାଶୁଝା କରିବା ପରେ ସେମାନେ ପ୍ରଶାସନକୁ ମୃତଦେହ ହସ୍ତାନ୍ତର କରିଥିଲେ।

## କୋଭିଶିଲ୍ଡ ନେବା ପରେ ୭ ମୃତ

### ୩୦ ଜଣଙ୍କଠାରେ ରକ୍ତଜମାଟ ସମସ୍ୟା

**ଲଣ୍ଡନ,୩।୪:** ବ୍ରିଟେନରେ ଆଷ୍ଟ୍ରାଜେନିକା ଦ୍ୱାରା ପ୍ରସ୍ତୁତ କରୋନା ଟିକା କୋଭିଶିଲ୍ଡ ନେଇଥିବା ୩୦ ଜଣଙ୍କ ଠାରେ ରକ୍ତଜମାଟ ବାନ୍ଧିବା ସମସ୍ୟା ଦେଖାଦେଇଛି। ଏଥିଯୋଗୁ ୭ ଜଣଙ୍କ ମୃତ୍ୟୁ ଘଟିଥିବା ମେଡିସିନ୍ ଏବଂ ହେଲ୍ଥକେୟାର ରେଗୁଲେଟୋରୀ ଏଜେନ୍ସି (ଏମ୍ଏଚ୍ଆର୍ଏ)ପକ୍ଷରୁ କୁହାଯାଇଛି। ୧ କୋଟି ୮୧ ଲକ୍ଷ ଜଣଙ୍କୁ ଏହି ଭାକ୍ସିନ ଦିଆଯାଇଥିବାବେଳେ ମାର୍ଚ୍ଚ ୨୪ ସୁଦ୍ଧା ୭ ଜଣଙ୍କ ମୃତ୍ୟୁ ଘଟିଥିବା ଏମ୍ଏଚ୍ଆର୍ଏ କହିଛି। ତେବେ ଭାକ୍ସିନ୍ ନେଇଥିବା ଲୋକଙ୍କ ତୁଳନାରେ ପ୍ରଭାବିତଙ୍କ ସଂଖ୍ୟା କମ୍ ଥିବାରୁ ଟିକାକରଣ ଜାରି ରଖିବାକୁ ସମ୍ପୃକ୍ତ କାର୍ଯ୍ୟାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି। ପାର୍ଶ୍ୱ ପ୍ରତିକ୍ରିୟାର କାରଣ ଜାଣିବାକୁ ତଦନ୍ତ ଜାରି ରହିଛି। ଆଷ୍ଟ୍ରାଜେନିକା ଯୋଗୁ ରକ୍ତଜମାଟ ବାନ୍ଧିବା ସମସ୍ୟା ଦେଖାଯାଉଥିବା ମାମଲା ସାମ୍ନାକୁ ଆସିବା ପରେ କାନାଡା, ଫ୍ରାନ୍ସ, ଜର୍ମାନୀ ସମେତ ପ୍ରମୁଖ ୟୁରୋପୀୟ ଦେଶ ଏହି ଟିକାର ବ୍ୟବହାର ଉପରେ କଟକଣା ଲଗାଇଛନ୍ତି।

# ନୂଆ ଷ୍ଟ୍ରେନ୍‌ର ଗତି ପ୍ରଖର

## ଟିକା ପ୍ରଭାବକୁ ନେଇ ସର୍ଭେ ହେବ

**ଭୁବନେଶ୍ୱର, ୩।୪(ବ୍ୟୁରୋ)**

ରାଜ୍ୟରେ କରୋନାର ଦ୍ୱିତୀୟ ଲହର ବହୁଶୀଘ୍ର ଚାରିଆଡକୁ ବ୍ୟାପିଯାଇଛି। ଦୈନିକ ପଜିଟିଭ୍ ସଂଖ୍ୟା ୫ଶହ ପାଖାପାଖି ପହଞ୍ଚିଥିବାବେଳେ ନୂଆ ଷ୍ଟ୍ରେନ୍‌କୁ ନେଇ ଭାଳେଣି ପଡିଛି। ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ କହିଛନ୍ତି, ବର୍ତ୍ତମାନ ଯେଉଁ ଷ୍ଟ୍ରେନ୍ ଆସିଛି, ତା'ର ଗତି ପ୍ରଖର। ସଂକ୍ରମଣ ମାଡ଼ି ଚାଲୁଥିବାରୁ ସେ ଚେତାବନୀ ଦେଇଛନ୍ତି। ଛତିଶଗଡ଼ ସୀମାରେ ଥିବାରୁ ନୂଆପଡ଼ାରେ ସଂକ୍ରମଣ ହାର ଅଧିକ ରହୁଛି। ଏହାବ୍ୟତୀତ ରାଜ୍ୟର ଅନ୍ୟ ଜିଲାରେ ମଧ୍ୟ ସଂକ୍ରମିତଙ୍କ ସଂଖ୍ୟା ବଢୁଛି। ଏହାକୁ ଦୃଷ୍ଟିରେ ରଖି ଟିକାକରଣକୁ ବଢ଼ାଇ ଦିଆଯାଇଛି। ଦୈନିକ ୨ଲକ୍ଷରୁ ଅଧିକ ଲୋକ ଟିକା ନେଉଛନ୍ତି। ଇତିମଧ୍ୟରେ ୩୧,୩୭,୬୯୮ଜଣ ଟିକା ନେଇ ସାରିଲେଣି। ଏବେ ଯେତିକି ଟିକା ଅଛି ଆଉ ୪ ଦିନ ଟିକାକରଣ କରିହେବ। ଆଗକୁ ଟିକାକରଣ ଜାରି ରଖିବାକୁ ପ୍ରାୟ ୩୦ ଲକ୍ଷ ଟିକା ଯୋଗାଇଦେବାକୁ କେନ୍ଦ୍ରକୁ ଚିଠି ଲେଖାଯାଇଛି। ତେବେ ଟିକା ନେବା ପରେ କେତେଜଣ ସଂକ୍ରମିତ ହୋଇଛନ୍ତି, ତାହା ଜାଣିବାକୁ ସର୍ଭେ ହେବ। ଏବେ ସଂକ୍ରମିତଙ୍କ ସଂଖ୍ୟା ବଢୁଥିଲେ ମଧ୍ୟ ଗୁରୁତର ତଥା ମୃତକଙ୍କ ସଂଖ୍ୟାରେ ବୃଦ୍ଧି ହେଉନି। ରାଜ୍ୟରେ ଲୋକଙ୍କ ଭିତରେ ଆଣ୍ଟିବଡି ଡେଭଲପ୍ ହୋଇଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ପାଣିଗ୍ରାହୀ କହିଛନ୍ତି। ସ୍ୱାସ୍ଥ୍ୟ ବିଭାଗର ତଥ୍ୟ ଅନୁସାରେ, ରାଜ୍ୟରେ ସଂକ୍ରମଣ ଦ୍ୱିତୀୟ ଦିନ ପାଇଁ ୪ଶହ ଉପରେ ରହିଛି। ୨୪ ଘଣ୍ଟା ମଧ୍ୟରେ ୪୫୨ ସଂକ୍ରମିତ ଚିହ୍ନଟ ପରେ ଆକ୍ରାନ୍ତଙ୍କ ସଂଖ୍ୟା ୩,୪୨,୨୨୪କୁ ବୃଦ୍ଧି ପାଇଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୭୭ଜଣ ରହିଥିବାବେଳେ ଏହା ତଳକୁ ସୁନ୍ଦରଗଡ଼ ୭୫ ଓ ନୂଆପଡ଼ାରେ ୭୧ଜଣ ରହିଛନ୍ତି। ସଂକ୍ରମଣ ବଢୁଥିଲେ ମଧ୍ୟ ଓଡ଼ିଶା ସ୍ଥିତି ଭଲ ଅଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ କହିଛନ୍ତି। ସେ କହିଛନ୍ତି, ଫେରନ୍ତାଙ୍କ ଉପରେ ନଜର ରଖାଯାଇଛି। ସରକାର କରୋନା ପରିସ୍ଥିତିକୁ ନିୟନ୍ତ୍ରଣ ପାଇଁ ପଦକ୍ଷେପ ନେଉଛନ୍ତି। ସବୁ ହସ୍ପିଟାଲକୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୀମାବର୍ତ୍ତୀ ଜିଲାଗୁଡ଼ିକର ଜିଲାପାଳମାନଙ୍କୁ ସଜାଗ ରହିବା ପାଇଁ କୁହାଯାଇଛି। ଯେଉଁମାନେ ବାହାର ରାଜ୍ୟରୁ ଆସିବେ ସେମାନଙ୍କର ସ୍କ୍ରିନିଂ କରାଯାଇ ଆଣ୍ଟିଜେନ୍ ଟେଷ୍ଟ ପାଇଁ କୁହାଯାଇଛି। ଏହାସହ ଅଟୋ ଚାଳକ, ମାଂସ ବିକାଳି, ହୋଟେଲ୍ କର୍ମଚାରୀଙ୍କୁ ଅଗ୍ରାଧିକାର ଭିତ୍ତିରେ ଟିକା ଦିଆଯିବାକୁ ନିଷ୍ପତ୍ତି ହୋଇଛି ବୋଲି ମନ୍ତ୍ରୀ କହିଛନ୍ତି।

# ଲିମସେର ଗାଁ କଣ୍ଟେନମେଣ୍ଟ ଜୋନ୍



ଲିମସେର ଗାଁକୁ କଣ୍ଟେନମେଣ୍ଟ ଜୋନ ଘୋଷାଣା କରାଯିବା ପରେ ରାସ୍ତାକୁ ବନ୍ଦ କରାଯାଇଛି।

## କରୋନାରେ ଜଣେ ମୃତ, ୧୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ପଡି ରହିଲା ମୃତଦେହ

**ଭବାନୀପାଟଣା, ୩।୪(ସ୍ୱ.ପ୍ର.)**

କଳାହାଣ୍ଡି ଜିଲାରେ କରୋନାର ଦ୍ୱିତୀୟ ଲହର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏପରିସ୍ଥଳେ ଜିଲାର ଗୋଲାମୁଣ୍ଡା ବ୍ଲକ ବୃନ୍ଦାବାହାଲ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଲିମସେର ଗ୍ରାମରେ ଜଣେ ୬୦ ବର୍ଷୀୟ ବ୍ୟକ୍ତିଙ୍କ କରୋନାରେ ମୃତ୍ୟୁ ଘଟିଛି । ଏହାଛଡା ତାଙ୍କ ପରିବାରର ୬ ଜଣ ବ୍ୟକ୍ତି କରୋନାରେ ଆକ୍ରାନ୍ତ ହୋଇଥିବା ଜାଣିବାକୁ ମିଳିଛି । ତେବେ ୧୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ମୃତଦେହ ସତ୍କାର ନ ହୋଇ ପଡିରହିବା ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା । ଏପଟେ ପରିସ୍ଥିତିକୁ ଦୃଷ୍ଟିରେ ରଖି ବୃନ୍ଦାବାହାଲ ସରପଞ୍ଚ ହେମାଙ୍ଗିନୀ ରାଉତ ଗ୍ରାମକୁ ଆସନ୍ତା ୮ ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଜୋନ୍ ଭାବରେ ଘୋଷଣା କରିଛନ୍ତି ।

ପ୍ରକାଶ ଯେ, ଗତ କିଛି ଦିନ ହେବ ସମ୍ପୃକ୍ତ ବୃଦ୍ଧ ଓ ତାଙ୍କ ପରିବାରର ୬ଜଣ କରୋନାରେ ଆକ୍ରାନ୍ତ ଚିହ୍ନଟ ହେବା ପରେ ହୋମ ଆଇସୋଲେଶନରେ ଥିଲେ । ତେବେ ଶୁକ୍ରବାର ସନ୍ଧ୍ୟାରେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଗୋଲାମୁଣ୍ଡା ବିଡିଓ ସ୍ନିଗ୍ଧାରାଣୀ ପ୍ରଧାନ, ତହସିଲଦାର ସର୍ବେଶ୍ୱର ଜାଲ, ଥାନାଧିକାରୀ ଜୁଗଳ ଶବର, ସ୍ୱାସ୍ଥ୍ୟଅଧିକାରୀ ସାରଦା ସ୍ୱାଇଁ ପ୍ରମୁଖ ଲିମସେର ଗ୍ରାମକୁ ଯାଇ ଘଟଣା ବିଷୟରେ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ସରକାରଙ୍କ ନିୟମାବଳୀ ଅନୁସାରେ କିଭଳି ମୃତଦେହ ସତ୍କାର କରାଯିବ ସେନେଇ ପରିବାର ଲୋକଙ୍କ ସହ ଆଲୋଚନା କରିଥିଲେ । ହେଲେ ପରିବାର ଲୋକେ ଇଚ୍ଛା ପ୍ରକାଶ ନ କରିବାରୁ ରାତିରେ ସତ୍କାର ହୋଇ ପାରି ନ ଥିଲା । ପରେ ସ୍ଥାନୀୟ ଲୋକେ ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କୁ ଅବଗତ କରିବା ପରେ ସେ ଯଥାଶୀଘ୍ର ଆବଶ୍ୟକ ପଦକ୍ଷେପ ନେବା ପାଇଁ ଧର୍ମଗଡ ଉପ–ଜିଲାପାଳ ଦିବାକାର ଟି.ଏସ୍‌ଙ୍କୁ ଜଣାଇଥିଲେ। ଶନିବାର ପୂର୍ବାହ୍ନ ୧୦ଟାରେ ପରିବାର ସଦସ୍ୟଙ୍କ ସହଯୋଗ କ୍ରମେ ପିପିଇ କିଟ୍‌ସ ପିନ୍ଧି ବୃଦ୍ଧଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା। ମୃତକଙ୍କ ପରିବାରର ଅନ୍ୟ ୬ ଜଣ କରୋନା ସଂକ୍ରମିତ ଥିବାରୁ ବୃନ୍ଦାବାହାଲ ସରପଞ୍ଚ ଲିମସେର ଗ୍ରାମରେ ଲୋକଙ୍କ ସମାଗମ ଉପରେ ରୋକ ଲଗାଇଛନ୍ତି । ଏହାଛଡା ସମସ୍ତ ଦୋକାନ ବଜାର, ଧାର୍ମିକ ଅନୁଷ୍ଠାନ ଓ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ଲିମସର ଗ୍ରାମର ସମସ୍ତ ପ୍ରବେଶ ପଥରେ ବ୍ୟାରିକେଟ କରାଯିବା ସହ ଯିବା ଆସିବା ଉପରେ ରୋକ ଲଗାଇଛି ବ୍ଲକ ପ୍ରଶାସନ। ଅନ୍ୟପକ୍ଷରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଏକ ସ୍ୱତନ୍ତ୍ର ଟିମ୍ ଲିମସେର ଗ୍ରାମରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସ୍ୱାବ୍ ସଂଗ୍ରହ କରିବା ସହ କରୋନା ଟେଷ୍ଟ କରିଥିବା ଜଣାପଡିଛି। ସ୍ଥାନୀୟ ସରପଞ୍ଚ ରାଉତ ବୃନ୍ଦାବାହାଲ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଦୈନନ୍ଦିନ ମାସ୍କ ପରିଧାନ କରିବା ଓ ସାମାଜିକ ଦୂରତା ରକ୍ଷା କରିବା ସହ ସାନିଟାଇଜର ବ୍ୟବହାର କରିବା ପାଇଁ ଲୋକଙ୍କୁ ପରାମର୍ଶ ଦେଇଛନ୍ତି ।

# ତାରାତାରିଣୀ ଯାତ୍ରାରେ ମୁଣ୍ଡନ ବନ୍ଦ

**କରୋନା କଟକଣା**
- ଦଣ୍ଡନାଚ ଦଳରେ ୨୫ଜଣ ରହିବେ
- କୋଭିଡ୍ ହସ୍ପିଟାଲ, ଆଇସୋଲେଶନ ୱାର୍ଡ ପ୍ରସ୍ତୁତ

**ଛତ୍ରପୁର,୩।୪(ଡି.ଏନ.ଏ.)**

କରୋନା ସଂକ୍ରମଣର ଦ୍ୱିତୀୟ ଲହର ଓ ଏହାର ସ୍ଥିତି ମୁକାବିଲା ପାଇଁ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ କେତେକ କଟକଣା କରାଯାଇଛି। ଜିଲାକୁ ଦୈନିକ ଟ୍ରେନ୍ ଯୋଗେ ମହାରାଷ୍ଟ୍ର ଓ ଗୁଜରାଟରୁ ଶତାଧିକ ପ୍ରବାସୀ ଫେରିବାରେ ଲାଗିଛନ୍ତି। କିଭଳି ଜିଲାରେ ସଂକ୍ରମଣ ବ୍ୟାପିବନି ସେ ନେଇ କେତେକ ପଦକ୍ଷେପ ନିଆଯାଇଛି। ଦଣ୍ଡଯାତ୍ରା ଓ ତାରାତାରିଣୀଙ୍କ ଚୈତ୍ର ମଙ୍ଗଳବାର ଯାତ୍ରାରେ କଟକଣା ଲଗାଯାଇଛି। ତାରାତାରିଣୀଙ୍କ ଚୈତ୍ର ଯାତ୍ରାର ଦ୍ୱିତୀୟ ମଙ୍ଗଳବାର ଅନୁଷ୍ଠିତ ହେବାକୁ ଯାଉଛି। ଯାତ୍ରାରେ ଶିଶୁଙ୍କ ମୁଣ୍ଡନ ଉପରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ନିଷେଧାଦେଶ ଜାରି କରିଛନ୍ତି। ଏଥିସହ ଦଣ୍ଡଯାତ୍ରାରେ କେବଳ ୨୫ ଜଣ ରହିପାରିବେ ବୋଲି କହିଛନ୍ତି। ଯାତ୍ରା ବେଳେ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ରହିବ ବୋଲି ଜିଲାପାଳ ଟୁଇଟ୍ କରି ସୂଚନା ଦେଇଛନ୍ତି। ଦୋକାନୀମାନେ ପଞ୍ଚସୂତ୍ରୀ ନିୟମ ପାଳନ କରିବା ବାଧ୍ୟତାମୂଳକ କରାଯାଇଛି। ଏଥିରେ ଖିଲାପ କଲେ ଦୋକାନ ସିଲ୍ କରାଯିବ ବୋଲି ଜିଲାପାଳ ନିର୍ଦ୍ଦେଶ ଜାରି କରିଛନ୍ତି। ମାସ୍କ ପିନ୍ଧିବା, ସାମାଜିକ ଦୂରତା ଆଦି କୋଭିଡ୍ ନିୟମ ମାନିବା ବାଧ୍ୟତାମୂଳକ କରାଯାଇଛି। ସେହିପରି ଦଣ୍ଡଯାତ୍ରା ବେଳେ ରାତିରେ ରେକର୍ଡ ଡ୍ୟାନ୍ସ ଓ ଅପେରା ପରିବେଷଣ ଉପରେ ଜିଲାପାଳ ପୂର୍ବରୁ ରୋକ୍ ଲଗାଇଛନ୍ତି। ଅପରପକ୍ଷରେ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଶୁକ୍ରବାର ୧୩ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ବ୍ରହ୍ମପୁର ମହାନଗର ନିଗମରୁ ୪, ଛତ୍ରପୁରରୁ ୩, କବିସୂର୍ଯ୍ୟନଗରରୁ ଜଣେ, ଆସିକାରୁ ୨ ଏବଂ ଅନ୍ୟ ୩ ଜଣ ରହିଛନ୍ତି। ବର୍ତ୍ତମାନ ଜିଲାରେ ୩୫ ଜଣ କରୋନା ଆକ୍ଟିଭ୍ ରହିଛନ୍ତି। ୫ ଜଣ ସୁସ୍ଥ ମଧ୍ୟ ହୋଇଛନ୍ତି। ଶୁକ୍ରବାର ୧୮୨୭ ଜଣଙ୍କର ନମୁନା ପରୀକ୍ଷା କରାଯାଇଥିବା ଜିଲାପାଳ ସୂଚନା ଦେଇଛନ୍ତି। ପ୍ରବାସୀମାନଙ୍କ ଉପରେ ଦୃଷ୍ଟି ରଖିବାକୁ ପ୍ରତି ପଞ୍ଚାୟତ ଓ ସହରାଞ୍ଚଳର ୱାର୍ଡସ୍ତରରେ ରେଜିଷ୍ଟର ରଖି ନାମ ଓ ତଥ୍ୟ ସଂଗ୍ରହ କରାଯାଉଥିବା ସୂଚନା ଦିଆଯାଇଛି। ଏମ୍‌କେସିଜିରେ ଥିବା କୋଭିଡ୍ ହସ୍ପିଟାଲ ଓ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଆଇସୋଲେଶନ ୱାର୍ଡ ପ୍ରସ୍ତୁତ ଥିବା ଜିଲାପାଳ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।







ପ୍ରଥମେ ନିଜର ପ୍ରକୃତିକୁ ଭଲ ଭାବରେ ଜାଣିରଖ। ତା'ପରେ ନିଜର ଚିନ୍ତା, ଅନୁଭୂତି, କ୍ରିୟାକର୍ମ ଓ କଥାବାର୍ତ୍ତା ଉପରେ କର୍ତ୍ତୃତ୍ୱ ରଖ। ତା'ଫଳରେ ତୁମ ପ୍ରକୃତି ଉପରେ ତୁମର ପ୍ରଭୁତ୍ୱ ଆସିବ ଏବଂ ତା'ର ରୂପାନ୍ତର ସମ୍ଭବ ହେବ। —ଶ୍ରୀମା

# ନିରପେକ୍ଷ ଗଣମାଧ୍ୟମ ଲୋଡ଼ା



ଆକାର ପଟେଲ

କିଛିଦିନ ପୂର୍ବେ ମୁଁ 'ପ୍ରାଇସ୍ ଅଫ୍ ଦି ମୋଦି ଇୟର୍ସ' ବହି ଲେଖା ଶେଷ କରିଥିଲି। ୨୦୧୪ ପରବର୍ତ୍ତୀ ଭାରତ ଇତିହାସର ବିଷୟବସ୍ତୁ ଉପରେ ଏହା ଆଧାରିତ। ମୁଁ ସବୁ ଘଟଣା ଏବଂ ରାଜନୀତିର ବିଭିନ୍ନ ଭାଗ ଯଥା ଅର୍ଥବ୍ୟବସ୍ଥା, ଜାତୀୟ ସୁରକ୍ଷା, ଶାସନ ବ୍ୟବସ୍ଥା, ନ୍ୟାୟିକ ବ୍ୟବସ୍ଥା ଏବଂ ଆହୁରି ଏମିତି ଅନେକ ଦିଗର ତଥ୍ୟ ଉପରେ ନିରୀକ୍ଷଣ କରିଛି। ବହିର ବିଷୟବସ୍ତୁ ଉପରେ ବ୍ୟାଖ୍ୟା କରିବାକୁ ଚାହୁଁ ନାହିଁ, କାରଣ ଏଥିରେ ବହୁତ କିଛି ପ୍ରଦାନ କରାଯାଇଛି ଏବଂ ପ୍ରତ୍ୟେକ ଘଟଣାରେ ମୋର କେତେକ ଦୃଷ୍ଟିକୋଣ ସମ୍ଭବତଃ ପାଠକମାନେ ଜାଣିସାରିଛନ୍ତି। କିନ୍ତୁ ବହିରେ ତଥ୍ୟର ଉତ୍ସଗୁଡ଼ିକ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଏଥିରେ ଉଦ୍ଧୃତ ଉତ୍ସଗୁଡ଼ିକରେ ଦ ୱେର ୱେବ୍‌ସାଇଟ୍‌କୁ ୮୫ ଥର, ସ୍କ୍ରୋଲ୍ ୱେବ୍‌ସାଇଟ ୫୪ ଥର ଏବଂ ଟାଇମ୍ସ ଅଫ୍ ଇଣ୍ଡିଆ ୩୭ ଥର ଉଲ୍ଲେଖ କରାଯାଇଛି। ଏଭଳି କରିବାର କାରଣ ବି ରହିଛି। ଉକ୍ତ ୱେବ୍‌ସାଇଟଗୁଡ଼ିକ ବିଭିନ୍ନ ପ୍ରକାରର ଅଧିକ ସଂଖ୍ୟକ ରିପୋର୍ଟ ପ୍ରସ୍ତୁତ କରିବା ଲକ୍ଷ୍ୟ କରି ମୁଁ ଖବରକାଗଜ ଅପେକ୍ଷା ଏଗୁଡ଼ିକ ପ୍ରତି ଆଗ୍ରହୀ ହୋଇଥିଲି। ଘଟଣା ହେଉଛି, ଗତ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଏହି ୱେବ୍‌ସାଇଟଗୁଡ଼ିକ ଏବଂ ଏମାନଙ୍କ ଭଳି ନ୍ୟୁଜ କ୍ଲିକ୍, ଦି ଟାଇମ୍ସ ମିନିଟ ଏବଂ ଅଲ୍ଟ ନ୍ୟୁଜ ଟ୍ରାଡିଶନାଲ ମିଡିଆ ଭଳି ଗୁରୁତ୍ୱପୂର୍ଣ୍ଣ ଉତ୍ସ ହୋଇପାରିଛନ୍ତି। ଉକ୍ତ ସାଇଟ୍‌ଗୁଡ଼ିକ ମଧ୍ୟରୁ ଅଧିକାଂଶ ସାଇଟ୍‌କୁ ସାମ୍ବାଦିକମାନେ ପ୍ରତିଷ୍ଠା କରି ଅନ୍ୟମାନଙ୍କଠାରୁ ପ୍ରାପ୍ତ ଦାନ ଏବଂ କିଛି ଅନୁଦାନରେ ଏହାକୁ ବଞ୍ଚାଇ ରଖିଛନ୍ତି। ବୃହତ୍ ବିଜ୍‌ନେସ ହାଉସ୍ କିମ୍ବା ଟ୍ରାଡିଶନାଲ ମିଡିଆ ହାଉସ୍ ଏହି ସାଇଟ୍‌ଗୁଡ଼ିକର ମାଲିକ ନୁହନ୍ତି ଏବଂ ଏହି କାରଣ ଯୋଗୁ ଏମାନଙ୍କର ବିଷୟବସ୍ତୁ ଭିନ୍ନ। ବିଭିନ୍ନ ବିଷୟରେ ଟ୍ରାଡିଶନାଲ ମଡିଆ ବା ପାରମ୍ପରିକ ଗଣମାଧ୍ୟମ ସରକାରଙ୍କ ଉପରେ ନିର୍ଭରଶୀଳ। ଉଦାହରଣ ସ୍ୱରୂପ ; ପ୍ରତିବର୍ଷ ମୋଦି ସରକାର ୧୨୦୦ କୋଟି ଟଙ୍କା (ପ୍ରତି ମାସରେ ୧୦୦ କୋଟି ଟଙ୍କା) ବିଜ୍ଞାପନ ବାବଦରେ ଖର୍ଚ୍ଚ କରୁଛନ୍ତି। ଏହାବାଦ୍ ଦ ସେଣ୍ଟ୍ରାଲ୍ ପବ୍ଲିକ୍ ସେକ୍ଟର ୟୁନିଟ୍‌ଗୁଡ଼ିକ ଆଉ ୧୦୦୦ କୋଟି ଟଙ୍କା କିମ୍ବା ଏହାଠରୁ ଅଧିକ ଖର୍ଚ୍ଚ କରୁଛନ୍ତି। ଏଣୁ ପ୍ରତିମାସରେ ପାଖାପାଖି ୨୦୦ କୋଟି ଟଙ୍କା ମିଡିଆକୁ ଦିଆଯାଉଛି।

ଏହାବାଦ୍ ଅନ୍ୟ ସବୁ ବିଷୟ ମଧ୍ୟରେ ରହିଛି ଟିଭି ଷ୍ଟେସନ ପାଇଁ ଲାଇସେନ୍ସ, ମାଗଣା କିମ୍ବା ରିହାତିରେ ଜମି ଆବଣ୍ଟନ ଏବଂ ମେଶିନ ଓ ନ୍ୟୁଜପ୍ରିଣ୍ଟ (ନ୍ୟୁଜ ପେପର୍‌ର କାଗଜ) ଉପରେ ସୀମାଶୁଳ୍କ ଓ ଉତ୍ପାଦ ଶୁଳ୍କ। ତା'ପରେ ବୃହତ୍ ମିଡ଼ିଆ ହାଉସଗୁଡ଼ିକ ଆୟୋଜନ କରୁଥିବା ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ବା ସମ୍ମିଳନୀକୁ ପ୍ରଧାନମନ୍ତ୍ରୀ ଏବଂ ଅନ୍ୟ ମନ୍ତ୍ରୀମାନଙ୍କୁ ନିମନ୍ତ୍ରଣ କରାଯାଏ। ଯେତେବେଳେ ପ୍ରଧାନମନ୍ତ୍ରୀ କୌଣସି ଏକ ଶୀର୍ଷକ କିମ୍ବା ଷ୍ଟୋରୀକୁ ନେଇ ଅସନ୍ତୋଷ ପ୍ରକାଶ କରନ୍ତି ସେତେବେଳେ ସେ ସମ୍ମିଳନୀରେ ଉପସ୍ଥିତ ରହିବାକୁ ମନା କରନ୍ତି ଏବଂ ତାଙ୍କ ପରେ ଅନ୍ୟ ମନ୍ତ୍ରୀମାନଙ୍କୁ ବାତିଲ କରିବାର ପଥ ପରିଷ୍କାର ହୋଇଯାଏ। ଏହାଯୋଗୁ କାର୍ଯ୍ୟକ୍ରମ ପ୍ରାୟୋଜକମାନେ ସେମାନଙ୍କ ପ୍ରାୟୋଜନର ସମ୍ପୂର୍ଣ୍ଣ ମୂଲ୍ୟ ପାଇଲେ ନାହିଁ ବୋଲି ଅଭିଯୋଗ ବାଢ଼ନ୍ତି। ଏହି ସବୁ କାରଣ ଯୋଗୁ ଟ୍ରାଡିଶନାଲ ମଡିଆ ସରକାରୀ ଚାପର ସମ୍ମୁଖୀନ ହୁଅନ୍ତି। କିନ୍ତୁ ୱେବ୍‌ସାଇଟରେ ଏହା ହୋଇ ନ ଥାଏ। ଏମାନଙ୍କୁ ନିୟନ୍ତ୍ରଣ କରିବା ତଥା ଚାପ ପକାଇବା ଲାଗି ମୋଦି ସରକାର ସୂଚନା ଓ ପ୍ରଯୁକ୍ତିବିଦ୍ୟା ( ଇଣ୍ଟରମିଡିଏଟୋରି ଗାଇଡ୍‌ଲାଇନସ୍ ଆଣ୍ଡ୍ ଡିଜିଟାଲ ମିଡିଆ ଏଥିକ୍ସ କୋଡ୍)ନିୟମ,୨୦୨୧ ଆରମ୍ଭ କରିଛନ୍ତି। ଏଥିରେ ନିରୀକ୍ଷଣ ପ୍ରକ୍ରିୟା ସୃଷ୍ଟି କରାଗଲା ଏବଂ ଏହା ଇଣ୍ଟରନେଟ ପାଇଁ କାମ କରିବ। ଟିଭି ରେଗୁଲେଶନ ପାଇଁ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଯେମିତି କଲା ଏହା ସେମିତି କରିବ। ଇଣ୍ଟରନେଟ୍ ଏପରି କି ମେସେଜିଂ ସର୍ଭିସଗୁଡ଼ିକରେ ସବୁ ବିଷୟକୁ ସରକାର ନିରୀକ୍ଷଣ ଓ ନିୟନ୍ତ୍ରଣ କରିବାକୁ କ୍ଷମତା ପାଇଗଲେ। ଏହି ନିୟମ ଇ- ନ୍ୟୁଜପେପରକୁ ବାଦ ଦେଇଛି। ଅର୍ଥାତ ପ୍ରତିଷ୍ଠିତ ପ୍ରକାଶନ ସଂସ୍ଥାଗୁଡ଼ିକ (ଯେଉଁମାନେ ସରକାରଙ୍କଠାରୁ ଟଙ୍କା ନେଇଥାନ୍ତି) ଦି ୱେର ଡଟ୍ ଇନ, ସ୍କ୍ରୋଲ ଡଟ୍ ଇନ ଏବଂ ନ୍ୟୁଜ କ୍ଲିକ୍ ଇନ୍ ଭଳି ସ୍ୱାଧୀନ ମିଡିଆ ହାଉସଠାରୁ ଅଧିକ ଉପକୃତ ବା ଲାଭାନ୍ୱିତ ହେବେ। ଯଦି ଆପଣଙ୍କର ଏକ ନ୍ୟୁଜ୍ ୱେବ୍‌ସାଇଟ ଅଛି ଏବଂ ନ୍ୟୁଜ୍ ପେପର ନାହିଁ, ତେବେ ଆପଣଙ୍କ ୱେବ୍‌ସାଇଟ ନିୟମାନୁସାରେ ନିୟନ୍ତ୍ରିତ ହେବ। ସୂଚନା ପ୍ରଯୁକ୍ତି ବିଦ୍ୟା ନିୟମ, ୨୦୨୧ରେ ନ୍ୟୁଜ ମିଡିଆକୁ ନିରୀକ୍ଷଣ କି ନିୟନ୍ତ୍ରଣ କରିବାକୁ ଏହାର ଆଇନଗତ ଅଧିକାର ରହିଲା ନାହିଁ। ଅତ୍ୟଧିକ କ୍ଷମତା ଯୋଗକରି ପରିବର୍ତ୍ତନ କରାଗଲା, ଯାହା ମୂଳ ଆଇନରୁ ବହୁ ଦୂରରେ ରହିଲା।

ନୂଆ ନିୟମ ମଧ୍ୟ ସିଧାସଳଖ ନାଗରିକଙ୍କୁ ପ୍ରଭାବିତ କରୁଛି। ହ୍ୱାଟସ୍‌ଆପ, ସିଗନାଲ ଏବଂ ଟେଲିଗ୍ରାମ ଭଳି ମେସେଜିଂ ସର୍ଭିସଗୁଡ଼ିକୁ କୌଣସି ଏକ ବିଷୟର ସୃଷ୍ଟିକର୍ତ୍ତାଙ୍କୁ ଚିହ୍ନଟ କରିବାକୁ ଦରକାର ପଡ଼ିବ। ଉଦାହରଣ ସ୍ୱରୂପ ଜଣେ ଯଦି ପ୍ରଧାନମନ୍ତ୍ରୀଙ୍କୁ ସମାଲୋଚନା କରି କାର୍ଟୁନ କରିଥାନ୍ତି ଓ ତାହା ଭାଇରାଲ ହାଇଥାଏ, ତେବେ ତାଙ୍କୁ ଚିହ୍ନଟ କରିବାକୁ ହେବ। ଚିହ୍ନଟ କରିବାର ଆବଶ୍ୟକାତା ଥିବାରୁ ଗୁପ୍ତ ଭାବରେ ସୂଚନା ପଠାଇବା କିମ୍ବା ଷ୍ଟୋର କରି ରଖିବା ପ୍ରକ୍ରିୟାକୁ ନଷ୍ଟ କରିଦେବ। କେନ୍ଦ୍ର ସରକାରଙ୍କ ଦ୍ୱାରା ଏକ ନିରୀକ୍ଷଣ ପ୍ରକ୍ରିୟା ରହିବ ବୋଲି ଏହି ଆଇନ କହେ। ସବୁ ୱେବ୍ ଆଧାରିତ ପ୍ଲାଟଫର୍ମଗୁଡ଼ିକରେ ଭିଡ଼ିଓ କଣ୍ଟେଣ୍ଟର ସେନ୍‌ସର ବ୍ୟବସ୍ଥା ରହିବ ବୋଲି ଏହା ମଧ୍ୟ ଦର୍ଶାଏ। ନିୟମାନୁସାରେ ସରକାର ପ୍ଲାଟଫର୍ମର ବିଷୟବସ୍ତୁକୁ ବ୍ଲକ୍ କରିଦେଇପାରିବେ। ପ୍ରକାଶିତ ବିଷୟ ଉପରେ ପ୍ଲାଟଫର୍ମଗୁଡ଼ିକ କ୍ଷମା ମାଗିବେ। ଏହା ଭାରତର ଭବିଷ୍ୟତ ପାଇଁ ଭଲ ନୁହେଁ। ସରକାର ଅତ୍ୟନ୍ତ କ୍ଷମତାଶାଳୀ ଏବଂ ପ୍ରଧାନମନ୍ତ୍ରୀ ମଧ୍ୟ ଭାରି ଲୋକପ୍ରିୟ। ବିରୋଧୀମାନେ ଏବେ ସୁଦ୍ଧା ନିଜକୁ ସଂଗଠିତ କରିପାରିନାହାନ୍ତି ଏବଂ ସାମ୍ପ୍ରଦାୟିକ ଏକଚ୍ଛତ୍ରବାଦ ବିରୋଧରେ ସ୍ୱର ଉଠାଇବାକୁ ସକ୍ଷମ ହୋଇନାହାନ୍ତି। ଆମ ଦେଶରେ ଯାହା ସବୁ ଘଟୁଛି ତାହା ପ୍ରକାଶ କରିବା ଲାଗି ଭାରତ ଚାହେଁ ଏକ ସ୍ୱାଧୀନ ତଥା ନିରପେକ୍ଷ ଗଣମାଧ୍ୟମ। କିନ୍ତୁ ଏହା କିପରି ହୋଇ ନ ପାରିବ ସେଥିପାଇଁ ସରକାର ସବୁ ପ୍ରକାର ପ୍ରୟାସ କରୁଛନ୍ତି।

Email:aakar.patel@gmail.com

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | 2 | 1 |
| | | | | | 9 | | 7 | |
| 2 | | 4 | | | | 3 | | 8 |
| 1 | 2 | | | | | | | 5 |
| 7 | | 5 | | | 4 | 8 | | 6 |
| | 6 | | | | | | | |
| | | 9 | 1 | | | | | |
| 5 | 8 | | | 9 | | | | |
| | 4 | | | 3 | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | 3 | 8 | 5 | C | B | 2 | 9 | 0 | E | 7 | 6 | 1 | D | A |
| C | 2 | 5 | 7 | E | 1 | 6 | 3 | A | 8 | D | B | 4 | 9 | 0 |
| 0 | 6 | E | 3 | 9 | 2 | C | D | 7 | 4 | 1 | A | 8 | B | 5 |
| B | D | 9 | 4 | A | 0 | 8 | 1 | 5 | 3 | C | 2 | 7 | 6 | E |
| 1 | 7 | A | D | 8 | 6 | B | E | 4 | 9 | 0 | 5 | C | 3 | 2 |
| 8 | B | 0 | A | 3 | 5 | E | 4 | 2 | D | 9 | 1 | 6 | 7 | C |
| 6 | E | 1 | 8 | 4 | 9 | 3 | C | D | 2 | 5 | 7 | A | 0 | B |
| 3 | A | 7 | 2 | 1 | E | 5 | 0 | 9 | B | 6 | C | D | 4 | 8 |
| D | 4 | C | B | 0 | 7 | 1 | 8 | 6 | A | 3 | E | 2 | 5 | 9 |
| 5 | 9 | 2 | C | 6 | D | 7 | A | B | 0 | 4 | 8 | 3 | E | 1 |
| 9 | 8 | 4 | 0 | D | C | A | 2 | E | 7 | B | 3 | 5 | 1 | 6 |
| 7 | 0 | D | 1 | 5 | A | 4 | B | 8 | 6 | 2 | 9 | E | C | 3 |
| 2 | 5 | 3 | E | B | 4 | D | 6 | C | 1 | 8 | 0 | 9 | A | 7 |
| E | C | 6 | 9 | 2 | 3 | 0 | 7 | 1 | 5 | A | D | B | 8 | 4 |
| A | 1 | B | 6 | 7 | 8 | 9 | 5 | 3 | C | E | 4 | 0 | 2 | D |

ଗତକାଲିର ଉତ୍ତର

# ନୀଳବର୍ଣ୍ଣ ଓଡ଼ିଆଙ୍କ କଥା

ଚିତ୍ର ଚରିତ୍ର



ଅଧ୍ୟାପକ ନିରଞ୍ଜନ ପାଢ଼ୀ

ଏ କଥାଟି ଯେଉଁମାନଙ୍କ ସମ୍ପର୍କରେ କୁହାଯାଇଛି, ସେମାନଙ୍କ ପାଖରେ ଏହା ପହଞ୍ଚିବ ବୋଲି ଆଦୌ ବିଶ୍ୱାସ ନାହିଁ। ଆଧୁନିକତା ଓ ମିଥ୍ୟା ସଂଭ୍ରାନ୍ତପଣର ଆବାହନ ମଧ୍ୟରେ ଓଡ଼ିଆ ଖବରକାଗଜ ପଢ଼ିବାକୁ ଯେଉଁମାନେ ମାନମର୍ଯ୍ୟାଦା, ପାଣ୍ଡିତ୍ୟ ଓ ପ୍ରତିଷ୍ଠାର ପରିପନ୍ଥୀ ବୋଲି ବିଚାରନ୍ତି, ନିଜ ବୈଠକଖାନାର ଟେବୁଲ ଉପରେ ଖଣ୍ଡିଏ ଓଡ଼ିଆ ଖବରକାଗଜ ପଡ଼ି ରହିବାକୁ ନିଜ ସଂଭ୍ରାନ୍ତ ସ୍ୱରୂପ ପ୍ରତି ଚରମ ଅସମ୍ମାନ ବୋଲି ମନେକରନ୍ତି, ସେମାନଙ୍କ ଦୃଷ୍ଟିରେ ଏଇ ନିବନ୍ଧଟି ପଢ଼ିବାର ସାମାନ୍ୟ ସମ୍ଭାବନା ନ ଥାଇ ମଧ୍ୟ କଥାଟି କୁହାଯାଇଛି। କଥା ତ ନୁହେଁ, ମରମ ତଳର ଏକ ବ୍ୟଥା, ଯାହାକୁ ଏ ସ୍ତମ୍ଭର ସମଦର୍ଶୀ ପାଠିକାପାଠକଙ୍କ ସହ ବାଣ୍ଟି ବେଦନା ଲାଘବ କରିବାର ଆଶାଟିଏ ରହିଛି। ନିଜ ଆଚରଣରେ ଗୋଟିଏ ଜାତି ଓ ତାହାର ଭାଷାକୁ ଆହତ କରୁଥିବା ଲୋକେ କେହି ନ ଶୁଣନ୍ତୁ ପଛେ, ଆହା ବୋଲି କହି ସାହା ହେବା ପାଇଁ ଅନ୍ୟ କେହି ଆଗେଇ ନ ଆସନ୍ତୁ ପଛେ ; 'ଦୁଃଖ ବାଣ୍ଟିଲେ ସରେ' ନ୍ୟାୟରେ ଏହି ପ୍ରସଙ୍ଗଟିର ଅବତାରଣା।

ଏଇ ଚାରିଦିନ ତଳେ ଭାଷାଭିତ୍ତିରେ ଗଢ଼ା ହୋଇଥିବା ଆମ ପ୍ରିୟ ଜନ୍ମଭୂମି ଓଡ଼ିଶାକୁ ପୂରିଲା ପଞ୍ଚାଅଶୀ ବର୍ଷ। ଏହି ପଞ୍ଚାଅଶୀ ବର୍ଷର ଗୌରବୋଦୀପ୍ତ ଅତୀତ ମଧ୍ୟରେ ଆମେ ଆମ ମାଟି ଓ ଭାଷାର ଉତ୍ତରଣକୁ ନେଇ ବହୁବାର ଗର୍ବ କରିଛୁ। ଗର୍ବ କରିଛୁ ଜଗନ୍ନାଥ ଦେଶର ଲୋକ ଭାବେ ପରିଚିତ ହୋଇ, ଗର୍ବ କରିଛୁ ଏଇ ମାଟିର ମହାନ୍ ସଂସ୍କାର, ସଂସ୍କୃତି, ଐତିହ୍ୟ, ପରମ୍ପରା ତଥା ପଖାଳକୁ ନେଇ, ପୁଣି ଗର୍ବ କରିଛୁ 'ଓଡ଼ିଆ ଏକ୍‌ଟା ସ୍ୱତନ୍ତ୍ର ଭାଷା ନୟ' କହି ଅତୀତରେ ଆମ ଛାତିରେ ହାତୁଡ଼ି ପିଟିଥିବା ବଙ୍ଗାଳୀ ବଡ଼ପଣ୍ଡାମାନଙ୍କୁ ପଛକୁ ଠେଲି ଆମ ଭାଷାର ଶାସ୍ତ୍ରୀୟ ମାନ୍ୟତା ହାସଲ କରି। ଏତେ ସବୁ ଗର୍ବ ଓ ଗୌରବବୋଧ ମଧ୍ୟରେ ଉତ୍କଳୀୟ ସାଂସ୍କୃତିକ ଚେତନାର ପ୍ରବାହ ପୁଣି ବେଳେବେଳେ ଦାରୁଣ ଧକ୍କାର ସମ୍ମୁଖୀନ ହେଉଛି, ଯେତେବେଳେ ଆଖିରେ ପଡ଼ୁଛି କେଇଜଣ ଆଧୁନିକ ବୋଲାଉଥିବା ଓଡ଼ିଆଙ୍କ ଚେହେରା, ଯେଉଁମାନେ ନୀଳବର୍ଣ୍ଣ ଶୃଗାଳଟି ପରି ଆପଣାର ନୂଆ ରଙ୍ଗରୂପକୁ ନେଇ ନିଜ ଜାତିର ସ୍ୱରୂପ ଓ ସ୍ୱଭାବ ପ୍ରତି ନାସିକା କୁଞ୍ଚନ କରନ୍ତି! ନିଜ ମାତୃଭାଷା ହେୟ ହତାଦର କରି ପ୍ରତିବେଶୀ ବା ବିଦେଶୀ ଭାଷାର ସ୍ତୁତିଗାନ କରନ୍ତି!

ଏବେ ଯେକୌଣସି ଅତ୍ୟାଧୁନିକ ଶିକ୍ଷାନୁଷ୍ଠାନ ପରିସରରେ ଘେରାଏ ବୁଲି ଆସିଲେ ସ୍କୁଲ ବା କଲେଜର ବିଦ୍ୟାର୍ଥୀମାନେ ପରସ୍ପର ମଧ୍ୟରେ ଯେଉଁ ଭାଷାରେ କଥା ହେଉଥିବା ନଜରକୁ ଆସିବ, ସେଇ ଭାଷା ହିନ୍ଦୀ ବା ଇଂଲିଶ୍ ହୋଇଥିବ ସିନା ଓଡ଼ିଆ ହୋଇ ନ ଥିବ! ଅଥଚ ସ୍କୁଲ ବା କଲେଜଟି ଓଡ଼ିଶା ମାଟିରେ ଛିଡ଼ା ହୋଇଥିବ, ସେଠାରେ ପଢୁଥିବା ଛାତ୍ରୀଛାତ୍ରମାନେ ସବୁ ଦୃଷ୍ଟିରୁ ଓଡ଼ିଆ ପରିବାରର ଦାୟାଦ ଥିବେ, ଓଡ଼ିଶାର ପାଣି ପବନ ଓ ପଖାଳର ବିଶୁଦ୍ଧ ବାସ୍ନାରେ ସୁରଭିତ ହୋଇଥିବ ସେମାନଙ୍କ ସୁକୁମାର ଶୈଶବ। ଓଡ଼ିଆ ପରିବାରର ପୁଅ ଝିଅମାନେ ବଡ଼ ହୋଇ ବେଶି ପାଠ ପଢ଼ିଲେ, ଆଧୁନିକ ବୋଲାଇଲେ କ'ଣ ନିଜର ମୂଳ ସଂସ୍କାର ନିର୍ବାସନରେ ଚାଲିଯାଏ ? ଶ୍ରେଣୀକକ୍ଷ ବାହାରେ ଦୁଇ ଜଣ ଓଡ଼ିଆ ପୁଅ ବା ପୁଅଝିଅ ପରସ୍ପର ସହ ନିଜ ମାତୃଭାଷା ଓଡ଼ିଆରେ କଥା ହେଲେ କ'ଣ 'ବ୍ୟାକ୍‌ୱାର୍ଡ' ଭଳି ଏକ ବିଶେଷଣର ଶିକାର ହେବାକୁ ପଡ଼େ? କେଜାଣି!

ନବ୍ୟ ଆଧୁନିକତାର ଭବ୍ୟ ଆକର୍ଷଣରେ ଯୁବାବର୍ଗ ହୁଏତ ନିଜ ସଂସ୍କାରକୁ ବିସ୍ମରି ଯାଇ ମାତୃଭାଷାର ଆକର୍ଷଣକୁ ମୁହଁମୋଡ଼ି ଚାଲିଯାଇପାରନ୍ତି। ମାତ୍ର ବରିଷ୍ଠ ବର୍ଗ, ଯେଉଁମାନେ ଶୈଶବଠାରୁ ବାର୍ଦ୍ଧକ୍ୟଯାଏ ସବୁମତେ ଓଡ଼ିଆ, ସେମାନେ କେମିତି ନିଜ ଅସ୍ମିତାଠୁ ଦୂରେଇ ଯାଇପାରନ୍ତି! କେମିତି ବାଟ ଭାଙ୍ଗି ଚାଲିଯାଇ ପାରନ୍ତି ଓଡ଼ିଆତ୍ୱର ଅବବୋଧ ଭଳି ଏକ ଦିବ୍ୟ ଆକର୍ଷଣରୁ।

ରାଜଧାନୀର ସାରସ୍ୱତ ମହୋତ୍ସବ କୁହାଯାଉଥିବା ଏକ ପୁସ୍ତକମେଳାରେ ଓଡ଼ିଆ ଭାଷାରେ କିଛି କିଛି ଲେଖୁଥିବା ଜଣେ ବିଦ୍ୱାନଙ୍କ ସହ ଭେଟ ହୋଇଗଲା। ସମଧର୍ମା ଜଣେ ସାହିତ୍ୟିକ ବନ୍ଧୁଙ୍କ ସହ ଆଳାପ କରୁଥିଲା ବେଳେ ବନ୍ଧୁ ପଚାରିଦେଲେ, ''କି କି ବହିସବୁ କିଣିଲେ?' ଯାହା ଉତ୍ତର ମିଳିଲା, ତାହା ମଧ୍ୟରେ ପ୍ରତିଫଳିତ ହେଉଥିଲା ନିଜ ମାତୃଭାଷା ଓ ସେଇ ମାତୃଭାଷାରେ ଲିଖିତ ସାହିତ୍ୟ ପ୍ରତି ଚରମ ଅବଜ୍ଞାଭାବ। ମହାଶୟ କହିଲେ, ଓଡ଼ିଆ ଭାଷାରେ କି ଭଲ ବହି ଅଛି ଯେ କିଣିବା। କେଇଖଣ୍ଡ ଇଂଲିଶ୍ ଓ ବଙ୍ଗଳା ବହି କିଣି ଫେରିଲି। ତାଙ୍କ କଥାରୁ ଜଣାପଡୁଥିଲା, ସେ ଯେମିତି ଏଯାବତ୍ ଓଡ଼ିଆ ଭାଷାରେ ପ୍ରକାଶିତ ସବୁ ବହିକୁ ଚର୍ବିତ ଚର୍ବଣ କରି ଦେଇଛନ୍ତି ଓ ତାଙ୍କ ବିଜ୍ଞ ପାଠକୀୟତାର ସଶ୍ରଦ୍ଧ ସ୍ୱୀକୃତି ଲାଭ କରିବାକୁ ଖଣ୍ଡିଏ ବି ବହି ସମର୍ଥ ହୋଇପାରିନାହିଁ। ଭୁଲିଗଲେ ଚଳିବ ନାହିଁ ଯେ, ମହାଶୟ କେହି ସାଧାରଣ ଓଡ଼ିଆ ନ ଥିଲେ। ସେ ଥିଲେ ନିଜେ ଜଣେ ଲେଖକ ଓ ତାଙ୍କ ଭାଷାରେ ଭାଷା ସାହିତ୍ୟ ମଧ୍ୟରେ ଉବୁଟୁବୁ ହେଉଥିବା ଜଣେ ସମର୍ପିତ ସାରସ୍ୱତ ସାଧକ। ସୁତରାଂ, ତାଙ୍କ ଭଳି ପାଠକଙ୍କ ପଢ଼ିବା ପାଇଁ ଯଦି ଭଲ ଖଣ୍ଡିଏ ଓଡ଼ିଆ ବହି ନାହିଁ, ତେବେ ଧନ୍ୟ କହିବା ଆମ ସାଧାରଣ ପାଠକଙ୍କୁ, ଯେଉଁମାନେ ଆପଣାର ଉଦାରତା ନେଇ ଏକ ଅପାଠ୍ୟ ଓଡ଼ିଆ ସାହିତ୍ୟର ପୃଷ୍ଠା ପରେ ପୃଷ୍ଠା ପଢ଼ି ଚାଲିଛନ୍ତି, ଯାହା ଫଳରେ ଏଯାଏ ବି ଓଡ଼ିଆ ପ୍ରକାଶକଙ୍କ ପ୍ରକାଶନ ସଂସ୍ଥା ବନ୍ଦ ହୋଇ ଯାଇନାହିଁ କି ଓଡ଼ିଆରେ ଲେଖୁଥିବା ଲେଖକଙ୍କ କଲମରୁ କାଳି ଶୁଖି ଯାଇନାହିଁ !

କୁହାଯାଏ କି ମାତୃଭାଷା ହେଉଛି ଆଖି ଓ ଅନ୍ୟ ସବୁ ପ୍ରତିବେଶୀ ବା ବିଦେଶୀ ଭାଷା ହେଉଛି ଚଷମା। ତେବେ ଆଖି ଥିଲେ ସିନା ଚଷମା! ଅଥଚ ବିଡ଼ମ୍ବନାର ବିଷୟ ମିଥ୍ୟା ଆଧୁନିକତାର ମୋହରେ କେତେ ଜଣ ଓଡ଼ିଆ ସେମାନଙ୍କ ପିଲାମାନଙ୍କୁ ବିନା ଆଖିରେ ବି ଚଷମା ପିନ୍ଧାଇ ଆହ୍ଲାଦିତ ହେଉଛନ୍ତି। ଶିଶୁଟି କଥା କହିବା ଆରମ୍ଭ କରିବା ମାତ୍ରେ ତାକୁ ପାରମ୍ପରିକ 'ବାପା', 'ବୋଉ' ଶିଖାଇବା ପରିବର୍ତ୍ତେ 'ଡାଡି', 'ମମି' ରେ ବୁଡ଼ାଇ ରଖୁଛନ୍ତି। ତା' ଆଖି ଆଗରେ ଆସୁଥିବା ଯେ କୌଣସି ବସ୍ତୁକୁ ଇଂଲିଶ ଶବ୍ଦରେ ଚିହ୍ନାଇ ଦେଉଛନ୍ତି। ଆଉ ପିଲାଟି ଯେତେବେଳେ ପ୍ରଶିକ୍ଷଣ ଅନୁଯାୟୀ ସେମାନଙ୍କୁ ଡାଡି, ମମି ଡାକୁଛି, ଦୁଧକୁ 'ମିଲ୍‌କ' କହୁଛି ବା ରଙ୍ଗକୁ 'କଲର' କହି ଚିହ୍ନାଉଛି, ସେତେବେଳେ ଏକ ଅପୂର୍ବ ଆତ୍ମତୃପ୍ତିରେ ଝଲସି ଉଠୁଛି ସେମାନଙ୍କ ପିତୃତ୍ୱ ଓ ମାତୃତ୍ୱ। କେବଳ ସହରର ଶିକ୍ଷିତ ବଡ଼ବଡ଼ିଆ ନୁହେଁ, ଗାଁରୁ ଆସି ସହରରେ ବସା ବାନ୍ଧୁଥିବା ଅଶିକ୍ଷିତ ଲୋକଟି ମଧ୍ୟ ଏ କଥା ବୁଝି ଯାଉଛି ଯେ ଇଂଲିଶ ନ କହିଲେ ଭବିଷ୍ୟତ ଉନ୍ନତ ନୁହେଁ।

କେଇବର୍ଷ ତଳେ ଦିଲ୍ଲୀରେ ଏକ ଉଚ୍ଚ ପଦବୀରେ ଅଧିଷ୍ଠିତ ଥିବା ଜଣେ ଓଡ଼ିଆ ବାବୁଙ୍କ ସହ ଆଳାପ କରୁଥିଲା ବେଳେ ଖ୍ୟାତନାମା ଲେଖକ ମନୋଜ ଦାସଙ୍କ ଏକ ନିର୍ଦ୍ଦିଷ୍ଟ ବହି ପଢ଼ିଛନ୍ତି କି ନାହିଁ ବୋଲି ଏ ଲେଖକ ପଚାରି ଯେଉଁ ଉତ୍ତର ପାଇଥିଲା ତା' ମଧ୍ୟରେ ପ୍ରତିଫଳିତ ହେଉଥିଲା ଓଡ଼ିଆ ଭାଷା ବିରୋଧରେ ଓଡ଼ିଆ ଲୋକଙ୍କର ବିଚିତ୍ର ହୀନମନ୍ୟତା। ସେ କହିଥିଲେ, ''ଥରେ ଇଂଲିଶ ନଭେଲ ବା ଷ୍ଟୋରିର ମାଦକତା ଉପଭୋଗ କଲା ପରେ ଯେ ଓଡ଼ିଆ ଆଉ ଭଲ ଲାଗୁନି। ଓଡ଼ିଆ ଲେଖକମାନେ ଇଂଲିଶ ଲେଖକଙ୍କ ଭଳି ଓଜନଦାର ଲେଖା ଲେଖିବାକୁ ଆହୁରି କେତେ ଯୁଗ ଦରକାର।''

ଦିଲ୍ଲୀର ସେଇ ବାବୁଜଣକ ଯେଉଁ ଭାଷାରେ ଏ କଥାକୁ କହିଗଲେ, ସେଇ ଭାଷାର ନାମ ଥିଲା ଓଡ଼ିଆ। ଗୋଟିଏ ଭାଷା ପ୍ରତି ନିଜର ବିଦ୍ୱେଷ ପ୍ରକଟ କରିବାକୁ ସେଇ ଭାଷାର ସାହାଯ୍ୟ ଲୋଡ଼ିବା ଠୁଁ ଆଉ ଅଧିକ କୃତଘ୍ନତା କ'ଣ ଥାଇପାରେ! ପ୍ରତ୍ୟେକ ମଣିଷର ମାଆଟିଏ ଥାଏ, ମାତୃଭାଷାଟିଏ ବି ଥାଏ। ଜଣଙ୍କ କୋଳରେ ସେ ଜନ୍ମ ନେଇଥାଏ ଓ ଆଉ ଜଣଙ୍କୁ କଣ୍ଠସ୍ଥ କରି ସେ ଜୀବନ ସଡ଼କରେ ମୃତ୍ୟୁ ପର୍ଯ୍ୟନ୍ତ ଆଗେଇ ଚାଲେ। ଉଦାରତାରେ ଭରପୂର ଉଭୟଙ୍କ ହୃଦୟରୁ ସ୍ନେହଶ୍ରଦ୍ଧାର ଯେଉଁ ଅମୃତଧାରା ଅବିରତ ଝରି ଚାଲିଥାଏ, ତାହା କୌଣସି ସନ୍ତାନର ସମ୍ମାନ ଅସମ୍ମାନକୁ ଅପେକ୍ଷା ରଖେ ନାହିଁ। ମହୀୟସୀ ମାଆ ପରି ମହାନ୍ ମାତୃଭାଷାର ଏକ ମହନୀୟତାକୁ ସେଦିନ ସେ ଦିଲ୍ଲୀବାବୁ ବୁଝିଥାନ୍ତେ, ହେଲେ ଓଡ଼ିଆ ଆଉ ଭଲ ଲାଗୁନି ଭଳି ଏକ ଅକୃତଜ୍ଞ ମନ୍ତବ୍ୟ ଦେଇ ନିଜକୁ ଛୋଟ କରି ନ ଥାନ୍ତେ। ତାଙ୍କ ସନ୍ତାନ କେହି ଦିଲ୍ଲୀର କୌଣସି ପବ୍ଲିକ ସ୍କୁଲରେ ପଢୁଥାଇ ପାରନ୍ତି। ଇଂଲିଶରେ 'ଡାଡି ମମି' କହି ନିଜ ବାପା ମା'ଙ୍କୁ ସମ୍ବୋଧନ କରୁଥାଇ ପାରନ୍ତି। ତେବେ ସେହି ପିଲାଟିର ବା ପିଲାମାନଙ୍କର ପରିଚୟ କ'ଣ? ତାଙ୍କୁ ଓଡ଼ିଆ ଘରର ପୁଅଝିଅ ବୋଲି କହି ହେବ ତ ? ଘରେ ଡାଡି ମମିର ଆୱାଜ, ବିଦ୍ୟାଳୟରେ ହାଏ ହାଲୋର କୋଳାହଳ। ପୁସ୍ତକ ମେଳାରୁ ଇଂଲିଶ କମିକ ବହି କିଣା। ଓଡ଼ିଆତ୍ୱର ଏହି ବିପର୍ଯ୍ୟୟ ମଧ୍ୟରେ ଲାଳିତ ହେଉଥିବା ଓଡ଼ିଆ ଘରର ସେଇ ପିଲାଙ୍କୁ କ'ଣ ଓଡ଼ିଆ କହିହେବ ?

ରଜକର ନୀଳକୁଣ୍ଡରେ ପଡ଼ିଯାଇ ବାରବୁଲା ଶୃଗାଳଟି ଯେତେବେଳେ ନିଜ ଚେହେରାକୁ ଦେଖିଲା ସେତେବେଳେ ତା'ର ଏ ଦୁର୍ଦ୍ଦଶାରେ ଦୁଃଖିତ ହେବା ପରିବର୍ତ୍ତେ ପୁଲକିତ ହୋଇ ଉଠିଲା। ନିଜ ଶରୀର ବିଚିତ୍ର ବର୍ଣ୍ଣ ମଧ୍ୟରେ ସେ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା। ନିଜ ସ୍ୱରୂପ ସହିତ ସ୍ୱଭାବରେ ମଧ୍ୟ ଭିନ୍ନ ରଙ୍ଗ ଦେଇ ଅନ୍ୟମାନଙ୍କ ଦୃଷ୍ଟିରେ ଏକ ସଂଭ୍ରାନ୍ତ ଶ୍ୱାପଦ ଭାବେ ପରିଚିତ ହୋଇଥିଲେ ହେଁ ନିଜ ପାଖରେ ନିଜକୁ ଗୋପନ ରଖି ପାରି ନ ଥିଲା। ଦିନ ରାତିରେ ଯେତେବେଳେ ସେ ସ୍ୱଜାତୀୟ ଶୃଗାଳମାନଙ୍କ 'ହୁକେ ହୋ'ର ଉଚ୍ଚ ନାଦ ଶୁଣିପାରିଲା, ବଡ଼ ଅସ୍ଥିର ହୋଇ ଉଠିଲା ଏକ ଅନିର୍ବଚନୀୟ ମୁଗ୍ଧ ଅନୁଭବରେ। ନିଜ ମଧୁର ମାତୃଭାଷାର ମାଦକତାରେ ମୋହିତ ହୋଇ ସେ ତା' ମିଥ୍ୟା ପରିଚୟର ବୃଥା ଆଭିଜାତ୍ୟ ଭୁଲି ଯାଇଥିଲା। ବହୁଦିନ ଧରି ପିନ୍ଧି ଆସୁଥିବା ଶଠତା ଓ ପ୍ରବଞ୍ଚନାର ପରିଧାନ ପରିତ୍ୟାଗ କରି ମାତୃଭାଷାର ମାଧୁର୍ଯ୍ୟରେ ମତୁଆଲା। ସେଇ ନୀଳବର୍ଣ୍ଣ ଶୃଗାଳଟି ସେଦିନ ମନଭରି ଜବାବ ଦେଇଥିଲା ନିଜ ପରିଜନଙ୍କ ସ୍ୱର ସହିତ ସ୍ୱର ମିଳାଇ। କି ଅଦ୍ଭୁତ ନିଜ ମାତୃଭାଷାର ଆକର୍ଷଣ! କି ଅମୃତମୟ ଏହାର ଆବେଦନ।

ସେଇ ପଥଚ୍ଛୁଡ଼ା ନୀଳବର୍ଣ୍ଣ ଶୃଗାଳଟି ପରି ଯେଉଁ ଓଡ଼ିଆମାନେ ସଂସ୍କାର ଓ ସଂକଳ୍ପର ପଥ ଛୁଡ଼ି ଆଧୁନିକତାର ନୀଳକୁଣ୍ଡରେ ଖସିପଡ଼ି ନିଜ ଚେହେରାକୁ ନୀଳବର୍ଣ୍ଣରେ ରଞ୍ଜିତ କରି ଚାଲିଛନ୍ତି, ଆପଣା ଓଡ଼ିଆ ଚେହେରା ବଦଳରେ ଭିନ୍ନ ଚେହେରାରେ ପରିଚିତ ହେବାକୁ ଗୌରବ ମନେ କରିଛନ୍ତି, ସେମାନଙ୍କ କାନ ଦୁଇଟିକୁ କେବେ କ'ଣ ସ୍ପର୍ଶ କରିନାହିଁ ନିଜ ମାତୃଭାଷାର ମାଦକଭରା ମାଧୁର୍ଯ୍ୟ ? ନିଜ ପାଖରେ ନିଜକୁ ଓଡ଼ିଆ ବୋଲି ପରିଚିତ କରିବାରେ କାର୍ପଣ୍ୟ ପ୍ରକାଶ କରୁଥିବା ଏହି ନୀଳବର୍ଣ୍ଣ ଓଡ଼ିଆମାନେ ପ୍ରଥମେ ତ ଜଣେ ଜଣେ ମଣିଷ! ସାମାନ୍ୟ ପଶୁଟିଏ ହୋଇ ମଧ୍ୟ ସେଦିନ ସେଇ ନୀଳବର୍ଣ୍ଣ ଶୃଗାଳ ନିଜ ମାତୃଭାଷାର ଆତ୍ମିକ ଆହ୍ୱାନରେ ଆହ୍ଲାଦିତ ହୋଇ ପ୍ରମାଣ କରିଦେଇଥିଲା ଯେ ନିଜ ଜାତିର ଭାଷା ଆଗରେ କେତେ ତୁଚ୍ଛ ଯେତେ ସବୁ ମିଥ୍ୟା ପ୍ରତିଷ୍ଠା ଓ ପରିଚୟ। ଏ ସୃଷ୍ଟିର ଶ୍ରେଷ୍ଠ ଜୀବ ବୋଲାଉଥିବା ମଣିଷ କ'ଣ ସାମାନ୍ୟ ଶୃଗାଳଠାରୁ ଆହୁରି ହୀନ! ଆହୁରି ଇତର!!

ପ୍ରଜ୍ଞାନିଳୟ, ବିଦ୍ୟାପତି ନଗର
ଚକେଇସିହାଣି, ଭୁବନେଶ୍ୱର
ମୋ: ୮୮୯୫୬୨୪୧୦୫

# 'ସନାତନ' ସ୍ରଷ୍ଟା

ଅସ୍ପୃଶ୍ୟତା ଶତାବ୍ଦୀ ଶତାବ୍ଦୀ ଧରି ଭାରତୀୟ ସମାଜରେ ଏକ କଳଙ୍କିତ ପ୍ରଥା ଭାବେ ରହିଆସିଛି। ମହାତ୍ମା ଗାନ୍ଧୀ ଏବଂ ବି.ଆର୍. ଆମ୍ବେଦ୍‌କର ଏହାକୁ ଦୂର କରିବା ଲାଗି ନେଇଥିବା ବିଭିନ୍ନ ପ୍ରକାର ପଦକ୍ଷେପ ଅନେକାଂଶରେ ବାସ୍ତବ ରୂପ ନେଇଛି। ତଥାପି ଛୁଆଁଅଛୁଆଁ ଭେଦଭାବ ଦୁନିଆରୁ ଦୂର ହୋଇପାରୁ ନାହିଁ। ଆନ୍ତଃଜାତି ବିବାହକୁ ସରକାରୀ ସ୍ତରରେ ପ୍ରୋତ୍ସାହନ ଦିଆଗଲାଣି। ହେଲେ ଦେଶର ଅନେକ ଭାଗରେ ଉଚ୍ଚବର୍ଗର ବ୍ୟକ୍ତିମାନେ ଦଳିତମାନଙ୍କୁ ଅତି ତୁଚ୍ଛ ମନେ କରୁଛନ୍ତି। ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ର ଭଳି ରାଜ୍ୟରେ ଦଳିତଙ୍କ ଉପରେ ହେଉଥିବା ଅତ୍ୟାଚାରର କାହାଣୀ ଅବର୍ଣ୍ଣନୀୟ। ଅବଶ୍ୟ କେତେକେ ସ୍ୱାର୍ଥସାଧନ ଲାଗି ପ୍ରଚଳିତ ନିୟମ ବାହାରକୁ ଯାଇ ଉଚ୍ଚବର୍ଗଙ୍କୁ ହଇରାଣ ହରକତ କରୁଥିବା ଖବର ମିଳିଥାଏ। ତଥାପି ଅଧିକ ପ୍ରତିଶତ ଦଳିତ ଆର୍ଥିକ ଅନଗ୍ରସରତା ଓ ସାମାଜିକ ବାସନ୍ଦ ଯୋଗୁ ଦୁଃଖ ଭୋଗିଥାଆନ୍ତି। ଇତିହାସ ଦେଖିଲେ ଆମ୍ବେଦ୍‌କର ପ୍ରଥମେ ଦଳିତ ଶବ୍ଦ ବ୍ୟବହାର କରିଥିଲେ। ତେବେ ୧୯୫୮ରେ ମହାରାଷ୍ଟ୍ରର ବମ୍ବେଠାରେ ଅନୁଷ୍ଠିତ ପ୍ରଥମ ଦଳିତ ସମ୍ମିଳନୀରେ 'ଦଳିତ ସାହିତ୍ୟ' ଉପରେ ଆଲୋଚନା ହୋଇଥିଲା। ଏହି ବର୍ଗଙ୍କ ବିଷୟରେ କହିବା ଲାଗି ସାହିତ୍ୟର ଆବଶ୍ୟକତା ଅନୁଭୂତ ହେବା ପରେ କେତେକ ଲେଖକ ଏ ଦିଗରେ ଲେଖାଲେଖି କଲେ। ଆଜି ଏହି ଧରଣ ସାହିତ୍ୟିକଙ୍କ ସଂଖ୍ୟା ବଢୁଥିବାରୁ ଦଳିତ ସାହିତ୍ୟ ଏକ ନୂଆ ରୂପ ପାଇଛି। ୨୦୨୦ ମସିହା ପାଇଁ ସରସ୍ୱତୀ ସମ୍ମାନ ପାଇବା ଲାଗି ମରାଠୀ ଔପନ୍ୟାସିକ, କବି, ସମାଲୋଚକ ତଥା କ୍ଷୁଦ୍ରଗଳ୍ପ ଲେଖକ ଶରନକୁମାର ଲିମ୍ବାଲେଙ୍କ ନାମ ଘୋଷଣା ପରେ ଦଳିତ ସାହିତ୍ୟ ଆଉ ପାଦେ ସମ୍ମାନ ପାଇଲା ବୋଲି କୁହାଯାଇପାରିବ। ଉଲ୍ଲେଖଯୋଗ୍ୟ, ୧୯୯୧ରେ କେ.କେ. ବିର୍ଲା ଫାଉଣ୍ଡେଶନ ଦ୍ୱାରା ଏହି ସମ୍ମାନ ପ୍ରତିଷ୍ଠା କରାଯାଇଥିଲା। ଭାରତୀୟ ସାହିତ୍ୟରେ ଏହି ମର୍ଯ୍ୟାଦାଜନକ ସମ୍ମାନର ବିଜେତାଙ୍କୁ ଏକ ଫଳକ, ଉପଢୌକନ ଏବଂ ୧୫ ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥାଏ।

ମହାରାଷ୍ଟ୍ରର ସୋଲାପୁର ଜିଲାରେ ୧ ଜୁନ୍ ୧୯୫୬ରେ ଲିମ୍ବାଲେ ଜନ୍ମଗ୍ରହଣ କରିଥିଲେ। ମରାଠୀ ସାହିତ୍ୟରେ ସ୍ନାତକୋତ୍ତର କରିବା ପରେ ସେ ମରାଠୀ ଦଳିତ ସାହିତ୍ୟ ଏବଂ ଆମେରିକାର କୃଷ୍ଣକାୟଙ୍କ ଉପରେ ଆଧାରିତ ସାହିତ୍ୟର ତୁଳନାତ୍ମକ ଅନୁଧ୍ୟାନ କରି କୋହ୍ଲାପୁରସ୍ଥିତ ଶିବାଜୀ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ୍ ଡିଗ୍ରୀ ଅର୍ଜନ କରିଥିଲେ।

ବ୍ୟକ୍ତିତ୍ୱ



ଶରନକୁମାର ଲିମ୍ବାଲେ

ପରେ ନାସିକ୍‌ସ୍ଥିତ ଯଶୋବନ୍ତରାଓ ଚଭନ ମହାରାଷ୍ଟ୍ର ମୁକ୍ତ ବିଶ୍ୱବିଦ୍ୟାଳୟର ପ୍ରକାଶନ ବିଭାଗରେ ସେ ସହାୟକ ସମ୍ପାଦକ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ସେ ସେଠାରେ ପ୍ରଫେସର ଓ ନିର୍ଦ୍ଦେଶକ ସ୍ତରକୁ ଉନ୍ନୀତ ହୋଇ ଅବସର ନେଇଥିଲେ।

ଲିମ୍ବାଲେଙ୍କ ସାହିତ୍ୟ ପରିଧିକୁ ଦେଖିଲେ ସେ ଉପନ୍ୟାସ, କବିତା ଓ ଗଳ୍ପ ସଙ୍କଳନ ଏବଂ ସମାଲୋଚନାଧର୍ମୀ ୪୦ ଖଣ୍ଡ ପୁସ୍ତକ ରଚନା କରିଛନ୍ତି। ଅନେକ ଆଲୋଚନାଚକ୍ରରେ ବିଶ୍ଳେଷଣାତ୍ମକ ପ୍ରବନ୍ଧ ଉପସ୍ଥାପନ କରି ସେ ତାଙ୍କ ବୌଦ୍ଧିକ ବିଦ୍‌ବତ୍ତାର ପରିଚୟ ଦେଇଛନ୍ତି। ତେବେ ୨୦୧୮ରେ ରଚିତ ଉପନ୍ୟାସ 'ସନାତନ' ପାଇଁ ତାଙ୍କୁ ୨୦୨୦ ସକାଶେ ସରସ୍ୱତୀ ସମ୍ମାନ ମିଳିବ ବୋଲି ଘୋଷଣା ହେବା ପରେ ଲିମ୍ବାଲେଙ୍କ ସାହିତ୍ୟକୃତି ଅଧିକ ଚର୍ଚ୍ଚାକୁ ଆସିଛି। ଅସ୍ପୃଶ୍ୟମାନଙ୍କ ସାମାଜିକ ଓ ସାଂସ୍କୃତିକ ସଂଗ୍ରାମର କାହାଣୀ 'ସନାତନ'ରେ ସନ୍ନିବେଶିତ ହୋଇଥିବାରୁ ତାହା ବିଚାରକମଣ୍ଡଳୀଙ୍କ ନଜରକୁ ଆସିଥିଲା ବୋଲି କେ.କେ. ବିର୍ଲା ଫାଉଣ୍ଡେଶନ ପକ୍ଷରୁ ପ୍ରକାଶିତ ବିବୃତିରେ କୁହାଯାଇଛି। ଏଥିରେ ଆହୁରି ଦର୍ଶାଯାଇଛି ଯେ, ଲେଖକ ଏହି ପୁସ୍ତକ ରଚନା ପାଇଁ ଅନେକ ବହି ପଢ଼ିଛନ୍ତି। ଲୋକ ସଭାର ପୂର୍ବତନ ମହାସଚିବ ସୁଭାଷ ସି କାଶ୍ୟପଙ୍କ ନେତୃତ୍ୱରେ ବିଦ୍ୱାନ୍ ଓ ଲେଖକଙ୍କ ଏକ କମିଟି ଲିମ୍ବାଲେଙ୍କ କୃତିକୁ ଚୟନ କରିଛନ୍ତି। ୨୨ ଭାରତୀୟ ଭାଷାର ଲେଖାକୁ ତର୍ଜମା କରିବା ସହ ଏକ ତୁଳନାତ୍ମକ ଅନୁଧ୍ୟାନ କରାଯାଇ 'ସନତନ'କୁ ବଛାଯିବା ସୂଚାଇ ଦେଇଛି ଯେ ଲିମ୍ବାଲେ କେତେ ଗଭୀରକୁ ଯାଇ ଏହି ଉପନ୍ୟାସ ସୃଷ୍ଟି କରିଛନ୍ତି। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ପୂର୍ବରୁ ଏହି ସରସ୍ୱତୀ ସମ୍ମାନ କବି ହରିବଂଶ ରାଇ ବଚ୍ଚନ, ନାଟ୍ୟକାର ବିଜୟ ତେନ୍ଦୁଲକର, ଔପନ୍ୟାସିକ ମନୋଜ ଦାସ ଓ ସୁନୀଲ ଗଙ୍ଗୋପାଧ୍ୟାୟଙ୍କ ଭଳି ଲେଖକଙ୍କୁ ଦିଆଯାଇଛି।

ଲିମ୍ବୋଲେଙ୍କ ଲେଖାର ବିଶେଷତ୍ୱ ହେଲା ସେ କଳ୍ପନା ଜଗତରେ କମ୍ ବିଚରଣ କରି ବାସ୍ତବ ଦିଗକୁ କୃତିରେ ପ୍ରତିଫଳିତ କରିବାକୁ ଚାହିଁଥାଆନ୍ତି। ତାଙ୍କ ଆତ୍ମଜୀବନୀ 'ଏକରମାସି' ବା ସାମାଜିକ ବାସନ୍ଦ ଇଂଲିଶ ସମେତ ବିଭିନ୍ନ ଭାରତୀୟ ଭାଷାରେ ଅନୂଦିତ ହୋଇ ଉଚ୍ଚ ପାଠକୀୟ ସ୍ୱୀକୃତି ପାଇଛି। ଏଥିସହିତ ୨୦୦୪ରେ ପ୍ରକାଶିତ 'ଏସ୍ଥେଟିକ୍‌ସ ଅଫ୍ ଦଳିତ ଲିଟେରେଚର' ବା ଦଳିତ ସାହିତ୍ୟର ସୌନ୍ଦର୍ଯ୍ୟବୋଧ ହେଉଛି ତାଙ୍କ ଆଉ ଏକ ଅନବଦ୍ୟ କୃତି। ଦଳିତ ସାହିତ୍ୟ ସର୍ଜନା କରୁଥିବା ଲେଖକଙ୍କ ପାଇଁ ଏହା ଏକ ରେଫେରାଲ୍ ବୁକ୍ ହୋଇପାରିଛି। ସମାଜର ଏକ ଅବହେଳିତ ବର୍ଗଙ୍କ ସଂଘର୍ଷର କାହାଣୀକୁ ସର୍ବସମ୍ମୁଖରେ ଥୋଇ ସେମାନଙ୍କ ମଙ୍ଗଳ ପାଇଁ କିଛି କରିବାରେ ସେ ଯେଉଁ ଆତ୍ମସନ୍ତୋଷ ଲାଭ କରିଛନ୍ତି, ସମ୍ଭବତଃ ସରସ୍ୱତୀ ସମ୍ମାନ ତାଙ୍କ ସର୍ଜନା ଦିଗକୁ ଅଧିକ ଗୁମ୍ଫିମନ୍ତ କରିବ। ଯୁଗେ ଯୁଗେ ଏଭଳି ସୃଜନଶୀଳ ବ୍ୟକ୍ତିଙ୍କ ସମାଜ ସଂସ୍କାରଧର୍ମୀ ଚିନ୍ତାଧାରା ଓ ପଦକ୍ଷେପ ଦୁନିଆରେ ପରିବର୍ତ୍ତନ ଆଣିଥାଏ। ଦଳିତ ସାହିତ୍ୟକୁ 'ସନାତନ' ପଥ ପ୍ରଦର୍ଶନ କରିବ ବୋଲି କୁହାଯାଇପାରେ।

-ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ବିହାରର ଚାଷୀ ସୁଧାଂଶୁ କୁମାର ଏକ ସ୍ୱୟଂ ନିୟନ୍ତ୍ରିତ ଫାର୍ମରେ ୨୮,୦୦୦ ଫଳଗଛ ଉତାରି ପାରିଛନ୍ତି। ଏହାକୁ ଅନ୍‌ଲାଇନରେ ନିୟନ୍ତ୍ରଣ କରୁଛନ୍ତି। ସମସ୍ତିପୁରରେ ୨୦୦ ଏକର ବିଶିଷ୍ଟ ଫାର୍ମରେ ସେ ଆମ୍ବ, ଲିଚୁ, ଜାମୁ, ଡ୍ରାଗନଫ୍ରୁଟ୍ସ ଗଛ ଲଗାଇଛନ୍ତି। ଏହି ଫାର୍ମରୁ ସୁଧାଂଶୁ ବର୍ଷକୁ ପାଖାପାଖି ୮୦ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ସବୁଦିନ ସେ ଫାର୍ମକୁ ଯାଇ ସେଠାରେ କଣ୍ଟ୍ରୋଲ ରୁମ୍‌ରେ ବସି ଜଳସେଚନ ତଥା କୀଟନାଶକ ପ୍ରୟୋଗ କାର୍ଯ୍ୟ ଆରାମରେ ସମ୍ପାଦନ କରିପାରୁଛନ୍ତି। କେରଳର ଟାଟା ଟି ଗାର୍ଡେନରେ ଆସିଷ୍ଟାଣ୍ଟ ମ୍ୟାନେଜର ଚାକିରି ଛାଡ଼ି ସୁଧାଂଶୁ ଚାଷ ଆରମ୍ଭ କରିଥିଲେ। ପ୍ରଥମେ ଏଥିରେ ସେ ୨୫,୦୦୦ଟଙ୍କା ବ୍ୟୟ କରିଥିଲେ। ଫାର୍ମରେ ୬୦ ଏକରରେ ମାଇକ୍ରୋ ଇରିଗେସନ ସିଷ୍ଟମ ରଖାଯାଇଛି। ୱେର୍‌ଲେସ ବ୍ରଡ୍‌ବ୍ୟାଣ୍ଡ ଇଣ୍ଟରନେଟ ନେଟ୍‌ୱର୍କ ସହ ଫାର୍ମକୁ ସଂଯୋଗ କରାଯାଇଛି। ବିଶ୍ୱର ଯେ କୌଣସି ସ୍ଥାନରେ ରହିଲେ ମଧ୍ୟ ସ୍ମାର୍ଟଫୋନ କିମ୍ବା ଲାପ୍‌ଟପ ମାଧ୍ୟମରେ ଜଳସେଚନ ପଦ୍ଧତିକୁ ନିୟନ୍ତ୍ରଣ କରାଯାଇପାରିବ ବୋଲି କହନ୍ତି ୫୮ ବର୍ଷୀୟ ସୁଧାଂଶୁ।

## ୨୫ ବର୍ଷ ତଳର ଧରିତ୍ରୀ

୪ ଏପ୍ରିଲ ୧୯୯୬

- 'ମ୍ୟାଡକାଓ' ସଂକ୍ରମଣକୁ ରୋକିବା ପାଇଁ ବ୍ରିଟେନ୍‌ରେ ଲକ୍ଷାଧିକ ଗୋରୁଙ୍କୁ ହତ୍ୟା କରିବାକୁ ୟୁରୋପୀୟ ୟୁନିୟନ ସଦସ୍ୟଭୁକ୍ତ ରାଷ୍ଟ୍ରଗୁଡ଼ିକର ପଶୁପାଳନ ମନ୍ତ୍ରୀମାନେ ନିଷ୍ପତ୍ତି ଗ୍ରହଣ କରିଛନ୍ତି।
- କଂଗ୍ରେସ(ଇ) ଓ ଏଆଇଏଡିଏମ୍‌କେ ମେଣ୍ଟକୁ ବିରୋଧ କରି କେନ୍ଦ୍ର ଶିଳ୍ପ ବିକାଶ ରାଷ୍ଟ୍ରମନ୍ତ୍ରୀ ଏମ୍ ଅରୁଣାଚଳମ୍ ଏବଂ ବାଣିଜ୍ୟ ରାଷ୍ଟ୍ରମନ୍ତ୍ରୀ ପି. ଚିଦାମ୍ବରମ୍ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଛନ୍ତି।

## ଚିରନ୍ତନୀ

ଆଚାର ବିଧାନ ତା'ର ପଡ଼େ ଝଡ଼ି
ଶୁଷ୍କପତ୍ର ସମ
ବିଲୋକି ସେ ଦଶା ତବ ପ୍ରାଣେ ଜାଗେ
ଯାତନା ପରମ।
(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଶିକ୍ଷାର ମହତ୍ତ୍ୱ

ମହାଶୟ,

ଶିକ୍ଷା ବିକାଶର ଚାବିକାଠି। ଯେଉଁ ଦେଶ ଓ ରାଜ୍ୟ ଶିକ୍ଷାରେ ଯେତେ ଉନ୍ନତ ସେ ଦେଶ ଓ ରାଜ୍ୟ ସେତେ ସମୃଦ୍ଧ ଓ ବିକଶିତ। ଶିକ୍ଷା ମନୁଷ୍ୟକୁ ନୀତି ଓ ନୈତିକତାର ଶିକ୍ଷା ଦିଏ। ଶିକ୍ଷିତ ବ୍ୟକ୍ତି ଭୁଲ୍ ଓ ଠିକ୍ ମଧ୍ୟରେ ପାର୍ଥକ୍ୟ ବୁଝିପାରେ। ଆଇନ୍ କାନୁନ୍ ଓ ନୀତି ନିୟମର ମର୍ମ ବୁଝିପାରେ। ଶିକ୍ଷିତ ବ୍ୟକ୍ତି ଯେ କୌଣସି ଦାୟିତ୍ୱରେ ରହିଲେ ପ୍ରଶାସନରେ ସ୍ୱଚ୍ଛତା, ଦକ୍ଷତା ଓ ଉତ୍ତର ଦାୟିତ୍ୱ ବଜାୟ ରହେ। ଶିକ୍ଷାର ବିକାଶ ହେଲେ କୃଷି ଓ ଶିଳ୍ପର ବିକାଶ ହୁଏ। ଲୋକଙ୍କର ମୁଣ୍ଡପିଛା ବଢ଼େ ଓ ଜୀବନ ଧାରଣର ମାନ ବୃଦ୍ଧି ହୁଏ। ଶିକ୍ଷାରେ ପୁଞ୍ଜି ନିବେଶ ସବୁଠାରୁ ଅଧିକ ଲାଭଦାୟକ। ଦେଶର ସବୁ ଭୋଟର ଶିକ୍ଷିତ ନ ହେବା ପର୍ଯ୍ୟନ୍ତ ଗଣତନ୍ତ୍ର ସମୃଦ୍ଧ ହୋଇପାରିବ ନାହିଁ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସିଇଟି ହେବ ଅନୁବନ୍ଧିତ ମହାବିଦ୍ୟାଳୟ

## ବିପିୟୁଟି ଆକ୍ଟ-୨୦୦୨ ସଂଶୋଧନ ବିଲ୍ ଗୃହୀତ

■ଛାତ୍ରୀଛାତ୍ରଙ୍କ ବିଶୃଙ୍ଖଳା ନିୟନ୍ତ୍ରଣ କରିବାକୁ ଗଠନ ହେବ ୩ ଜଣିଆ ଅନୁଶାସନ କମିଟି

ଭୁବନେଶ୍ୱର, ୩।୪ (ବ୍ୟୁରୋ)

ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ(ବିପିୟୁଟି) ଆଇନ-୨୦୦୨କୁ ସଂଶୋଧନ କରାଯାଇଛି। ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଦ୍ୱାରା ଆଗତ ଏହି ସଂଶୋଧନ ବିଲ୍ ଶନିବାର ବିରୋଧୀଙ୍କ ଅନୁପସ୍ଥିତିରେ ପାରିତ କରାଯାଇଛି। ଏହି ସଂଶୋଧନ ଆଇନ ଅନୁଯାୟୀ ସରକାରୀ ଇଞ୍ଜିନିୟରିଂ କଲେଜଗୁଡ଼ିକର ସୁପରିଚାଳନା ପାଇଁ ବିପିୟୁଟି ଆଇନରେ ଥିବା ସଂଘଟକ ମହାବିଦ୍ୟାଳୟ ସଂଜ୍ଞାର ପୁନଃ ନିରୂପଣ କରାଯାଇଛି। ଏହି ସଂଶୋଧନ ଆଇନ କାର୍ଯ୍ୟକାରୀ ହେବା ପରଠାରୁ ଭୁବନେଶ୍ୱର ସିଇଟି ଆଉ ବିଜୁ ପଟ୍ଟନାୟକ ବିଶ୍ୱବିଦ୍ୟାଳୟ ଅଧୀନରେ ରହିବ ନାହିଁ। ଏହା କେବଳ ବିଶ୍ୱବିଦ୍ୟାଳୟର ଅନୁବନ୍ଧିତ ମହାବିଦ୍ୟାଳୟ ଭାବେ ରହିବ। ଏହା ନିଜସ୍ୱ ବୋର୍ଡ ଅଫ୍ ଗଭର୍ଣ୍ଣର୍ସ ଦ୍ୱାରା ପରିଚାଳିତ ହେବ। ପ୍ରଚଳିତ ସର୍ବଭାରତୀୟ ବ୍ୟବସ୍ଥା ଓ ଏଆଇସିଟିଇ ନିର୍ଦ୍ଦେଶ ଅନୁଯାୟୀ ପ୍ରଫେସର, ରିଡର୍ ଓ ଅଧ୍ୟାପକ ପଦବୀଗୁଡ଼ିକୁ ଯଥାକ୍ରମେ ପ୍ରଫେସର, ଆସୋସିଏଟ୍ ପ୍ରଫେସର ଏବଂ ଆସିଷ୍ଟାଣ୍ଟ ପ୍ରଫେସର ଭାବେ ପୁନଃ ନାମିତ କରାଯିବ। କୁଳପତି କିମ୍ବା ବିଶ୍ୱବିଦ୍ୟାଳୟର କୌଣସି ଅଧିକାରୀଙ୍କ କାର୍ଯ୍ୟରେ କୌଣସି ଭୁଲ୍ ପରିଲକ୍ଷିତ ହେଲେ କୁଳାଧିପତି ଏହାର ସଂଶୋଧନ ପାଇଁ ନିର୍ଦ୍ଦେଶ ଦେଇପାରିବେ। ରାଜ୍ୟର ଅନ୍ୟ ସରକାରୀ ବିଶ୍ୱବିଦ୍ୟାଳୟ ସହିତ ସମାନତା ଆଣିବା ସକାଶେ ବିପିୟୁଟି କୁଳପତିଙ୍କ କାର୍ଯ୍ୟକାଳ ୫ ବର୍ଷ ପରିବର୍ତ୍ତେ ୪ ବର୍ଷକୁ ହ୍ରାସ କରାଯାଇଛି। ଛାତ୍ରୀଛାତ୍ରଙ୍କ ବିଶୃଙ୍ଖଳା ନିୟନ୍ତ୍ରଣ ସକାଶେ କୁଳପତିଙ୍କ ଦ୍ୱାରା ଜଣେ ପ୍ରଫେସରଙ୍କ ଅଧ୍ୟକ୍ଷତାରେ ତିନିଜଣ ସଦସ୍ୟ ବିଶିଷ୍ଟ ଏକ ଅନୁଶାସନ କମିଟି ଗଠନ କରିବା ପାଇଁ ଏହି ଆଇନରେ ବ୍ୟବସ୍ଥା କରାଯାଇଛି। କମିଟି ଆଦେଶ ବିରୋଧରେ କୁଳପତିଙ୍କୁ ଅପିଲ କର୍ତ୍ତୃପକ୍ଷ କରାଯାଇଛି। ଏଥିସହିତ ବିଶ୍ୱବିଦ୍ୟାଳୟ କୁଳସଚିବ ପଦବୀ ଓଡ଼ିଶା ପ୍ରଶାସନିକ ସେବାର ଯୁଗ୍ମଶାସନ ସଚିବ ପାହ୍ୟାର ଅଧିକାରୀଙ୍କ ଦ୍ୱାରା ପୂରଣ କରିବାକୁ ବ୍ୟବସ୍ଥା ହୋଇଛି।

ସେହିପରି ବିଶ୍ୱବିଦ୍ୟାଳୟ ବିତ୍ତ ଅଧିକାରୀ ପଦବୀ ଓଡ଼ିଶା ଅର୍ଥ ସେବାର ଯୁଗ୍ମ ଶାସନ ସଚିବ ପାହ୍ୟାର ଅଧିକାରୀଙ୍କ ଦ୍ୱାରା ପୂରଣ କରାଯିବ। ବିଶ୍ୱବିଦ୍ୟାଳୟର ଶିକ୍ଷକ ଓ ଅଣଶିକ୍ଷକ ପଦବୀ ପୂରଣ ନିମନ୍ତେ କୁଳପତିଙ୍କ ଦ୍ୱାରା ଚୟନ କମିଟି ଗଠନ ହେବ। ଏଥିପୂର୍ବରୁ ସରକାରଙ୍କ ଅନୁମୋଦନ ନେବା ବ୍ୟବସ୍ଥା ହୋଇଛି। ବିଶ୍ୱବିଦ୍ୟାଳୟର ବୋର୍ଡ ଅଫ୍ ଗଭର୍ଣ୍ଣର୍ସକୁ ଯେକୌଣସି ଏକ ସରକାରୀ ଇଞ୍ଜିନିୟରିଂ କଲେଜ ଅଧ୍ୟକ୍ଷଙ୍କୁ ସରକାରଙ୍କ ଦ୍ୱାରା ସଦସ୍ୟ ଭାବେ ମନୋନୀତ କରାଯିବ। ବିଶ୍ୱବିଦ୍ୟାଳୟର ବାର୍ଷିକ ରିପୋର୍ଟ ଆର୍ଥିକବର୍ଷ ଶେଷ ହେବାର ୬ ମାସ ମଧ୍ୟରେ ପ୍ରସ୍ତୁତ କରି ସରକାରଙ୍କ ନିକଟକୁ ପଠାଯିବ। ଏହି ରିପୋର୍ଟକୁ ବିଧାନସଭାରେ ଉପସ୍ଥାପିତ କରାଯିବ।




ବିଧାନସଭା ଗାନ୍ଧୀମୂର୍ତ୍ତି ତଳେ ଭାଜପା ବିଧାୟକଙ୍କ ଧାରଣା।

# ରାତିସାରା ଧାରଣାରେ ଭାଜପା ବିଧାୟକ

## ସୋମବାର ରାଜ୍ୟପାଳଙ୍କୁ ଭେଟିବେ

ଭୁବନେଶ୍ୱର,୩।୪(ବ୍ୟୁରୋ)

ଶନିବାର ବସିଧାନସଭାରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଉପରକୁ ଚପଲ ଫିଙ୍ଗି ଭାଜପାର ୩ ବିଧାୟକ ଜୟନାରାୟଣ ମିଶ୍ର, ବିଷ୍ଣୁ ଚରଣ ସେଠୀ ଏବଂ ମୋହନ ମାଝି ଶନିବାର ବିଧାନସଭାରୁ ନିଲମ୍ବିତ ହୋଇଛନ୍ତି। ବାଚସ୍ପତିଙ୍କ ଗୃହ ପରିଚାଳନାକୁ ବିରୋଧ କରି ପ୍ରତିବାଦରେ ଭାଜପା ସଦସ୍ୟମାନେ ବିଧାନସଭା ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତୀ ତଳେ ଧାରଣା ଦେବା ସହ ବାଚସ୍ପତିଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ଶନିବାର ରାତି ସାରା ଧାରଣା ଦେବେ ବୋଲି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ଭାଜପା ସଦସ୍ୟମାନେ ଧାରଣାରେ ବସି ରହିଥିଲେ। ରବିବାର ପୂର୍ବାହ୍ନରେ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀରେ ଗଣମାଧ୍ୟମକୁ ସମ୍ବୋଧନ କରିବେ। ସୋମବାର ରାଜ୍ୟପାଳଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିବେ ବୋଲି ବିରୋଧୀ ଦଳ ନେତା କହିଛନ୍ତି।

# ବଢ଼ିଲା ଆଇନଜୀବୀଙ୍କ ସହାୟତା ରାଶି

## ଓଡ଼ିଶା ଅଧିବକ୍ତା କଲ୍ୟାଣ ପାଣ୍ଠି (ସଂଶୋଧନ) ବିଲ୍-୨୦୨୧ ଗୃହୀତ

ଭୁବନେଶ୍ୱର, ୩।୪ (ବ୍ୟୁରୋ)

ଭୁବନେଶ୍ୱର, ୩।୪(ବ୍ୟୁରୋ)- ଆଇନ୍‌ଜୀବୀଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର ଅଧିବକ୍ତା କଲ୍ୟାଣ ପାଣ୍ଠି ୧୯୮୭ର ସଂଶୋଧନ କରିଛନ୍ତି। ଆଇନମନ୍ତ୍ରୀ ପ୍ରତାପ ଜେନାଙ୍କ ଦ୍ୱାରା ଆଗତ ଓଡ଼ିଶା ଅଧିବକ୍ତା କଲ୍ୟାଣ ପାଣ୍ଠି (ସଂଶୋଧନ) ବିଲ୍-୨୦୨୧ ଶନିବାର ବିଧାନସଭାରେ ଗୃହୀତ ହୋଇଛି। ଏଣିକି ଅତିକମ୍‌ରେ ୫ବର୍ଷ ଓକିଲାତି କରିଥିବା ଆଇନ୍‌ଜୀବୀଙ୍କୁ ସର୍ବନିମ୍ନ ୭୫ ହଜାର ଟଙ୍କା ଏବଂ ୩୦ ବର୍ଷ ଓକିଲାତି କରିଥିବା ଆଇନଜୀବୀଙ୍କୁ ସର୍ବାଧିକ ୪ଲକ୍ଷ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବ। ପ୍ରଚଳିତ ହାରଠାରୁ ୧.୬୭ ହାରରେ ଏହି ଆର୍ଥିକ ସହାୟତା ରାଶି ବୃଦ୍ଧି କରାଯାଇଛି।

ଆଇନଜୀବୀମାନେ ରାଜ୍ୟରେ ଆଇନର ଶାସନକୁ ସୁନିଶ୍ଚିତ କରିବା ଦିଗରେ ସେମାନେ ସର୍ବଦା କାର୍ଯ୍ୟରତ ଥାଆନ୍ତି। ଓକିଲାତିକୁ ପେସା ଭାବେ ଗ୍ରହଣ କରିଥିବାରୁ ସେମାନଙ୍କ ମହକିଲଙ୍କଠାରୁ ଯେଉଁ ଫିସ୍ ପାଇଥାଆନ୍ତି। ସେଥିରେ ନିଜର ପରିବାର ପ୍ରତିପୋଷଣ କରିଥାଆନ୍ତି। ଚାକିରି କରିଥିବା ବ୍ୟକ୍ତି ଯେମିତି ନିର୍ଦ୍ଦିଷ୍ଟ ଦରମା ପାଇଥାଆନ୍ତି ସେମାନଙ୍କ କୌଣସି ନିର୍ଦ୍ଦିଷ୍ଟ ଆୟ ଓ ପେନ୍‌ସନ ନ ଥାଏ। ଏହାକୁ ଦୃଷ୍ଟିରେ ରଖି ଆଇନ୍‌ଜୀବୀଙ୍କ କଲ୍ୟାଣ ନିମନ୍ତେ ଅଧିବକ୍ତା କଲ୍ୟାଣ ପାଣ୍ଠି ଅଧିନିୟମ ୧୯୮୭ ପ୍ରଣୟନ କରାଯାଇଥିଲା। ୨୦୧୩ରେ ଏହି ଅଧିନିୟମରେ ସଂଶୋଧନ କରାଯାଇ ମୃତ୍ୟୁକାଳୀନ ଓ ଅବସରକାଳୀନ ସୁବିଧା ବାବଦକୁ ପ୍ରଦାନ କରାଯାଇଥିବା ଅର୍ଥ ପରିମାଣକୁ ବୃଦ୍ଧି କରାଯାଇଥିଲା। ଏଥିରେ ସର୍ବନିମ୍ନ ୫ ବର୍ଷ ଓକିଲାତି କରିଥିବା ଆଇନ୍‌ଜୀବୀଙ୍କୁ ୪୫ ହଜାର ଟଙ୍କାରୁ ୩୦ ବର୍ଷ ଓକିଲାତି ପାଇଁ ସର୍ବାଧିକ ୨ ଲକ୍ଷ ୭୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯିବାକୁ ସ୍ଥିର ହୋଇଥିଲା। ବର୍ତ୍ତମାନର ସ୍ଥିତିକୁ ଦେଖି ଏବେ ଏହାକୁ ଆଉ ଥରେ ସଂଶୋଧନ କରାଯାଇଛି।

# ଗ୍ରାମ୍ୟ ଜଙ୍ଗଲରେ ନିଆଁ

ବାଉଁଶୁଣୀ, ୩।୪ (ଡି.ଏନ.ଏ.)

ଶୁକ୍ରବାର ସନ୍ଧ୍ୟାରେ କଣ୍ଟାମାଳ ରେଞ୍ଜ ବରଗାଁ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସୌରିବେଙ୍ଗେସ ଗ୍ରାମ୍ୟ ଜଙ୍ଗଲରେ ନିଆଁ ଲାଗିଥିବା ଦେଖିବାକୁ ମିଳିଥିଲା। ଗ୍ରାମର ସ୍ୱେଚ୍ଛାସେବୀ ମନଧର କର୍ମୀ ଏ ସମ୍ପର୍କରେ ବରଗାଁ ବିଟର ଫରେଷ୍ଟ ଗାର୍ଡଙ୍କୁ ସୂଚନା ଦେଇଥିଲେ। ଫରେଷ୍ଟ ଗାର୍ଡ ଭକ୍ତଚରଣ ଭୋଇ କର୍ମଚାରୀଙ୍କୁ ଧରି ରାତି ୯ଟାରେ ପହଞ୍ଚିବା ପରେ ସ୍ୱେଚ୍ଛାସେବୀ ମନଧର, ରୁପଲାଲ ଭୋଇ ଓ ରାଜକିଶୋର କର୍ମୀଙ୍କ ସହାୟତାରେ ମଧ୍ୟରାତ୍ରି ଯାଏ ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ।

# କଙ୍କାଳି ପାହାଡ, ଜଙ୍ଗଲରେ ନିଆଁ

କଣ୍ଟାମାଳ, ୩।୪ (ଡି.ଏନ.ଏ)

ବୌଦ୍ଧ ଜିଲା ମନମୁଣ୍ଡା ରେଞ୍ଜର କଙ୍କାଳି ପାହାଡ ଓ ସଂଲଗ୍ନ ଜଙ୍ଗଲରେ ଶୁକ୍ରବାର ବିଳମ୍ବିତ ରାତିରୁ ନିଆଁ ଲାଗି ବ୍ୟାପକ କ୍ଷତି ଘଟିଛି। ପାହାଡ ତଳି ରତାଖଣ୍ଡି ଗାଁର ବିଲପଟରୁ ମଧ୍ୟାହ୍ନରେ ନିଆଁ ଲାଗି ପାହାଡକୁ ବ୍ୟାପି ଯାଇଥିଲା। ଶନିବାର ସକାଳୁ ସ୍ଥାନୀୟ ଜଙ୍ଗଲ ବିଭାଗ ଓ ଗ୍ରାମବାସୀଙ୍କ ଉଦ୍ୟମରେ ନିଆଁକୁ ଆୟତ୍ତ କରାଯାଇଛି। ତେବେ ପାହାଡ ଓ ଜଙ୍ଗଲରେ ଥିବା ପ୍ରାୟ ୧୦ ହଜାର ମୂଲ୍ୟବାନ ଗଛ ପୋଡିଯାଇଛି।

# ଜାତୀୟ ପଞ୍ଚାୟତ ପୁରସ୍କାର ପାଇଁ କଣ୍ଟାମାଳ ବ୍ଲକ ମନୋନୀତ

ବାଉଁଶୁଣୀ, ୩।୪ (ଡି.ଏନ.ଏ)

ଦୀନଦୟାଲ ଉପାଧ୍ୟାୟ ପଞ୍ଚାୟତ ସଶକ୍ତିକରଣ ପୁରସ୍କାର ପାଇବା ପାଇଁ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକକୁ ମନୋନୀତ କରାଯାଇଛି। ଏହି ତାଲିକାରେ ଓଡିଶାର ୬ ଗୋଟି ବ୍ଲକ ଓ ସମ୍ବଲପୁର ଜିଲା ରହିଛି। କଣ୍ଟାମାଳ ବ୍ଲକ ଜାତୀୟ ସ୍ତରରେ ପୁରସ୍କୃତ ହୋଇଥିବାରୁ ବିଡିଓ ଓ ସମସ୍ତ କର୍ମଚାରୀଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ମିଳିବାରେ ଲାଗିଛି।

# ପ୍ରକଳ୍ପ ଚାଲୁଛି , ଗାଁକୁ ଆସୁନି ପାଣି

ବାଉଁଶୁଣୀ,୩।୪(ଡି.ଏନ.ଏ)

ରାଜ୍ୟ ସରକାର କୌଣସି ଗ୍ରାମରେ ପାନୀୟ ଜଳ ସମସ୍ୟା ରହିବ ନାହିଁ ବୋଲି ବାରମ୍ବାର ଘୋଷଣା କରି ଆସୁଥିଲେ ମଧ୍ୟ ତାର ସୁଫଳ ଜନସାଧାରଣ ପାଇବାରୁ ବଞ୍ଚିତ ହେଉଛନ୍ତି। ବୌଦ୍ଧ ବ୍ଲକର ଗୁନ୍ଦୁଲିଆ ଗ୍ରାମ ଏହାର ଏକ ଉଦାହରଣ। ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପରୁ ଏହି ଗ୍ରାମକୁ ପାଣି ଆସୁନାହିଁ। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଗ୍ରାମରେ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ରହିଛି। କିନ୍ତୁ ଗ୍ରାମକୁ ପାଣି ଆସୁ ନ ଥିବାରୁ ଶହେରୁ ଊର୍ଦ୍ଧ୍ୱ ପରିବାର ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଛନ୍ତି। ପାଣି ବାଲିଟିଏ ପାଇଁ ଗାଁ ଠାରୁ ୨ କିମି ଦୂର ବାଘନଦୀକୁ ଯିବାକୁ ପଡୁଛି। ସେଠାରେ ଚୁଆ ଖୋଳି ପାଣି ଆଣୁଥିବା ଦେଖିବାକୁ ମିଳୁଛି। ପ୍ରଚଣ୍ଡ ଖରାରେ ବାହାରକୁ ବାହାରିବାକୁ ମନା କରାଯାଉଥିବା ବେଳେ ପାଣି ସମସ୍ୟା ଲୋକଙ୍କ ଚିନ୍ତା ବଢାଇଛି। ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ନିକଟରେ ଗ୍ରାମବାସୀ ଅଭିଯୋଗ କରିଥିଲେ ହେଁ କୌଣସି ସୁଫଳ ମିଳି ପାରିନାହିଁ। ଏ ସମ୍ପର୍କରେ ଗୁନ୍ଦଲିଆ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ପଚରାଯିବାରେ ଗାଁରେ ଥିବା ହାଇସ୍କୁଲକୁ ପାନୀୟ ଜଳ ସଂଯୋଗ ଦିଆଯିବା ପରେ ଏଭଳି ସମସ୍ୟା ଉପୁଜିଛି। ଖୁବଶୀଘ୍ର ଏହି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରକାଶ କରିଛନ୍ତି।

# ବିଧାନସଭାରେ ୬ ବିଲ୍ ଗୃହୀତ

ଭୁବନେଶ୍ୱର,୩।୪(ବ୍ୟୁରୋ)

ଶନିବାର ବିଧାନସଭାରେ ୬ଟି ବିଲ୍ ଗୃହୀତ ହୋଇଛି। ବିରୋଧୀ ସଦସ୍ୟଙ୍କ ଅନୁପସ୍ଥିତିରେ ବାଚସ୍ପତି ବାଚନିକ ମତଦାନରେ ବିଲଗୁଡିକୁ ଗୃହୀତ କରାଇଛନ୍ତି। ସେହି ବିଲ୍‌ଗୁଡିକ ହେଲା ବିତ୍ତୀୟ ଉତ୍ତରଦାୟୀ ଓ ବଜେଟ ପରିଚାଳନା (ସଂଶୋଧନ) ବିଲ୍ -୨୦୨୧, ଓଡ଼ିଶା ଅଧିବକ୍ତା କଲ୍ୟାଣ ପାଣ୍ଠି (ସଂଶୋଧନ) ବିଲ୍-୨୦୨୧, ଜାଭିୟର ବିଶ୍ୱବିଦ୍ୟାଳୟ, ଓଡ଼ିଶା (ସଂଶୋଧନ) ବିଲ୍-୨୦୨୧, ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ସଂଶୋଧନ) ବିଲ୍ -୨୦୨୧, ଓଡ଼ିଶା ଲୋକାୟୁକ୍ତ (ସଂଶୋଧନ) ବିଲ୍-୨୦୨୧ ଏବଂ ସମିତି ପଞ୍ଜୀକରଣ (ଓଡିଶା ସଂଶୋଧନ) ବିଲ-୨୦୨୧କୁ ଗୃହୀତ କରାଇଛନ୍ତି।

# ପିଇଓଙ୍କଠାରୁ ୨ ଲକ୍ଷ ଟଙ୍କା ଲୁଟ୍

ବେଗୁନିଆ,୩।୪(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଧୀନ ଡିଙ୍ଗର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) ପ୍ରଶାନ୍ତ କୁମାର ବରିଶାଲଙ୍କଠାରୁ ଶନିବାର ୨ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୬୬/୨୧) ରୁଜୁକରି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ବେଗୁନିଆ ବଜାରରେ ଥିବା ଏକ ଘରୋଇ ବ୍ୟାଙ୍କରୁ ପ୍ରଶାନ୍ତ ପୂର୍ବାହ୍ନ ପ୍ରାୟ ୧୧ଟା ୪୦ରେ ୨ଲକ୍ଷ ଟଙ୍କା ଉଠାଇ ବାଇକ୍‌ରେ ଡିଙ୍ଗର ଅଭିମୁଖେ ଯାଉଥିଲେ। ବଜାର ମଧ୍ୟରେ ଥିବା ଏକ ଫଳ ଦୋକାନ ଆଗରେ ବାଇକ୍ ରଖି ସାମଗ୍ରୀ କିଣୁଥିଲେ। ଏହି ସମୟରେ ଏକ ବାଇକରେ ଦୁଇ ଜଣ ଦୁର୍ବୃତ୍ତ ଆସି ପ୍ରଶାନ୍ତଙ୍କ ବାଇକ୍ ହାଣ୍ଡେଲରେ ଝୁଲୁଥିବା ଟଙ୍କା ଭର୍ତ୍ତି ବ୍ୟାଗକୁ ଝାମ୍ପି ନେଇ ପଳାଇଥିଲେ। କିଛି ସମୟ ପରେ ପ୍ରଶାନ୍ତ ଦେଖିଲା ବେଳକୁ ତାଙ୍କ ବ୍ୟାଗ ନ ଥିଲା। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ରଶ୍ମି ରଞ୍ଜନ ସାହୁ କହିଛନ୍ତି, ପ୍ରଶାନ୍ତଙ୍କ ଅଭିଯୋଗକୁ ଭିତ୍ତିକରି ଏକ ମାମଲା ରୁଜୁ ହୋଇଛି। ବଜାରରେ ଥିବା ସିସି ଟିଭି ଫୁଟେଜ୍, ଘଟଣାସ୍ଥଳର ଦୋକାନୀ ଏବଂ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି।

# ‘ଦ ସେଫ୍ ହ୍ୟାଣ୍ଡ’ ଓ ‘ଆର୍ଟ ଅଫ୍ ଆବିଲିଟି’ ଶ୍ରେଷ୍ଠ ଚଳଚ୍ଚିତ୍ର




ଉତ୍ସବରେ ଅତିଥିମାନେ ଶ୍ରେଷ୍ଠ ଚଳଚ୍ଚିତ୍ରକୁ ‘ଶରତ ପୂଜାରୀ ସ୍ମାରକୀ ପୁରସ୍କାର’ ପ୍ରଦାନ କରୁଛନ୍ତି।

## ସରିଲା ୮ମ ‘ଧ୍ୱନି’ ଦିବ୍ୟାଙ୍ଗ ଚଳଚ୍ଚିତ୍ର ଉତ୍ସବ

ଭୁବନେଶ୍ୱର, ୩।୪ (ବ୍ୟୁରୋ)

‘ଆଇନା’ ପକ୍ଷରୁ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଚାଲିଥିବା ଦୁଇଦିନିଆ ଦିବ୍ୟାଙ୍ଗ ଚଳଚ୍ଚିତ୍ର ଉତ୍ସବ ‘ଧ୍ୱନି’ ଶନିବାର ଉଦ୍‌ଯାପିତ ହୋଇଛି। ଏହି ଅବସରରେ ୧ ମିନିଟ ବର୍ଗରେ ସୁରଜ ପଟ୍ଟନାୟକଙ୍କ ‘ଦ ସେଫ୍ ହ୍ୟାଣ୍ଡ୍’ ଚଳଚ୍ଚିତ୍ର ଓ ୫ ମିନିଟ ବର୍ଗରେ ହରିଶ ମହାନ୍ତିଙ୍କ ଦ୍ୱାରା ବିଖ୍ୟାତ କାର୍ଟୁନିଷ୍ଟ କେକେ ରଥଙ୍କ ଜୀବନୀ ଆଧାରିତ ‘ଆର୍ଟ ଅଫ୍ ଆବିଲିଟି’ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ‘ଶରତ ପୂଜାରୀ ସ୍ମାରକୀ ପୁରସ୍କାର’ ପାଇଛି। ସେହିପରି ଶ୍ରେଷ୍ଠ ସିନେମାଟୋଗ୍ରାଫି ପାଇଁ ‘ଦ ରାଇଟ୍ ଇମେଜ୍’ର ନିର୍ମାତା ସେକ୍ ଗୁଲଜାର ହୁସେନ୍‌ଙ୍କୁ ମଧ୍ୟ ପୁରସ୍କୃତ କରାଯାଇଛି। ଆଇନା ସମ୍ପାଦିକା ସ୍ନେହ ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉତ୍ସବରେ ଓଡ଼ିଶା ସଡ଼କ ପରିବହନ ନିଗମର ସିଏମ୍‌ଡି ଅରୁଣ ବୋଥ୍ରା, ଅଭିନେତ୍ରୀ ଅନୁ ଚୌଧୁରୀ ଏବଂ ଚଳଚ୍ଚିତ୍ର ନିର୍ମାତା ଅକ୍ଷୟ ପରିଜା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଭିନ୍ନକ୍ଷମଙ୍କ ସଚେତନତା ପାଇଁ ଏହି ପ୍ରୟାସ ସେମାନଙ୍କୁ ଆଗକୁ ବଢିବାକୁ ବାଟ ଦେଖାଇବ ବୋଲି ଅତିଥିମାନେ କହିଛନ୍ତି।

ପ୍ରଥମ ଅଧିବେଶନରେ ‘ପ୍ରେମ, ସହଯୋଗିତା ଏବଂ ଭିନ୍ନକ୍ଷମତା’ ଶୀର୍ଷକ ଖୋଲା ବିତର୍କ ଆୟୋଜିତ ହୋଇଥିଲା। ଧ୍ୱନି ଉତ୍ସବର ନିର୍ଦ୍ଦେଶକ ଜିତେନ୍ଦ୍ର ବିଶ୍ୱାଳ, ଆଭା କ୍ଷେତ୍ରପାଳ, ସାଇଷ୍ଟା ଏବଂ ଭିନ୍ନକ୍ଷମଙ୍କ କଲ୍ୟାଣରେ ଉତ୍ସର୍ଗିତ ଆନ୍ନୀ ପତ୍ରୀ ପ୍ରମୁଖ ଆଲୋଚକ ଭାବେ ଯୋଗ ଦେଇଥିଲେ। ଲେଖିକା ଡ. ବିୟତପ୍ରଜ୍ଞା ତ୍ରିପାଠୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସଙ୍ଗୀତଜ୍ଞ ଅଭିଜିତ୍ ମଜୁମଦାରଙ୍କ ନିର୍ଦ୍ଦେଶନାରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତକୁ ସାଙ୍କେତିକ ଭାଷାରେ ପରିବେଷଣ କରାଯାଇଥିଲା। ଏଥିରେ ସାଙ୍କେତିକ ଭାଷା ଅନୁବାଦକ ପ୍ରମୋଦ ମହାପାତ୍ର, ସୋହିନୀ ମିଶ୍ର, ବିଷ୍ଣୁମୋହନ କବି, ଦିଲୀପ ପଟେଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏଥିସହ ସମସ୍ତ ନିର୍ଦ୍ଦେଶକବୃନ୍ଦଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଦିଲୀପ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# କରୋନା: ସିଏମ୍‌ସି ଜାରିକଲା ଗାଇଡ୍‌ଲାଇନ

କଟକ ଅଫିସ,୩।୪




■ବିବାହରେ ୧୦୦, ଶୁଦ୍ଧି କାର୍ଯ୍ୟରେ ୫୦ ଜଣଙ୍କୁ ଅନୁମତି

■ସୁବର୍ଣ୍ଣ ଓ ରୌପ୍ୟ ଜୟନ୍ତୀ, ଶତବାର୍ଷିକୀ ପାଳନକୁ ବାରଣ

■୬ରୁ ଲାଗୁହେବ

କଟକ ସହରରେ ଦିନକୁ ଦିନ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ଶନିବାର ନୂତନ ଗାଇଡ୍‌ଲାଇନ୍ ଜାରି କରାଯାଇଛି। ତଦନୁଯାୟୀ, ବିବାହ ଉତ୍ସବରେ ୧୦୦ଜଣ ଓ ଶୁଦ୍ଧି କାର୍ଯ୍ୟରେ ସାମିଲ ହେବା ପାଇଁ ୫୦ଜଣଙ୍କୁ ଅନୁମତି ଦିଆଯିବ। ବିବାହ ଓ ଶୁଦ୍ଧି କାର୍ଯ୍ୟରେ କୋଭିଡ୍ କଟକଣା କଡ଼ାକଡ଼ି ପାଳନ ହେବ। କଟକ ମହାନଗର ନିଗମ ଅଞ୍ଚଳରେ ସମ୍ମିଳନୀ ଓ ସମାବେଶ ଉପରେ ସିଏମ୍‌ସି ପକ୍ଷରୁ କଟକଣା ଲଗାଯାଇଛି। କୌଣସି ସଂସ୍ଥା ଓ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ ପାଳନ ହୋଇପାରିବ ନାହିଁ। ସେହିପରି କୌଣସି ଅନୁଷ୍ଠାନର ସୁବର୍ଣ୍ଣ ଓ ରୌପ୍ୟ ଜୟନ୍ତୀ ସମେତ ଶତବାର୍ଷିକୀ ସମାରୋହ ପାଳନକୁ ବାରଣ କରାଯାଇଛି। ଆସନ୍ତା ୬ ତାରିଖରୁ ଏହି ଗାଇଡ୍‌ଲାଇନ୍ ଲାଗୁ କରାଯିବ ବୋଲି ଶନିବାର ସିଏମ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଯଦି କୌଣସି ଅନୁଷ୍ଠାନ କିମ୍ବା ସଂସ୍ଥା ବୈଠକ, ସମାବେଶ କରିବାକୁ ଚାହାନ୍ତି ତା’ହେଲେ ଏଥିପାଇଁ ସିଏମ୍‌ସିରୁ ଅନୁମତି ଆଣିବାକୁ ପଡିବ। ଆବଶ୍ୟକତାକୁ ଦୃଷ୍ଟିରେ ରଖି ସିଏମ୍‌ସି ୧୦୦ ଜଣଙ୍କୁ ନେଇ ବୈଠକ ବା ସମାବେଶ କରିବାକୁ ଅନୁମତି ଦିଆଯିବ। ଆସନ୍ତା ୬ ତାରିଖ ପୂର୍ବରୁ ଯଦି କେହି ସମ୍ମିଳନୀ, ସମାବେଶ କିମ୍ବା ଅନ୍ୟ କୌଣସି ସାମାଜିକ କାର୍ଯ୍ୟକ୍ରମ ପାଇଁ ସିଏମ୍‌ସି ଠାରୁ ଅନୁମତି ନେଇଥିବେ ତେବେ ତାହା କାର୍ଯ୍ୟକାରୀ ହେବନାହିଁ ବରଂ ନୂତନ ଗାଇଡ୍‌ଲାଇନ୍ ଅନୁଯାଇ ତାହା କାର୍ଯ୍ୟକାରୀ ହେବ ବୋଲି ଉକ୍ତ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଏହି ଗାଇଡ୍‌ଲାଇନ୍ ଉଲଙ୍ଘନ କଲେ ୧୦୦୦ ଟଙ୍କାରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡିବ। ନଚେତ୍ ୨ବର୍ଷ କାରାଦଣ୍ଡର ବ୍ୟବସ୍ଥା ରହିଛି ବୋଲି ସିଏମ୍‌ସି ସେକ୍ରେଟାରୀ ଲତାଶ୍ରୀ ବାଗ୍ କହିଛନ୍ତି।

OFFICE OF THE
MEDICAL OFFICER IN-CHARGE, CHC, GUDVELLA
Letter No. 127/NHM/21 Date: 03.04.2021
TENDER CALL NOTICE FOR HIRING OF VEHICLE
Sealed quotations are invited from the intending transporter/ travel agencies/individuals/NGOs/Private organizations for hiring of multi utility vehicle (1) for RBSK & (1) for Mobile Health Unit of CHC, Gudvella on monthly basis. (However the duration of hiring of vehicle may be extended subject to extension of NHM). The details of vehicle requirement and other terms & conditions can be obtained from the Office of the undersigned during office hour only. Sealed quotation (super scribing quotation for engagement of ____________ vehicle) should be submitted in the prescribed form in two envelopes for technical bid and for financial bid separately to the undersigned on or before 12.04.2021 by 3.00 P.M. through Registered Post/ Speed Post/Courier only & will be opened on the same day by the tender committee by 3.30 P.M. The undersigned will not be held responsible for any postal delay. The authority reserves the right to cancel/reject any or all the tender without assigning any reason thereof. The vehicle should not be exceeding more than 3 years.
Sd./- Medical Officer in-Charge
CHC, Gudvella

## ଜିଲା କଂଗ୍ରେସ କମିଟିର ବୈଠକ

ସୁନ୍ଦରଗଡ଼,(ଡି.ଏନ୍.ଏ): ଜିଲା କଂଗ୍ରେସ କମିଟିର ଏକ ବୈଠକ ଶନିବାର ସଭାପତି ବେଣୁମାଧବ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଧାନସଭା ନିର୍ବାଚନମଣ୍ଡଳୀର ନବନିଯୁକ୍ତ ଯୁବ ସଭାପତି ବିଶ୍ୱଜିତ ପଟ୍ଟନାୟକ, ତଳସରାର ପୂର୍ବତନ ବିଧାୟକ ଡା. ପ୍ରଫୁଲ୍ଲ କୁମାର ମାଝି, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ରାଜକିଶୋର ଷଡଙ୍ଗୀ, ଅଜିତ ପ୍ରସାଦ, କାଳୀପଦ ସାମଲ, ପର୍ଶୁରାମ ସରାଫ, ସତ୍ୟନାରାୟଣ ସାହୁ, ଟାଉନ୍ ସଭାପତି ନେପାଳ ସାହୁ, ରାଜ୍ୟ ସେବାଦଳର ମୁନୁ ସରାଫ, ରମଣୀରଞ୍ଜନ ଯୋଶୀ, ପ୍ରଣବ ସିଂ, ଦୀନବନ୍ଧୁ ସା ପ୍ରମୁଖ ଯୋଗଦେଇଥିଲେ। ଦଳର ସାଙ୍ଗଠନିକ ସ୍ଥିତି ସୁଦୃଢ଼ ସହ ଯୁବବର୍ଗଙ୍କୁ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ଚାଷୀ ଓ ଶ୍ରମିକ ମାରଣ ନୀତିବିରୋଧରେ ସ୍ୱର ଉତ୍ତୋଳନ ପାଇଁ ଆହ୍ୱାନ ଦେଇଥିଲେ।

**ସଂକ୍ଷେପରେ**

## ବର୍ଦ୍ଧିତ ବିଦ୍ୟୁତ୍ ଶୁଳ୍କ ପ୍ରତ୍ୟାହାର ପାଇଁ କଂଗ୍ରେସର ଦାବି

ରାଉରକେଲା, ୩।୪: ସମ୍ପ୍ରତି କରୋନା ମହାମାରୀ କାଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ରାଜ୍ୟ ସରକାରଙ୍କ ଅହେତୁକ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ସାଧାରଣ ଲୋକଙ୍କ ପ୍ରତି ବୋଝ ଉପରେ ନଳିତାବିଡା ସଦୃଶ ହୋଇଛି ବୋଲି ରାଉରକେଲା ଜିଲା କଂଗ୍ରେସ ତରଫରୁ କୁହାଯାଇଛି। ତେଣୁ ଏହି ଅହେତୁକ ବିଦ୍ୟୁତ୍ ଶୁଳ୍କ ବୃଦ୍ଧିର ପ୍ରତିବାଦରେ ପ୍ରଦେଶ କଂଗ୍ରେସ ତରଫରୁ ଦିଆଯାଇଥିବା ଆହ୍ୱାନ ଅନୁଯାୟୀ ଆସନ୍ତା ୪ତାରିଖ ରବିବାର ଏହାର ପ୍ରତିବାଦ ସ୍ୱରୂପ ରାଜ୍ୟବାସୀ ସନ୍ଧ୍ୟା ସାଢେ ୬ଟାରୁ ୭ଟା ପର୍ଯ୍ୟନ୍ତ ଘରର ଲାଇଟ୍ ଓ ବୈଦ୍ୟୁତିକ ଉପକରଣ ବନ୍ଦ ରଖିବା ପାଇଁ ନିବେଦନ କରାଯାଇଛି। ସେହିପରି ୫ ତାରିଖ ବିଦ୍ୟୁତ୍ ବିଭାଗର କାର୍ଯ୍ୟାଳୟ ସମ୍ମୁଖରେ ଜିଲାସ୍ତରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଏହି ଶୁଳ୍କ ବୃଦ୍ଧି ପ୍ରତ୍ୟାହାର ନିମନ୍ତ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ତେଣୁ ଏହି ପରିପ୍ରେକ୍ଷୀରେ ରାଉରକେଲା ସହରବାସୀ ଏହି ଅହେତୁକ ବିଦ୍ୟୁତ୍ ଶୁଳ୍କ ବୃଦ୍ଧିର ପ୍ରତିବାଦ କରି ୪ ତାରିଖ ସନ୍ଧ୍ୟା ସାଢେ ୬ଟାରୁ ୭ଟା ପର୍ଯ୍ୟନ୍ତ ସେମାନଙ୍କ ଘରର ଲାଇଟ୍ ବନ୍ଦ ରଖିବା ପାଇଁ ଜିଲା କଂଗ୍ରେସ ସଭାପତି ଜର୍ଜ ତିର୍କୀ ନିବେଦନ କରିଛନ୍ତି। ଅନୁରୂପ ଭାବେ ୫ ତାରିଖ ଉଦିତନଗରର ସ୍ଥିତ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସକାଳ ୧୦ଟା ବେଳେ ପ୍ରତିବାଦ ବିକ୍ଷୋଭ ସଭା ଅନୁଷ୍ଠିତ ହୋଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଦ୍ୟୁତ୍ ଶୁଳ୍କ ପ୍ରତ୍ୟାହାର ପାଇଁ ସ୍ମାରକପତ୍ର ଜ୍ଞାପନ କରାଯିବ ବୋଲି ତିର୍କୀ ସୂଚନା ଦେଇଛନ୍ତି। ଏହି ବିକ୍ଷୋଭ ସମାବେଶରେ ରାଉରକେଲା ଜିଲା କଂଗ୍ରେସର ସମସ୍ତ କର୍ମକର୍ତ୍ତା, କର୍ମୀ, ବରିଷ୍ଠ ନେତୃବୃନ୍ଦ, ପିସିସି ସଭ୍ୟ, ବ୍ଲକ୍ ସଭାପତି, ଯୁବ, ଛାତ୍ର, ମହିଳା, ସେବାଦଳ, ଏସ୍‌ଟି ଓ ଏସ୍‌ସି, ସଂଖ୍ୟାଲଘୁ, ଓବିସି, ଶ୍ରମିକ କଂଗ୍ରେସ, କୃଷକ କଂଗ୍ରେସ, ମତ୍ସ୍ୟଜୀବୀ କଂଗ୍ରେସ ଓ ଆଇନ୍‌ଜୀବୀ କଂଗ୍ରେସ ଇତ୍ୟାଦି ଶାଖାର ସମସ୍ତ କର୍ମକର୍ତ୍ତା ଓ କର୍ମୀମାନେ ଏହି ବିକ୍ଷୋଭରେ ସାମିଲ୍ ହେବା ପାଇଁ ତିର୍କୀ ଆହ୍ୱାନ ଜଣାଇଛନ୍ତି। ଏହି ବିକ୍ଷୋଭ ସମୟରେ ଶୁଳ୍କ ବୃଦ୍ଧି ପ୍ରତ୍ୟାହାର ସମେତ ସମ୍ପ୍ରତି କରୋନା ପାଇଁ ଆର୍ଥିକ ଦୁର୍ଗତି ମଧ୍ୟରେ ଗତି କରୁଥିବା ସହରବାସୀଙ୍କ ବକେୟା ବିଦ୍ୟୁତ୍ ବିଲ୍ ଛାଡ କରିବା ଏବଂ ବକେୟା ବିଦ୍ୟୁତ୍ ବିଲ୍ ଆଦାୟ ନାଁରେ ଚାଲିଥିବା ଜୁଲମ୍ ଓ ସଂଯୋଗ ବିଚ୍ଛିନ୍ନ କାର୍ଯ୍ୟରୁ କର୍ତ୍ତୃପକ୍ଷ ବିରତ ରହିବା ତଥା ଅଘୋଷିତ ବିଦ୍ୟୁତ୍ କାଟକୁ ବନ୍ଦ କରିବା ନେଇ ଦାବି କରାଯିବ।

## ବାଗଡିହି ଫାଣ୍ଡି ଅଧିକାରୀ ପୁରସ୍କୃତ

କିର୍ମିରା, ୩।୪(ଡି.ଏନ.ଏ.): ଝାରସୁଗୁଡ଼ା ଜିଲା ଲଇକେରା ଥାନାର ବାଗଡିହି ଫାଣ୍ଡି ଅଧିକାରୀ ସରୋଜ କୁମାର ନାଏକଙ୍କୁ ଶ୍ରେଷ୍ଠ ତଦନ୍ତକାରୀ ଅଧିକାରୀ ଭାବେ ପୁରସ୍କୃତ କରାଯାଇଛି। ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ପାଳନ ଅବସରରେ କଟକ ୬ଷ୍ଠ ବାଟାଲିୟନ ପରେଡ ପଡିଆରେ ତାଙ୍କୁ ଏହି ପୁରସ୍କାର ଦିଆଯାଇଛି। ଏ ନେଇ ଜିଲା ପୋଲିସ ବିଭାଗରେ ଖୁସିର ଲହରି ଖେଳିଯାଇଛି।




ସୁନ୍ଦରଗଡ଼ ସହରରେ ନବନିର୍ମିତ ଏନ୍‌ଟିପିସି ମେଡିକାଲ କଲେଜ ଓ ହସ୍ପିଟାଲ।



କେନ୍ଦ୍ରୀୟ ବୈଷୟିକ ପ୍ରତିନିଧି ଦଳକୁ ସ୍ମାରକପତ୍ର ଦିଆଯାଉଛି।

# କେନ୍ଦ୍ରୀୟ ବୈଷୟିକ ଦଳକୁ ସ୍ମାରକପତ୍ର

- ସୁନ୍ଦରଗଡ଼ରେ ପ୍ରସ୍ତାବିତ ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ନେଇ ଦାବି
- ବିଭିନ୍ନ ସାମାଜିକ ସଙ୍ଗଠନର କର୍ମକର୍ତ୍ତା ଭେଟିଲେ

ସୁନ୍ଦରଗଡ଼, ୩।୪ (ଡି.ଏନ୍.ଏ)

ସୁନ୍ଦରଗଡ଼ଠାରେ ଓଡ଼ିଶାର ଦ୍ୱିତୀୟ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନ (ଏମ୍‌ସ୍) ପ୍ରତିଷ୍ଠା ନେଇ ଶନିବାର ଏକ କେନ୍ଦ୍ରୀୟ ବୈଷୟିକ ପ୍ରତିନିଧି ଦଳ ସୁନ୍ଦରଗଡ଼ରେ ପହଞ୍ଚି ଭିତ୍ତିଭୂମିର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ଅବସରରେ ସୁନ୍ଦରଗଡ଼ ନାଗରିକ କମିଟିର ସଭାପତି ଅଶୋକ କୁମାର ଦାଶ, ଜିଲା ଓକିଲ ସଂଘର ସଭାପତି ସୁକାନ୍ତ କୁମାର ମହାପାତ୍ର, ସମ୍ପାଦକ ଅଶୋକ କୁମାର ସ୍ୱାଇଁ, ସରକାରୀ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. କିଶୋର କୁମାର ଦାଶ, ପ୍ରାଧ୍ୟାପକ ଡ. ସରୋଜ କୁମାର ପଟେଲ, ଭିକ୍ଟର କୁଜୁର, ପୂର୍ବତନ ପ୍ରଶାସକ ସନ୍ତୋଷ ଅମାତ, ଦୁର୍ଗାମାଧବ ପଟେଲ, ସିଆଇଆରଟିଡି ପକ୍ଷରୁ ବିଶ୍ୱରଞ୍ଜନ ହୋତା, ବେଣୁମାଧବ ତ୍ରିପାଠୀ, ପୂର୍ବତନ କାଉନସିଲର ଡକ୍ଟର ହିମାଂଶୁ ଶେଖର ଷଡଙ୍ଗୀ, ଯୁବ ନେତା ଅମୀୟ ପଟ୍ଟନାୟକ ପ୍ରମୁଖ ବିଭିନ୍ନ ରାଜନୈତିକ ଦଳ ଓ ସାମାଜିକ ସଙ୍ଗଠନର କର୍ମକର୍ତ୍ତାମାନେ ଏହି ପ୍ରତିନିଧି ଦଳକୁ ଭେଟିଥିଲେ। ଝାଡ଼ଖଣ୍ଡ ଓ ଛତିଶଗଡ଼ ସୀମାବର୍ତ୍ତୀ ସୁନ୍ଦରଗଡ଼ଠାରେ ଏମ୍ସ ପ୍ରତିଷ୍ଠାର ଆବଶ୍ୟକତା ସମ୍ପର୍କରେ ଅବଗତ କରାଇବା ସହ ଏଠାରେ ଆବଶ୍ୟକ ଭିତ୍ତିଭୂମି ରହିଥିବା ନେଇ ପୃଥକ୍ ଭାବେ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ସୁନ୍ଦରଗଡରେ ଏମ୍‌ସର ଦ୍ୱିତୀୟ ଶାଖା ପ୍ରତିଷ୍ଠା ନେଇ କେନ୍ଦ୍ରକୁ ଦିଆଯାଇଥିବା ପ୍ରସ୍ତାବ ଅନୁଯାୟୀ ଏଠାରେ ଏହାର ପର୍ଯ୍ୟାପ୍ତ ଭିତ୍ତିଭୂମି ରହିଛି। ଏନ୍‌ଟିପିସି ପକ୍ଷରୁ ୫୦୦ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ଓ ୧୦୦ଆସନ ବିଶିଷ୍ଟ ଡାକ୍ତରୀ ପାଠ୍ୟକ୍ରମ ପାଇଁ କଲେଜ ସକାଶେ ଆବଶ୍ୟକୀୟ କୋଠା ନିର୍ମାଣ ସରିଛି। ୨୧ ଏକର ପରିମିତ ସ୍ଥାନରେ ନିର୍ମିତ ଏହି ମେଡିକାଲ କଲେଜ ସନ୍ନିକଟରେ ୧୮୩ ଏକର ଜମି ମଧ୍ୟ ଉପଲବ୍ଧ ଅଛି। ଜଳର ଆବଶ୍ୟକତା ପାଇଁ ୧୦୦୦ମିଟର ଦୂରତାରେ ଇବ୍ ନଦୀ ରହିଛି। ଆବଶ୍ୟକୀୟ ବିଦ୍ୟୁତ୍ ସେବା ପାଇଁ ୩୦୦ମିଟର ଦୂରତାରେ ଗ୍ରୀଡ ଷ୍ଟେସନ ରହିଥିବା ବେଳେ ୧୫୦୦ମିଟର ଦୂରତାରେ ମ୍ୟୁନିସିପାଲିଟିର ୧୦ଏକର ପରିମିତ ଜମିରେ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ରହିଛି। ସେହିପରି ଯୋଗାଯୋଗ ସୁବିଧା ପାଇଁ ଏହି ମେଡିକାଲ କଲେଜଠାରୁ ୨୨କିମି ଦୂରରେ ବୀର ସୁରେନ୍ଦ୍ର ସାଏ ଜାତୀୟ ବିମାନ ବନ୍ଦର, ୨୬କି.ମି ଦୂରରେ ଝାରସୁଗୁଡା ରେଲଷ୍ଟେସନ, ୩୦୦ମିଟର ଦୂରତାରେ ୪ଲେନ୍ ବିଶିଷ୍ଟ ରାଜ୍ୟ ରାଜପଥ ବିଜୁ ଏକ୍ସପ୍ରେସ ୱେ ରହିଛି । ପ୍ରସ୍ତାବିତ ଏହି ପ୍ରକଳ୍ପଠାରୁ ନିକଟତର ଭୁବନେଶ୍ୱର, ଛତିଶଗଡ ରାୟପୁରର ଏମ୍‌ସ ଏବଂ ଝାଡଖଣ୍ଡର ଦେଓଘରଠାରେ ପ୍ରସ୍ତାବିତ ଏମ୍‌ସ ମଧ୍ୟରେ ଦୂରତା ପ୍ରାୟ ୪ଶହ କି.ମିରୁ ଅଧିକ ହୋଇଛି। ଏଣୁ ଏହି ଦୂରତା ମଧ୍ୟରେ କୌଣସି ଜାତୀୟ ସ୍ତରର ଉଚ୍ଚସ୍ତରର ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ନ ଥିବାରୁ ସୁନ୍ଦରଗଡ ଠାରେ ଏମ୍‌ସର ଦ୍ୱିତୀୟ ଶାଖା ପ୍ରତିଷ୍ଠାର ଆବଶ୍ୟକତା ରହିଥିବା ଦର୍ଶାଯାଇଛି।

ସୂଚନାଯୋଗ୍ୟ ଯେ, ସୁନ୍ଦରଗଡ଼ଠାରେ ଏନ୍‌ଟିପିସିର ୫୦୦ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ଓ ୧୦୦ ଆସନ ବିଶିଷ୍ଟ ଏହି ନବନିର୍ମିତ ମେଡିକାଲ କଲେଜକୁ ଓଡିଶାର ଦ୍ୱିତୀୟ ଏମ୍‌ସ୍ ଶାଖାରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମୁଖ୍ୟ ଶାସନ ସଚିବ ଓ ନିକଟରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଓ ସ୍ଥାନୀୟ ବିଧାୟିକା କୁସୁମ ଟେଟେଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କ ନିକଟରେ ପ୍ରସ୍ତାବ ଦିଆଯାଇଥିଲା। ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ ଜିଲା ସଦର ମହକୁମାରେ ପ୍ରସ୍ତାବିତ ଏମ୍‌ସର ଦ୍ୱିତୀୟ ଶାଖା ପ୍ରତିଷ୍ଠା ପାଇଁ କେନ୍ଦ୍ରୀୟ ବୈଷୟିକ ପ୍ରତିନିଧିଦଳଙ୍କ ଗସ୍ତ ପରେ ସୁନ୍ଦରଗଡବାସୀ ଉତ୍ସାହିତ ଥିବା ବେଳେ ଏ ନେଇ ବେଶ ଆଶାବାଦୀ ଅଛନ୍ତି।

## ଲାଇଟରରୁ ନିଆଁ ଲାଗି ବୃଦ୍ଧଙ୍କ ମୃତ୍ୟୁ

ଲହୁଣୀପଡା, ୩।୪ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ଟେନ୍‌ସାରେ ଜଣେ ବୃଦ୍ଧ ବିଡିରେ ନିଆଁ ଲଗେଇବା ବେଳେ ଦେହରେ ନିଆଁ ଲାଗି ମୃତ୍ୟୁ ଘଟିଥିବା ଜାଣିବାକୁ ମିଳିଛି। ପ୍ରାପ୍ତସୂଚନାରୁ ପ୍ରକାଶ ଯେ, ଟେନସାରେ ରହୁଥିବା ବିହାରୀ ସାହୁ (୯୧) ଅନେକ ଦିନ ହେବ ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ ମଧ ଚଲାବୁଲା କରି ନ ପାରି ଶୋଇ ରହୁଥିଲେ। କିନ୍ତୁ ବିଡି ପିଇବା ଅଭ୍ୟାସ ଥିବାରୁ ପ୍ରାୟ ସମୟରେ ବିଡି ପିଇବା ପାଇଁ ସେ ଲାଇଟର ବ୍ୟବହାର କରୁଥିଲେ । ଶୁକ୍ରବାର ଅପରାହ୍ନରେ ବିଡିରେ ନିଆଁ ଲଗେଇବା ପାଇଁ ଲାଇଟର ବ୍ୟବହାର କରିବାରୁ କୌଣସି ମତେ ତାଙ୍କ କପଡା ଓ ଦେହରେ ନିଆଁ ଲାଗି ଯାଇଥିଲା । ଫଳରେ ସେ ଚିତ୍କାର କରିବାରୁ ତାଙ୍କ ସ୍ତ୍ରୀ ଓ ପରିବାର ଲୋକ ଦୌଡି ଆସି ଦେଖିଲା ବେଳକୁ ତାଙ୍କ ଦେହରେ ନିଆଁ ଲାଗି ଯାଇଛି । କୌଣସି ମତେ ନିଆଁକୁ ଲିଭାଇ ଚିକିତ୍ସା ପାଇଁ ଡାକ୍ତରଖାନା ନେଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ଘଟଣା ସମ୍ପର୍କରେ ବିହାରୀ ସାହୁଙ୍କ ପୁଅ ସୁବୋଧ ଲହୁଣୀପଡା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଶବକୁ ଜବତ କରି ଶନିବାର ବ୍ୟବଚ୍ଛେଦ କରାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି।

## କେ.ବଲାଙ୍ଗ ପୋଲିସର ଜନସମ୍ପର୍କ ଶିବିର

ଲହୁଣୀପଡା, ୩।୪ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ସାନରକ୍ସି ସ୍ଥିତ କୁଶଳ ତିର୍କି ମିନି ଷ୍ଟାଡିୟମଠାରେ ଶନିବାର ପୋଲିସ ପକ୍ଷରୁ ଏକ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ସୟଦ ମୁଜ୍ଜୁବୀର ରେହେମାନ୍, ସମ୍ମାନିତ ଅତିଥି ଭାବେ ରକ୍ସି ସରପଞ୍ଚ ଲିଲି ସରିତା ଗୁଡିଆ, ଜମୁଡିହି ସରପଞ୍ଚ ସୁଶିଲା ମୁଣ୍ଡା, ସ୍ୱୟଂବା ସରପଞ୍ଚ ଅନିଲ ବାର୍ଲା, ସମିତି ସଭ୍ୟ ମନୋଜ ପୂର୍ତ୍ତି, କରମପାଲ ସିଂ ଓ ଜିଲା ପରିଷଦ ସଦସ୍ୟ ଗୋପୀନାଥ ମାହାନ୍ତ, ଟେନ୍‌ସା ଫାଣ୍ଡି ଅଧିକାରୀ ଅଶୋକ କୁମାର ବେହେରା ଯୋଗଦେଇଥିଲେ । କେ.ବଲାଙ୍ଗ ଥାନା ଭାରପ୍ରାପ୍ତ ଅଧିକାରୀ ବିକାଶ ରଞ୍ଜନ ସ୍ୱାଇଁଙ୍କ ସଭାପତିତ୍ୱରେ ଏହି ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଥିଲା । ଆଦିବାସୀ ଅଧ୍ୟୁଷିତ ଓ ମାଓବାଦୀ ପ୍ରବଣ ଅଞ୍ଚଳ ଭାବେ ବେଶ ପରିଚିତ କେ.ବଲାଙ୍ଗ ଥାନା ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ବସବାସ କରୁଥିବା ନିରୀହ ଆଦିବାସୀମାନଙ୍କୁ ପ୍ରଲୋଭନ ଦେଖାଇ ମାଓବାଦୀମାନେ ଅତୀତରେ ନିଜ ସଙ୍ଗଠନରେ ସାମିଲ କରିବା ସହିତ ଉକ୍ତ ଅଞ୍ଚଳରେ ସାମୂହିକ ବିକାଶରେ ବାଧା ସୃଷ୍ଟି କରିଥିବା ନଜିର ରହିଛି। ଏଣୁ ଉକ୍ତ ଅଞ୍ଚଳର ଆଦିବାସୀଙ୍କ ସହିତ ଉତ୍ତମ ସମ୍ପର୍କ ସ୍ଥାପନ କରିବା ଉଦ୍ଦେଶ୍ୟରେ ଏବଂ ପୋଲିସ ସମ୍ପର୍କିତ ବିଭିନ୍ନ ସମସ୍ୟାର ତୁରନ୍ତ ଯୋଗାଯୋଗ କରି ଉକ୍ତ ସମସ୍ୟାର ସମାଧାନ କରିବା ଓ ଶିକ୍ଷା ସ୍ୱାସ୍ଥ୍ୟ ଓ ସଂସ୍କୃତିକୁ ବଜାୟ ରଖିବାରେ ଯଥା ସମ୍ଭବ ସାହାଯ୍ୟ ସହଯୋଗ ପୋଲିସ ଯୋଗାଇଦେବ ବୋଲି ଅତିଥିମାନେ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଉକ୍ତ ଜନସମ୍ପର୍କ ଶିବିରରେ ଫୁଟବଲ ପ୍ରତିଯୋଗିତା କରାଯାଇଥିବା ବେଳେ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ । ଯୋଗଦେଇଥିବା ନୃତ୍ୟ ଦଳ, ହକି ଦଳ, ଫୁଟବଲ ଦଳ, କ୍ରିକେଟ ଦଳମାନଙ୍କୁ ବାଦ୍ୟ ସାମଗ୍ରୀ, କ୍ରୀଡା ସାମଗ୍ରୀ ଓ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ବୃଦ୍ଧାବୃଦ୍ଧଙ୍କୁ ଶାଢ଼ୀ, ଲୁଙ୍ଗି, କମ୍ବଳ, ଛତା ପ୍ରଦାନ କରାଯାଇଥିଲା। ପୋଲିସ ସହିତ ସୁସମ୍ପର୍କ ରଖିଥିବା ଓ ସହଯୋଗ କରି ଆସୁଥିବା ବ୍ୟକ୍ତି ବିଶେଷଙ୍କୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିବା ଦେଖିବାକୁ ମିଳିଥିଲା। ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଡ଼ା. କ୍ରିଷ୍ଣା କୁମାର ଜୟସ୍ୱାଲ, ଡା. ମୟୁରୀ ଗାଙ୍ଗୁଲି ସୋନି, ଡା. ସରୋଜ କୁମାର ଜେନା, ଷ୍ଟାଫ ନର୍ସ ଅନିତା ମାଲୱାର ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ମାଗଣା ଔଷଧ ପ୍ରଦାନ କରିଥିଲେ। ସବଇନ୍ସପେକ୍ଟର ତ୍ରିନାଥ ବାଗ, ରାମ ନାରାୟଣ ପୁରୋହିତ, ହାବିଲଦାର ମେଘନାଦ ମାଝୀ ସମେତ ପୋଲିସ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଜନସମ୍ପର୍କ ଶିବିରରେ ଉପକରଣ ପ୍ରଦାନ କରାଯାଉଛି।

## ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା

**ଥାନାରେ ମାମଲା, ଯୁବକ ଗିରଫ**

ନୂଆଗାଁ, ୩।୪ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ହାତୀବାରି ଥାନା ଅନ୍ତର୍ଗତ ଲୁକମବେଡା ଗ୍ରାମର ନୀରଜ ବଡ଼ାଇକଙ୍କ ସେହି ଅଞ୍ଚଳର ଜଣେ ଯୁବତୀ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । ସମ୍ପର୍କ ନିବିଡ ହେବାପରେ ନୀରଜ ଉକ୍ତ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରିରୀକ ସମ୍ପର୍କ ରଖିଲା । ଦୀର୍ଘ ଦିନ ପର୍ଯ୍ୟନ୍ତ ଉଭୟଙ୍କ ମଧ୍ୟରେ ସମ୍ପର୍କ ସ୍ଥାପନ ପରେ ଯୁବତୀ ଜଣକ ନୀରଜଙ୍କୁ ବିବାହ ପାଇଁ ଜିଦ ଧରିଥିଲେ । ଏଥିରେ ନୀରଜ ଅମଙ୍ଗ ହେବା ସହ ବିବାହ ପାଇଁ କୌଣସି ମତେ ରାଜି ହେଲେ ନାହିଁ । ଶେଷରେ ଯୁବତୀ ଜଣଙ୍କ ଶୁକ୍ରବାର ଏନେଇ ହାତୀବାରି ଥାନାରେ ଅଭିଯୋଗ କଲେ। ହାତୀବାରି ଥାନା ଅଧିକାରୀ ହୃଷିକେଶ ବେହେରା କେଶକୁ ଗମ୍ଭିରତାର ସହ ନେଇ ଏକ ମାମଲା (ନଂ. ୩୫/୨୧) ରୁଜୁ କରି ନୀରଜଙ୍କୁ ଗିରଫ କଲେ। ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି । ତାଙ୍କ ବିରୋଧରେ ଧାରା ୪୧୭/ ୩୭୬ (୧), ୩୭୬ (୨)/୩୧୩ ଆଇପିସିରେ ମାମଲା ରୁଜୁ ହୋଇଥିବା ଜଣାପଡିଛି ।

## ଟିକା ନେଲେ,କେନ୍ଦ୍ର ବୁଲିଲେ ଜୁଏଲ

ସୁନ୍ଦରଗଡ,୩।୪ (ଡି.ଏନ୍.ଏ)

ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ଶନିବାର କୋଭିଡ ଦ୍ୱିତୀୟଡୋଜ ଟିକା ନେଇଛନ୍ତି। ଏମ୍‌ପି ଓରାମ ସ୍ଥାନୀୟ ଏନ୍‌ଟିପିସି କୋଭିଡ କେୟାର କେନ୍ଦ୍ର ଠାରେ ହୋଇଥିବା ଟିକାକରଣ କେନ୍ଦ୍ରରେ ପହଞ୍ଚି ଟିକାକରଣ କାର୍ଯ୍ୟ ତଦାରଖ କରି ସେଠାକୁ ଟିକା ନେବାକୁ ଆସିଥିବା ଲୋକମାନଙ୍କ ସହିତ ଆଲୋଚନା କରିଥିଲେ। ଏହାପରେ ନିଜେ ଟିକା ନେଇଥିଲେ। ଏମ୍‌ପି ଟାଙ୍ଗରପାଲି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର,ସର୍ଗିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ମଙ୍ଗସପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ କୁଣ୍ଡୁକେଲା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ହୋଇଥିବା କୋଭିଡ-୧୯ ଟିକାକରଣ କେନ୍ଦ୍ର ପରିଦର୍ଶନ କରିଥିଲେ। ଏମ୍‌ପିଙ୍କ ଜିଲା ପ୍ରତିନିଧି ତଥା ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଟକିଶୋର ମିଶ୍ର, ଜିଲା ଭାଜପା ସାଧାରଣ ସମ୍ପାଦକ ଯଶୋବନ୍ତ ନାଏକ, ଜିଲା ପରିଷଦ ସଭ୍ୟ ସୁଖଲାଲ ମୁଣ୍ଡା, ମହିଳା ମୋର୍ଚ୍ଚା ଜିଲା ସଭାନେତ୍ରୀ ଶାନ୍ତିଲତା ସରାଫ୍, କାନନବାଳା ବେହେରା ଡା. ହିମାଂଶୁ ଶେଖର ଷଡଙ୍ଗୀ, ବୈକୁଣ୍ଠ ବନଛୋର ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ଟିକାକରଣ କେନ୍ଦ୍ର ବୁଲୁଛନ୍ତି।

## ଅଭିରାମ ଯୋଗାଶ୍ରମର ବାର୍ଷିକ ଉତ୍ସବ

ରାଉରକେଲା ଅଫିସ୍, ୩।୪

ଷ୍ଟିଲ ସିଟିର ସେକ୍ଟର ୫ ଭଞ୍ଜଭବନ ନିକଟସ୍ଥ ଅଭିରାମ ପଲ୍ଲୀରେ ଅବସ୍ଥିତ ଅଭିରାମ ଯୋଗାଶ୍ରମର ୧୪ତମ ବାର୍ଷିକ ଉତ୍ସବ କରୋନା କଟକଣା ଭିତରେ ଅନୁଷ୍ଠିତ ହୋଇଯାଇଛି। ଚାରିଦିନ ବ୍ୟାପି ଏହି କାର୍ଯ୍ୟକ୍ରମର ପ୍ରଥମ ଦିବସରେ ଅଙ୍କୁରାରୋପଣ ଅନୁଷ୍ଠିତ ହୋଇଥିବା ବେଳେ ଦ୍ୱିତୀୟ ଦିବସରେ ସମ୍ପୂର୍ଣ୍ଣ ଭାଗବତ ପରାୟଣ, ବିଶ୍ୱଶାନ୍ତି ମହାଯଜ୍ଞ ଅଧିବାସ ଓ ଅଷ୍ଟପ୍ରହର ନାମଯଜ୍ଞ ଅଧିବାସ ଅନୁଷ୍ଠିତ ହୋଇଥିଲା। ସେହିପରି ତୃତୀୟ ଦିବସରେ ବିଶ୍ୱଶାନ୍ତି ମହାଯଜ୍ଞ ଓ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଶେଷ ଦିବସରେ ଅଷ୍ଟପ୍ରହର ନାମଯଜ୍ଞର ପୂର୍ଣ୍ଣାହୂତୀ ହୋଇ ନଗର କୀର୍ତ୍ତନ ହୋଇଥିଲା। ଏହି ଅବସରରେ ସାରନଗରୀ ଭଞ୍ଜ କଲୋନୀର ସ୍ମୃତିମଧୁର ସଂକୀର୍ତ୍ତନ ମଣ୍ଡଳୀଙ୍କ ଦାରା ଆକର୍ଷଣୀୟ କୀର୍ତ୍ତନ ପରିବେଷଣ କରାଯାଇଥିଲା। ଶେଷରେ ସମସ୍ତ ଶ୍ରଦ୍ଧାଳୁ ଅନ୍ନ ପ୍ରସାଦର ଆନନ୍ଦ ନେଇଥିଲେ। ଏହି ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ଶ୍ରୀକାନ୍ତ ବର୍ମା ଏବଂ ନିରଞ୍ଜନ ମହାପାତ୍ର କର୍ତ୍ତା ଭାବରେ ଦାୟିତ୍ୱ ତୁଲାଇଥିଲେ। ଉତ୍ସବ ଆୟୋଜନରେ ବାବାଜୀ ଶ୍ରୀ ସ୍ୱରୂପାନନ୍ଦ ଦାସମହାରାଜ, ରଙ୍କ ବିଶୋଇ, ସାଧୁଚରଣ ରାଉତ, ଶିବପ୍ରସାଦ ସାହୁ, କାମନା ପ୍ରଧାନ, ବସନ୍ତ ବାରିକ, ବାବୁ ରାଜୁ, ବୃନ୍ଦାବନ ଲେଙ୍କା, ଦ୍ରୁପଦ ଗଡ଼ତିଆ, ନିରଞ୍ଜନ ଦାସ, ରାଜନ ନାୟକ, କମଳ ବାରିକ, ଲିଟୁ ସ୍ୱାଇଁ, ଶିବପ୍ରସାଦ ପଣ୍ଡା, ସୁରେନ୍ଦ୍ର ବିଶ୍ୱାଳ, ଆରତ ମାଝୀ, ବୈଲୋଚନ ସାମଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ।



ଅଭିରାମ ଯୋଗାଶ୍ରମରେ ଅଷ୍ଟପ୍ରହର ନାମଯଜ୍ଞ ଅଧିବାସ।

## ଜନଅଧିକାର ମଞ୍ଚର ବିରୋଧ

**ଜାତୀୟ ମ୍ୟାଲେରିଆ ଗବେଷଣା କେନ୍ଦ୍ରକୁ ରାଞ୍ଚି ୟୁନିଟ୍ ସହ ମିଶ୍ରଣ**

ରାଉରକେଲା ଅଫିସ,୩।୪

୧୯୮୮ରୁ ରାଉରକେଲାରେ କାର୍ଯ୍ୟ କରିଆସୁଥିବା ଓଡ଼ିଶାର ଏକମାତ୍ର ଜାତୀୟ ମ୍ୟାଲେରିଆ ଗବେଷଣା କେନ୍ଦ୍ରକୁ ରାଞ୍ଚି ୟୁନିଟ୍ ସହ ମିଶ୍ରଣ କରିବା ପାଇଁ ଆଇସିଏମ୍ଆର ନେଇଥିବା ନିଷ୍ପତ୍ତିକୁ ରାଉରକେଲା ଜନ ଅଧିକାର ମଞ୍ଚ ସହ ବିଭିନ୍ନ ଗଣସଙ୍ଗଠନ ଏବଂ ରାଜନୈତିକ ଦଳ ତୀବ୍ର ବିରୋଧ କରିଆସୁଛନ୍ତି। ଗବେଷଣା କେନ୍ଦ୍ର ମିଶ୍ରଣକୁ ବିରୋଧ କରି ଜନ ଅଧିକାର ମଞ୍ଚ ପକ୍ଷରୁ ବିଭିନ୍ନ ପର୍ଯ୍ୟାୟରେ ଜନ ଆନ୍ଦୋଳନ ସହ ପ୍ରଧାନମନ୍ତ୍ରୀ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ, ଆଇସିଏମ୍ଆର ନିର୍ଦ୍ଦେଶକ, ଓଡ଼ିଶାର ମୁଖ୍ୟମନ୍ତ୍ରୀ, ସ୍ଥାନୀୟ ଏମ୍‌ପି, ବିଧାୟକଙ୍କୁ ଦାବିପତ୍ର ମାଧ୍ୟମରେ ଅବଗତ କରାଯାଇଆସୁଛି। ଏହା ସହ ଉଚ୍ଚ ନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ରାଉରକେଲା ଓକିଲ ସଂଘର ପ୍ରାକ୍ତନ ସମ୍ପାଦକ ତଥା ଜନ ଅଧିକାର ମଞ୍ଚର ଆବାହକ ସଦାନନ୍ଦ ସାହୁଙ୍କ ପକ୍ଷରୁ କେନ୍ଦ୍ର ସରକାର, ଆଇସିଏମ୍ଆର ଏନ୍ଆଇଏମ୍ଆର (ଜାତୀୟ ମ୍ୟାଲେରିଆ ଗବେଷଣା କେନ୍ଦ୍ର)କୁ ପକ୍ଷଭୁକ୍ତ କରାଯାଇ ଦାଖଲ କରାଯାଇଛି। ଏହି ଜନସ୍ୱାର୍ଥ ମାମଲାର ତିନୋଟି ପ୍ରାରମ୍ଭିକ ଶୁଣାଣି ସରିଯାଇଛି ଏବଂ ପରବର୍ତ୍ତୀ ଶୁଣାଣି ମୁଖ୍ୟ ବିଚାରପତିଙ୍କ କୋର୍ଟରେ ଆସନ୍ତା ଏପ୍ରିଲ ୫ ତାରିଖକୁ ଧାର୍ଯ୍ୟ କରାଯାଇଛି। ଇତି ମଧ୍ୟରେ ଏହି ମ୍ୟାଲେରିଆ ଗବେଷଣା କେନ୍ଦ୍ରକୁ ସ୍ଥାନାନ୍ତର ନ କରିବା ପାଇଁ ରାଜ୍ୟସଭାରେ ଓଡ଼ିଶାର ସାଂସଦ ମମତା ମହନ୍ତ ଚଳିତ ସଂସଦ ଅଧିବେଶନରେ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ମ୍ୟାଲେରିଆ ଗବେଷଣା କେନ୍ଦ୍ରର ମିଶ୍ରଣକୁ ବିରୋଧ କରିବା ସହ କେନ୍ଦ୍ର ସରକାର ଏହି ନିଷ୍ପତିର ପୁନଃ ବିଚାର କରିବା ପାଇଁ ନିବେଦନ କରିଛନ୍ତି। ବିଳମ୍ବରେ ହେଲେ ମଧ୍ୟ ଓଡିଶାର ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନଙ୍କୁ ଚିଠି ଲେଖି ମ୍ୟାଲେରିଆ ଗବେଷଣା କେନ୍ଦ୍ରକୁ ରାଞ୍ଚି ସହ ମିଶ୍ରଣର ପୁନଃବିଚାର ସହ ରାଉରକେଲାରେ ପୂର୍ବପରି କାର୍ଯ୍ୟ କରିବ ସେଥିପାଇଁ ନିବେଦନ କରିଛନ୍ତି ।

ତଥ୍ୟ ଅନୁସାରେ ୨୦୧୬ରେ ଗୋଆରେ ମ୍ୟାଲେରିଆରେ ଆକ୍ରାନ୍ତଙ୍କ ସଂଖ୍ୟା ୭୪୨ ଓ ମୃତ୍ୟୁହାର ଶୂନଥିବା ବେଳେ ଓଡିଶାରେ ଆକ୍ରାନ୍ତଙ୍କ ସଂଖ୍ୟା ୪୪୪୮୪୩ ସହ ମୃତ୍ୟୁ ସଂଖ୍ୟା ୭୭, ୨୦୧୭ରେ ଉତ୍ତରାଖଣ୍ଡରେ ଆକ୍ରାନ୍ତଙ୍କ ସଂଖ୍ୟା ୫୦୮ ଥିବା ସହ ମୃତ୍ୟୁସଂଖ୍ୟା ଶୂନ ରହିଥିଲା। ଓଡିଶାରେ ଆକ୍ରାନ୍ତଙ୍କ ସଂଖ୍ୟା ୩୪୭୮୬୦ ଏବଂ ମୃତ୍ୟୁ ସଂଖ୍ୟା ୨୪ ଥିଲା। ୨୦୧୮ରେ ଗୋଆ ଏବଂ ଉତ୍ତରାଖଣ୍ଡରେ ଯଥାକ୍ରମେ ଆକ୍ରାନ୍ତଙ୍କ ସଂଖ୍ୟା ୩୭୭, ୪୦୯ ରହିଥିବା ବେଳେ ମୃତ୍ୟୁ ସଂଖ୍ୟା ଶୂନ ରହିଥିବା ସହ ଓଡିଶାରେ ଆକ୍ରାନ୍ତଙ୍କ ସଂଖ୍ୟା ୬୬୩୧୧ ଏବଂ ମୃତ୍ୟୁ ସଂଖ୍ୟା ୩ ଥିଲା। ୨୦୧୯ରେ ଗୋଆ ଏବଂ ଉତ୍ତରାଖଣ୍ଡରେ ସର୍ବନିମ୍ନ ୨୭୨, ୨୯୬ ରହିଥିବା ବେଳେ ମୃତ୍ୟୁସଂଖ୍ୟା ଶୂନ ରହିଥିବା ବେଳେ ଓଡିଶାରେ ଆକ୍ରାନ୍ତଙ୍କ ସଂଖ୍ୟା ୩୯୫୫୬ ଏବଂ ମୃତ୍ୟୁ ସଂଖ୍ୟା ୯ ଥିଲା। ୨୦୨୦ରେ ଗୋଆ ଏବଂ ଉତ୍ତରାଖଣ୍ଡରେ ସର୍ବନିମ୍ନ ୯୬ ଏବଂ ୧୫ ରହିଥିବା ବେଳେ ଓଡିଶାରେ ଆକ୍ରାନ୍ତଙ୍କ ସଂଖ୍ୟା ୩୯୭୮୦ ଏବଂ ମୃତ୍ୟୁସଂଖ୍ୟା ୮ ରହିଥିବା ଉଲ୍ଲେଖ ରହିଛି। ସୂଚନା ମୁତାବକ, ଓଡ଼ିଶାରେ ସର୍ବାଧିକ ମ୍ୟାଲେରିଆ ଆକ୍ରାନ୍ତ, ମୃତ୍ୟୁହାର ବିଗତ ବର୍ଷରେ ଥିଲେ ମଧ୍ୟ ରାଜ୍ୟର ଏକମାତ୍ର କେନ୍ଦ୍ରକୁ ଆଇସିଏମ୍ଆର୍‌ର ରାଞ୍ଚି ଗବେଷଣା କେନ୍ଦ୍ର ସହ ମିଶ୍ରଣ ହେବା ଫଳରେ ଓଡିଶାର ଜନସାଧାରଣ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବେ । ତେଣୁ ଓଡ଼ିଶାର ସ୍ୱାର୍ଥ ଦୃଷ୍ଟିରୁ ଏପ୍ରିଲ ୫ ତାରିଖ ଉଚ୍ଚ ନ୍ୟାୟାଳୟରେ ଉକ୍ତ ଜନସ୍ୱାର୍ଥ ମାମଲାର ଶୁଣାଣି ହେବାକୁ ଥିବାରୁ ରାଜ୍ୟ ସରକାର ଏଥିରେ ପକ୍ଷଭୁକ୍ତ ହୋଇ ମାମଲାରେ ସହଯୋଗ କରିବାକୁ ଓ କେନ୍ଦ୍ର ସରକାର ତାଙ୍କ ନିଷ୍ପତିର ପୁନଃବିଚାର କରିବାକୁ ଜନ ଅଧିକାର ମଞ୍ଚ ପକ୍ଷରୁ ଖବରଦାତା ସମ୍ମିଳନୀରେ ନିବେଦନ କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ ମଞ୍ଚର ଆବାହକ ସଦାନନ୍ଦ ସାହୁ, ଓକିଲ ସଂଘର ସଭାପତି ରମେଶ ବଳ, ଯୁଗ୍ମ ଆବାହକ ଦିଗମ୍ବର ମହାନ୍ତି, ଗୌତମ ବାଡା, ଦୀନବନ୍ଧୁ ଭୋଳ, ସନ୍ତୋଷ ଦାସ, ଅଜିତ୍ ନାୟକ, ସ୍ୱାଗତିକା ମହାନ୍ତି, ଯସ୍ମିତା ପ୍ରଧାନ, ଭାଗବତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୪ ଏପ୍ରିଲ, ୨୦୨୧



## ହାଇୱା ଓଲଟି ଚାଳକଙ୍କ ମୃତ୍ୟୁ

କୁଚିଣ୍ଡା,(ଡି.ଏନ.ଏ.): ଶୁକ୍ରବାର ସନ୍ଧ୍ୟାରେ ଜମନକିରା ଥାନା ଅଞ୍ଚଳରେ ଏକ ହାଇୱା ଓଲଟି ପଡିବାରୁ ତଳେ ଚାପି ହୋଇ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଥପାପାଲି ଗ୍ରାମର ଅଶୋକ ମୁଣ୍ଡା (୩୦)। ଶନିବାର ଜମନକିରା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ଡାକ୍ତରଖାନା ପଠାଇଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ଅନୁସନ୍ଧାନ ଚଳାଇଛି।

## ଆଜି କ'ଣ କେଉଁଠି

ସମ୍ବଲପୁର
- ମାଗଣା ସ୍ୱାସ୍ଥ୍ୟସେବା ଶିବିର, ରେଙ୍ଗାଲି ଅନ୍ତର୍ଗତ ବିଞ୍ଜିପାଲି, ସକାଳ ୭ଟା ।
- ସ୍ୱାସ୍ଥ୍ୟ ସମ୍ପର୍କିତ ବୈଠକ, ବରେଇପାଲିସ୍ଥିତ ଆରୋଗ୍ୟମ୍ ଡାକ୍ତରଖାନା ପରିସର, ପୂର୍ବାହ୍ନ ସାଢ଼େ ୧୧ଟା ।

## ସଂକ୍ଷେପରେ

### ଯୁବକଙ୍କ ମୃତଦେହ ଜବତ, ହତ୍ୟା ସନ୍ଦେହ

ଝାରସୁଗୁଡ଼ା ଅଫିସ,୩।୪: ଝାରସୁଗୁଡ଼ା ତାଳପଟିଆ ଫାଣ୍ଡି ଅଧୀନ ଦୁର୍ଲଗା ବସ୍‌ଷ୍ଟାଣ୍ଡ ନିକଟ ରାସ୍ତାରେ ଶନିବାର ସକାଳେ ଜଣେ ଯୁବକଙ୍କ କ୍ଷତବିକ୍ଷତ ମୃତଦେହ ପଡିଥିବା ଲୋକେ ଦେଖି ପୋଲିସ୍‌କୁ ଜଣାଇଥିଲେ। ତାଳପଟିଆ ଫାଣ୍ଡି ଅଧିକାରୀ କଲ୍ୟାଣି ବେହେରା ଓ ଏଏସ୍‌ଆଇ ଜଗଦୀଶ ଜେନା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ । ମୃତକ ହେଲେ ଦୁର୍ଲଗା ଗ୍ରାମର ଚନ୍ଦ୍ରମଣି ସାହୁ(୪୪)। ତାଙ୍କ ଡାହାଣ ଗୋଡ ଭାଙ୍ଗିଥିବାବେଳେ ହାତରେ ଗାଡି ଚଢାଯାଇ ମୁହଁକୁ କ୍ଷତବିକ୍ଷତ କରାଯାଇଛି। ତେଣୁ ତାଙ୍କୁ କେହି ହତ୍ୟା କରାଯାଇଛି ବୋଲି ସନ୍ଦେହ କରାଯାଉଛି । ଏ ନେଇ ମୃତକଙ୍କ ପୁଅ ଆଶିଷ ତାଳପଟିଆ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ୍ କେସ୍ ନଂ.୧୨/୨୧ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି । ସୂଚନାଯୋଗ୍ୟ ଯୁବକଙ୍କ ଘରେ କିଛିଦିନ ତଳେ କଳହ ଲାଗିଥିଲା। ପରିବାର ଲୋକେ ଫାଣ୍ଡିରେ ପହଞ୍ଚିବାରୁ ପୋଲିସ୍ ଏହାର ସମାଧାନ କରିଥିଲା। ହଠାତ୍ ମୃତଦେହ ଜବତ ଘଟଣାକୁ ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି। ଏହାର ତଦନ୍ତ ହେଲେ ରହସ୍ୟ ଉନ୍ମୋଚନ ହେବ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ଘର ଭିତରୁ ଝୁଲନ୍ତା ମୃତଦେହ ଜବତ

ସମ୍ବଲପୁର,୩।୪(ବ୍ୟୁରୋ): ସମ୍ବଲପୁର ସଦର ଥାନା ଧନକଉଡାରେ ପ୍ରତାପ ପଟ୍ଟନାୟକ (୪୬)ଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ପୋଲିସ ଶନିବାର ଜବତ କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ମୃତ ପ୍ରତାପଙ୍କ ସ୍ତ୍ରୀ ଜଣେ ଭାଜପା ନେତ୍ରୀ ଅଟନ୍ତି।

### ସିଆର୍‌ପିଏଫ୍ ପକ୍ଷରୁ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ନାକଟିଦେଉଳ,୩।୪(ଡି.ଏନ.ଏ.): ନାକଟିଦେଉଳ ଥାନା ଅନ୍ତର୍ଗତ ବାଟଗାଁ ଗ୍ରାମର ଶହୀଦ ରଞ୍ଜନ ସାହୁଙ୍କୁ ଶନିବାର ସିଆର୍‌ପିଏଫ୍ ଗ୍ରୁପ ସେଣ୍ଟର ସମ୍ବଲପୁର ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଗ୍ରୁପ ସେଣ୍ଟରର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଭଗବାନ ସାହୁ ସିଆର୍‌ପିଏଫ୍ ଯବାନମାନଙ୍କ ଗହଣରେ ବାଟଗାଁ ଖେଳ ପଡ଼ିଆଠାରେ ଥିବା ଶହୀଦ ରଞ୍ଜନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏଥି ସହିତ ତାଙ୍କ ବାସଭବନକୁ ଯାଇ ସ୍ତ୍ରୀ ଦୀପ୍ତିମୟୀ ଓ ପରିବାର ବର୍ଗଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। କୁଞ୍ଜାମୁରା ସାଲେଇଡିପ ହାଇସ୍କୁଲରେ ସିଆର୍‌ପିଏଫ୍ ପକ୍ଷରୁ ଏକ ସଭା କରାଯାଇ ଶହୀଦଙ୍କ ଜୀବନୀ ସମ୍ପର୍କରେ ଭିଡିଓ ପ୍ରଦର୍ଶନ କରାଯାଇଥିଲା। ଆସନ୍ତା ୯ରେ ସିଆର୍‌ପିଏଫ୍ ପକ୍ଷରୁ ଶୌର୍ଯ୍ୟ ଦିବସ ପାଳନ କରାଯିବ। ଗୃହ ମନ୍ତ୍ରଣାଳୟ ନିର୍ଦ୍ଦେଶ କ୍ରମେ ଏହାର ଅବ୍ୟବହିତ ପୂର୍ବରୁ ସମସ୍ତ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କାର୍ଯ୍ୟକ୍ରମ କରାଯାଉଛି।

### ସାହିତ୍ୟିକ ସଦାଶିବଙ୍କ ପରଲୋକ

ସମ୍ବଲପୁର, ୩।୪ (ବ୍ୟୁରୋ): କବି, ଗାଳ୍ପିକ ଓ ସାହିତ୍ୟକ ସଦାଶିବ ବେରିହାଙ୍କ ୭୩ ବର୍ଷ ବୟସରେ ଶନିବାର କୁଲୁଥକାନୀ ବାସଭବନରେ ପରଲୋକ ହୋଇଯାଇଛି। କ୍ଷୁଦ୍ରଗଳ୍ପ ସଂକଳନ ମଧ୍ୟରେ ସମାରୋହ, ଅଶ୍ୱମେଧ ଯଜ୍ଞ, ସୃଜନିକା, ସଂଳାପ ରହିଛି । ସେହିପରି କାବ୍ୟ ମଧ୍ୟରେ ମାଁ ସମଲେଇ, ଦେବଦେବୀଙ୍କ ଲିଲାପୀଠ, ଶ୍ରୀ ସାଇ ମହାତ୍ମ୍ୟ ପାଠକମାନଙ୍କଠାରେ ଆଦୃତି ଲାଭ କରିଥିଲା । ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡ ଭୋଜପୁରଠାରେ ସେ ଜନ୍ମଗ୍ରହଣ କରିଥିଲେ। ପିଲାବେଳରୁ କବିତା ରଚନା କରିବାରେ ତାଙ୍କର ଆଗ୍ରହ ରହିଥିଲା। ତାଙ୍କ ବିୟୋଗରେ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବିଭିନ୍ନ ସାହିତ୍ୟ ଅନୁଷ୍ଠାନ, କବି, ଲେଖକ, ଗାଳ୍ପିକ, ନାଟ୍ୟକାରମାନେ ଶୋକ ପ୍ରକାଶ କରିଛନ୍ତି । କମଳୀବଜାର ରାଜଘାଟଠାରେ ତାଙ୍କର ଶେଷ ଦର୍ଶନ କରିଥିଲେ। ବଡପୁଅ ଦିବ୍ୟରାଜ ବେରିହା ମୁଖାଗ୍ନୀ ଦେଇଥିଲେ।

# ଦଳିତ ଉପେକ୍ଷିତ, ପରିବର୍ତ୍ତନ ଆବଶ୍ୟକ

ସମ୍ବଲପୁର,୩।୪(ବ୍ୟୁରୋ)



ପିଏଚ୍‌ଡି ପଡିଆଠାରେ ଆୟୋଜିତ ସମାବେଶରେ ଭୀମ ଆର୍ମିର ଜାତୀୟ ସଭାପତି ଚନ୍ଦ୍ରଶେଖର ଆଜାଦ୍ ଓ ଅନ୍ୟମାନେ।

ସମଗ୍ର ଦେଶରେ ଦଳିତ, ସଂଖ୍ୟାଲଘୁ ଉପେକ୍ଷିତ। କେବଳ ନିର୍ବାଚନ ସମୟରେ ରାଜନୈତିକ ଦଳର ନେତାମାନେ ମନେ ପକାନ୍ତି। ହେଲେ ଅଧିକାର କିମ୍ବା ସମସ୍ୟା ଦାବି କଲେ ଆଉ ଦେଖା ମିଳେନାହିଁ। କୃଷକ, ବ୍ୟାଙ୍କ କର୍ମଚାରୀ, ବୀମା କମ୍ପାନୀ ଅନେକ କ୍ଷେତ୍ରରେ ଆଜି ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରୁଛନ୍ତି। କିନ୍ତୁ ସରକାର ଏହାକୁ କର୍ଣ୍ଣପାତ କରୁନାହାନ୍ତି। ନ୍ୟାୟ, ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର, ସୁରକ୍ଷା ଭଳି ମୌଳିକ ସୁବିଧା ପାଇଁ ଲଢେଇ କରିବାକୁ ପଡୁଛି। ତେଣୁ ଏବେ ପରିବର୍ତ୍ତନ କରିବା ଆବଶ୍ୟକ ହୋଇଛି ବୋଲି ଶନିବାର ସମ୍ବଲପୁର ଗସ୍ତରେ ଆସି ଭୀମ ଆର୍ମିର ଜାତୀୟ ସଭାପତି ଚନ୍ଦ୍ରଶେଖର ଆଜାଦ ରାବଣ ପିଏଚ୍‌ଡି ପଡ଼ିଆରେ ଉଦ୍‌ବୋଧନ ଦେଇଥିଲେ।

ସେ ଆହୁରି କହିଥିଲେ, ଓଡ଼ିଶାରେ ବିଶେଷକରି ଦଳିତ ମହିଳା ଅସୁରକ୍ଷିତ ହୋଇ ରହୁଛନ୍ତି। କଳକାରଖାନାଗୁଡିକୁ ସରକାର ଆଦିବାସୀଙ୍କ ଜମି କମ୍ ଦରରେ ଦେଇ ଦେଇଛନ୍ତି। ନିୟମ ଦୃଷ୍ଟିରୁ ନିଯୁକ୍ତି ମଧ ଦିଆଯାଉନାହିଁ। ଏସବୁ ଫେରାଇ ଆଣିବାକୁ ହେଲେ ଲଢେଇ କରିବାକୁ ହେବ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ରୋଜଗାର ଦେବାରେ ବିଫଳ ହୋଇଛନ୍ତି। ଏବେ ଯୁବତୀଯୁବକ ସମସ୍ତଙ୍କୁ ଉଚ୍ଚ ଶିକ୍ଷିତ ହେବାକୁ ପଡିବ। ଆମେ ଅଶିକ୍ଷିତ, ଅସଂଗଠିତ ଥିବାରୁ ନେତାମାନେ ଠକି ଚାଲିଛନ୍ତି। ମାଗଣାରେ ଭତ୍ତା, ଖାଦ୍ୟ ଦେଇ ଭୋଟ ନେଇ ଚାଲିଛନ୍ତି। ଥରେ ଆମ ହାତରୁ ଭୋଟ ଦେବାର କ୍ଷମତା ଚାଲିଗଲେ ସେମାନେ ଅରାଜକତା କରିଚାଲିଛନ୍ତି। ତେଣୁ ମାଗଣା ଉପରେ ନିର୍ଭର ନ କରି ରୋଜଗାରକ୍ଷମ ହୋଇ ସରକାରଙ୍କ ସେବାଠାରୁ ଦୁରେଇ ରହିବାକୁ ଆହ୍ୱାନ ଦେଇଥିଲେ। ପ୍ରତ୍ୟେକ ପଡା ଗ୍ରାମକୁ ଭୀମ ଆର୍ମି ଓ ବହୁଜନ ସମାଜର ସଦସ୍ୟମାନେ ଯାଇ ଲୋକମାନଙ୍କୁ ସହଯୋଗ କରିବାକୁ କହିଥିଲେ। ଜିଲା ସ୍କୁଲ ଛକରୁ ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦୁଲ କଲାମଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଶୋଭାଯାତ୍ରା ବାହାରିଥିଲା। ମୁଦିପଡାସ୍ଥିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୂଜାର୍ଚ୍ଚନା କରାଯାଇ ପିଏଚ୍‌ଡି ପଡିଆରେ ଶୋଭାଯାତ୍ରା ପହଞ୍ଚିଥିଲା। ଜିଲା ପୋଲିସ ଟିମ୍ ଆଇନଶୃଙ୍ଖଳା ପାଇଁ ନିୟୋଜିତ ରହିଥିଲେ। ଏଥିରେ ସମ୍ବଲପୁର ସମେତ ବରଗଡ, କଳାହାଣ୍ଡି, ବଲାଙ୍ଗୀର, ଝାରସୁଗୁଡ଼ା, ସୁନ୍ଦରଗଡ ଜିଲାର ସଦସ୍ୟ ଉପସ୍ଥିତ ଥିଲେ। ଜିଲାର ଲକ୍ଷେଶ ରାବଣଙ୍କ ସମେତ ଶତାଧିକ କର୍ମକର୍ତ୍ତା ସହଯୋଗ କରିଥିଲେ।

**ସମ୍ବଲପୁରରେ ଚନ୍ଦ୍ରଶେଖର ଆଜାଦ**
- ଘରୋଇକରଣ ଦେଶ ପାଇଁ ବିପତ୍ତି
- ରାଜ୍ୟରେ ମହିଳା ଅସୁରକ୍ଷିତ

# ପ୍ରାରମ୍ଭିକ କଲ୍ ତାଲିକା ପ୍ରକାଶିତ

**ଅଖିଳ ଭାରତୀୟ ସୈନିକ ସ୍କୁଲ ପ୍ରବେଶିକା ପରୀକ୍ଷା**

ସମ୍ବଲପୁର, ୩।୪ (ବ୍ୟୁରୋ)

ସୈନିକ ସ୍କୁଲରେ ନାମଲେଖା ସକାଶେ ଗତ ଫେବୃୟାରୀ ମାସରେ ଅଖିଳ ଭାରତୀୟ ସୈନିକ ସ୍କୁଲ ପ୍ରବେଶିକା ପରୀକ୍ଷା ହୋଇଥିଲା । ଏହି ପରୀକ୍ଷାର ପ୍ରାରମ୍ଭିକ କଲ୍ ତାଲିକା ସୈନିକ ସ୍କୁଲ ୱେବସାଇଟରେ ପ୍ରକାଶିତ ହୋଇଛି । ପ୍ରତ୍ୟେକ ପଦବୀ ଲାଗି ତିନି ପ୍ରାର୍ଥୀଙ୍କ ଅନୁପାତରେ ପ୍ରାର୍ଥୀମାନଙ୍କର ବର୍ଗିକୃତ ରୋଲ ନମ୍ବର କ୍ରମାନ୍ୱୟରେ ଶ୍ରେଣୀ ଓ ଲିଙ୍ଗ ଅନୁଯାୟୀ ରହିଅଛି । ସର୍ଟଲିଷ୍ଟ ହୋଇଥିବା ପ୍ରାର୍ଥୀମାନଙ୍କ ମେଡିକାଲ ପରୀକ୍ଷା ଶେଷ ପରେ ସୈନିକ ସ୍କୁଲ ଦ୍ୱାରା ମେ ମାସରେ ଚୂଡାନ୍ତ ମେରିଟ୍ ତାଲିକା ପ୍ରକାଶ ପାଇବ । ଏନେଇ ଶନିବାର ସମ୍ବଲପୁର ସୈନିକ ସ୍କୁଲ ଅଧକ୍ଷ ସୌଭିକ ଭଟ୍ଟାଚାର୍ଯ୍ୟ ପ୍ରେସ ବିବୃତିରେ ସୂଚୀତ କରିଛନ୍ତି ।

# ଇବ୍ ଥର୍ମାଲ ୨ୟ ୟୁନିଟ୍‌ରେ ଯାନ୍ତ୍ରିକ ତ୍ରୁଟି


ବନହରପାଲିସ୍ଥିତ ଇବ୍ ଥର୍ମାଲ ପ୍ରକଳ୍ପ ।

**ବିଦ୍ୟୁତ୍ ଉତ୍ପାଦନ ବାଧାପ୍ରାପ୍ତ**

ଝାରସୁଗୁଡ଼ା ଅଫିସ,୩।୪

ଓଡିଶା ବିଦ୍ୟୁତ୍ ଉତ୍ପାଦନ ନିଗମ (ଓପିଜିସି)ର ବନହରପାଲିସ୍ଥିତ ଇବ୍ ତାପଜ ବିଦ୍ୟୁତ୍ କେନ୍ଦ୍ରର ୨ୟ ୟୁନିଟ୍‌ରେ ଶନିବାର ଯାନ୍ତ୍ରିକ ତ୍ରୁଟି ଯୋଗୁ ବିଦ୍ୟୁତ୍ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି । ଏହି ୟୁନିଟ୍‌ଗତ ଜାନୁୟାରୀ ୧୩ରୁ ଫେବୃୟାରୀ ୧୦ତାରିଖ ପର୍ଯ୍ୟନ୍ତ ବାର୍ଷିକ ମରାମତି ହୋଇଥିଲା । ଏହା ପରେ ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ କମ୍ପାନୀ କର୍ତ୍ତୃପକ୍ଷ ଏହାକୁ ସଚଳ କରିବାପାଇଁ ମରାମତି ଜାରି ରଖିଛନ୍ତି। କମ୍ପାନୀର ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହିମାଂଶୁ ବେହେରା କହିଛନ୍ତି, ୨ୟ ୟୁନିଟ୍‌ରେ ଶନିବାର ମଧ୍ୟାହ୍ନ ୧ଟା୫୫ରେ ଟିବ୍ୟୁ ଲିକେଜ୍ ହେବା ଫଳରେ ୟୁନିଟ୍‌କୁ ବନ୍ଦ କରାଯାଇ ଯୁଦ୍ଧକାଳୀନ ଭିତ୍ତିରେ ମରାମତି ଜାରି ରହିଛି । ୭୨ଘଣ୍ଟା ମଧ୍ୟରେ ଏହି ୟୁନିଟ୍‌ରୁ ପୁନଃ ଉତ୍ପାଦନ ହେବ।

# ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ ଅଚଳ

**ସମସ୍ୟା ଭୋଗୁଛନ୍ତି ଦଣ୍ଡାଢ଼ିପ ଗ୍ରାମବାସୀ**

ନାକଟିଦେଉଳ,୩।୪(ଡି.ଏନ.ଏ.)


ଅଚଳ ସୌରଚାଳିତ ପ୍ରକଳ୍ପ।

ନାକଟିଦେଉଳ ବ୍ଲକ ବଳମ ପଞ୍ଚାୟତର ଦଣ୍ଡାଡିପ ଗ୍ରାମରେ ଥିବା ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇପଡ଼ିଛି। ଫଳରେ ଗ୍ରାମବାସୀ ପାନୀୟଜଳ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ପ୍ରକାଶ ଯେ, ଦଣ୍ଡାଡିପ ଗ୍ରାମରେ ପାନୀୟ ଜଳ ସମସ୍ୟା ଦୂରୀକରଣ ପାଇଁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ୨୦୧୯ରେ ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ ଆରମ୍ଭ ହୋଇଥିଲା। ଗ୍ରୀନକୋ ସିଷ୍ଟମ୍ସ ପ୍ରା.ଲି. ନାମକ ସଂସ୍ଥା ୩ଲକ୍ଷ ୪୧ହଜାର ୨ଶହ ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ କାର୍ଯ୍ୟ କରିଥିଲା। ୯ଶହ ଡବ୍ଲ୍ୟୁପି କ୍ଷମତା ବିଶିଷ୍ଟ ପ୍ରକଳ୍ପରୁ ଦୈନିକ ୮ହଜାରରୁ ୧୦ହଜାର ଲିଟର ପର୍ଯ୍ୟନ୍ତ ପାଣି ଯୋଗାଇ ଦିଆଯିବା ବ୍ୟବସ୍ଥା ରହିଥିଲା। ଏହା ଗତ ଫେବୃୟାରୀ ମାସରେ କାର୍ଯ୍ୟକ୍ଷମ ହୋଇଥିଲା। ଏଥିରୁ ଦଣ୍ଡାଡିପ ସାହିର ପ୍ରାୟ ୨୦ ପରିବାର ପାଣି ସଂଗ୍ରହ କରି ଚଳୁଥିଲେ। ହେଲେ ୨/୩ ମାସ ପରେ ତାହା ଅଚଳ ହୋଇଗଲା। ଫଳରେ ଗ୍ରାମବାସୀ ପୂର୍ବଭଳି ଜଳକଷ୍ଟ ଭୋଗୁଛନ୍ତି। ଅନ୍ୟପକ୍ଷେ ବଳମ ଗ୍ରାମରେ ଥିବା ଓଭରହେଡ୍ ପାଣିଟାଙ୍କିରୁ ଦଣ୍ଡାଡିପ ଗ୍ରାମକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଉଥିଲେ ମଧ ତାହା ପର୍ଯ୍ୟାପ୍ତ ନୁହେଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସୌରଚାଳିତ ପ୍ରକଳ୍ପ ଅଚଳ ସମ୍ପର୍କରେ ଗ୍ରାମବାସୀ ବହୁବାର ବିଭାଗୀୟ ଯନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ ମଧ ସୁଫଳ ମିଳିନାହିଁ। ପାଣି ସମସ୍ୟା ଜଟିଳ ହୋଇପଡୁଥିବାରୁ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଅଶୋକ କୁମାର ମହାନନ୍ଦିଆଙ୍କୁ ପଚରାଯିବାରେ ଏହି ପ୍ରକଳ୍ପ ନିର୍ମାଣ କରିଥିବା ସଂସ୍ଥା ସହିତ ଯୋଗାଯୋଗ କରାଯାଇ ଯଥାଶୀଘ୍ର ଏହାକୁ ଚାଲୁ କରାଯିବ ବୋଲି କହିଛନ୍ତି।

## ୧୦ରୁ ନିଖିଳ ଓଡିଶା ଓପନ୍ ଚେସ୍ ଟୁର୍ନାମେଣ୍ଟ

ସମ୍ବଲପୁର, ୩।୪ (ବ୍ୟୁରୋ)

ପୂର୍ବତଟ ରେଳବାଇ କ୍ରୀଡା ସଂଗଠନ ଓ ସମ୍ବଲପୁର ଚେସ୍ ସଂଗଠନ ମିଳିତ ଆନୁକୂଲ୍ୟରେ ଚଳିତ ମାସ ୧୦ ତାରିଖରୁ ତୃତୀୟ ମା' ସମଲେଶ୍ୱରୀ ଫାଇଟ୍ ନିଖିଳ ଓଡିଶା ଓପନ୍ ଚେସ୍ ଟୁର୍ନାମେଣ୍ଟ ହେବ । ରେଳନଗର ସ୍ଥିତ ରେଳବାଇ ଅଧିକାରୀ କ୍ଲବଠାରେ ହେବାକୁ ଥିବା ଟୁର୍ନାମେଣ୍ଟରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଛାତ୍ରୀଛାତ୍ର, ଶିକ୍ଷକ, ରେଳବାଇ କର୍ମଚାରୀ ଏବଂ ଚେସ ଖେଳାଳିମାନେ ଭାଗ ନେବେ । ଶନିବାର ବରିଷ୍ଠ ମଣ୍ଡଳ ପରିଚାଳନା ପ୍ରବନ୍ଧକ ତଥା କ୍ରୀଡା ଅଧିକାରୀ ଡ. ମିଳିନ୍ଦ ହିରୱେ ପ୍ରେସ୍ ବିବୃତିରେ ଏ ସମ୍ପର୍କରେ ସୂଚୀତ କରିଛନ୍ତି ।

## ଧାରଣାରୁ ଓହରିଲା ସରପଞ୍ଚ ସଂଘ

ବଡ଼ଗାଁ, ୩।୪ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଫିସ ପରିସରରେ ଗତ ମାସ ୨୩ ତାରିଖ ସାହାଜବାହାଲ ସରପଞ୍ଚ ବିକ୍ରମ ଟପ୍ପୋଙ୍କୁ ତଳସରା ନିର୍ବାଚନ ମଣ୍ଡଳୀର ଯୁବ ବିଜେଡି ସମ୍ପାଦକ ସରୋଜ ସାହୁ ଅଶ୍ଳୀଳ ଗାଳି, ହତ୍ୟା ଧମକ ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁ କରିଛି। ଅଭିଯୁକ୍ତଙ୍କ ଗିରଫ ଦାବିକରି ବଡ଼ଗାଁ ବ୍ଲକ ସରପଞ୍ଚ ସଂଘ ଶୁକ୍ରବାରଠାରୁ ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ଶନିବାର ରାଜଗାଙ୍ଗପୁର ଏସଡିପିଓ ଏସ. ବେଉରା ଆସି ସରପଞ୍ଚମାନଙ୍କୁ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହିତ ଆଟ୍ରୋସିଟି ଉପରେ ଆବଶ୍ୟକ ପଦକ୍ଷେପ ନିଆଯାଉଛି ଓ ଅଦାଲତ ନିୟମାନୁଯାୟୀ ପଦକ୍ଷେପ ଗ୍ରହଣ କରାଯାଇଛି କହିଥିଲେ। ପରେ ସଂଘ ସଭାପତି ବିକ୍ରମ ଟପ୍ପୋ ଧାରଣାରୁ ଓହରିଥିଲେ ।

# ଅନ୍‌ଲାଇନ ପରୀକ୍ଷା ଦାବିରେ ଆନ୍ଦୋଳନ



କଲେଜ ଫାଟକବନ୍ଦ କରି ଛାତ୍ରୀଛାତ୍ର ଆନ୍ଦୋଳନ କରୁଛନ୍ତି ।

ସମ୍ବଲପୁର, ୩।୪ (ବ୍ୟୁରୋ)

ସମ୍ପ୍ରତି ଦେଶରେ କରୋନା ଦ୍ୱିତୀୟ ଲହର ଦେଖାଦେଇଛି। ବିଭିନ୍ନ ରାଜ୍ୟ ସରକାର ପ୍ରତିଷେଧକ ଭାବେ ସଚେତନତା କାର୍ଯ୍ୟକ୍ରମ କରୁଛନ୍ତି । ଏହାକୁ ଦୃଷ୍ଟିରେ ରଖି ଅନ୍‌ଲାଇନ ପରୀକ୍ଷା ଦାବି ନେଇ ଶନିବାର ହୀରାକୁଦ ଡିଗ୍ରୀ କଲେଜ ଯୁକ୍ତ ୩ ତୃତୀୟ ବର୍ଷ ଛାତ୍ରୀଛାତ୍ର ଆନ୍ଦୋଳନ କରିଛନ୍ତି । ସେମାନେ କଲେଜ ମୁଖ୍ୟ ଫାଟକକୁ ୩ ଘଣ୍ଟା ଧରି ବନ୍ଦ କରିଥିଲେ। ପରେ କଲେଜ ଅଧକ୍ଷ, ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି, କୁଳସଚିବ, ପରୀକ୍ଷା ନିୟନ୍ତ୍ରକଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି । କଲେଜ ଛାତ୍ର ସଂଘ ସଭାପତି ସଦାନନ୍ଦ ଦାଶ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ପୁରାତନ ଛାତ୍ର ସଂଘ ମଧ ସାମିଲ ଥିଲେ । ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇଥିବା ଆନ୍ଦୋଳନ ଅପରାହ୍ନ ୧ଟାରେ ଶେଷ ହୋଇଥିଲା ।

# ଚୋରି ହେଲା ସୋଲାର ପ୍ୟାନେଲ

କୁତ୍ରା, ୩।୪(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ କନ୍ଦେଇମୁଣ୍ଡା ଗ୍ରାମ ପଞ୍ଚାୟତର ତେଲିଘଣାଠାରେ ଲୋକଙ୍କୁ ଆମ୍ବ ଚାଷ ପ୍ରତି ଆକୃଷ୍ଟ ତଥା ସୁଦୃଢ କରିବା ପାଇଁ ଖଣିଜ ପ୍ରତିଷ୍ଠାନ ବିଭାଗ ପକ୍ଷରୁ ୨୦୨୦ ନଭେମ୍ବର ମାସରେ ୨୧ ଜଣ ଲୋକଙ୍କ ୬୨.୩୫ ଏକର ଜମିରେ ଆମ୍ବ ଗଛ ଲଗାଯାଇଥିଲା। ଏହି ଆମ୍ବ ଗଛର ରକ୍ଷଣାବେକ୍ଷଣ ତଥା ଚାଷୀଙ୍କ ସୁବିଧା ଅସୁବିଧା ବୁଝିବା ପାଇଁ ଏକ ସ୍ୱେଚ୍ଛାସେବୀ ସଙ୍ଗଠନକୁ ଦାୟିତ୍ୱ ଦିଆଯାଇଛି। ଆମ୍ବ ଗଛର ରକ୍ଷଣାବେକ୍ଷଣ ପାଇଁ ୬୨.୩୫ ଏକର ଜମିରେ ୧୧ଟି ବୋରୱେଲ ଖୋଲାଯାଇଛି। ସେଥିମଧ୍ୟରୁ ୬ଟି ବୋରୱେଲ କାର୍ଯ୍ୟକାରି ହେଉଛି। ଗୋଟିଏ ବୋରୱେଲରେ ୫ଟି ସୋଲାର ପ୍ୟାନେଲ ହିସାବରେ ୩୦ଟି ପ୍ୟାନେଲ ଲାଗିଥିଲା। କିନ୍ତୁ ତା'ଭିତରୁ ୨ଟି ବୋରୱେଲର ୧୦ ଟି ସୋଲାର ପ୍ୟାନେଲ ଗତ ଏପ୍ରିଲ ୨ ତାରିଖ ରାତିରେ ଚୋରି ହୋଇଥିବାର ସୂଚନା ଦେଇଛନ୍ତି ସ୍ୱେଚ୍ଛାସେବୀ ସଙ୍ଗଠନ ସେବକ ପକ୍ଷରୁ ପ୍ରକାଶ ପ୍ରଧାନ। କୁତ୍ରା ଥାନାରେ ଅଭିଯୋଗ କରିଥିବାର ସୂଚନା ମଧ ଦେଇଛନ୍ତି ପ୍ରକାଶ। କିନ୍ତୁ ଏବାବଦରେ କୁତ୍ରା ଥାନା ଏ.ଏସ.ଆଇ ରଞ୍ଜନ କୁମାର ନାଏକଙ୍କୁ ପଚାରିବାରୁ କୌଣସି ଅଭିଯୋଗ ହୋଇ ନ ଥିବା ସୁଚନା ଦେବା ସହ ପାଲଟା ଅଭିଯୋଗ କରି କହିଛନ୍ତି ଯେ ସେମାନେ ତାଙ୍କର କୌଣସି କାଗଜପତ୍ର ଦେଖେଇ ପାରୁନାହାନ୍ତି। କିନ୍ତୁ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଏହାକୁ ଖଣ୍ଡନ କରି ତାଙ୍କ ପାଖରେ କୁତ୍ରା ଥାନା ପକ୍ଷରୁ ଗ୍ରହଣ କରିଥିବା ଅଭିଯୋଗ ପତ୍ରର କପି ରଖିଥିବା ନେଇ ସୂଚନା ଦେଇଛନ୍ତି।

# ଯାଞ୍ଚ ଆରମ୍ଭ, ଜରିମାନା ଆଦାୟ

ସମ୍ବଲପୁର,୩।୪(ବ୍ୟୁରୋ)

କରୋନାର ଦ୍ୱିତୀୟ ଲହର ଏବେ ସାରା ରାଜ୍ୟରେ ଦେଖାଦେଇଛି। ଏହାକୁ ଦୃଷ୍ଟିରେ ରଖି ସମ୍ବଲପୁର ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ଯାଞ୍ଚ କଡାକଡି କରାଯାଇଛି। ବୁର୍ଲା ସହରରେ ସଦର ତହସିଲଦାର ଲକ୍ଷ୍ମଣ ଅମାତ ଓ ବୁର୍ଲା ପୋଲିସ ଟିମ୍ ଯାଞ୍ଚ କରିଥିଲେ। ମାସ୍କ ପିନ୍ଧି ନ ଥିବା ୭୬ ଜଣଙ୍କ ନାମରେ ଜରିମାନା କରିଥିଲେ। ସେହିପରି ୩ ଦୋକାନ କଟକଣା ପାଳନ ନ କରିବାରୁ ୨୫ ଶହ ଟଙ୍କା ଜରିମାନା ଅଦାୟ କରିଥିଲେ। ମୋଟ ୧୯ ହଜାର ୧୦୦ ଟଙ୍କା ଜରିମାନା ଅଦାୟ ହୋଇଛି। ଅଗାମୀ ଦିନରେ ଯାଞ୍ଚ କଡାକଡି କରାଯିବ ବୋଲି ଥାନା ଅଧିକାରୀ ବି.ବି. ଭୋଇ କହିଛନ୍ତି।


ବୁର୍ଲାରେ ଯାନବାହନ ଯାଞ୍ଚ କରାଯାଉଛି ।

# ଛତିଶଗଡ଼ ସୀମାନ୍ତରେ ଯାଞ୍ଚ କଡ଼ାକଡ଼ି

ଝାରସୁଗୁଡ଼ା ଅଫିସ,୩।୪


କନକତୋରାରେ ଆର୍‌ଟିଓ ଓ ପୋଲିସର ମିଳିତ ଯାଞ୍ଚ।

**୧୨ହଜାର ଜରିମାନା ଆଦାୟ**

ପଡୋଶୀ ଛତିଶଗଡ ରାଜ୍ୟରେ କରୋନା ଦ୍ୱିତୀୟ ଲହର ଦେଖାଦେଇଛି। ଏଭଳିସ୍ଥିତିରେ ଝାରସୁଗୁଡ଼ା ଜିଲା ସୀମାନ୍ତରେ ସଂକ୍ରମଣ ଆଶଙ୍କା ନେଇ ଜିଲା ପ୍ରଶାସନ ତତ୍ପରତା ପ୍ରକାଶ କରିଛି। ଶୁକ୍ରବାର ଜିଲାପାଳ ସରୋଜ କୁମାର ସାମଲଙ୍କ ନିର୍ଦ୍ଦେଶକ୍ରମେ ଉପଜିଲାପାଳ ଶିବ ଟପ୍ପୋ, ତହସିଲଦାର ବିଶ୍ୱକେଶନ ପାଣ୍ଡେ, ବିଡିଓ ସଞ୍ଜୀବ ପଟେଲ, ରେଙ୍ଗାଲି ଥାନା ଆଇଆଇସି ସାରଙ୍ଗଧର ପାଣିଗ୍ରାହୀ ପ୍ରମୁଖ କନକତୋରା ସୀମାନ୍ତରେ ପହଞ୍ଚି ପୋଲିସ ଉପସ୍ଥିତିରେ ଯାଞ୍ଚ କରିଥିଲେ। ଶନିବାର ଦ୍ୱିତୀୟ ଦିନରେ ଆର୍‌ଟିଓ ଦୀନବନ୍ଧୁ ଶୁଣ୍ଡି, ଟ୍ରାଫିକ୍ ସବ୍‌ଇନ୍ସପେକ୍ଟର ଅନିନ୍ଦିତା ମହାରଥ, ସବ୍‌ଇନ୍ସପେକ୍ଟର ସବିତା ନାୟକ ପ୍ରମୁଖ ସୀମାନ୍ତରେ ଯାନବାହନ ଯାଞ୍ଚ କରିଥିଲେ। ଯେଉଁମାନେ ମାସ୍କ, ହେଲ୍‌ମେଟ୍ ଓ ସିଟ୍ ବେଲ୍ଟ ପିନ୍ଧି ନ ଥିଲେ ସେମାନଙ୍କ ନିକଟରୁ ଜରିମାନା ଅସୁଲ କରାଯାଇଥିଲା। ଗୋଟିଏ ଦିନରେ ଅଢେଇଶହ ଯାନବାହନ ଯାଞ୍ଚ କରାଯାଇଥିଲା। ୭୯ ଗାଡିର ଚାଲାଣ କଟାଯାଇ ସ୍ପଟ୍‌ରେ ୧୨ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା । ଯାଞ୍ଚ ସମୟରେ କେତେକ ଅମାନିଆ ଯାତ୍ରୀ ପୋଲିସ ସହିତ ଯୁକ୍ତିତର୍କ କରି ମୁହାଁମୁହିଁ ହୋଇଥିବା ଦେଖିବାକୁ ମିଳିଥିଲା। ତଥାପି ସେମାନଙ୍କୁ ପୋଲିସ ବୁଝାଇଥିଲା। ଏସ୍‌ପି ବିକାଶ ଚନ୍ଦ୍ର ଦାସଙ୍କ ନିର୍ଦ୍ଦେଶକ୍ରମେ ସୀମାନ୍ତରେ ୨ ପ୍ଲାଟୁନ୍ ସଶସ୍ତ୍ର ବାହିନୀ ପୋଲିସ ମୁତୟନ ହୋଇଛନ୍ତି। ଯାଞ୍ଚ ଜାରି ରହିବ ବୋଲି ପ୍ରଶାସନ ତରଫରୁ କୁହାଯାଇଛି।

**କାୟାକଳ୍ପ ପୁରସ୍କାର ପାଇବ ଖୁଣ୍ଟିଗୋରା ସ୍ୱାସ୍ଥ୍ୟକେନ୍ଦ୍ର**

ଘଣ୍ଟାପଡା,(ଡି.ଏନ.ଏ): ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଆରମ୍ଭ କରାଯାଇଥିବା ମର୍ଯ୍ୟାଦାଜନକ କାୟାକଳ୍ପ ପୁରସ୍କାର ୨୦୨୦-୨୧ ବର୍ଷ ପାଇଁ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଅଧୀନ ଖୁଣ୍ଟିଗୋରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛି । ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତିକରଣ, ପରିଷ୍କାର ପରିଚ୍ଛନ୍ନତା, ବର୍ଜ୍ୟବସ୍ତୁ ପରିଚାଳନା, ରୋଗ ନିୟନ୍ତ୍ରଣ, ରୋଗୀ ସେବା କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ପାଇଁ ଏହି ପୁରସ୍କାର ଦିଆଯିବ ।



## ସଂକ୍ଷେପରେ

### ଯୁବ ବିଜ୍ଞାନୀ ପୁରସ୍କୃତ

**କାକଟପୁର,୩।୪(ଡି.ଏନ୍.ଏ.):** କାକଟପୁର ଥାନା ଅଧୀନ ବାଲିସିରିଆ ଗ୍ରାମର ଅବସରପ୍ରାପ୍ତ ଓଏଏସ ସ୍ୱର୍ଗତ ଚୈତନ୍ୟ ଚନ୍ଦ୍ର ବେହେରାଙ୍କ ସୁପୁତ୍ର ଇଂ. ରାଜେଶ କୁମାର ବେହେରା ଗତ ରବିବାର ଇନଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟର୍ସ, ଓଡ଼ିଶା ଶାଖା ପକ୍ଷରୁ ଇନଷ୍ଟିଚ୍ୟୁସନ ଆୱାର୍ଡ (ଯୁବ ବିଜ୍ଞାନୀ ପୁରସ୍କାର)ପାଇବାକୁ ଯୋଗ୍ୟ ବିବେଚିତ ହୋଇ ଓଡିଶା ବିଧାନସଭାର ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କଠାରୁ ମାନପତ୍ର ଓ ସମ୍ମାନ ଫଳକ ଗ୍ରହଣ କରିଛନ୍ତି। ଏଥିପାଇଁ ସେ ତାଙ୍କର ଗୁରୁ ଓ ଉପଦେଷ୍ଟା ଆଇଆଇଟି ଖଡ଼ଗପୁରର ପୂର୍ବତନ ପ୍ରଫେସର.ଡ ଶରତ ଚନ୍ଦ୍ର ପାଣିଗ୍ରାହୀଙ୍କୁ ଶ୍ରେୟ ଅର୍ପଣ କରିଛନ୍ତି। ପୁରସ୍କାର ଉତ୍ସବରେ ଇଂ. ରାଜେଶ ତାଙ୍କର ଗବେଷଣାର ତଥ୍ୟ ଉପସ୍ଥାପନା କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ସମ୍ମାନ ଗ୍ରହଣ ସମୟରେ ତାଙ୍କର ପତ୍ନୀ ଡଲୀ ବେହେରା, ପୁତ୍ର ଆୟୁଷ୍ମାନ, ପୁତୁରା ଅର୍ପିତ ଏବଂ ସାନଭାଇ ପ୍ରାଣୀଧନ ନିରୀକ୍ଷକ ପ୍ରତ୍ୟୁସ କୁମାର ବେହେରା ଉପସ୍ଥିତ ଥିଲେ। ତାଙ୍କର ଏ କୃତିତ୍ୱ ପାଇଁ ସମଗ୍ର ଅଞ୍ଚଳରୁ ଶୁଭେଚ୍ଛାର ସୁଅ ଛୁଟିଛି।

### ଲହଡ଼ି ମାଡ଼ରେ ପର୍ଯ୍ୟଟକ ଆହତ

**ପୁରୀ ଅଫିସ,୩।୪:** ସମୁଦ୍ରରେ ସ୍ନାନ ସମୟରେ ଲହଡ଼ି ମାଡ଼ରେ ମୟୂରଭଞ୍ଜର ଜଣେ ପର୍ଯ୍ୟଟକ ଆହତ ହୋଇଛନ୍ତି। ପରେ ତାଙ୍କୁ ଜିଲା ଚିକିତ୍ସାଳୟ ନିଆଯାଇ ଚିକିତ୍ସା କରାଯାଉଛି। ସୂଚନାଯୋଗ୍ୟ, ମୟୂରଭଞ୍ଜ ଜିଲା ବାର୍ଙ୍ଗିରିପୋଷି ଶାଳବଣୀରୁ ସୀତାମଣି ନିଜ ପରିବାର ସହ ଶନିବାର ପୁରୀ ବୁଲିବାକୁ ଆସିଥିଲେ। ମନ୍ଦିର ଦର୍ଶନ ସାରି ମଧ୍ୟାହ୍ନରେ ଚୈତନ୍ୟ ଛକ ସମ୍ମୁଖ ସମୁଦ୍ରରେ ସ୍ନାନ କରୁଥିଲେ। ତେବେ ହଠାତ୍ ସମୁଦ୍ରର ଉଚ୍ଚ ଲହଡ଼ି ମାଡ଼ିଆସିବାରୁ ସେ ଅସାବଧାନବଶତଃ ପଡ଼ିଯାଇ ବାମ ଗୋଡ଼ରେ ଆଘାତ ଲାଗିଥିଲା। ପରିବାର ସଦସ୍ୟମାନେ ତାଙ୍କୁ ଅଟୋ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ।

### ରଶି ଲଗାଇ ଆତ୍ମହତ୍ୟା

**କଟକ ସଦର,୩।୪(ଡି.ଏନ.ଏ.):** ୪୨ ମୌଜା ଫାଣ୍ଡି ଅଧୀନ ବଉଳକୁଦ ଗ୍ରାମର ଦିଲ୍ଲୀପ ଦେବତା(୪୫) ଶୁକ୍ରବାର ବିଳମ୍ବିତ ରାତିରେ ନିକଟସ୍ଥ ଆମ୍ବଗଛରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଶନିବାର ସକାଳେ ପରିବାର ଲୋକେ ଏହା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଇଥିଲା। ଏ ନେଇ କଟକ ସଦର ଥାନାରେ ଅପମୃତ୍ୟୁ ମାମଲା(ନଂ.୮/୨୧) ରୁଜୁ ହୋଇଛି। ଦିଲ୍ଲୀପ କର୍କଟ ରୋଗରେ ପୀଡିତ ଥିଲେ। ଯନ୍ତ୍ରଣା ସହି ନ ପାରି ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି ବୋଲି ଫାଣ୍ଡି ଅଧିକାରୀ କୃପାସିନ୍ଧୁ ବରାଡ଼ କହିଛନ୍ତି। ପରେ ମୃତଦେହ ସତ୍କାର ପାଇଁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

### ଜଳିଗଲା କେବୁଲ ତାର

**ବଲାଙ୍ଗୀର ଅଫିସ, ୩।୪:** ବଲାଙ୍ଗୀର ରୁଗୁଡିପଡା ଦୁର୍ଗାମଣ୍ଡପ ନିକଟରେ ଶନିବାର ସନ୍ଧ୍ୟାରେ ଏକ ବିଦ୍ୟୁତ୍ ଖୁଣ୍ଟରେ ଲାଗିଥିବା କେବୁଲ ତାର ହଠାତ୍ ଜଳିଯାଇଥିଲା । ତାର ଜଳିଯିବା ପରେ ନିକଟସ୍ଥ ଏକ ଗଛରେ ନିଆଁ ଲାଗିବା ପରିସ୍ଥିତି ସୃଷ୍ଟି ହୋଇଥିଲା । ରାସ୍ତାରେ ଯାତାୟାତ କରୁଥିବା ଲୋକେ ଭୟଭୀତ ହୋଇପଡିଥିଲେ। ଏ ନେଇ ବିଦ୍ୟୁତ୍ ବିଭାଗକୁ ଖବର ଦିଆଯିବା ପରେ ସେମାନେ ପ୍ରଥମେ ବିଦ୍ୟୁତ୍ କାଟ୍ କରି କେବୁଲ ଠିକ୍ କରିଥିଲେ । ବିଦ୍ୟୁତ୍ ବିଭାଗ ନିମ୍ନମାନର କେବୁଲ ବ୍ୟବହାର କରୁଥିବାରୁ ଏପରି ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ସହରର ବିଭିନ୍ନ ସ୍ଥାନରେ ଲକ୍ଷାଧିକ ଟଙ୍କା କେବୁଲ ବ୍ୟବହାର କରାଯାଉଛି। ପୂର୍ବରୁ ପ୍ୟାଲେସ ଲାଇନ୍ ନିକଟରେ ଏଭଳି କେବୁଲ ପୋଡି ହୋଇଥିଲା। ବାରମ୍ବାର କେବୁଲ ପୋଡି ହେଉଥିବାରୁ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ନିମ୍ନମାନର କେବୁଲ ବ୍ୟବହାର କରାଯାଉଥିବା ଲୋକେ ଅଭିଯୋଗ କରିଛନ୍ତି। ଏନେଇ ତଦନ୍ତ କରାଯିବାକୁ ଦାବି ହେଉଛି ।

# ବ୍ୟାରିକେଡ୍‌ରେ ଫସିଲା ଶିଶୁ କନ୍ୟାର ମୁଣ୍ଡ

**ପୁରୀ ଅଫିସ,୩।୪**


ବାରିକେଡ୍ ଭିତରେ ଫସି ରହିଥିବା ଶିଶୁ କନ୍ୟା ଅମ୍ବିକାଙ୍କୁ ଉଦ୍ଧାର କରାଯାଉଛି।

ଶ୍ରୀମନ୍ଦିର ଜୋତା ଷ୍ଟାଣ୍ଡ ନିକଟରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ଅସାବଧାନତା ବଶତଃ ଜୋତା ଷ୍ଟାଣ୍ଡ ପାଖରେ ଥିବା ଏକ ବ୍ୟାରିକେଡ୍‌ରେ ଜଣେ ଚାରି ବର୍ଷର ଶିଶୁ କନ୍ୟା ମୁଣ୍ଡ ପୂରାଇ ଦେଇଥିଲା। ଫଳରେ ଯନ୍ତ୍ରଣାରେ ଛଟପଟ ହୋଇ ଶିଶୁଟି ଚିତ୍କାର କରିଥିଲା। ଖବରପାଇ ପୋଲିସ ଏବଂ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ବାରିକେଡ୍ କାଟି ପିଲାଟିକୁ ଉଦ୍ଧାର କରିଥିଲେ। ଶିଶୁ କନ୍ୟାର ଏଭଳି ଅବସ୍ଥା ଦେଖି ପ୍ରଥମେ ତା'ର ମା'ବାପା, ପ୍ରଶାସନ ସମସ୍ତେ ଚିନ୍ତାରେ ପଡ଼ିଯାଇଥିଲେ। ପରେ ସୁରକ୍ଷିତ ଭାବେ ପ୍ରଶାସନ ପକ୍ଷରୁ ପିଲାଟିକୁ ଉଦ୍ଧାର କରାଯାଇଥିବାରୁ ଶିଶୁ କନ୍ୟାର ମା'ବାପା ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ କଳାହାଣ୍ଡି ଭବାନୀପାଟଣାରୁ ରାମ ନାରାୟଣ ରଥଙ୍କ ପରିବାର ମହାପ୍ରଭୁଙ୍କ ଦର୍ଶନ ପାଇଁ ଶନିବାର ପୁରୀ ଆସିଥିଲେ। ସେମାନଙ୍କ ସାଙ୍ଗରେ ଥିଲେ ୪ବର୍ଷୀୟା ଶିଶୁ କନ୍ୟା ଅମ୍ବିକା। ମା'ବାପା ଚପଲ ରଖିବା ପାଇଁ ଶ୍ରୀମନ୍ଦିର ପାର୍ଶ୍ୱରେ ଥିବା ଜୋତା ଷ୍ଟାଣ୍ଡକୁ ଯାଇଥିବାବେଳେ ଅମ୍ବିକା ଅଜାଣତରେ ବାରିକେଡ୍ ମଧ୍ୟରେ ମୁଣ୍ଡକୁ ପୂରାଇ ଦେଇଥିଲେ। ମୁଣ୍ଡ ବାରିକେଡ ମଧ୍ୟରେ ଫସି ଯିବାରୁ ଅମ୍ବିକା ଚିତ୍କାର କରିଥିଲେ। ଏହାଦେଖି ପରିବାର ଲୋକ ବାରିକେଡ ମଧ୍ୟରୁ ଝିଅର ମୁଣ୍ଡ ବାହାର କରିବାକୁ ବହୁ ଚେଷ୍ଟା କରିଥିଲେ। ମାତ୍ର ଏଥିରେ ବିଫଳ ହେବାରୁ ସିଂହଦ୍ୱାର ଥାନା ଏବଂ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଜଣାଇଥିଲେ। ପରେ ପୋଲିସ ଏବଂ ଅଗ୍ନିଶମ କର୍ମଚାରୀ ପହଞ୍ଚି କଟର ସାହାଯ୍ୟରେ ବାରିକେଡ କାଟି ପିଲାକୁ ଉଦ୍ଧାର କରିଥିଲେ। ଏସ୍‌ପି କନୱର ବିଶାଳ ସିଂହ ପିଲାଟି ନିକଟରେ ପହଞ୍ଚି ତା'ର ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ସୁରକ୍ଷିତ ଅବସ୍ଥାରେ ଭବାନୀପାଟଣା ପଠାଇବାର ବ୍ୟବସ୍ଥା କରିଥିଲେ।

## ସେଣ୍ଟ୍ରିଂ ଖୋଲୁଥିବାବେଳେ ଖସିପଡ଼ି ଶ୍ରମିକଙ୍କ ମୃତ୍ୟୁ

**ବାଲକାଟୀ,୩।୪(ଡି.ଏନ୍.ଏ.)**

ବାଲିଅନ୍ତା ଥାନା ଅଧୀନ ସତ୍ୟଭାମାପୁର ପଞ୍ଚାୟତ ରଙ୍ଗବଜାର ଛକ ନିକଟରେ ଗତିକୃଷ୍ଣ ଗ୍ରୀନ ଆପାର୍ଟମେଣ୍ଟ ସମ୍ମୁଖରେ ଚାଲିଥିବା ଏକ ନିର୍ମାଣାଧିନ ମାର୍କେଟ କମ୍ପ୍ଲେକ୍ସର ୩ ମହଲା ଛାତରୁ ଖସିପଡ଼ି ଶୁକ୍ରବାର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପଶ୍ଚିମବଙ୍ଗ ମୁର୍ଶିଦାବାଦର ଆତିଫ୍। ଏ ନେଇ ପୋଲିସ ଏକ ମାମଲା(ନଂ.୯/୨୧) ରୁଜୁ କରି ତଦନ୍ତ ଚଳାଇଛି। ତେବେ ଉକ୍ତ ବିଲ୍ଡିଂ ନିର୍ମାଣ ସମୟରେ କନଷ୍ଟ୍ରକ୍ସନ କମ୍ପାନୀ ପକ୍ଷରୁ ଶ୍ରମିକମାନଙ୍କ ପାଇଁ ଯାହା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା କଥା ତାହା ପାଳନ କରାଯାଇ ନ ଥିବାରୁ ଅକାଳରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଲା ବୋଲି ଅଭିଯୋଗ ହୋଇଛି। ରାଜଧାନୀ ଉପକଣ୍ଠର ରଙ୍ଗବଜାର ଅଞ୍ଚଳରେ ମାଳମାଳ ଆପାର୍ଟମେଣ୍ଟ ଗଢ଼ିଉଠିଥିବାବେଳେ ଆହୁରି କେତେ ନିର୍ମାଣଧୀନ ଅବସ୍ଥାରେ ରହିଛି। ସେଥିମଧ୍ୟରୁ ନିର୍ମାଣଧୀନ ବିଲ୍ଡିଂରୁ ଶ୍ରମିକ ଖସି ମୃତ୍ୟୁ କରିଥିବା ଆପାର୍ଟମେଣ୍ଟଟି ଅନ୍ୟତମ। ଏହାର ମାଲିକ ଭୁବନେଶ୍ୱରର ବାସିନ୍ଦା ହୋଇଥିବାବେଳେ ଅପାର୍ଟମେଣ୍ଟ ସମ୍ମୁଖରେ ଚାଲିଛି ଏକ ମାର୍କେଟ କମ୍ପ୍ଲେକ୍ସ କାର୍ଯ୍ୟ ଚାଲିଛି। ଏହି କମ୍ପ୍ଲେକ୍ସ ନିର୍ମାଣରେ ପଶ୍ଚିମବଙ୍ଗ ମୁର୍ଶିଦାବାଦ ଅଞ୍ଚଳରୁ ବହୁ ଶ୍ରମିକ ନିୟୋଜିତ ହୋଇଛନ୍ତି। ତେବେ ଶୁକ୍ରବାର ଅପରାହ୍ନ ସାଢ଼େ ୩ଟାରେ ମାର୍କେଟ କମ୍ପ୍ଲେକ୍ସର ୩ୟ ବିଲ୍ଡିଂରୁ ସେଣ୍ଟ୍ରିଂ ଖୋଲୁଥିବାବେଳେ ଶ୍ରମିକ ଆତିଫ ଅସାବଧାନତାବଶତଃ ଗୋଡ଼ ଖସିଯିବାରୁ ତଳେ ପଡ଼ି ଗୁରୁତର ଆହତ ହୋଇଛନ୍ତି। ଖବରପାଇ କନଷ୍ଟ୍ରକସନ କମ୍ପାନୀ ଆତିଫଙ୍କୁ ହସ୍ପିଟାଲ ନେବାବେଳେ ବାଟରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ପୋଲିସ ପହଞ୍ଚ ମୃତଦେହ ଜବତ କରି ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ସୂଚନାଯୋଗ୍ୟ, ଉଚ୍ଚ ଅଟ୍ଟାଳିକା ନିର୍ମାଣ ବେଳେ ସାଇଡ୍ ନେଟ, ସେଫ୍ଟି ବେଲ୍ଟ, ହେଲମେଟ, ବୁଟ ଆଦି ଯୋଗାଇବା କଥା। ମାତ୍ର ନିର୍ମାଣସ୍ଥଳରେ ଏଥି ମଧ୍ୟରୁ କୌଣସି ଗୋଟିଏ ମଧ୍ୟ ସାମଗ୍ରୀ ଥିଲେ, ନିଶ୍ଚିତ ଶ୍ରମିକ ଜଣକ ମୃତ୍ୟୁ ମୁଖରୁ ବଞ୍ଚିପାରନ୍ତା ବୋଲି ସ୍ଥାନୀୟ ଲୋକେ କହୁଛନ୍ତି।

# ୨ ଏକର କାଜୁ, ଆକାଶିଆ ଜଙ୍ଗଲ ଜଳିଗଲା



ଜଙ୍ଗଲରେ ଲାଗିଥିବା ନିଆଁକୁ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଲିଭାଉଛନ୍ତି।

**କୋଣାର୍କ,୩।୪(ଡି.ଏନ୍.ଏ.)**

କୋଣାର୍କ ଥାନା ନିକଟ ରାଜସ୍ୱ ବିଭାଗ ଅଧୀନ ହେଲିପ୍ୟାଡ ସଂଲଗ୍ନ କାଜୁ ଜଙ୍ଗଲରେ ନିଆଁ ଲାଗି ୨ଏକରରୁ ଊର୍ଦ୍ଧ୍ୱ କାଜୁ ଓ ଆକଶିଆ ଗଛ ପୋଡ଼ିଯାଇଛି। ଖବର ଅନୁଯାୟୀ, ଅର୍ବାନ ହାଟ ସମ୍ମୁଖରେ ଥିବା ରାଜସ୍ୱ ବିଭାଗର ୧୦୦ଏକର ପରିମିତ କାଜୁ ଜଙ୍ଗଲର ସଂରକ୍ଷଣ ଅଭାବରୁ ଜମିଥିବା ଅଳିଆଗଦାରୁ ଶନିବାର ନିଆଁ ଲାଗିଯାଇଥିଲା। ସ୍ଥାନୀୟ ଲୋକେ ଦେଖି କୋଣାର୍କ ନିକଟସ୍ଥ ଚମ୍ପାହର ଅଗ୍ନିଶମ ବିଭାଗକୁ ଜଣାଇଥିଲା। ଅଗ୍ନିଶମ ଅଧିକାରୀ ତୁଷାରକାନ୍ତ ପରିଜା ସଦଳବଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ଶତାଧିକ ଆକାଶିଆ ଓ ଫଳଫୁଲଭରା କାଜୁଗଛ ପୋଡି ପାଉଁଶ ହୋଇଯାଇଛି। ରାଜସ୍ୱ ବିଭାଗ ଅଧୀନ ଏହି କାଜୁଗଛଭରା ଜଙ୍ଗଲର ଉପଯୁକ୍ତ ସଂରକ୍ଷଣ ଓ ସୁରକ୍ଷା ପ୍ରତି ରାଜସ୍ୱ ବିଭାଗ ଦୃଷ୍ଟି ଦେବା ସହ ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ କରିବା ପାଇଁ ପରିବେଶବିତ ଓ ପ୍ରକୃତିପ୍ରେମୀ ମହଲରେ ଦାବି ହେଉଛି।

## ରେଳ ଷ୍ଟେଶନରୁ ନାବାଳକ ଉଦ୍ଧାର

**ପୁରୀ ଅଫିସ,୩।୪**

ପୁରୀ ରେଳ ଷ୍ଟେଶନରୁ ଶନିବାର ଏକ ନାବାଳକକୁ ଉଦ୍ଧାର କରିଛି ରେଲୱେ ପୋଲିସ। ରେଲୱେ କର୍ମଚାରୀ ଷ୍ଟେଶନ ପରିସର ମଧ୍ୟରେ ପଇଁତରା ମାରୁଥିବା ସମୟରେ ଏକ ୧୬ ବର୍ଷୀୟ ନାବାଳକ ବସିଥିବାର ଦେଖିଥିଲେ। ତାଙ୍କ ପାଖରେ ପହଞ୍ଚି ପଚରାଉଚରା କରିବାରୁ ଜଣାପଡିଛି ଯେ, ସେ ଦୁଇଦିନ ତଳୁ କୌଣସି ବ୍ୟକ୍ତିଗତ କାରଣରୁ ଘର ଛାଡି ଟ୍ରେନ ଯୋଗେ ପୁରୀ ଆସିଛନ୍ତି। ପରେ ଜଣାପଡିଥିଲା ଯେ ନାବାଳକ ଜଣଙ୍କ ପଶ୍ଚିମବଙ୍ଗର ମାଳଦା ଜିଲ୍ଲାର ବାସିନ୍ଦା ଅଟନ୍ତି । ଏହାପରେ ରେଲୱେ ପୋଲିସ ନାବାଳକାଙ୍କ ପରିବାର ଲୋକଙ୍କୁ ଯୋଗାଯୋଗ କରିଛନ୍ତି। ରେଲୱେ କର୍ତ୍ତୃପକ୍ଷ ଶିଶୁ କଲ୍ୟାଣ କମିଟିକୁ ଶିଶୁଟିକୁ ହସ୍ତାନ୍ତର କରିଥିବା ରେଲୱେ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ଅନ୍ଧାର କୋଠରିରେ ୧୦ ବର୍ଷ



**ସୋର, ୩।୪(ଡି.ଏନ୍.ଏ.)**

ଗୋଟିଏ ଘରେ ରହିବା, ଖାଇବା ସହ ସେହିଠାରେ ଶୌଚ। ଫ୍ୟାନ ବୁଲିବା ତ ଦୂରର କଥା, ଲାଇଟ୍ ମଧ୍ୟ ଲାଗିନି। ଏମିତି ୧୦ ବର୍ଷ ହେଲା ଅନ୍ଧାର କୋଠରୀରେ ରହିଆସୁଛନ୍ତି ନିରାକାର ସାହୁ। ନିରାକାରଙ୍କ ଘର ସୋର ବ୍ଲକ ଅଧୀନ ନଦିଗାଁ କାନପୁର ଗ୍ରାମରେ। ସେ ୨୦୦୬ରେ ଜ୍ୟୋସ୍ନାଙ୍କୁ ବିବାହ କରିବା ପରେ ବେଶ ହସଖୁସିରେ ସଂସାର ଚାଲିଥିଲା। ବର୍ଷକ ପରେ ତାଙ୍କ କୋଳକୁ ଆସିଥିଲା କନ୍ୟା ଲକ୍ଷ୍ମୀପ୍ରିୟା । କିଛି ଦିନ ପରେ ସ୍ତ୍ରୀ ଜ୍ୟୋସ୍ନା ନିରାକାରଙ୍କ ବ୍ୟବହାରରେ କିଛିଟା ଅସ୍ୱାଭାବିକ ଅନୁଭବ କରିଥିଲେ। ଧୀରେ ଧୀରେ ନିରାକାର ଏକୁଟିଆ ରହିବାକୁ ପସନ୍ଦ କରିବା ସହ ମନକୁ ମନ ଏଣୁତେଣୁ ଗପୁଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଡାକ୍ତରଙ୍କ ପରାମର୍ଶରେ ତାଙ୍କୁ କଟକ ବଡ ଡାକ୍ତରଖାନାରେ ଚିକିତ୍ସା କରାଇବା ପରେ ବ୍ୟବହାରରେ ସାମୟିକ ପରିବର୍ତ୍ତନ ଆସିଥିଲା। ଏହାପରେ ତାଙ୍କର ଦ୍ୱିତୀୟ ଶିଶୁକନ୍ୟା ସୁପ୍ରିୟା ଜନ୍ମ ନେଇଥିଲା। ନିରାକାରଙ୍କ ବାପା ରଘୁନାଥଙ୍କ ମୃତ୍ୟୁ ପରେ ପରିସ୍ଥିତି ସମ୍ପୂର୍ଣ୍ଣ ବିଗିଡିଯାଇଥିଲା। ସ୍ତ୍ରୀ ଜ୍ୟୋସ୍ନାଙ୍କ ସହ ମା' ସତ୍ୟଭାମାଙ୍କ ମୁଣ୍ଡରେ ଚଡକ ପଡିଥିଲା। ସ୍ୱାମୀଙ୍କୁ ସୁସ୍ଥ କରିବା ଯାଇ ଜ୍ୟୋସ୍ନା ଗହଣାଗାଣ୍ଠି ବିକ୍ରି କରି ରାଞ୍ଚିରେ ଚିକିତ୍ସା କରାଇବା ପରେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ନିରାକାର ପରିବାର ଲୋକଙ୍କ ସହ ଗାଁ ଲୋକଙ୍କୁ ମାରପିଟ୍ କରିବା, ଘର ଛାଡି ଏଣେତେଣେ ବୁଲିବା ଓ ତାଙ୍କଠାରେ ସବୁବେଳେ ଚିଡଚିଡା ଭାବ ପରିଲକ୍ଷିତ ହେବାରୁ ନିରାକାରଙ୍କୁ ଏକ ଘରେ ବନ୍ଦ କରି ରଖାଯାଇଛି। ଆର୍ଥିକ ଅନଟନରେ ଥିବା ଜ୍ୟୋସ୍ନାଙ୍କ ଉପରେ ଏବେ ବିଧବା ଶାଶୁଙ୍କ ସହ ଦୁଇ ଝିଅଙ୍କ ବୋଝ। ଦୁଇ ଓଳି ପେଟକୁ ଦାନା ଯୋଗାଇବା କଷ୍ଟ ଥିବା ବେଳେ ନିରାକାରଙ୍କ ଚିକିତ୍ସା ସମ୍ଭବ ହେଉନି। ସରକାରୀ ସହାୟତା ଶୂନ। ଜ୍ୟୋସ୍ନା ଏମିତି ଏକ ଦୟନୀୟ ସ୍ଥିତିରେ ସହାୟତା ଲାଗି ନିବେଦନ କରିଛନ୍ତି।

# ପିପିଲି ଲଢ଼େଇରେ ୧୦ ପ୍ରାର୍ଥୀ

## ପୋଷ୍ଟାଲ ବାଲଟ୍ ପେପର ତିଆରି ପ୍ରସ୍ତୁତି ଆରମ୍ଭ

**ପୁରୀ ଅଫିସ,୩।୪**

ପିପିଲି ଉପନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଥିବା ୨ଜଣ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିନେଇଛନ୍ତି। ସେମାନେ ହେଲେ ଦୀପକ କୁମାର ଦାସ ଓ ସମ୍ବିତ ପଟ୍ଟନାୟକ। ଶନିବାର ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିନ ଥିଲା। ପୂର୍ବରୁ ୩ଜଣଙ୍କ ପ୍ରାର୍ଥିପତ୍ର ନାକଚ ମଧ୍ୟ ହୋଇଛି। ତେଣୁ ମୋଟ ୧୫ ଜଣଙ୍କ ମଧ୍ୟରୁ ୧୦ଜଣ ପ୍ରାର୍ଥୀଙ୍କ ପ୍ରାର୍ଥିତ୍ୱ ଚୂଡ଼ାନ୍ତ ରହିଥିବା ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ କହିଛନ୍ତି। ଅନ୍ୟପକ୍ଷରେ ମୁକ୍ତ ଓ ଅବାଧ ନିର୍ବାଚନକୁ ନିଶ୍ଚିତ କରିବା ଉପରେ ଜିଲା ପ୍ରଶାସନ ଜୋର ଦେଉଛି। କୌଣସି ସ୍ଥାନରେ ଅପ୍ରୀତିକର ପରିବେଶ ଦେଖାଦେଲେ ପିପିଲି ବିଡିଓ ଓ ସାଧାରଣ ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ନିର୍ବାଚନ କମିଶନ କାର୍ଯ୍ୟକର୍ତ୍ତା ଏନେଇ ତ୍ୱରିତ ପଦକ୍ଷେପ ନେଉଛନ୍ତି। ସେହିଭଳି ପୋଲିସ ପ୍ରଶାସନ ନିର୍ବାଚନ ମଣ୍ଡଳୀରେ ସକ୍ରିୟ ଭାବେ କାର୍ଯ୍ୟ କରୁଛନ୍ତି। ସେହିଭଳି ଚୂଡ଼ାନ୍ତ ୧୦ପ୍ରାର୍ଥୀଙ୍କ ପୋଷ୍ଟାଲ୍ ବାଲଟ୍ ପେପର ପ୍ରସ୍ତୁତି କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି। ଫର୍ମ ନମ୍ବର-୭ ଏ'ରେ ପ୍ରତିଯୋଗୀଙ୍କ ତାଲିକା ଏସ୍‌ପିଙ୍କ ଅଫିସକୁ ପଠାଯାଇଛି। ଏହାପରେ ବାଲଟ୍ ପେପର ତିଆରି ହେବ। ଅନ୍ୟପକ୍ଷରେ ପୋଲିଂ ଦାୟିତ୍ୱରେ ଥିବା କର୍ମଚାରୀ ଓ ନୋଡାଲ୍ ଅଫିସରଙ୍କ ତାଲିମ ମଧ୍ୟ ଶେଷ ହୋଇଛି। ପ୍ରଥମ ପର୍ଯ୍ୟାୟ ତାଲିମ ଶିବିରରେ ୮୩୫ଜଣ କର୍ମଚାରୀ ଯୋଗ ଦେଇଛନ୍ତି। ନିର୍ବାଚନକୁ ସୁରୁଖୁରୁରେ ଚଳାଇବାନେଇ ସମସ୍ତ ପ୍ରସଙ୍ଗ ଉପରେ ନୋଡାଲ୍ ଅଫିସରଙ୍କୁ ସୂଚନା ଦିଆଯାଇଛି। ବୁଥ୍‌ରେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ନଜରକୁ ଆସିଲେ ତୁରନ୍ତ ଜିଲା ପ୍ରଶାସନ ସହ ଯୋଗାଯୋଗ କରିବା ନେଇ ମଧ୍ୟ ଷ୍ଟ୍ରଙ୍ଗ ରୁମ୍ ପ୍ରସ୍ତୁତ ହୋଇଛି। ଉପନିର୍ବାଚନ ଦାୟିତ୍ୱରେ ଥିବା ୮୩୫ ସରକାରୀ କର୍ମଚାରୀଙ୍କ ଟିକାକରଣ କରାଯାଇଛି। ଅନ୍ୟପକ୍ଷରେ ନିର୍ବାଚନ ମଣ୍ଡଳୀରେ ଭୋଟିଂ ଦିନ କୋଭିଡ୍ ନିୟମ ମାନିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସଚେତନ କରାଯାଉଛି। ଭୋଟରମାନେ ମାସ୍କ ପିନ୍ଧି ଓ ସାମାଜିକ ଦୂରତା ରକ୍ଷା କରି ଭୋଟଦାନ କେନ୍ଦ୍ରକୁ ଆସନ୍ତୁ ବୋଲି ଅତିରିକ୍ତ ଜିଲାପାଳ ନିବେଦନ କରିଛନ୍ତି।

## ବିଜେଡିରେ ସାମିଲ ହେଲେ ଭାଜପା କର୍ମୀ


ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଥିବା ଭାଜପା କର୍ମୀ।

**ପିପିଲି, ୩।୪(ସ୍ୱ.ପ୍ର./ଡି.ଏନ୍.ଏ.)**

ପ୍ରଦୀପ ମହାରଥୀଙ୍କ ଅକାଳ ବିୟୋଗ ପରେ ପିପିଲି ବିଧାନସଭା ଆସନ ପାଇଁ ଆସନ୍ତା ୧୭ରେ ଏଠାରେ ଉପନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଆସନକୁ ହାତେଇବା ପାଇଁ ସବୁ ଦଳର ପ୍ରାର୍ଥୀ ପ୍ରଚାରକୁ ଜୋରଦାର କଲେଣି। ଏଭଳି ସ୍ଥିତିରେ ଦଳ ଡିଆଁ ପର୍ବ ମଧ୍ୟ ଆରମ୍ଭ ହୋଇଯାଇଛି। ଶନିବାର ଭାଜପାର କେତେକ କର୍ମୀ ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଛନ୍ତି। ବିଜେଡିରେ ସାମିଲ ବ୍ୟକ୍ତିଙ୍କ ମଧ୍ୟରେ ଈଶ୍ୱର ପ୍ରସାଦ ଦାଶ ମହତାବ, ୨୪ ନମ୍ବର ଜୋନ୍ ଭାଜପା ଜିଲା ପରିଷଦ ପ୍ରାର୍ଥିନୀ ମମତା ମଞ୍ଜରୀ ମହାନ୍ତି, ଶଙ୍କର୍ଷଣ ସ୍ୱାଇଁ, ଧୀରେନ୍ଦ୍ରନାଥ ଦଳେଇ, ଅଭିରାମ ବେହେରା ଓ ବୈକୁଣ୍ଠନାଥ ପାତ୍ର ପ୍ରମୁଖ ରହିଛନ୍ତି। ବିଜେଡି ତେଇଶପୁର ପଞ୍ଚାୟତର ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା କ୍ଷୁଦ୍ର ଶିଳ୍ପ ନିଗମ ଅଧ୍ୟକ୍ଷ ଚିନ୍ମୟ ସାହୁଙ୍କ ସହଯୋଗରେ ମନ୍ତ୍ରୀ ଦାଶ ସେମାନଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ। ପୁରୀ ଜିଲା ଭାଜପା ସଭାପତିଙ୍କ ଦଳ ବିରୋଧୀ କାର୍ଯ୍ୟରେ ଅତିଷ୍ଠ ହୋଇ ବିଜେଡିରେ ମିଶିଛନ୍ତି ବୋଲି କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ଦାଶ ମହତାବ ନିଜ ପ୍ରତିକ୍ରିୟାରେ ଜଣାଇଛନ୍ତି। ଅପରପକ୍ଷରେ ଭାଜପା ଜିଲା ସଭାପତି ତଥା ଦଳୀୟ ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକ କହିଛନ୍ତି ଯେ, ତାଙ୍କ ଦଳର କର୍ମୀ ବିଡେଡିରେ ମିଶିବା ନେଇ କୌଣସି ସୂଚନା ନାହିଁ। ବିଶେଷକରି ଯେଉଁମାନେ ବିଜେଡିରେ ମିଶିଛନ୍ତି ବୋଲି କୁହାଯାଉଛି ସେମାନେ ଦଳର ସକ୍ରିୟ କର୍ମୀ ନୁହନ୍ତି।

## ୧କିଲୋ ୫୮୦ଗ୍ରାମ୍ ଗଞ୍ଜେଇ ଜବତ : ୨ ଗିରଫ

**କଟକ ଅଫିସ, ୩।୪**

କଟକ ରେଲୱେ ଲେଭଲ କ୍ରସିଂଠାରେ ଶୁକ୍ରବାର ସନ୍ଧ୍ୟାରେ ଗଞ୍ଜେଇ ବିକ୍ରି ହେଉଥିବାବେଳେ ମାଲଗୋଦାମ ପୋଲିସ ଚଢାଉ କରିଥିଲା। ସେଠାରୁ ୧କିଲୋ ୫୮୦ଗ୍ରାମ୍ ଗଞ୍ଜେଇ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଗାନ୍ଧୀପଲ୍ଲୀ ଅଞ୍ଚଳର ସୁଦେଶି ପଧାନ ଓ ଶିଖରପୁର କୋରାପୋଖରୀ ଅଞ୍ଚଳର ମାନସ ଦାସ। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

## ପୁରାତନ ଛାତ୍ର, ଶିକ୍ଷକ ସମ୍ମିଳନୀ


ଜରାସିଂହା ନେତ୍ରଭାନୁ ହାଇସ୍କୁଲରେ ପୁରାତନଛାତ୍ର ଓ ଶିକ୍ଷକ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

**ଦେଓଗାଁ,୩।୪ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହା ନେତ୍ରଭାନୁ ହାଇସ୍କୁଲରେ ଶନିବାର ପୁରାତନ ଛାତ୍ର ଓ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ଶତ୍ରୁଘନ ଘଡେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଉକ୍ତ ହାଇସ୍କୁଲକୁ ପୌଷ୍ୟ ଭାବେ ଗ୍ରହଣ କରିଥିବା ଲକ୍ଷ୍ମଣ କୁମାର ମେହେର ଯୋଗଦେଇଥିଲେ। ଅଞ୍ଚଳର ସର୍ବପୁରାତନ ହାଇସ୍କୁଲର ବିକାଶ ଦିଗରେ ଦଳମତ ନିର୍ବିଶେଷରେ ଏକଜୁଟ ହେବାପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବ୍ଲକ ଶିକ୍ଷାଧିକାରୀ ସଂକୀର୍ତ୍ତନ ବାଗ, ସମ୍ମାନୀତ ଅତିଥି ପୁରାତନ ଛାତ୍ର ସଚ୍ଚିଦାନନ୍ଦ ପାଢ଼ୀ, ଅଧ୍ୟାପକ ଗୋବିନ୍ଦ ମେହେର ମଞ୍ଚାସୀନ ଥିଲେ। ସମ୍ମିଳନୀରେ ପୁରାତନ ଛାତ୍ରମାନେ ଯୋଗଦେଇ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ମାଧ୍ୟମରେ ନିଜସ୍ୱ ଉଦ୍ୟମରେ ସ୍କୁଲର ସାମଗ୍ରିକ ବିକାଶ ପାଇଁ ପାଣ୍ଠି ସଂଗ୍ରହ କରିଥିଲେ। ଶେଷରେ ରାଜ କିଶୋର ସେଠ ଧନ୍ୟବାଦ ଅର୍ପଣ କରିଥିଲେ।

## ପୂର୍ବତନ ଏମ୍‌ପି ବ୍ରହ୍ମାନନ୍ଦ ପଣ୍ଡାଙ୍କ ଜୟନ୍ତୀ ପାଳିତ

**କଟକ ଅଫିସ, ୩।୪**

କଟକ କ୍ରିମିନାଲ କୋର୍ଟ ବାର୍ ଆସୋସିଏସନ ନିକଟରେ ନୀଳଚକ୍ର ଅନୁଷ୍ଠାନ ପକ୍ଷରୁ ପୂର୍ବତନ ଏମ୍‌ପି ସ୍ୱର୍ଗତ ବ୍ରହ୍ମାନନ୍ଦ ପଣ୍ଡାଙ୍କ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି। ସକାଳେ ଅନୁଷ୍ଠାନର କର୍ମକର୍ତ୍ତାମାନେ ବ୍ରହ୍ମାନନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରିଥିଲେ।ଏହି ସଭାରେ ଡ. ନାରାୟଣ ପ୍ରସାଦ ମହାନ୍ତି, କୈଳାସ ଚନ୍ଦ୍ର ବରାଳ, ଅକ୍ଷୟ ପତି, ଆଡ୍‌ଭୋକେଟ ଆକାଶ ଭୂୟାଁ, ମନୋରଞ୍ଜନ ମିଶ୍ର, ବିଦ୍ୟୁତ୍ କୁମାରୀ ଲାଲା, ଦୀପ୍ତିମୟୀ ନନ୍ଦ, ଡ. ସ୍ୱର୍ଣ୍ଣପ୍ରଭା ଉପସ୍ଥିତ ଥିଲେ। ବଂଶୀଧର ରାଉତ ଧନ୍ୟବାଦ ଦେଇଥିଲେ।

## ଜଙ୍ଗଲରୁ ଯୁବକଙ୍କ ଗଳିତ ମୃତଦେହ ଜବତ

**ଖୁଣ୍ଟୁଣୀ,୩।୪(ଡି.ଏନ.ଏ)**

ଖୁଣ୍ଟୁଣୀ ଥାନା ଅଧୀନ ମଗଧା ସଂରକ୍ଷିତ ଜଙ୍ଗଲରୁ ଜଣେ ଯୁବକଙ୍କ ଗଳିତ ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ ଏହି ଥାନା ଅଧୀନ ରାହାଙ୍ଗୁଳ ଗ୍ରାମର ତପନ ବେହେରା। ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଆଠଗଡ଼ ଡାକ୍ତରଖାନା ପଠାଇଥିଲା। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା(ନଂ. ୧/୨୧) ରୁଜୁ ହୋଇଛି।

ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ପ୍ରାୟ ୪ ବର୍ଷ ହେବ ସ୍ତ୍ରୀ ଛାଡି ପଳାଇବାରୁ ତପନ ଏଣେତେଣେ ବୁଲାବୁଲି କରୁଥିଲେ ଓ ତାଙ୍କର ଖାଇବାପିଇବା ଠିକ୍ ନ ଥିଲା। କିଛିଦିନ ହେବ ତପନଙ୍କୁ ଗ୍ରାମବାସୀ ଦେଖି ନ ଥିବା କହିଛନ୍ତି। ତେବେ ଶନିବାର ଜଙ୍ଗଲକୁ ଯାଇଥିବା ଲୋକମାନେ ମୃତଦେହକୁ ଦେଖି ପୋଲିସକୁ ଖବର ଦେଇଥିଲେ। ଖାଇବାକୁ ନ ପାଇ ସେ ହୁଏତ ଜଙ୍ଗଲରେ ପଡି ମୃତ୍ୟୁ ଘଟିଥାଇପାରେ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି।

**ସଂକ୍ଷେପରେ**

## ଇଏସ୍ଆଇସି ଡିଜି ଏମ୍.ଏସ୍. ଭାଟିଆ

**ନୂଆଦିଲ୍ଲୀ,୩।୪:** ଗତ ୧ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସ୍ଆଇସି)ର ଡିଜି ପଦ ଖାଲି ପଡ଼ିଥିଲା। ଏହି ପଦରେ କେନ୍ଦ୍ର ଶ୍ରମମନ୍ତ୍ରୀ ଅତିରିକ୍ତ ଦାୟିତ୍ୱରେ ଦୀର୍ଘଦିନ ହେବ ଥିଲେ ବୋଲି ଉକ୍ତ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ଏ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ବହୁ ସମସ୍ୟା ସୃଷ୍ଟି ହେବାରୁ ଶନିବାର କେନ୍ଦ୍ର ସରକାର ୧୯୯୦ ବ୍ୟାଚ୍‌ର କେରଳ କ୍ୟାଡର ଆଇଏଏସ୍ ଅଧିକାରୀ ଏମ୍.ଏସ୍. ଭାଟିଆଙ୍କୁ ଇଏସ୍ଆଇସିର ନୂଆ ଡିଜି ଭାବେ ନିଯୁକ୍ତି ଦେଇଛନ୍ତି। ଏହା ପୂର୍ବରୁ ସେ ଅର୍ଥ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଭାବେ କାର୍ଯ୍ୟ କରୁଥିଲେ। ସେହିଭଳି ତାଙ୍କର ଝାଡ଼ଖଣ୍ଡ ସରକାରଙ୍କ ଶ୍ରମ ଓ ନିଯୁକ୍ତି ଏବଂ ମହିଳା ଓ ଶିଶୁ ବିକାଶ ଭଳି ବିଭାଗରେ କାର୍ଯ୍ୟ କରିବାର ଅଭିଜ୍ଞତା ରହିଛି। ଭାଟିଆ ମାଡ୍ରାସ ବିଶ୍ୱବିଦ୍ୟାଳୟ, ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଏବଂ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରୁ ଉଚ୍ଚଶିକ୍ଷା ହାସଲ କରିଛନ୍ତି।



## ଏଚ୍‌ପିସିଏଲ୍ ପକ୍ଷରୁ ନିଯୁକ୍ତି ସୁଯୋଗ

**ନୂଆଦିଲ୍ଲୀ,୩।୪:** ହିନ୍ଦୁସ୍ତାନ ପେଟ୍ରୋଲିଅମ କର୍ପୋରେସନ ଲିମିଟେଡ୍ ପକ୍ଷରୁ ଖାଲି ପଡିଥିବା ୨୦୦ ପଦବୀ ପାଇଁ ଶନିବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଇଞ୍ଜିନିୟରିଂ ଡିଗ୍ରୀଧାରୀ ଏହି ସବୁ ପଦବୀ ପାଇଁ ଆବେଦନ କରିପାରିବେ। ବିଭିନ୍ନ ବିଭାଗ ପାଇଁ ମୋଟ ପଦବୀ-୨୦୦ ରହିଛି। ପ୍ରାର୍ଥୀମାନେ ସମ୍ପୃକ୍ତ ଗ୍ରେଡରେ ୪ ବର୍ଷର ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରିଥିବା ଉଚିତ। ସାଧାରଣ ବର୍ଗ, ଓବିସି,ଇଡବ୍ଲୁଏସ ବର୍ଗ ଆବେଦନକାରୀଙ୍କ ଇଞ୍ଜିନିୟରିଂରେ ୬୦% ମାର୍କ ଥିବା ଆବଶ୍ୟକ। ଇଞ୍ଜିନିୟରିଂରେ ଏସସି,ଏସଟି ଏବଂ ଦିବ୍ୟାଙ୍ଗ ପ୍ରାର୍ଥୀଙ୍କ ୫୦% ମାର୍କ ରହିଥିବା ଆବଶ୍ୟକ। ଏହି ସବୁ ପଦବୀରେ ଆବେଦନ କରୁଥିବା ପ୍ରାର୍ଥୀଙ୍କ ସର୍ବାଧିକ ବୟସ ୨୫ବର୍ଷ ରହିଥିବା ଜଣାପଡିଛି।

# ୧୦୦୦କୋଟି ଟଙ୍କାର ଘର କିଣିଲେ ଡି ମାର୍ଟ ପ୍ରତିଷ୍ଠାତା

**ମୁମ୍ବାଇ,୩।୪**

ଦେଶର ଅଗ୍ରଣୀ ବ୍ୟବସାୟୀକ ସଂସ୍ଥା ଡିମାର୍ଟର ପ୍ରତିଷ୍ଠାତା ରାଧାକୃଷ୍ଣନ ଦମାନୀ ୧୦୦୧ କୋଟି ଟଙ୍କାର ଏକ ବୃହତ୍ତ କୋଠା ସାଉଥ ମୁମ୍ବାଇର ମାଲାବାର ହିଲ ଅଞ୍ଚଳରେ କିଣିଛନ୍ତି। ରାଧାକୃଷ୍ଣନ ହେଉଛନ୍ତି ଦେଶରେ ପ୍ରମୁଖ ରିଟେଲ ଚେନ୍ ବ୍ୟବସାୟୀକ ସଂସ୍ଥା ଡି ମାର୍ଟ ଜରିଆରେ ନିଜର କାରବାର କରନ୍ତି। ଦେଶର ବିଭିନ୍ନ ମେଟ୍ରୋ ସହରରେ ଥିବା ଡି–ମାର୍ଟ ସପିଂ ମଲର ମାଲିକ ହେଉଛନ୍ତି ରାଧାକୃଷ୍ଣନ। ସେ ଓ ତାଙ୍କ ଭାଇ ଗୋପୀ କିଷ୍ଣନ ଦମାନୀ ମିଳିତ ଭାବରେ ଏହି ସୁନ୍ଦର ଅଟାଳିକାକୁ କ୍ରୟ କରିଛନ୍ତି। ଏହି ଘରଟି ଦେଶର ପ୍ରଥମ ଘର ଯାହାର ବଜାର ମୂଲ୍ୟ ୧୦୦୦ କୋଟିରୁ ଊର୍ଦ୍ଧ୍ୱ ବୋଲି ଜଣାପଡିଛି। ଏହି ଘରଟି ୫୭୫୨.୨୨ ସ୍କୋୟାର ମିଟର ବା ୬୧,୯୧୬.୩ ବର୍ଗ ଫୁଟ ବୋଲି ଜଣାପଡିଛି। ଯାହାର ବଜାର ମୂଲ୍ୟ ୭୨୩.୯୮ କୋଟି ଟଙ୍କା ଥିବା ବେଳେ ଷ୍ଟାମ୍ପ ଡ୍ୟୁଟି ଏବଂ ଅନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ବାବଦକୁ ୩୦.୦୩ କୋଟି ଟଙ୍କା ସେ ଦେଇଛନ୍ତି। ରାଧାକ୍ରିଷ୍ଣନ ଦମାନୀ ଏବଂ ତାଙ୍କ ଭାଇ ଗୋପିକ୍ରିଷ୍ଣନ ଦମାନୀ ଚଳିତ ବର୍ଷ ମାର୍ଚ୍ଚ ୩୧ରେ ମୁମ୍ବାଇର ପୁରଚନ୍ଦ ରୟଚନ୍ଦ ଆଣ୍ଡ ସନ୍ସଙ୍କ ନିକଟରୁ ଏହି ଉଚ୍ଚ ଅଟ୍ଟାଳିକାକୁ କିଣଥିବା ଜଣାପଡିଛି।



ରାଧାକୃଷ୍ଣନ ଦମାନୀ

# ବିମାନବନ୍ଦରରୁ ୧.୨ କୋଟିର ସୁନା ଜବତ

**ମାଙ୍ଗାଲୁରୁ,୩।୪**

କର୍ନାଟକର ମାଙ୍ଗାଲୁରୁ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଶନିବାର ପ୍ରାୟ ୧.୨ କୋଟି ଟଙ୍କାର ସୁନା ଜବତ ହୋଇଛି। ବିମାନରେ ଆସିଥିବା ୩ଜଣ ଯାତ୍ରୀଙ୍କ ପାଖରୁ କଷ୍ଟମ ବିଭାଗ ଏହା ଜବତ କରିଛି। ଜବତ ସୁନାର ମୂଲ୍ୟ ପ୍ରାୟ ଏକକୋଟି ହେବ ବୋଲି ଜଣାପଡିଛି। ସେହିଭଳି ଉକ୍ତ ୩ ଅଭିଯୁକ୍ତଙ୍କ ନିକଟରୁ ୧.୯ କେଜି ଓଜନର ସୁନା ଜବତ କରାଯାଇଥିବା ଡିସିପି ଅଭିନାଶ କହିଛନ୍ତି। ଏହି ତିନି ଯାତ୍ରୀ ଦୁବାଇରୁ ଭିନ୍ନ ଭିନ୍ନ ବିମାନରେ ଆସିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏ ସମ୍ପର୍କରେ କଷ୍ଟମ ବିଭାଗର ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଶନିବାର ୩ ଟି ଭିନ୍ନ ଭିନ୍ନ ଘଟଣାରେ ମୋଟ୍ ୧,୧୮,୭୦,୫୯୦ଟଙ୍କାର ସୁନା ଜବତ କରାଯାଇଛି। ପ୍ରଥମେ କେରଳର କାସରଗୋଡରୁ ଆସିଥିବା ଦୁଇ ଯାତ୍ରୀଙ୍କୁ ଅଟକାଇ କଷ୍ଟମ ବିଭାଗ ଖାନତଲାସି କରିଥିଲା। ତଲାସି ପରେ ସେମାନଙ୍କ ନିକଟରୁ ଚୋରା ସୁନା ଥିବା ଜଣାପଡିଥିଲା। ଜବତ ସୁନାର ମୂଲ୍ୟ ପ୍ରାୟ ୨୭ ଲକ୍ଷ ଟଙ୍କା ହେବ ବୋଲି ସୂଚନା ମିଳିଛି। ଉକ୍ତ ୨ ଯାତ୍ରୀଙ୍କ ଠାରୁ ପ୍ରାୟ ୬ ଗ୍ରାମର ସୁନା ଜବତ ହୋଇଥିଲା ବୋଲି କଷ୍ଟମ ଅଧିକାରୀ କହିଛନ୍ତି। ଏହି ଦୁଇ ଯାତ୍ରୀ କେରଳର ବୋଲି ତଦନ୍ତରୁ ଜଣାପଡ଼ିଛି।



## ବ୍ରିଟାନିଆରେ ଉର୍ଜିତ



ଉର୍ଜିତ ପଟେଲ।

**ମୁମ୍ବାଇ,୩।୪**

ଦେଶର ଅଗ୍ରଣୀ ଖାଦ୍ୟ ଉତ୍ପାଦନ କମ୍ପାନୀ ବ୍ରିଟାନିଆ କମ୍ପାନୀରେ ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ଉର୍ଜିତ ପଟେଲ ଯୋଗଦେଇଛନ୍ତି। ଦୀର୍ଘ ୧୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ସେ ବିଭିନ୍ନ ଘରୋଇ ଉଦ୍ୟୋଗ ସହ ଜଡିତ ଥିଲେ। ପରେ ସେ ୨ବର୍ଷ ପାଇଁ ଆର୍‌ବିଆଇ ଗଭର୍ନର ଭାବେ କାର୍ଯ୍ୟ କରିଛନ୍ତି। ତାଙ୍କର ଦୀର୍ଘଦିନର ଅଭିଜ୍ଞତା ଓ ସେବା ମନୋବୃତ୍ତି ଯୋଗୁ ତାଙ୍କୁ ଏହି ନୂଆ ଦାୟିତ୍ୱ ମିଳିଛି ବୋଲି ସେ କହିଛନ୍ତି। ବିସ୍କୁଟ ଓ ଦୁଗ୍ଧଜାତୀୟ ଖାଦ୍ୟ ପ୍ରସ୍ତୁତ କରୁଥିବା ବ୍ରିଟାନିଆ କମ୍ପାନୀ ଉର୍ଜିତ ପଟେଲଙ୍କୁ କମ୍ପାନୀର ଅତିରିକ୍ତ ନିର୍ଦ୍ଦେଶକ ପଦରେ ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ ନିଯୁକ୍ତି ଦେଇଛି। ଏ ସମ୍ପର୍କରେ କମ୍ପାନୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)କୁ ବିସ୍ତୃତ ସୂଚନା ଦେଇଥିବା ଜଣାପଡିଛି। ଉକ୍ତ ସୂଚନାରେ ଦର୍ଶାଯାଇଛି, କମ୍ପାନୀ ଉର୍ଜିତଙ୍କୁ ଅତିରିକ୍ତ ନିର୍ଦ୍ଦେଶକ ପଦରେ ନିଯୁକ୍ତି ଦେଇଛି। ସେ ଏହି ପଦରେ ୨୦୨୬ ମାର୍ଚ୍ଚ ୩୦ ତାରିଖ ପର୍ଯ୍ୟନ୍ତ ରହିବେ। ସେହିଭଳି ସେବିର ନିର୍ଦ୍ଦେଶ ଅନୁସାରେ କୌଣସ ପଞ୍ଜୀକୃତ କମ୍ପାନୀ ଏଭଳି ନିଯୁକ୍ତିର ସୂଚନା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ନିକଟରେ ଦେବାକୁ ବାଧ୍ୟ ଅଟନ୍ତି। ରଘୁରାମ ରାଜନଙ୍କ ପରେ ଉର୍ଜିତ ରିଜର୍ଭ ବ୍ୟାଙ୍କର ଗଭର୍ନର ଭାବେ ନିଯୁକ୍ତି ପାଇଥିଲେ। ପଟେଲ ୨୦୧୬–୧୮ ମଧ୍ୟରେ ୨ବର୍ଷ ପାଇଁ ଆର୍‌ବିଆଇର ଗଭର୍ନର ଭାବେ ଦାୟିତ୍ୱ ତୁଲାଇଥିଲେ। ସେ ରିଜର୍ଭ ବ୍ୟାଙ୍କର ଗଭର୍ନର ଭାବେ ନିଯୁକ୍ତି ପାଇବା ପୂର୍ବରୁ ରିଜର୍ଭ ବ୍ୟାଙ୍କର ଡେପୁଟି ଗଭର୍ନର ଓ ମନିଟରିଂ କମିଟିର ଇନ୍‌ଚାର୍ଜ ଭାବେ କାର୍ଯ୍ୟ କରିଛନ୍ତି। ସେ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ଫାଇନାନ୍ସ ଏବଂ ପଲିସିର ଗଭର୍ନିଂ ବଡିର ମଧ୍ୟ ଚେୟାରମ୍ୟାନ ଥିଲେ।

# ସିଡ୍‌ବିର ୩୨ତମ ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର,୩।୪**

SIDBI
भारतीय लघु उद्योग विकास बैंक
SMALL INDUSTRIES DEVELOPMENT BANK OF INDIA

ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସମୂହ (ଏମ୍ଏସ୍ଏମ୍ଇ)ର ପ୍ରୋତ୍ସାହନ, ପୁଞ୍ଜିଲଗାଣ ଏବଂ ବିକାଶ କ୍ଷେତ୍ରରେ ନିୟୋଜିତ ପ୍ରମୁଖ ଆର୍ଥିକ ସଂସ୍ଥା ଭାରତର କ୍ଷୁଦ୍ର ଶିଳ୍ପ ବିକାଶ ବ୍ୟାଙ୍କ (ସିଡ୍‌ବି) ଶୁକ୍ରବାର ତା'ର ପ୍ରତିଷ୍ଠା ଦିବସକୁ 'ସ୍ୱାବଲମ୍ବନ ପ୍ରେରଣା ଦିବସ' ଭାବେ ପାଳନ କରିଛି। ଗତ କିଛିବର୍ଷ ଧରି ସିଡ୍‌ବି ଏହି ଦିବସକୁ ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ସହିତ ପାଳନ କରୁଛି। ଚଳିତ ବର୍ଷ ବ୍ୟାଙ୍କର ସମସ୍ତ ଶାଖା ଓ ଆବାସିକ ପ୍ରତିନିଧିଙ୍କ କାର୍ଯ୍ୟାଳୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ସିଡ୍‌ବିର ଉପପରିଚାଳନା ନିର୍ଦ୍ଦେଶକ ଭି ସତ୍ୟା ଭେଙ୍କଟ ରାଓ କହିଥିଲେ,'କୋଭିଡ–୧୯ ସମୟରେ ବହୁବିଧ ଚାଲେଞ୍ଜର ସମ୍ମୁଖୀନ ହୋଇ ଅଧିକ ମଜଭୁତ ଭାବରେ ଛିଡା ହୋଇଥିବା ଏମ୍ଏସଏମ୍ଇଗୁଡିକୁ ଆମେ ପ୍ରଣାମ କରୁଛୁ। ଆମେ ଆଉ ଏକ ବର୍ଷରେ ପାଦ ଦେଉଥିବା ଅବସରରେ ଏମଏସଏମଇ ପରିବ୍ୟବସ୍ଥାକୁ ଋଣ ଯୋଗାଣ ଏବଂ ବିକାଶ ସହିତ ସେମାନଙ୍କୁ ଆର୍ଥିକ ଓ ଅଣଆର୍ଥିକ କ୍ଷେତ୍ରରେ ନିୟୋଜିତ ରଖିବା ଜରିଆରେ ଆମର ସେବା କରିବାର ପ୍ରତିବଦ୍ଧତାକୁ ଜାରି ରଖିବୁ। ଏହି ଅବସରରେ ସିଡ୍‌ବି ପକ୍ଷରୁ ଏକ ଇ–ପୁସ୍ତିକା ଉନ୍ମୋଚନ କରାଯାଇଥିଲା। ସେହିଭଳି ସିଡ୍‌ବି ମଧ୍ୟ ସ୍ୱାବଲମ୍ବନ କଦମର ବାର୍ଷିକ ସଂସ୍କରଣକୁ ଏହି ପରିପ୍ରେକ୍ଷୀରେ ଉନ୍ମୋଚନ କରିଥିଲା। ଏହି ଇ–ପୁସ୍ତିକାରେ ସିଡ୍‌ବି ଏବଂ ଉଷା ମଧ୍ୟରେ ପାର୍ଥକ୍ୟ ଆଣିବା ଭଳି ସହଭାଗିତା ଏବଂ ତାହାର ପ୍ରଭାବ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ସଂପ୍ରତି ଦେଶର ୭ଟି ରାଜ୍ୟର ୨୪ଟି ଜିଲାରେ ୧୭୦୦ ସ୍ୱାବଲମ୍ବନ ସିଲେଇ ସ୍କୁଲ ସ୍ଥାପିତ ହୋଇସାରିଛି। ଏହି ପ୍ରାୟ ସମସ୍ତ ୧୭୦୦ ସ୍ୱାବଲମ୍ବୀ ସେମାନଙ୍କ ସ୍ୱପ୍ନକୁ ସାକାର କରିବାର ଦୃଢ ଇଚ୍ଛାଶକ୍ତି ବଳରେ ସମସ୍ତ ଚାଲେଞ୍ଜର ଊର୍ଦ୍ଧ୍ୱକୁ ଉଠିପାରିଛନ୍ତି।

# ସୁକିନ୍ଦା ଆଇଟିଆଇରୁ ୫୩ ପିଲା ମନୋନୀତ

**ଭୁବନେଶ୍ୱର,୩।୪**

ବିଆଇପିଏଫ୍ ସୁକିନ୍ଦା ଆଇଟିଆଇରୁ ୫୩ ଜଣ ପିଲା କ୍ୟାମ୍ପସ ଚୟନ ହୋଇଛନ୍ତି। ୨୦୧୮–୨୦ ବ୍ୟାଚ୍‌ର ଛାତ୍ରୀଛାତ୍ରଙ୍କ ମଧ୍ୟରୁ ବହୁରାଷ୍ଟ୍ରୀୟ କମ୍ପାନୀ ଏଲ ଆଣ୍ଡ ଟି ପକ୍ଷରୁ ଆୟୋଜିତ କ୍ୟାମ୍ପସ ଚୟନରେ ଫିଟରରୁ ୩୨ ଜଣ ଏବଂ ଇଲେକ୍ଟ୍ରିକାଲରୁ ୨୧ ଜଣଙ୍କୁ କମ୍ପାନୀ ଚୟନ କରିଥିବା ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଚୟନ ହୋଇଥିବା ପିଲା ବର୍ତ୍ତମାନ କଟକ ନିକଟସ୍ଥ ଗୋପାଳପୁର ବାଲିକୁଦ ଅଞ୍ଚଳର ଏଲ ଆଣ୍ଡ ଟି ସିଏସ୍‌ଟିଆଇ ତାଲିମ କେନ୍ଦ୍ରରେ ମାସିକ ଷ୍ଟାଇପେଣ୍ଟ ଏବଂ ଅନ୍ୟାନ୍ୟ ସୁବିଧା ସହିତ ୩ମାସର ନିଯୁକ୍ତିକାଳୀନ ତାଲିମ କାର୍ଯ୍ୟ ଜାରି ରଖିଛନ୍ତି। ଏହି ତାଲିମ କାର୍ଯ୍ୟକ୍ରମ ସମାପ୍ତ ହେବା ପରେ ସେମାନଙ୍କୁ ଇଣ୍ଡଷ୍ଟ୍ରି ଷ୍ଟାଣ୍ଡାର୍ଡର ମାସିକ ପ୍ୟାକେଜ ଅନୁସାରେ କମ୍ପାନୀ ତା'ର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟରେ ନିୟୋଜିତ କରିବ ବୋଲି ଜଣାପଡିଛି। ପୂର୍ବରୁ ଏଲ୍ ଆଣ୍ଡ ଟି ଦ୍ୱାରା ନିଯୁକ୍ତ ୨୦୧୭–୧୯ ବ୍ୟାଚ୍‌ର ପିଲା ବର୍ତ୍ତମାନ ୨୦ ହଜାରରୁ ଊର୍ଦ୍ଧ୍ୱ ବେତନରେ କମ୍ପାନୀ ସହ କାର୍ଯ୍ୟ କରୁଛନ୍ତି। ୨୦୧୬ରେ ଯାଜପୁର ଜିଲାର ସୁକିନ୍ଦା ଅଞ୍ଚଳରେ ପ୍ରତିଷ୍ଠିତ ବିଆଇପିଏଫ୍ ସୁକିନ୍ଦା ଆଇଟିଆଇ ହେଉଛି ଏକ ଗୁଣାତ୍ମକ ଆବାସିକ ଶିଳ୍ପକେନ୍ଦ୍ର। ଏହା ଇଣ୍ଡିଆନ ମେଟାଲ୍ସ ଆଣ୍ଡ ଫେରୋ ଆଲଏଜ ଲିମିଟେଡ ଏବଂ ଓଡ଼ିଶା ସରକାରଙ୍କ ଦ୍ୱାରା ବିକାଶର ଭାଗୀଦାରି କାର୍ଯ୍ୟକ୍ରମର ଏକ ଅଂଶ ବିଶେଷ । ଏହି ଆଇଟିଆଇ କେନ୍ଦ୍ରଟି କ୍ୱାଲିଟି କାଉନସିଲ ଅଫ୍ ନୂଆଦିଲ୍ଲୀ ସହ ଅନୁବନ୍ଧିତ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି। ଏହି ଶିଳ୍ପ ତାଲିମ କେନ୍ଦ୍ର ଜରିଆରେ ପିଲାମାନଙ୍କୁ ନିଯୁକ୍ତି ଯୋଗାଇ ଦେବା ଲକ୍ଷ୍ୟ ସହ ସେମାନଙ୍କର ଗୁଣାତ୍ମକ ଦକ୍ଷତାକୁ ଫଳପ୍ରଦ କରିବା ଉପରେ ଅନୁଷ୍ଠାନ ପ୍ରାଥମିକତା ଦେଇଆସିଛି। ଏଠାରେ ୱେଲେଡର, ଫିଟର ଏବଂ ଇଲେକ୍ଟ୍ରିକାଲ ଟ୍ରେଡ୍‌ରେ ନାମ ଲେଖାଯାଉଛି। ଚଳିତ ଶିକ୍ଷା ବର୍ଷରେ ୧୧୯ ଜଣ ଛାତ୍ରୀଛାତ୍ର ନାମ ଲେଖାଇଥିବା ଜଣାପଡିଛି। ଯାଜପୁର ଜିଲାର ୨୮% ଏବଂ ରାଜ୍ୟରେ ୪୪% ତୁଳନାରେ ବିଆଇପିଏଫ୍ ସୁକିନ୍ଦା ଆଇଟିଆଇର ନାମଲେଖା ଅନୁପାତ ୫୪% ରହିଛି ବୋଲି ଜଣାପଡିଛି।

**ରାଜ୍ୟ ଖବର**

# ଆପାର୍ଟମେଣ୍ଟ ପାଲଟିଛି ଜୁଆଡ଼ିଙ୍କ ଠିକଣା

**ବ୍ରହ୍ମପୁର ଅଫିସ,୩।୪**

### ୩.୬୬ ଲକ୍ଷ ଟଙ୍କା, କାର ଜବତ, ୮ ଗିରଫ

ବ୍ରହ୍ମପୁର ସହରରେ ଏବେ ଖୁଲମ୍‌ଖୋଲା ଚାଲିଛି ଜୁଆ ଆଡ୍ଡା। ବିଭିନ୍ନ ଆପାର୍ଟମେଣ୍ଟ ପାଲଟିଛି ଜୁଆଡ଼ିଙ୍କ ନୂଆ ଠିକଣା। ପୋଲିସ ଦୃଷ୍ଟିରୁ ଦୂରେଇ ରହିବା ପାଇଁ ଜୁଆଡ଼ିମାନେ ଆପାର୍ଟମେଣ୍ଟକୁ ସୁରକ୍ଷିତ ସ୍ଥାନ ଭାବେ ବାଛି ନେଇଛନ୍ତି। ହେଲେ ପୋଲିସ ଏବେ ସମ୍ପୃକ୍ତ ଆପାର୍ଟମେଣ୍ଟ ଉପରେ ନଜର ରଖିଛି। ଏକ ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ଶୁକ୍ରବାର ରାତି ପ୍ରାୟ ୧୧ଟାରେ ଏକ ବଡ଼ଧରଣର ଜୁଆ ଆଡ୍ଡା ଠାବ କରିଥିଲା। ଶିବାଶକ୍ତି ସିନେମା ହଲ ନିକଟ ଶାସ୍ତ୍ରୀନଗରରେ ଥିବା ହେରିଟେଜ୍ ଆପାର୍ଟମେଣ୍ଟରେ ଗୋଷାଣୀନୂଆଗାଁ ଓ ବଡ଼ବଜାର ପୋଲିସ ମିଳିତ ଭାବେ ଚଢ଼ାଉ କରିଥିଲା। ୩୦୭ ନମ୍ବର କ୍ୱାର୍ଟର୍ସରେ ଖେଳୁଥିବା ସମସ୍ତ ଜୁଆଡ଼ିଙ୍କୁ କାବୁ କରାଯାଇଥିଲା। ଉକ୍ତ କ୍ୱାର୍ଟର୍ସର ମାଲିକ ସନ୍ତୋଷ କୁମାର ବେହେରାଙ୍କ ସମେତ ୮ ଜଣଙ୍କୁ ମାମଲା ନମ୍ବର ୭୫/୨୧ରେ ଗିରଫ କରାଯାଇଥିଲା। ଘଟଣାସ୍ଥଳରୁ ୩ ଲକ୍ଷ ୬୬ ହଜାର ୨୯୦ ଟଙ୍କା ଜବତ ହୋଇଥିଲା ବୋଲି ଏଏସ୍‌ପି ପ୍ରଭାତ ରାଉତରାୟ ସୂଚନା ଦେଇଛନ୍ତି। ସନ୍ତୋଷ ନିଜ କ୍ୱାର୍ଟର୍ସରେ ଏହି ଜୁଆ ଅଡ୍ଡା ଚଳାଇଥିଲେ ବୋଲି ପୋଲିସ କହିଛି। ଘଟଣାସ୍ଥଳରୁ ଗୋଟିଏ କାର, ଦୁଇଟି ସ୍କୁଟି ଓ ୭ ମୋବାଇଲ ଫୋନ ଜବତ କରାଯାଇଥିବା ଥାନାଧିକାରୀ ପ୍ରଶାନ୍ତ ଭୂପତି ସୂଚନା ଦେଇଛନ୍ତି। ଗିରଫ ଜୁଆଡ଼ିମାନେ ବ୍ୟବସାୟୀ ଅଟନ୍ତି ବୋଲି ସେ କହିଛନ୍ତି।



ଜବତ ଟଙ୍କା ଓ ମୋବାଇଲ ଫୋନ।

# ନାବାଳକଠାରୁ ସୁନା ରଖି୍ ୨ ଗିରଫ

**ପାରାଦୀପ,୩।୪(ସ୍ୱ.ପ୍ର.)**

ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ବଡ଼ପଡ଼ିଆ ସିନେମାହଲ ପାଖ ବସ୍ତିରେ ଜଣେ ନାବାଳକଙ୍କଠାରୁ ସୁନା ରଖିବା ଘଟଣା ପଡ଼ୋଶୀ ପରିବାର ସଦସ୍ୟଙ୍କ ପାଇଁ ବୁମେରାଂ ହୋଇଛି। ଏହି ଘଟଣା ଥାନାକୁ ଯିବାପରେ ପୋଲିସ ମାମଲା (ନଂ.୭୦/୨୧)ରୁଜୁ କରିଛି। ଏଥିସହ ୨ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ୨ ଅଭିଯୁକ୍ତ ହେଲେ ସସ୍ମିତା ବାରିକ ଓ ରଶ୍ମିରଞ୍ଜନ ବାରିକ। ସେମାନେ ସମ୍ପର୍କରେ ଭଉଣୀ ଭାଇ। ତଦନ୍ତକାରୀ ଅଧିକାରୀ ପ୍ରମୋଦ କୁମାର ସେଠୀଙ୍କ ସୂଚନା ଅନୁସାରେ, ଗତ ୧ ତାରିଖରେ ସେହି ବସ୍ତିର ଜଣେ ୧୦ ବର୍ଷୀୟ ନାବାଳକ ସାଙ୍ଗମାନଙ୍କ ପ୍ରଲୋଭନରେ ପଡ଼ି ମୋବାଇଲ କିଣିବା ପାଇଁ ପରିବାର ଲୋକଙ୍କ ଅଜାଣତରେ ଘରୁ ପର୍ଯ୍ୟାୟକ୍ରମେ ପ୍ରାୟ ୫୦ ଗ୍ରାମ ସୁନା ଅଳଙ୍କାର ଚୋରୀ କରିଥିଲେ। ଏସବୁ ଅଳଙ୍କାର ସେ ଅଭିଯୁକ୍ତ ଭଉଣୀ ଭାଇଙ୍କୁ ଦେଇଥିଲେ। ସସ୍ମିତା ଓ ରଶ୍ମିରଞ୍ଜନ ଏହି ସୁନା ଅଳଙ୍କାର ମଧ୍ୟରୁ ୨୩ ଗ୍ରାମ ଏକ ଘରୋଇ ବ୍ୟାଙ୍କରେ ରଖି ଅବଶିଷ୍ଟ ବାହାରେ ବିକ୍ରି କରିଦେଇଥିଲେ। ଏହି ଘଟଣା ଜଣାପଡ଼ିବା ପରେ ନାବାଳକଙ୍କ ପରିବାର ସଦସ୍ୟ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ନେଇଛି। ଏଥିସହ ସମସ୍ତ ସୁନା ଅଳଙ୍କାର ଓ ଟଙ୍କା ଉଦ୍ଧାର କରିଛି।

# ଗୁଣିଗାରେଡ଼ି ସନ୍ଦେହରେ ମାଡ଼: ୪ ଗିରଫ

**ଗୁଡ଼ଭେଲା, ୩।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁଷୁରା ଥାନା ଅନ୍ତର୍ଗତ ସିରାବାହାଲ ହରଜନପଡାରେ ଗୁଣିଗାରେଡି ସନ୍ଦେହରେ ଜଣେ ବ୍ୟକ୍ତିଙ୍କୁ ମାଡ ମରାଯାଇଥିବା ଅଭିଯୋଗ ହୋଇଛି। ଏଥିରେ ଆହତ ହୋଇଥିବା ରଘୁ ଛତ୍ରିଆଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାକୁ ନେଇ ରଘୁଙ୍କ ସମ୍ପର୍କୀୟ ଶୁକ୍ର ତୁଷୁରା ଥାନାରେ ଅଭିଯୋଗ କରିଛନ୍ତି। ଏତଲାକୁ ଭିତ୍ତି କରି ତୁଷୁରା ଥାନାରେ ଏକ ମାମଲା(ନଂ.୪୭/୨୧)ରୁଜୁ ହୋଇଛି। ଏହି ଘଟଣାରେ ପୋଲିସ ଉକ୍ତପଡାର ବିରଞ୍ଚି ଛତ୍ରିଆ (୫୦), କଞ୍ଚନ ଛତ୍ରିଆ (୩୫), ମିଥୁନ ଛତ୍ରିଆ(୨୫) ଓ ବିଶ୍ୱ ପ୍ରକାଶ ଛତ୍ରିଆ (୨୨)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନା ଅନୁଯାଇ ବିରଞ୍ଚିଙ୍କ ଝିଅ ବିଭିନ୍ନ ସମୟରେ ରୋଗଗ୍ରସ୍ତ ରହୁଥିବା ବେଳେ ରଘୁ ଗୁଣିଗାରେଡି କରିଥିବାରୁ ଏପରି ହେଉଛି ବୋଲି ସନ୍ଦେହ କରି ଆସୁଥିଲେ। ଏନେଇ ଶନିବାର ପୂର୍ବାହ୍ନ ୧୦ଟାରେ ଉକ୍ତ ଗ୍ରାମରେ ଏକ ବୈଠକ ବସିଥିଲା। ଉକ୍ତ ବୈଠକରେ ଏପରି ଘଟଣା ଘଟିଥିବା ଅଭିଯୋଗ ପତ୍ରରୁ ଜଣାପଡିଛି । ଏ ନେଇ ତଦନ୍ତ ଚାଲିଥିବା ତଦନ୍ତ ଅଧିକାରୀ ଏସଆଇ ତୁଳସୀରାମ ଶବର ପ୍ରକାଶ କରିଛନ୍ତି।

# ଗଛରୁ ୨ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**କୁଆଁରମୁଣ୍ଡା, ୩।୪(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ କୁଆଁରମୁଣ୍ଡା ଶିଶୁ ମନ୍ଦିର ନିକଟରେ ରହୁଥିବା ଦୈତାରୀ ମେହେର(୪୫) ମାନସିକ ଭାରସାମ୍ୟ ହରାଇ ନିଜ ଗାମୁଛା ବେକରେ ବାନ୍ଧି ଘର ନିକଟରେ ଥିବା ଏକ ପଣସ ଗଛରେ ଝୁଲୁଥିବା ଅବସ୍ଥାରେ ଶନିବାର ଘର ଲୋକେ ପୋଲିସକୁ ଖବର ଦେଇଥିଲେ। ଏ ନେଇ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୈତାରୀଙ୍କ ମୃତଦେହ ଉଦ୍ଧାର କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପରେ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ପୋଲିସ ମୃତଦେହ ହସ୍ତାନ୍ତର କରିଛି। ପୋଲିସ ସୂଚନା ମୁତାବକ, ପୂର୍ବରୁ ଏକ ଘଟଣାରେ ଜେଲ ଯାଇଥିବା ଦୈତାରୀ ଗତ ୩ ଦିନ ତଳେ ଜେଲରୁ ଫେରିଥିଲେ। ଜେଲରୁ ଫେରିବା ପରେ ସେ ମାନସିକ ଭାରସାମ୍ୟ ହରାଇ ଘରେ ମାଡ଼ପିଟ୍ କରୁଥିଲେ। ସେହିପରି ଏହି ଫାଣ୍ଡି ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତର ଲାଞ୍ଜିବେର୍ଣ୍ଣା ରୋଡ଼ରେ ଥିବା ଏକ ଚାକୁଣ୍ଡା ଗଛରେ ଘଘାରୀ ଗ୍ରାମର ଜୁଏଲ ଓରାମ(୨୪) ନାମକ ଜଣେ ପିକ୍‌ଅପ୍ ଭ୍ୟାନ ଚାଳକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଅନୁରୂପଭାବେ ପୋଲିସ ଖବରପାଇ ମୃତଦେହ ଉଦ୍ଧାର କରି ଅନ୍ୟ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ କରାଇଛି।

# ଦୁଇ ଲୁଟେରା କୋର୍ଟଚାଲାଣ

**ଖଡିଆଳ, ୩।୪ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ବ୍ଲକ ତୁକଲାଠାରେ ଥିବା ରଷିପିଟିକୁ ସନ୍ଧ୍ୟା ଭ୍ରମଣରେ ଯାଇଥିବା ତୁକଲା ଗ୍ରାମର ଘନଶ୍ୟାମ ମେହେରଙ୍କୁ ଦୁଇ ଜଣ ଲୁଟେରା ମାରଣାସ୍ତ୍ର ଦେଖାଇ ମାରପିଟ କରିବା ସହ ମୋବାଇଲ ଏବଂ ଟଙ୍କା ଲୁଟି ନେଇଥିଲେ। ଏ ନେଇ ମେହେର ଖଡିଆଳ ଥାନାରେ ଗତ ୨୭ ତାରିଖରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି ଖଡିଆଳ ପୋଲିସ ଏକ ମାମଲା ରୁଜୁ କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅଭିଯୁକ୍ତ ମାନେ ହେଲେ ବଙ୍ଗୋମୁଣ୍ଡା ବ୍ଲକ ଖାଡିମୁଡା ଗ୍ରାମର ସୁଶୀଲ ଛୁରା (୨୪) ଏବଂ ଖଡିଆଳ ଥାନା ମୋହରା ଗ୍ରାମର ରିକନ ମଲ୍ଲିକ (୧୯)। ସେମାନଙ୍କଠାରୁ ବାଇକ୍, ମାରଣାସ୍ତ୍ର, ମୋବାଇଲ ଏବଂ ଟଙ୍କା ଜବତ କରାଯାଇଛି। ଶନିବାର ଉଭୟଙ୍କୁ କୋର୍ଟଚାଲାଣ କରାଯାଇଥିବା ଆଇଆଇସି କୈଳାଶ ଚନ୍ଦ୍ର ସେଠୀ ପ୍ରକାଶ କରିଛନ୍ତି ।

# ସାଇକେଲ ମରାମତି କଲେ ଚଳୁଛି ଦିବ୍ୟାଙ୍ଗଙ୍କ ପରିବାର

**ଅତାବିରା, ୩।୪ (ଡି.ଏନ.ଏ)**

ବରଗଡ ଜିଲା ଅତାବିରା ବ୍ଲକ କୁଲତାଟୁକୁରା ପଞ୍ଚାୟତର ମୀନକେତନ ସିଂ (୫୦)। ସ୍ତ୍ରୀ ଚାନ୍ଦ (୪୨), ପୁଅ ରାଜ (୧୩) ଓ ଝିଅ ରାଜକୁମାରୀ (୬)କୁ ନେଇ ତାଙ୍କ ସଂସାର। ମୀନକେତନ ଜନ୍ମରୁ ଦିବ୍ୟାଙ୍ଗ। ତାଙ୍କୁ ସେଭଳି କିଛି ସରକାରୀ ସହାୟତା ମିଳିନି। ତେବେ ଦିବ୍ୟାଙ୍ଗ ହେଲେ ମଧ୍ୟ ସେ ସାଇକେଲ ମରାମତି କରି ପରିବାର ପୋଷୁଛନ୍ତି। ମୀନକେତନଙ୍କ ଦୁଇ ଗୋଡ ସରୁ ହୋଇ ବଙ୍କା ହୋଇଯାଇଛି। ସେ ଠିକ୍ ଭାବେ ଛିଡା ହୋଇ ଚଲାବୁଲା କରିପାରନ୍ତିନି। ଏକ ଟ୍ରାଇସାଇକେଲ ଯୋଗେ ପ୍ରତିଦିନ ଟୁକୁରା ଛକର ଏକ ସାଇକେଲ ଦୋକାନକୁ ପହଞ୍ଚି ସେଠାରେ ସାଇକେଲ ମରାମତି କରନ୍ତି। ଦିନଯାକ ଯାହା ରୋଜଗାର ହୁଏ ସେଥିରେ ତାଙ୍କ ଘରେ ଚୂଲି ଜଳେ। ମୀନକେତନଙ୍କୁ ଆଜିଯାଏ ସରକାରଙ୍କ ଆବାସ ଯୋଜନାରେ ଘର ମିଳିନାହିଁ। ତାଙ୍କୁ ସରକାରୀ ସହାୟତା ଭାବେ ଚାଉଳ ୧୫ କେଜି ଓ ଦିବ୍ୟାଙ୍ଗ ଭତ୍ତା ମିଳୁଛି। ଏହି ଅସହାୟ ପରିବାରକୁ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ଦାବି ହେଉଛି। ଏ ସମ୍ପର୍କରେ ବିଡିଓ ପ୍ରଣବ କୁମାର ଚାନ୍ଦଙ୍କୁ ପଚରାଯିବାରୁ ତଦନ୍ତ କରି ଯୋଗ୍ୟ ହିତାଧିକାରୀ ହୋଇଥିଲେ ଆବାସ ଗୃହ ଯୋଗାଇ ଦେବା ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି କହିଥିଲେ।



ମୀନକେତନ ସାଇକେଲ ମରାମତି କରୁଛନ୍ତି।

ବର୍ତ୍ତମାନ ଅଧିକାଂଶ ଯୁବପିଢ଼ି କ୍ୟାଶ୍ ବଦଳରେ କାର୍ଡ ଟ୍ରାଞ୍ଜାକ୍ସନ୍ ଏବଂ ଇ- ବ୍ୟାଙ୍କିଙ୍ଗ୍ ଉପରେ ଦିନକୁ ଦିନ ଅଧିକ ନିର୍ଭର କରୁଥିବା ଦେଖିବାକୁ ମିଳୁଛି। ହେଲେ ଏହାକୁ ବ୍ୟବହାର ସମୟରେ ସାମାନ୍ୟ ଅସତର୍କତା ବି ବେଳେବେଳେ ବଡ଼ ଅସୁବିଧାର କାରଣ ସାଜୁଛି। ଗତବର୍ଷ ବାଲେଶ୍ୱର ଡିଷ୍ଟ୍ରିକ୍ଟ ସାଇବର୍ ସେଲ୍ ସହାୟତାରେ ପୋଲିସ୍ ଉତ୍ତର ପ୍ରଦେଶର ୫ଜଣ ସାଇବର୍ ଠକଙ୍କୁ ଧରିଥିଲେ ଏବଂ ସେମାନଙ୍କ ଠାରୁ ୧୫୮ଟି ଏଟିଏମ୍ କାର୍ଡ ଜବତ କରିଥିଲେ। ସାରାଦେଶରେ ସେମାନଙ୍କ ଭଳି କେତେକ ଅପରାଧି ଧରାପଡିଥିବା ବେଳେ ଆହୁରି ଅନେକେ ଏବେବି ଧରା ନ ପଡି ବିଭିନ୍ନ ଉପାୟରେ ଲୋକଙ୍କ ଟଙ୍କା ଲୁଟି ଚାଲିଛନ୍ତି। ତେଣୁ ଏଟିଏମ୍ ବ୍ୟବହାର କରୁଥିଲେ ନିଜ ଟଙ୍କାକୁ ସୁରକ୍ଷିତ ରଖିବା ଲାଗି କେତେକ ଦିଗ ପ୍ରତି ସଜାଗ ରହିବା ନିହାତି ଆବଶ୍ୟକ...



# ଏଟିଏମ୍ ଫ୍ରଡ୍

**ଦିନକୁ ଦିନ ବଢ଼ିଲା ଚୋରି, ଡକାୟତି ଲୋକେ ଡରରେ ଆରମ୍ଭ କଲେ କ୍ୟାଶ୍ ବଦଳରେ କାର୍ଡର ବ୍ୟବହାର। ଆଉ ସୁରକ୍ଷା ଦୃଷ୍ଟିରୁ ଏହି ପରିବର୍ତ୍ତନ ଧାରାରେ ସମ୍ପୂର୍ଣ୍ଣ କ୍ୟାଶ୍‌ଲେସ୍ ବ୍ୟବସ୍ଥା ଅର୍ଥାତ୍ ଅନ୍‌ଲାଇନ୍ ବ୍ୟାଙ୍କିଙ୍ଗ୍ ବ୍ୟବହାର ଧୀରେ ଧୀରେ ବଢ଼ିଚାଲିଲା। ହେଲେ ଜନସାଧାରଣଙ୍କ ଟଙ୍କାକୁ ସୁରକ୍ଷିତ ରଖିବା ଲାଗି ଯେତେ ନୂଆ ବ୍ୟବସ୍ଥା କରାଗଲା, ଅପରାଧୀଙ୍କୁ ମଧ୍ୟ ତା'ଙ୍କ ଅପରାଧର କାୟା ବିସ୍ତାର କରିବାକୁ ନୂଆ ନୂଆ ବୁଦ୍ଧି ଜୁଟିଗଲା ଏବଂ କଳେବଳେ କୌଶଳେ ସେମାନେ ଆରମ୍ଭ କଲେ ଠକାମି। ଏମିତିରେ ନିଜ ଅର୍ଥର ସୁରକ୍ଷା ଲାଗି ସଚେତନତା ଏବଂ ସତର୍କତା ଅବଲମ୍ବନ ହିଁ ଏକମାତ୍ର ଉପାୟ...**

➤ଷ୍ଟେଟ୍ ବ୍ୟାଙ୍କ୍ ଦ୍ୱାରା ଆଲର୍ଟ କରାଯାଇଥିବା ସୂଚନା ଅନୁଯାୟୀ ନିଜ ଜନ୍ମଦିନ, ତାରିଖ, ବର୍ଷ କିମ୍ବା ଫୋନ୍ ନମ୍ବର, ବ୍ୟାଙ୍କ୍ ଆକାଉଣ୍ଟ ନମ୍ବରକୁ ଏଟିଏମ୍ ପିନ୍ ଭାବେ ରଖୁଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ଠକେଇ ଅଧିକ ହେଉଥିବା ଦେଖିବାକୁ ମିଳୁଛି। କାରଣ ଏସବୁକୁ ଚୋରଙ୍କୁ ଜାଣିବା ସହଜ ହେଉଛି। ତେଣୁ ଏହା ବଦଳରେ ଅନ୍ୟ ପିନ୍ ରଖନ୍ତୁ, ଯାହାକି ନିଜକୁ ମନେରଖିବା ସହଜ ହେଉଥିବ ; ହେଲେ ଅନ୍ୟ କେହି ଏହାକୁ ଜାଣିପାରିବେ ନାହିଁ। ଏହାକୁ ଅନ୍ୟ ସହ ଶେୟାର କରନ୍ତୁ ନାହିଁ କିମ୍ବା କେଉଁଠାରେ ଲେଖି ରଖନ୍ତୁ ନାହିଁ । ମଝିରେ ମଝିରେ ଏହାକୁ ବଦଳାନ୍ତୁ।

➤ଯଦି ଏଟିଏମ୍‌କୁ ଟଙ୍କା ଉଠାଇବା ଲାଗି ଯାଉଥାନ୍ତି, ତେବେ ପ୍ରଥମେ ଧ୍ୟାନ ଦିଅନ୍ତୁ ଯେପରି କେହି ଆପଣଙ୍କ ଉପରେ ନଜର ରଖୁନାହାନ୍ତି। ବିଶେଷକରି ପିନ୍ ଏଣ୍ଟ୍ରି କରିବା ବେଳେ ଏଥିପ୍ରତି ସଜାଗ ରୁହନ୍ତୁ। ଟଙ୍କା ଉଠାଇବା ପରେ କାର୍ଡକୁ ଯତ୍ନର ସହ ରଖନ୍ତୁ ଏବଂ ମେଶିନ୍‌ରେ କ୍ଲିଅର୍ ବଟନ୍ ଦବାନ୍ତୁ। ଟ୍ରାଂଜାକ୍ସନ୍ ରସିଦ୍‌କୁ ଏଣେତେଣେ ନ ଫିଙ୍ଗି ପାଖରେ ରଖନ୍ତୁ, ନଚେତ୍ ଭଲ ଭାବେ ଚିରି ଡଷ୍ଟବିନ୍‌ରେ ପକାନ୍ତୁ। କାରଣ ଏଥିରେ ସାମାନ୍ୟ ଅସାବଧାନତା ବି ଆପଣଙ୍କୁ ଅସୁବିଧାରେ ପକାଇପାରେ।



## ଜାଣି ରଖନ୍ତୁ

**ବେଶ୍** କିଛି ଦିନ ହେବ ବିଭିନ୍ନ ବ୍ୟାଙ୍କ୍ ନାଁରେ ମିଛ କଲ୍ ଆସୁଛି ଏବଂ ଆପଣଙ୍କ ଆକାଉଣ୍ଟରୁ ଟଙ୍କା ଖାଲି ହୋଇଯିବା ନେଇ ମିଛ ସୂଚନା ଦିଆଯାଉଛି। ଫଳରେ ଆକାଉଣ୍ଟଧାରୀ ଚିନ୍ତିତ ହୋଇ ପଡୁଛନ୍ତି। କିଛି ସମୟ ପରେ ଉକ୍ତ ନମ୍ବରରୁ ପୁନର୍ବାର କଲ୍ ଆସୁଛି ଏବଂ ଟଙ୍କା ଫେରି ପାଇବା ଲାଗି ଆପଣଙ୍କ ନମ୍ବରକୁ ଆସୁଥିବା ଓଟିପି ନମ୍ବର କହିବାକୁ କୁହାଯାଉଛି। ତେବେ ଏଇ କ୍ଷେତ୍ରରେ ଯେଉଁମାନେ ଓଟିପି କିମ୍ବା ନିଜର ବ୍ୟାଙ୍କ୍ ଡିଟେଲ୍ସ ଶେୟାର କରୁଛନ୍ତି, ସେମାନେ ଠକେଇର ଶିକାର ହେଉଥିବା ଦେଖିବାକୁ ମିଳୁଛି। କେବଳ ଏତିକି ନୁହେଁ, ବିଭିନ୍ନ ପ୍ରାଇଜ୍ ଜିତିଥିବାର ଲୋଭ ଦେଖାଇ ମଧ୍ୟ ଅନେକଙ୍କଠାରୁ ବ୍ୟାଙ୍କ୍ ଡିଟେଲ୍‌ସ ନେଇ ଠକାଯାଉଛି। ତେଣୁ ଏଭଳି କୌଣସି ଫେକ୍ କଲ୍ କିମ୍ବା ପ୍ରାଇଜ୍ ଆଦିର ପ୍ରଲୋଭନରେ ଆସନ୍ତୁ ନାହିଁ।

▶ସେହିପରି ଅନେକଙ୍କୁ ବ୍ୟାଙ୍କ୍ ନାଁରେ ବିଭିନ୍ନ ଫେକ୍ ମେଲ୍ ଜରିଆରେ ବ୍ୟାଙ୍କ୍ ଡିଟେଲ୍ସ ମଗାଯାଉଛି ଏବଂ ଏହାକୁ ବ୍ୟବହାର କରି ଟଙ୍କା ଲୁଟ୍ ହେଉଛି। ମନେରଖନ୍ତୁ, କୌଣସି ବ୍ୟାଙ୍କ୍ ଏଭଳି ତଥ୍ୟ ମାଗି ନ ଥାଏ। ଏଭଳି ମେଲ୍ ଆସିଲେ ତୁରନ୍ତ ଡିଲିଟ୍ କରିଦିଅନ୍ତୁ କିମ୍ବା ବ୍ୟାଙ୍କ୍‌କୁ ଯାଇ ବୁଝନ୍ତୁ।

▶ଯଦି କୌଣସି କାରଣରୁ କାର୍ଡ ଚୋରି ହୋଇଯାଏ କିମ୍ବା ହଜିଯାଏ ତେବେ ତୁରନ୍ତ ଏହାକୁ ବ୍ଲକ୍ କରିଦିଅନ୍ତୁ। ଯଦି ନୂଆ କାର୍ଡ ଆଣୁଛନ୍ତି ତେବେ ପୁରୁଣା କାର୍ଡକୁ ବ୍ଲକ୍ କରିବା ପରେ ମଝିରୁ କାଟି ଫିଙ୍ଗନ୍ତୁ।

➤ଯଦି ନେଟ୍ ବ୍ୟାଙ୍କିଙ୍ଗ୍ ବ୍ୟବହାର କରୁଛନ୍ତି, ତେବେ ନିଜ ମୋବାଇଲ୍‌ରେ ଥିବା ଇ-ବ୍ୟାଙ୍କିଙ୍ଗ୍ ଆପ୍‌କୁ ପାସ୍‌ୱାର୍ଡ ପ୍ରୋଟେକ୍ଟେଡ୍ ରଖନ୍ତୁ। ଅନ୍‌ଲାଇନ୍ ଆପ୍ ଜରିଆରେ ମୋବାଇଲ୍ ରିଚାର୍ଜ, ଡିଟିଏଚ୍, ଇଲେକ୍ଟ୍ରି ଆଦି ଭଳି କୌଣସି ପେମେଣ୍ଟ କରୁଥିଲେ ସର୍ବପ୍ରଥମେ ରେଜିଷ୍ଟର୍ଡ ସାଇଟ୍ ବ୍ୟବହାର କରନ୍ତୁ। କାରଣ ବର୍ତ୍ତମାନ ବିଭିନ୍ନ ଫେକ୍ ସାଇଟ୍‌ଗୁଡ଼ିକରେ ବ୍ୟାଙ୍କ୍ ଡାଟା ହ୍ୟାକ୍ ହେବା ସହ ଆକାଉଣ୍ଟରୁ ଟଙ୍କା ଚୋରି ହେଉଥିବାର ଘଟଣା ନଜିରକୁ ଆସୁଛି। ଅନ୍‌ଲାଇନ୍ ଟ୍ରାଞ୍ଜାକ୍ସନ୍ କରିବା ପରେ ଆକାଉଣ୍ଟ ଲଗ୍‌ଆଉଟ୍ କରିବାକୁ ଭୁଲନ୍ତୁ ନାହିଁ। ଯେଉଁ କମ୍ପ୍ୟୁଟର୍, ଲ୍ୟାପ୍‌ଟପ୍ କିମ୍ବା ମୋବାଇଲ୍‌ରେ ଏହାକୁ ବ୍ୟବହାର କରୁଛନ୍ତି, ସେଥିରେ ଲାଇସେନ୍ସ ଆଣ୍ଟିଭାଇରସ୍ ଲୋଡ୍ କରନ୍ତୁ। ନଚେତ୍ ଫ୍ରି ଆଣ୍ଟିଭାଇରସ୍‌ରେ ହ୍ୟାକର୍‌ମାନଙ୍କୁ ଆପଣଙ୍କ ଡିଟେଲ୍‌ସ ମିଳିବାରେ ସହଜ ହେବ।

➤ବର୍ତ୍ତମାନ ଗୁଗଲ୍‌ର ବିଭିନ୍ନ ସାଇଟ୍ ବିଶେଷକରି ଫେସ୍‌ବୁକ୍ ଭଳି ସୋସିଆଲ୍ ସାଇଟ୍ ଖୋଲିବାମାତ୍ରେ ଆକର୍ଷଣୀୟ ଅଫର ସହିତ ବିଭିନ୍ନ ସାମଗ୍ରୀ ମିଳୁଥିବାର ଆଡ୍ ଆସୁଛି। ଏହାକୁ ଦେଖି ଅନେକେ ଆକୃଷ୍ଟ ହୋଇ କିଣି ଠକାମିର ଶିକାର ହେଉଛନ୍ତି। ତେଣୁ ଏଭଳି କୌଣସି ନୂଆ ଅନ୍‌ଲାଇନ୍ ଶପିଂ ସାଇଟ୍‌ରୁ କିଛି କିଣୁଥିଲେ କ୍ୟାଶ୍ ଅନ୍ ଡେଲିଭରି ଅପ୍ସନ ବାଛନ୍ତୁ। ଏହି ବ୍ୟବସ୍ଥା ନ ଥିଲେ ଇ-ପେମେଣ୍ଟ କରିବା ସମୟରେ ତତ୍‌କ୍ଷଣାତ୍ ସାଇଟ୍‌ର ଡିମାଣ୍ଡ ଅନୁଯାୟୀ ସମସ୍ତ ବ୍ୟାଙ୍କ୍ ଡିଟେଲ୍ ନ ଦେଇ ପ୍ରଥମେ ପ୍ରାଇଭେସି ପଲିସି ଚେକ୍ କରନ୍ତୁ। ଉକ୍ତ ସାଇଟ୍‌ର ୱେବ୍‌ପେଜ୍ httpରୁ ଆରମ୍ଭ କି ନୁହେଁ ଏବଂ ଲିଙ୍କ୍ ସେଫ୍ କି ନୁହେଁ ସୁନିଶ୍ଚିତ କରନ୍ତୁ ।

➤ପବ୍ଲିକ୍ କମ୍ପ୍ୟୁଟର୍ କିମ୍ବା ସାଇବର୍ କାଫେ ନେଟ୍ ବ୍ୟାଙ୍କିଙ୍ଗ୍ ଲାଗି ଅସୁରକ୍ଷିତ। ତେଣୁ ସର୍ବଦା ପର୍ସନାଲ କମ୍ପ୍ୟୁଟର୍, ଲ୍ୟାପ୍‌ଟପ୍ କିମ୍ବା ମୋବାଇଲ୍‌ରେ ହିଁ ନେଟ୍ ବ୍ୟାଙ୍କିଙ୍ଗ୍ କରନ୍ତୁ ଏବଂ ଏହାକୁ ପାସୱାର୍ଡ ପ୍ରୋଟେକ୍ଟେଡ୍ ରଖନ୍ତୁ।

➤ବେଳେବେଳେ ଇଣ୍ଟରନେଟ୍ ନ ଥିଲେ କିମ୍ବା କୌଣସି ଅସୁବିଧା ଲାଗି ଅନେକେ ଦୋକାନୀ କିମ୍ବା ଅନ୍ୟଙ୍କ ଫୋନ୍ ବ୍ୟବହାର କରନ୍ତି। ଏମିତିକି କେହି କେହି କାର୍ଡରେ ପେମେଣ୍ଟ କରିବା ବେଳେ ନିଜେ ନମ୍ବର ନ ଦବାଇ ଦୋକାନୀଙ୍କୁ ପିନ୍ ଡାକିଦିଅନ୍ତି, ଯଦ୍ଦ୍ୱାରା କେବଳ ଦୋକାନୀ ନୁହନ୍ତି; ପାଖରେ ଠିଆ ହୋଇଥିବା ଅନ୍ୟମାନଙ୍କୁ ଏହା ଶୁଭିଥାଏ। ହେଲେ ଏସବୁ ଦ୍ୱାରା ପର୍ସନାଲ୍ ଡାଟା ଚୋରି ହେବାର ଆଶଙ୍କା ବେଶି। ନିଜ ବ୍ୟାଙ୍କ୍ ଆକାଉଣ୍ଟକୁ ସୁରକ୍ଷିତ ରଖିବା ଲାଗି ଏ ଭୁଲ୍ ଆଦୌ କରନ୍ତୁ ନାହିଁ।

➤ଯଦି ଇ-ପେମେଣ୍ଟ ଲାଗି ମୋବାଇଲ ବ୍ୟବହାର କରୁଛନ୍ତି, ତେବେ କୌଣସି ଆପ୍ଲିକେଶନ୍ ଡାଉନ୍‌ଲୋଡ୍ କରିବା ପୂର୍ବରୁ ସେଥିରେ କେଉଁସବୁ ଡାଟା ଏବଂ ଡିଟେଲ୍ସ ଆବଶ୍ୟକ ହେଉଛି ତାହାକୁ ଭଲ ଭାବେ ପଢ଼ିବା ପରେ ଇନ୍‌ଷ୍ଟଲ କରନ୍ତୁ। ନଚେତ୍ ବ୍ୟାଙ୍କ୍ ଡିଟେଲ୍ ଆଦି ପର୍ସନାଲ ଡାଟା ଚୋରି ହୋଇପାରେ।

– **ପୌର୍ଣ୍ଣମାସୀ**

ସହାୟତା– **ପ୍ରଭାତ ପାଣିଗ୍ରାହୀ**

## କ'ଣ କରନ୍ତି ଏମାନେ...



**ସ୍ୱାଧୀନ ପଣ୍ଡା** (ପୁରୀ)- ପୂର୍ବରୁ ଥରେ ସାଇବର ଠକାମିର ଶିକାର ହୋଇଛି। ଗୋଟିଏ ବାହାର ରାଜ୍ୟରୁ କଲ ଆସିଥିଲା। ବ୍ୟାଙ୍କ କଷ୍ଟମର ସର୍ଭିସରୁ କହୁଛି। ଆପଣ ଏଟିଏମ୍ ବ୍ୟବହାର କରୁଛନ୍ତି କି? ବ୍ୟାଙ୍କରୁ ଭେରିଫିକେସନ ଚାଲିଛି। ଆପଣଙ୍କ ନମ୍ବର କୁହନ୍ତୁ। ସେହି ସମୟରେ ଏକ କାମରେ ବ୍ୟସ୍ତ ଥିବାରୁ ନମ୍ବର କହିଦେଲି। ହଠାତ୍ ଆକାଉଣ୍ଟରୁ ଟଙ୍କା ଉଠିଥିବା ନେଇ ମେସେଜ୍ ଆସିଲା। ମୋ ପାଖରେ ଏଟିଏମ୍ ଅଛି, ଟଙ୍କା କିପରି ଉଠିଲା ବୋଲି ହଡ଼ବଡ଼େଇ ଯାଇଥିଲି। ଠକାମିର ଶିକାର ହୋଇଥିବା ବୁଝିଗଲି। ଅବଶ୍ୟ ମୋ ଆକାଉଣ୍ଟରେ ମାତ୍ର ୧୫୦୦ ଟଙ୍କା ଥିଲା। ୧୦୦୦ ଟଙ୍କା ଉଠିଥିଲା। ବିଳମ୍ବ ନକରି ଏଟିଏମ୍ ବ୍ଲକ କରି ଦେଇଥିଲି। ସେବେଠୁ ନିଜେ ଏଥିପ୍ରତି ଯତ୍ନବାନ୍ ଅଛି ଏବଂ ସାଙ୍ଗ ସାଥୀମାନଙ୍କୁ ମଧ୍ୟ ସଚେତନ କରିଛି।



**କଲ୍ଲୋଳିନୀ ଜେନା** (ନିମାପଡା)-ବର୍ତ୍ତମାନ ଅନେକ ଏଟିଏମ୍ ଠକେଇ ଘଟଣା ଦେଖିବାକୁ ମିଳୁଛି। ଗଣମାଧ୍ୟମରେ ବିଭିନ୍ନ ସମୟରେ ପ୍ରକାଶିତ ଖବର ସମ୍ପର୍କରେ ପଢ଼ିବା ପରେ ମୁଁ ଏଥିପ୍ରତି ବେଶ ସଚେତନ ରହିଛି। ମୋର ଜଣେ ବନ୍ଧୁ ଓ ସମ୍ପର୍କୀୟ ମଧ୍ୟ ଏଭଳି ଠକାମିର ଶିକାର ହୋଇସାରିଛନ୍ତି। ତେଣୁ ନିଜେ ଯେପରି ଏଭଳି ଠକାମିର ଶିକାର ନ ହୁଏ ସେଥିପାଇଁ ଏଟିଏମ୍ ବ୍ୟବହାର କରିବା ବେଳେ ଆବଶ୍ୟକ ସତର୍କତା ଅବଲମ୍ବନ କରୁଛି। ବ୍ୟାଙ୍କ୍ ସମ୍ବନ୍ଧିତ କୌଣସି ଅନ୍‌ନୋନ ନମ୍ବରରୁ କଲ୍ କିମ୍ବା ମେସେଜ୍ ଆସିଲେ ଡିଲିଟ୍ କରିଦେଉଛି।



**ବିଶାଳ ମହାନ୍ତି** (ମାର୍କଣ୍ଡେଶ୍ୱର ସାହି, ପୁରୀ) -ଅନ୍‌ଲାଇନ ଠକାମିର ଶିକାର ହୋଇଥିଲି। ମୁଁ ପ୍ରାୟ ସାମଗ୍ରୀ କିଣିବା ଲାଗି ଅନ୍‌ଲାଇନରେ ବିଭିନ୍ନ କମ୍ପାନୀରୁ ଶପିଂ କରେ। ସାଇବର ଠକାମି ସମ୍ପର୍କରେ ଅବଗତ ଥିବା ସତ୍ତ୍ୱେ ଏକ ଭୁଲ କରି ବସିଥିଲି। ଫଳରେ ଆକାଉଣ୍ଟରୁ ୩୦୦୦ ଟଙ୍କା ହରାଇଥିଲି। ବ୍ୟାଙ୍କ କେବେ ଗ୍ରାହକଙ୍କୁ କଲ କରି ନମ୍ବର, ଓଟିପି ମାଗେନି, ତଥାପି ମୁଁ ମୋବାଇଲ ମେସେଜ୍ କହିଦେଇଥିଲି। ଛୋଟ ଆମାଉଣ୍ଟ ହେଲେ ମଧ୍ୟ ମୁଁ ସେହି ଦିନ ଭୁଲ ଯୋଗୁ ହରାଇଥିଲି। ଏଥିପ୍ରତି ସଚେତନ ଅଛି। ବର୍ତ୍ତମାନ ଏବେବି ଏଭଳି ଅନ୍ ନୋନ ନମ୍ବର ୨ଥର କଲ ଆସିଛି। ସେଭଳି ଭୁଲର ପୁନରାବୃତ୍ତି କରିନି। ଅନ୍ୟମାନେ ସଚେତନ ହେବା ଉଚିତ।



## ଏ ସପ୍ତାହର ପ୍ରଶ୍ନ

୧- ନ୍ୟୁବୁ ନିଗମ୍ ୟେର୍‌କୋ ହେଉଛି ଅରୁଣାଚଳ ପ୍ରଦେଶରେ ଖୋଲିଥିବା ପ୍ରଥମ ........ ?
୨- ମ୍ୟାନ୍‌ମାର ସହିତ........ ରାଜ୍ୟର ସୀମା ୫୧୦ କିମି. ପର୍ଯ୍ୟନ୍ତ ଲାଗି ରହିଛି ?
୩- ଭାରତୀୟ ସଂସ୍ଥା............ ପକ୍ଷରୁ ପ୍ରଥମ ଥର ପାଇଁ ଫ୍ରି ସ୍ପେଶ୍ କ୍ୱାଣ୍ଟମ୍ କମ୍ୟୁନିକେଶନ୍ ପ୍ରଦର୍ଶନ କରାଯାଇଛି ?
୪- ଆଣ୍ଟିସେପ୍ଟିକ୍ ସର୍ଜରିର ଜନକ ............... ?
୫- 'ଡ୍ରିମ୍‌ନେଶନ: ୟୁନାଇଟିଂ ଏ କଣ୍ଟ୍ରି ୱିଥ୍ ହ୍ୟାଣ୍ଡରିଟେନ୍ ଡ୍ରିମ୍ସ' ପୁସ୍ତକର ଲେଖକ............... ?

## ଗତ ଥରର ଉତ୍ତର

୧ ଇ- ସଞ୍ଜୀବନୀ
୨ ଏମ୍.ଏ. ଗଣପଥୀ
୩ ପଞ୍ଜାବ
୪ ଜେନେଭା
୫ ୧୯୧୫

## ଉତ୍ତରଦାତା


ନରେଶ କୁମାର କର ବାଲେଶ୍ୱର


ମାନସ ରଞ୍ଜନ ତ୍ରିପାଠୀ, ମୋରଦାବାଦ, ଦିଲ୍ଲୀ


କିଶୋର ଚନ୍ଦ୍ର ପାଣି, ଭୁବନେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀରେ ଥିବା ସବୁଠୁ ଭୟଙ୍କର ଜୀବ

(୧) ........................................ମଣିଷ
(୨) ........................................ମଶା
(୩) ........................................ସେସେ ଫ୍ଲାଏ (ସେସେ ମାଛି)
(୪) ........................................ସଲ୍ଟୱାଟର୍ କ୍ରୋକୋଡାଇଲ୍
(୫) ........................................ଷ୍ଟୋନ୍ ଫିସ୍
(୬) ........................................ସିଡ୍‌ନୀ ଫନେଲ୍ ୱେବ୍ ସ୍ପାଇଡର୍
(୭) ........................................ବ୍ଲାକ୍ ମାମ୍ବା
(୮) ........................................ପଫର୍‌ଫିସ୍
(୯) ........................................ଇଣ୍ଡିଆନ୍ ସ-ସ୍କେଲ୍‌ଡ ଭାଇପର୍
(୧୦) ........................................ବକ୍ସ ଜେଲିଫିସ୍

ୟୁଥ୍ ଆଲର୍ଟ

# ଏଥିପାଇଁ ଝଡ଼େ କେଶ

**ଅସମୟରେ କେଶ ଝଡ଼ିବା ସମସ୍ୟା ବର୍ତ୍ତମାନ ଅନେକଙ୍କ ଲାଗି ଚିନ୍ତାର କାରଣ ସାଜିଛି। ଯଦିଓ ଖାଦ୍ୟପେୟରେ ଅସନ୍ତୁଳନଠାରୁ ଆରମ୍ଭ କରି ବର୍ତ୍ତମାନର ପରିବର୍ତ୍ତିତ ଜୀବନଶୈଳୀ ହେଉ ଅବା କେତେକ ସ୍ୱାସ୍ଥ୍ୟ ସମସ୍ୟା ଏଥିପାଇଁ ଦାୟୀ। ହେଲେ ଏହା ବ୍ୟତୀତ ମଧ୍ୟ ଅଜାଣତରେ କରୁଥିବା କେତେକ ଭୁଲ ଅନେକଙ୍କଠାରେ କେଶ ଝଡ଼ିବାରେ କାରଣ ପାଲଟିଥାଏ। ଜାଣିରଖନ୍ତୁ ସେ ସମ୍ପର୍କରେ...**

* କେଶକୁ ଅପରିଷ୍କାର ନ ରଖି ସଫା ରଖିବା ଦ୍ୱାରା ତାହା ମଜଭୁତ ହୋଇଥାଏ। ହେଲେ ସଫା ରଖିବା ଆଳରେ ଅନେକେ ଆବଶ୍ୟକତାରୁ ଅଧିକ ଶାମ୍ପୁ ବ୍ୟବହାର କରିଥା'ନ୍ତି। ଫଳରେ କେଶରେ ଥିବା ପ୍ରାକୃତିକ ତେଲ ନଷ୍ଟ ହୋଇଯାଏ। ତା'ଛଡା ଅଧିକାଂଶ ଶାମ୍ପୁରେ ଥିବା କେମିକାଲ ମଧ୍ୟ କେଶ ପାଇଁ ହାନିକାରକ ହୋଇଥାଏ ; ଯାହାକି ପରବର୍ତ୍ତୀ ସମୟରେ କେଶ ଝଡ଼ିବାର ମୁଖ୍ୟ କାରଣ ସାଜିଥାଏ।

* କେଶ ଧୋଇବା ପରେ ଅନେକ ଯୁବତୀ ଯୁବକ ଓଦା କେଶକୁ ଟାୱେଲ୍‌ରେ ରଗଡ଼ି ପୋଛନ୍ତି। ଲମ୍ବା କେଶ ଥିଲେ କେହି କେହି ଏହାକୁ ଶୀଘ୍ର ଶୁଖାଇବା ଲାଗି ବାଡ଼େଇ ବାଡ଼େଇ ଝାଡ଼ିବାକୁ ମଧ୍ୟ ପଛାନ୍ତି ନାହିଁ। ହେଲେ ଏପରି କରିବା ଦ୍ୱାରା କେଶ ଡ୍ରାଏ ହୋଇଯିବା ସହ ଦୁର୍ବଳ ହୋଇଯାଏ ଏବଂ କେଶ ଝଡ଼ିବା ଆରମ୍ଭ ହୁଏ। ତେଣୁ ଏପରି ଅଭ୍ୟାସ ଥିଲେ ବଦଳାନ୍ତୁ। ଓଦା କେଶକୁ ଆଦୌ ନ ରଗଡ଼ି ଧୀରେ ଧୀରେ ଟାୱେଲ୍‌ରେ ପୋଛି ପବନରେ ଶୁଖିବାକୁ ଛାଡ଼ିଦିଅନ୍ତୁ।

* ବର୍ତ୍ତମାନ ମାର୍କେଟ୍‌ରେ ମିଳୁଥିବା ବିଭିନ୍ନ ବ୍ରାଣ୍ଡର କେମିକାଲ୍‌ଯୁକ୍ତ କଲର, ସାଇନର୍ ଭଳି ବିଭିନ୍ନ ପ୍ରକାରର ହେୟାର୍ ଷ୍ଟାଇଲିଂ ପ୍ରଡକ୍ଟର ବହୁଳ ବ୍ୟବହାର ମଧ୍ୟ ଅନେକଙ୍କ ଠାରେ କେଶ ଝଡ଼ିବାର ଅନ୍ୟତମ କାରଣ। ସେହିପରି କେଶକୁ ଗରମ କରି ବିଭିନ୍ନ ସେପ୍ ଦେବା ଲାଗି ବର୍ତ୍ତମାନ ଅନେକେ ବ୍ୟବହାର କରୁଥିବା ହେୟାର ଡ୍ରାୟର୍, ଷ୍ଟ୍ରେଟ୍‌ନର୍, ଆଇରନ୍, ରୋଲର୍ ଆଦି ମଧ୍ୟ କେଶ ଛିଣ୍ଡିବା, ଝଡ଼ିବା ଆଦି ପାଇଁ ବିଶେଷ ଭାବେ ଦାୟୀ। ତେଣୁ ଏସବୁ ବ୍ୟବହାର କରିବା ବେଳେ ସତର୍କ ରୁହନ୍ତୁ।

* ତେଲିଆ କେଶ ପର୍ସନାଲିଟିରେ ଆଞ୍ଚ ଆଣେ, ଏଭଳି ଧାରଣା ଅନେକଙ୍କ ମନରେ ଥାଏ। ଯେଉଁଥିପାଇଁ ସେମାନେ କେବଳ ଶାମ୍ପୁ କରନ୍ତି, କିନ୍ତୁ ଆଦୌ ତେଲ ବ୍ୟବହାର କରନ୍ତି ନାହିଁ। ହେଲେ ଏପରି କରିବା ଦ୍ୱାରା କେଶ ଡ୍ରାଏ ହୋଇ ଧୀରେ ଧୀରେ ପାଚିବା ଏବଂ ଝଡ଼ିବା ସମସ୍ୟା ଆରମ୍ଭ ହୋଇଯାଏ। ତେଣୁ ଅତିକମ୍‌ରେ ସପ୍ତାହକୁ ଦୁଇରୁ ତିନି ଥର ଭଲ ଭାବେ ତେଲ ଲଗାଇ ଧୀରେ ଧୀରେ ମସାଜ୍ କରନ୍ତୁ।



* କେଶକୁ ପ୍ରତିଦିନ କୁଣ୍ଡାଇବା ଦ୍ୱାରା ମୁଣ୍ଡରେ ବ୍ଲଡ୍ ସର୍କୁଲେଶନ୍ ଭଲ ଭାବେ ହୋଇଥାଏ, ଯାହାକି କେଶକୁ କଳା ଏବଂ ମଜଭୁତ ହେବାରେ ସାହାଯ୍ୟ କରିଥାଏ। ହେଲେ ଅନେକେ ଅଛନ୍ତି, ଯେଉଁମାନେ ଅଳ୍ପ ସମୟ ବ୍ୟବଧାନରେ ବାରମ୍ବାର ମୁଣ୍ଡ କୁଣ୍ଡାଇଥା'ନ୍ତି। ହେଲେ ଅଜାଣତରେ ଏହା ଯେ ସେମାନଙ୍କ କେଶ ମୂଳକୁ ଦୁର୍ବଳ କରି କେଶ ଝଡ଼ିବାର କାରଣ ପାଲଟେ, ସେ ଦିଗରେ ସେମାନେ ଅବଗତ ନ ଥାଆନ୍ତି।

ଜାଣନ୍ତୁ ଦୁନିଆ

# ବଢୁଛି ଆଞ୍ଚଳିକ ଭାଷାର ଡିମାଣ୍ଡ

**ବର୍ତ୍ତମାନ ଇଣ୍ଟରନେଟ୍‌ରେ ବିଭିନ୍ନ ଆଞ୍ଚଳିକ ଭାଷା ବ୍ୟବହାର ପ୍ରତି ଅଧିକାଂଶଙ୍କର ଆଗ୍ରହ ବଢୁଛି। ଫଳରେ ଇଣ୍ଟରନ୍ୟାଶନାଲ୍ ଲାଙ୍ଗୁଏଜ୍ ଇଂଲିଶ୍ ସହିତ ଆମ ଦେଶରେ ଇଣ୍ଟରନେଟ୍ ବିଶେଷ କରି ସୋସିଆଲ୍ ସାଇଟ୍‌ଗୁଡ଼ିକରେ ବିଭିନ୍ନ ଲୋକାଲ୍ ଲାଙ୍ଗୁଏଜ୍‌ର ଡିମାଣ୍ଡ ବଢୁଥିବାର ଦେଖିବାକୁ ମିଳୁଛି...**

➔ଗୁଗଲ୍‌ର ଇଣ୍ଡିଆ ଆଣ୍ଡ ସାଉଥ୍-ଇଷ୍ଟ ଏସିଆନ୍ ଅପରେଶନ୍‌ର ଭାଇସ୍ ପ୍ରେସିଡେଣ୍ଟ ରାଜନ୍ ଆନନ୍ଦନ୍‌ଙ୍କ କହିବା ଅନୁଯାୟୀ, ଆମ ଦେଶରେ ବିଭିନ୍ନ ଆଞ୍ଚଳିକ ଭାଷା ପ୍ରତି ଆଗ୍ରହ ବଢ଼ିବାର ମୁଖ୍ୟ କାରଣ ହେଉଛି ଇଂଲିଶ୍ ଜ୍ଞାନର ଅଭାବ। କାରଣ ବର୍ତ୍ତମାନ ଭାରତର ସମୁଦାୟ ଇଣ୍ଟରନେଟ୍ ଉପଭୋକ୍ତାଙ୍କ ମଧ୍ୟରୁ ଅଧିକାଂଶଙ୍କର ଇଂଲିଶ୍‌ରେ ପାରଦର୍ଶିତା ନାହିଁ। ଏମିତିକି ବର୍ତ୍ତମାନ ନୂଆ ନୂଆ ଇଣ୍ଟରନେଟ୍ ବ୍ୟବହାର କରୁଥିବା ପ୍ରତି ୧୦ ଜଣଙ୍କ ମଧ୍ୟରୁ ୯ ଜଣଙ୍କର ଇଂଲିଶ୍ ଭାଷାରେ ଦକ୍ଷତା ନାହିଁ।

➔ଗୁଗଲ୍ ସର୍ଭେ ରିପୋର୍ଟ ମୁତାବକ, ବର୍ତ୍ତମାନ ଭାରତରେ ୨୩୪ ମିଲିଅନ୍ ଇଣ୍ଟରନେଟ୍ ୟୁଜର ଆଞ୍ଚଳିକ ଭାଷା ବ୍ୟବହାର କରୁଥିବାବେଳେ ୧୭୫ ମିଲିଅନ୍ ଇଂଲିଶ୍ ଭାଷା ବ୍ୟବହାର କରୁଛନ୍ତି।

➔ବର୍ଷକୁ ପ୍ରାୟ ୧୮% ଦେଶୀ ଭାଷା ବ୍ୟବହାର କରୁଥିବା ଉପଭୋକ୍ତାଙ୍କ ସଂଖ୍ୟା ବଢୁଥିବାର ଦେଖିବାକୁ ମିଳୁଛି।




➔ଇଣ୍ଟରନେଟ୍‌ରେ ବିଭିନ୍ନ ଆଞ୍ଚଳିକ ଭାଷା ବିଭିନ୍ନ ସର୍ଭିସ ଲାଗି ଯଥା ମେସେଜ୍ ବା ଚାଟ୍ (୧୬୯ ମିଲିଅନ୍), ସୋସିଆଲ ମିଡିଆ (୧୧୫ ମିଲିଅନ୍), ଡିଜିଟାଲ ଏଣ୍ଟରଟେନ୍‌ମେଣ୍ଟ (୧୬୭ ମିଲିଅନ୍), ଅନ୍‌ଲାଇନ୍ ନ୍ୟୁ (୧୦୬) ବ୍ୟବହାର କରାଯାଉଛି।

➔ଚଳିତ ବର୍ଷ ମଧ୍ୟରେ ଭାରତରେ ଇଣ୍ଟରନେଟ୍‌ରେ ହିନ୍ଦୀଭାଷୀ ଉପଭୋକ୍ତାଙ୍କ ସଂଖ୍ୟା ଇଂଲିଶ୍ ଭାଷା ଉପଭୋକ୍ତାଙ୍କ ତୁଳନାରେ ଯଥେଷ୍ଟ ବଢ଼ିଯିବାର ସମ୍ଭାବନା ରହିଛି।

➔ଏହା ବ୍ୟତୀତ ତାମିଲ, କନ୍ନଡ଼, ବଙ୍ଗଳା, ମରାଠୀ, ତେଲଗୁ, ଗୁଜରାଟୀ, ମାଲାୟାଲମ୍ ଏବଂ ଓଡ଼ିଆ ଭାଷା ବ୍ୟବହାରୀଙ୍କ ସଂଖ୍ୟା ମଧ୍ୟ ବଢୁଥିବା ଦେଖିବାକୁ ମିଳୁଛି।

**ରାଷ୍ଟ୍ରପତିଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି**

ବାଇପାସ୍ ସର୍ଜରି ପରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟୁଛି। ଏଥିଯୋଗୁ ଦିଲ୍ଲୀ ଏମ୍ସ ହସ୍ପିଟାଲର ଆଇସିୟୁରୁ ଏକ ସ୍ୱତନ୍ତ୍ର ରୁମ୍‌କୁ ସ୍ଥାନାନ୍ତର କରାଯାଇଥିବା ରାଷ୍ଟ୍ରପତି ଭବନ ପକ୍ଷରୁ ଶନିବାର ସୂଚନା ଦିଆଯାଇଛି। ୭୫ ବର୍ଷୀୟ କୋବିନ୍ଦଙ୍କ ମଙ୍ଗଳବାର କାର୍ଡିଆକ୍ ବାଇପାସ୍ ସର୍ଜରି ହୋଇଥିଲା।

## ବସ୍-ଟ୍ରକ୍ ମୁହାଁମୁହିଁ: ୧୮ ଆହତ



ବାରିପଦା ଅଫିସ/ବିଶୋଇ/ରାଇରଙ୍ଗପୁର, ୩।୪(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଧୀନ ୪୯ ନଂ. ଜାତୀୟ ରାଜପଥର ଡାକଚଟି ଛକ ନିକଟରେ ଶନିବାର ବସ୍-ଟ୍ରକ୍ ମୁହାଁମୁହିଁ ଧକ୍କା ହେବାରୁ ବସ୍ ଡ୍ରାଇଭରଙ୍କ ସମେତ ୧୮ ଯାତ୍ରୀ ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ ବିଶୋଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଅପରାହ୍ନରେ ବାରିପଦାରୁ ସୁଲେଇପାଟ ଯାଉଥିବା ଦୁଲହନ ବସ୍ ସହ ଏକ ଟ୍ରକ୍‌ର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବସ୍ ଡ୍ରାଇଭର ଚାପି ହୋଇଯାଇଥିଲେ। ଖବରପାଇ ବିଶୋଇ ଥାନା ପୋଲିସ ଓ ଦମକଳ କେନ୍ଦ୍ର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଆହତ ଡ୍ରାଇଭର ଓ ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲେ। ଦୁର୍ଘଟଣା ଯୋଗୁ ଉକ୍ତ ରାସ୍ତାରେ ୨ ଘଣ୍ଟା ପର୍ଯ୍ୟନ୍ତ ଗାଡ଼ି ଚଳାଚଳ ବ୍ୟାହତ ହୋଇଥିଲା।

## ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ପ୍ରସ୍ତାବ

# ଭିତ୍ତିଭୂମି ଅନୁଧ୍ୟାନ କଲେ କେନ୍ଦ୍ରୀୟ ଟିମ୍

ସୁନ୍ଦରଗଡ଼, ୩।୪ (ଡି.ଏନ୍.ଏ)

ସୁନ୍ଦରଗଡ଼ଠାରେ ଏନ୍‌ଟିପିସି ପକ୍ଷରୁ ନିର୍ମିତ ମେଡିକାଲ କଲେଜ ଓ ହସ୍ପିଟାଲରେ ଓଡ଼ିଶାର ଦ୍ୱିତୀୟ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନ (ଏମ୍ସ) ପ୍ରତିଷ୍ଠା ପାଇଁ ଦାବି ହେଉଛି। ଏନେଇ କେନ୍ଦ୍ରକୁ ରାଜ୍ୟ ସରକାରଙ୍କ ପ୍ରସ୍ତାବ ଉପରେ ଶନିବାର ଏକ କେନ୍ଦ୍ରୀୟ ବୈଷୟିକ ପ୍ରତିନିଧି ଦଳ ସୁନ୍ଦରଗଡ଼ରେ ପହଞ୍ଚି ଭିତ୍ତିଭୂମିର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଭୁବନେଶ୍ୱର ଏମ୍ସ ହସ୍ପିଟାଲର ନିର୍ଦ୍ଦେଶିକା ବି. ଗୀତାଞ୍ଜଳିଙ୍କ ନେତୃତ୍ୱରେ ୯ଜଣିଆ ପ୍ରତିନିଧି ଦଳ ସୁନ୍ଦରଗଡ଼ଠାରେ ପହଞ୍ଚିଥିଲେ। ସୁନ୍ଦରଗଡ଼ ସହରରେ ନବନିର୍ମିତ ଏନ୍‌ଟିପିସି ମେଡିକାଲ କଲେଜ ଓ ହସ୍ପିଟାଲ ବୁଲି ଦେଖିବା ସହ ଏମ୍ସ ପ୍ରତିଷ୍ଠା ପାଇଁ ଆବଶ୍ୟକ ଭିତ୍ତିଭୂମି ସମ୍ପର୍କରେ ତଦାରଖ କରିଥିଲେ। ଏହି ପ୍ରତିନିଧି ଦଳରେ ନୂଆଦିଲ୍ଲୀ ଏମ୍ସ ମେଡିକାଲର ଅଧୀକ୍ଷକ ଡାକ୍ତର ଡି.କେ. ଶର୍ମା, କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଭେଷଜ ଶିକ୍ଷା ନିର୍ଦ୍ଦେଶକ ଡାକ୍ତର ସଞ୍ଜୟ ରାୟ, ନିର୍ଦ୍ଦେଶକ ନରେନ୍ଦ୍ର ଓଝା, କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ବରିଷ୍ଠ ସ୍ଥପତି ରାଜୀବ କନୌଜିଆ, ଓଡ଼ିଶା ସରକାରଙ୍କ ଭେଷଜ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟର ଡାକ୍ତର ସି.ବି.କେ. ମହାନ୍ତି, ବ୍ରଜକିଶୋର ଦାଶ, ପ୍ରକାଶଚନ୍ଦ୍ର ମହାନ୍ତି ଓ ଭୁବନେଶ୍ୱର ଏମ୍ସର ଉପନିର୍ଦ୍ଦେଶକ ପି.କେ. ରାୟ ପ୍ରମୁଖ ସାମିଲ ଥିଲେ। ପରେ ଏହି ମେଡିକାଲ କଲେଜ କ୍ୟାମ୍ପସରେ ଜିଲାପାଳ ନିଖିଲ ପୱନ କଲ୍ୟାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଏହି ପ୍ରତିନିଧି ଦଳ ଯୋଗଦେଇଥିଲେ।

ଏଠାରେ ବର୍ତ୍ତମାନ ଥିବା ଭିତ୍ତିଭୂମି ସମ୍ପର୍କରେ ବୈଠକରେ ଜିଲାପାଳ ଟିମ୍‌କୁ ସୂଚିତ କରିଥିଲେ। ବୈଠକରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସରୋଜ କୁମାର ମିଶ୍ରଙ୍କ ସମେତ ଏନ୍‌ଟିପିସିର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକ ପରେ ସୁନ୍ଦରଗଡ଼ ନାଗରିକ କମିଟି, ଜିଲା ଓକିଲ ସଂଘ, ବିଭିନ୍ନ ରାଜନୈତିକ ଦଳ ଓ ସାମାଜିକ ସଂଗଠନର କର୍ମକର୍ତ୍ତାମାନେ ଏହି ପ୍ରତିନିଧି ଦଳକୁ ଭେଟିଥିଲେ। ଝାଡ଼ଖଣ୍ଡ ଓ ଛତିଶଗଡ଼ ସୀମାବର୍ତ୍ତୀ ସୁନ୍ଦରଗଡ଼ଠାରେ ଏମ୍ସ ପ୍ରତିଷ୍ଠାର ଆବଶ୍ୟକତା ସମ୍ପର୍କରେ ଅବଗତ କରାଇବା ସହ ଏଠାରେ ଆବଶ୍ୟକ ଭିତ୍ତିଭୂମି ରହିଥିବା ନେଇ ପୃଥକ୍ ଭାବେ ସ୍ମାରକପତ୍ର ପ୍ରଦାନ କରିଥିଲେ। ସୁନ୍ଦରଗଡ଼ ଏମ୍‌ପି ଜୁଏଲ୍ ଓରାମ ମଧ୍ୟ ଏହି ପ୍ରତିନିଧି ଦଳ ସହ ପୃଥକ୍ ଭାବେ ଆଲୋଚନା କରିଥିଲେ।



୯ ଜଣିଆ ପ୍ରତିନିଧି ଦଳ ସୁନ୍ଦରଗଡ଼ଠାରେ ଏମ୍ସ ପ୍ରତିଷ୍ଠା ନେଇ ଭିତ୍ତିଭୂମି ଅନୁଧ୍ୟାନ କରୁଛନ୍ତି।

- ୯ ଜଣିଆ କେନ୍ଦ୍ରୀୟ ବୈଷୟିକ ଦଳର ସୁନ୍ଦରଗଡ଼ ଗସ୍ତ
- ବିଭିନ୍ନ ସାମାଜିକ ସଂଗଠନ ତରଫରୁ ସ୍ମାରକପତ୍ର ପ୍ରଦାନ

# ସର୍ବସମ୍ମୁଖରେ ମହିଳାଙ୍କୁ ଅସଦାଚରଣ, ଆକ୍ରମଣ

କେନ୍ଦ୍ରାପଡ଼ା ଅଫିସ, ୩।୪

- ଭିଡିଓ ଭାଇରାଲ, ଥାନାରେ ୨ ମାମଲା ରୁଜୁ
- ପୋଲିସ ତଦନ୍ତ ଜାରି

କେନ୍ଦ୍ରାପଡ଼ା ଜିଲା ନିକିରାଇ ଥାନା ଅଞ୍ଚଳରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି । ଜଣେ ମହିଳାଙ୍କୁ ଶାଶୁଘରୁ ଜୋରଜବରଦସ୍ତ ତଡ଼ିଦେବା ପାଇଁ ଗ୍ରାମର କେତେଜଣ ବ୍ୟକ୍ତି ସର୍ବସମ୍ମୁଖରେ ତାଙ୍କୁ ଅସଦାଚରଣ କରିବା ସହ ମରଣାନ୍ତକ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାର ଭିଡିଓ ଭାଇରାଲ ହେବା ପରେ ଜିଲାରେ ଆଲୋଡ଼ନ ସୃଷ୍ଟି ହୋଇଛି । ଏ ସଂକ୍ରାନ୍ତରେ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ପୋଲିସ ଦୁଇଟି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

ପ୍ରାଥମିକ ସୂଚନା ଅନୁଯାୟୀ, ସମ୍ପୃକ୍ତ ମହିଳା ନିକଟସ୍ଥ ଏକ ଗ୍ରାମର ଜଣେ ଯୁବକଙ୍କୁ ପ୍ରେମବିବାହ କରିଥିଲେ। ସ୍ୱାମୀ ସହ ସେ ଶାଶୁଘରେ ପହଞ୍ଚିବା ପରେ ତାଙ୍କୁ ପରିବାର ସଦସ୍ୟମାନେ ଯୌତୁକ ପାଇଁ ନିର୍ଯାତନା ଦେବା ଆରମ୍ଭ କରିଦେଇଥିଲେ । ଏ ସମ୍ପର୍କରେ ପରିବାର ଅଦାଲତରେ ଏକ ମାମଲା ରୁଜୁ ହୋଇଥିଲା । ଏହାପରେ ସ୍ୱାମୀଙ୍କ ପରିବାର ସଦସ୍ୟମାନେ ଘର ଛାଡି ବାହାରେ ରହୁଥିଲେ । ହେଲେ ମହିଳା ଜଣକ ଶାଶୁଘରେ ରହିଥିଲେ। ତାଙ୍କୁ ଘରୁ ବାହାର କରିବା ପାଇଁ ଶାଶୁଘର ଲୋକେ ଗ୍ରାମର କେତେଜଣ ବ୍ୟକ୍ତିଙ୍କ ସହଯୋଗ ଲୋଡ଼ିଥିଲେ। ଏଥିରେ ସମ୍ପୃକ୍ତ ମହିଳା ରାଜି ନ ହେବାରୁ ତାଙ୍କୁ ମାଡ଼ ମରାଯିବା ସହ ଅସଦାଚରଣ କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣା ପଡିଥିବା ଥାନା ଅଧିକାରୀ କାବୁଲି ବାରିକ ସୂଚନା ଦେଇଛନ୍ତି।

# ସତ୍ୟ, ତଥ୍ୟଭିତ୍ତିକ ନୁହେଁ: ଗଣେଶ୍ୱର

କେନ୍ଦ୍ରାପଡ଼ା ଅଫିସ, ୩।୪

## ଆପ୍‌ୱାକୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା ପ୍ରସଙ୍ଗ

ଗତ ୨୮ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ୭୫ତମ ମନ୍ କି ବାତ୍ ଓ ଗତ ୧୩ ତାରିଖରେ ମୁଖ୍ୟମନ୍ତ୍ରୀ ଟୁଇଟ୍‌ରେ କେନ୍ଦ୍ରାପଡ଼ା ଜିଲାର ଆପ୍‌ୱା (ଆକ୍ସନ ଫର ପ୍ରୋଟେକଶନ ଅଫ୍ ୱାଇଲ୍ଡ ଆନିମାଲସ)କୁ ପ୍ରଶଂସା କରାଯାଇଥିଲା । ସମୁଦ୍ର ତଟକ୍ଷୟକୁ ରୋକିବା ପାଇଁ ସଂସ୍ଥାର ନିର୍ଦ୍ଦେଶକ ବିଜୟ କୁମାର କବି ରାଜନଗର ବ୍ଲକ ବଡକୋଟ ଠାରେ ୨୫ ଏକର ଜମିରେ ହେନ୍ତାଳ ବଣ ସୃଷ୍ଟି କରିଥିବାରୁ ପ୍ରଶଂସା ଯୋଗ୍ୟ ବୋଲି ସେମାନେ ଦର୍ଶାଇଥିଲେ । ତେବେ ଏହା ସତ୍ୟ ଓ ତଥ୍ୟଭିତ୍ତିକ ନୁହେଁ ବୋଲି କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ଶନିବାର କହିଛନ୍ତି । ଗରାପୁରସ୍ଥ ବାସଭବନରେ ଏନେଇ ପୂର୍ବତନ ମନ୍ତ୍ରୀ ବେହେରା ଏକ ଖବରଦାତା ସମ୍ମିଳନୀ ଆୟୋଜନ କରିଥିଲେ । ଏଠାରେ ସେ ରାଜନଗର ବ୍ଲକ ଶିଳପୋଖରୀ ଗ୍ରାମର ସୋମନାଥ ବାରିକଙ୍କ ସୂଚନା ଅଧିକାର ଆଇନ ବଳରେ ମିଳିଥିବା ଆପ୍‌ୱା ସମ୍ପର୍କରେ ତଥ୍ୟ ଉପସ୍ଥାପନା ସହିତ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଏପରି ନିରାଧାର ପ୍ରଶଂସା ପାଇଁ କ୍ଷମା ମାଗନ୍ତୁ ବୋଲି ଦାବି କରିଥିଲେ।

ଗଣେଶ୍ୱର କହିଛନ୍ତି, ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟ ଅନୁଯାୟୀ ଆପୱା ସଂସ୍ଥା ୨୦୧୫ରେ ଗୋଜ, ଚିତଖୋଲା, ଦେବେନ୍ଦ୍ର ନାରାୟଣପୁର ଓ ଜୁନୁଷନଗରରେ ହେନ୍ତାଳ ବଣ ସୃଷ୍ଟି ପାଇଁ ଆଇସିଜେଡଏମ୍‌ପି (ଇଣ୍ଟିଗ୍ରେଟେଡ କୋଷ୍ଟାଲ ଜୋନ ମ୍ୟାନେଜମେଣ୍ଟ ପ୍ରୋଜେକ୍ଟ) ଅଧୀନରେ ୧୦.୭୨ ଲକ୍ଷ ଟଙ୍କା ନେଇଥିଲେ । ତେବେ ଜୁନୁଷନଗରରେ ୫୦ ପ୍ରତିଶତ ବ୍ୟତୀତ ଅନ୍ୟ ୪ ଗ୍ରାମରେ ୯୯ ପ୍ରତିଶତରୁ ଅଧିକ ଗଛ ନ ଥିବା ବିଭାଗୀୟ ତଥ୍ୟ ପ୍ରଦାନ କରାଯାଇଛି । ଯେଉଁ ସ୍ୱେଚ୍ଛାସେବୀ ସଙ୍ଗଠନ ଟଙ୍କା ନେଇ ଗଛ ବଞ୍ଚାଇ ପାରୁ ନାହାନ୍ତି, ସେହି ସଙ୍ଗଠନକୁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା ଠିକ୍ ନୁହେଁ । ସେହିପରି ଆପ୍‌ୱା ସଙ୍ଗଠନର ୨୫ ଏକର ଜମିରେ ହେନ୍ତାଳ ବଣ ସୃଷ୍ଟିକୁ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିଛନ୍ତି। ବଡ଼କୋଟ ଗ୍ରାମର ଯୁବବର୍ଗ ପ୍ରାୟ ୨ ଏକର ଜମିରେ ହେନ୍ତାଳବଣ ସୃଷ୍ଟି କରିଥିବା ବେଳେ ଏହାର ଶ୍ରେୟ ଆପୱା ସଂସ୍ଥାକୁ ଦିଆଯିବା ଭୁଲ ଉଦାହରଣ ସୃଷ୍ଟି କରିଛି । ଏହାକୁ ନେଇ ଗତ ୨୭ ଓ ୨୯ ତାରିଖରେ ଧରିତ୍ରୀରେ ବିସ୍ତୃତ ଭାବେ ପ୍ରକାଶ ପାଇଛି। ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ପଦର ଗରିମା ଦୃଷ୍ଟିରୁ ଏହାକୁ ସଂଶୋଧନ କରନ୍ତୁ ବୋଲି ସେ ଦାବି କରିଛନ୍ତି ।

ଗଣେଶ୍ୱରଙ୍କ ଅଭିଯୋଗ ସମ୍ପର୍କରେ ଆପୱାର ନିର୍ଦ୍ଦେଶକ କବି କହିଛନ୍ତି, ଗଛ ସଂରକ୍ଷଣ ଦାୟିତ୍ୱ ଆମର ନ ଥିଲା। ବନବିଭାଗକୁ ହସ୍ତାନ୍ତର ସମୟରେ ୪ ଗ୍ରାମରେ ପ୍ରାୟ ୮୦ ପ୍ରତିଶତ ଗଛ ଥିଲା । ସେହିପରି ବଡ଼କୋଟ ଗ୍ରାମର ଯୁବକଙ୍କୁ ପ୍ରୋତ୍ସାହିତ କରି ହେନ୍ତାଳବଣ ସୃଷ୍ଟି କରିଥିବା ସେ ମତ ଦେଇଛନ୍ତି।



ଖବରଦାତା ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ଓ ଅନ୍ୟମାନେ।

## ଭଦ୍ରକରୁ ଆସି ଚଳାଉଥିଲେ ସେକ୍ସ ର୍‌ୟାକେଟ୍

ସମ୍ବଲପୁର,୩।୪(ବ୍ୟୁରୋ)

ସମ୍ବଲପୁର ପୋଲିସ ସହରରେ ଚାଲିଥିବା ସେକ୍ସ ର୍‌ୟାକେଟ ଠାବ କରିଛି। ଅଇଁଠାପାଲି ଥାନା ଅନଗୁଳିଆପଡା, ଟାଉନ ଥାନାର ମାଲିପଡା, ଧନୁପାଲି ଥାନାର ପୁଟିବନ୍ଧ ଓ ସର୍ଲାକାନୀ ଆଦି ସ୍ଥାନରେ ଚଢାଉ କରି ପୋଲିସ ୯ ଜଣ ଯୁବତୀଙ୍କୁ ଉଦ୍ଧାର କରିଛି। ଏହି ଘଟଣାରେ ୮ ଦଲାଲ ଓ ୩ ଜଣ ଘର ମାଲିକଙ୍କୁ ଗିରଫ କରାଯାଇଛି। ଅଇଁଠାପାଲି ଥାନା ଅନଗୁଳିଆପଡାରେ ର୍‌ୟାକେଟ ଚଳାଉଥିବା ଅଭିଯୋଗରେ ଏକ ଦମ୍ପତିଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଭଦ୍ରକ ଜିଲାର ବଣ୍ଟି ବେହୁରିଆ ଓ ତାଙ୍କ ସ୍ତ୍ରୀ। ଏ ନେଇ ଥାନାରେ କେସ୍ ନଂ.୧୭୪/୨୧ରେ ମାମଲା ରୁଜୁ କରାଯାଇ ଏମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ବଣ୍ଟି ଓ ତାଙ୍କ ସ୍ତ୍ରୀ ଭଦ୍ରକରୁ ପ୍ରାୟ ୬ବର୍ଷ ତଳେ ସମ୍ବଲପୁରକୁ ଆସିଥିଲେ। ସେମାନେ ଭଦ୍ରକ, କେନ୍ଦ୍ରାପଡ଼ା, ଝାରସୁଗୁଡ଼ା, କଲିକତାରୁ ଯୁବତୀମାନଙ୍କୁ ଆଣି ଘର ଭଡା ନେଇ ବ୍ୟବସାୟ ଚଳାଇଥିଲେ। ଗ୍ରାହକଙ୍କ ଭିଡ଼ ହେଉଥିବାରୁ ଧରାପଡିଯିବା ଭୟରେ ସେମାନେ ପ୍ରତି ୩ରୁ ୪ ମାସରେ ଘର ବଦଳାଉଥିଲେ।

# ଗୋଷ୍ଠୀ ବିବାଦରୁ ମିଥ୍ୟା ଅଭିଯୋଗ: ଅଧ୍ୟକ୍ଷ

ସମ୍ବଲପୁର,୩।୪(ବ୍ୟୁରୋ)

ସମ୍ବଲପୁର ଜିଲା ଶାସନ ଥାନା ମାଝିପାଲିସ୍ଥିତ ସରକାରୀ ହୋମିଓପାଥି କଲେଜ ଛାତ୍ରୀଙ୍କୁ ର୍‌ୟାଗିଂ ଅଭିଯୋଗ ଘଟଣାର ପ୍ରାଥମିକ ତଦନ୍ତ ଶେଷ ହୋଇଛି। ତଦନ୍ତ ପରେ ଏହା ର୍‌ୟାଗିଂ ନୁହେଁ, ଦୁଇ ଗୋଷ୍ଠୀ ବିବାଦ ଯୋଗୁ ମିଥ୍ୟା ଅଭିଯୋଗ ହୋଇଥିବା କଲେଜ ଅଧ୍ୟକ୍ଷ ଡା. ରାଜେନ୍ଦ୍ର ସିଂ କହିଛନ୍ତି। ହଷ୍ଟେଲରେ ଛାତ୍ରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯାଇଥାଏ। ଅଭିଯୋଗ କରିଥିବା ୪ ଛାତ୍ରୀଙ୍କୁ ଚିହ୍ନଟ କରି ସୁରକ୍ଷା ଦେବା ପ୍ରଥମ ଦାୟିତ୍ୱ ବୋଲି ଅଧ୍ୟକ୍ଷ ସିଂ କହିଥିଲେ। ସେହିପରି ତଦନ୍ତକାରୀ ଅଧିକାରୀ ପୋଲିସ ଏସ୍‌ଆଇ ସୁଶାନ୍ତ ଦାସ କହିଛନ୍ତି, ର୍‌ୟାଗିଂ ଅଭିଯୋଗ ଉପରେ ତଦନ୍ତ କରିବାକୁ ଜିଲା ପୋଲିସ ମୁଖ୍ୟାଳୟରୁ ନିର୍ଦ୍ଦେଶ ଆସିଥିଲା। ତଦନ୍ତ ସମୟରେ ଏହା ମିଥ୍ୟା ଅଭିଯୋଗ ବୋଲି ଜଣାପଡିଛି। ଗୋଟିଏ ଗୋଷ୍ଠୀ ହଷ୍ଟେଲର ରୋଷେଇ ଦାୟିତ୍ୱ ନେଇଥିଲେ। ସେମାନେ ମନଇଚ୍ଛା ଖାଦ୍ୟର ମେନୁ ପରିବର୍ତ୍ତନ କରୁଥିଲେ। ଏ ସମ୍ପର୍କରେ ପଚାରିଲେ ଗାଳିଗୁଲଜ କରୁଥିଲେ। ସେମାନେ ଏଭଳି ସମସ୍ୟାକୁ ନେଇ କଲେଜ ଅଧ୍ୟକ୍ଷଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏହା ଜାଣିବା ପରେ ସେମାନେ ରାଗିଯାଇ ୫ ଛାତ୍ରୀ ଓ ଜଣେ ଛାତ୍ରଙ୍କ ନାମରେ ଅଭିଯୋଗ କରିଥିଲେ। ଅଭିଯୋଗରେ ପ୍ରାର୍ଥନା ସମୟରେ ର୍‌ୟାଗିଂ ହୋଇଥିବା ଦର୍ଶାଯାଇଥିଲା। ଅନ୍ୟପଟେ ବାଳିକା ହଷ୍ଟେଲ ସୁରକ୍ଷା ବ୍ୟବସ୍ଥା ଥିବାରୁ ପୁଅ ପିଲା ଯିବା ଅସମ୍ଭବ। ହେଲେ ର୍‌ୟାଗିଂ ସମୟରେ ପୁଅ ପିଲା ଥିବା ଅଭିଯୋଗରେ ରହିଛି। ଛାତ୍ରୀମାନଙ୍କ ବୟାନ ପରେ ଏହା ପୂର୍ବଶତ୍ରୁତାକୁ ନେଇ ମିଥ୍ୟା ଅଭିଯୋଗ ହୋଇଥିବା ଜଣାପଡିଛି। ଏହାର ରିପୋର୍ଟ ପ୍ରଦାନ କରାଯାଇଛି, ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଆଣ୍ଟି ର୍‌ୟାଗିଂ ସେଲ୍ ନିଷ୍ପତ୍ତି ନେବ ବୋଲି ଦାସ କହିଥିଲେ। ସୂଚନାଯୋଗ୍ୟ, ହୋମିଓପାଥି କଲେଜର ଦ୍ୱିତୀୟ ବର୍ଷର କେତେଜଣ ଛାତ୍ରୀଙ୍କୁ ସିନିୟର ଛାତ୍ରୀମାନେ ଅଶୋଭନୀୟ ବ୍ୟବହାର କରୁଥିଲେ। ମାର୍ଚ୍ଚ ୩୧ ତାରିଖ ସନ୍ଧ୍ୟା ୭ଟାରୁ ୯ଟା ମଧ୍ୟରେ ଦ୍ୱିତୀୟ ବର୍ଷର କେତେଜଣ ଛାତ୍ରୀ ହଷ୍ଟେଲର ପ୍ରାର୍ଥନା ହଲରେ ବସିଥିଲେ। ସେ ସମୟରେ ସିନିୟର ୫ ଛାତ୍ରୀ ଓ ଜଣେ ଛାତ୍ର ଆସି ୪ ଛାତ୍ରୀଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ସମସ୍ତଙ୍କ ସମ୍ମୁଖରେ କପଡ଼ା ଖୋଲିବାକୁ କହିଥିଲେ ବୋଲି ଆଣ୍ଟି ର୍‌ୟାଗିଂ ସେଲ୍‌ରେ ଅଭିଯୋଗ ହୋଇଥିଲା।

ଘଟଣାର ତଦନ୍ତ କରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ ଦାସ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ଏହାର ତଦନ୍ତ କରି ତିନିଦିନ ମଧ୍ୟରେ ରିପୋର୍ଟ ଦେବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।



ସମ୍ବଲପୁର ମାଝିପାଲିସ୍ଥିତ ହୋମିଓପାଥି କଲେଜ।

- ଛାତ୍ରୀଙ୍କୁ ର୍‌ୟାଗିଂ ଅଭିଯୋଗ
- ପ୍ରାଥମିକ ତଦନ୍ତ ଶେଷ

## ପ୍ରଥମ ପୃଷ୍ଠାରୁ...

### ୧୦ ଜିଲାରେ ନାଇଟ୍ ...

କମିଶନର (ଏସ୍‌ଆର୍‌ସି)ଙ୍କ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି ହୋଇଛି।

ଉକ୍ତ ନିର୍ଦ୍ଦେଶନାମା ଅନୁସାରେ, ନାଇଟ କର୍ଫ୍ୟୁ ସମୟରେ ସମସ୍ତ ଦୋକାନ, ବାଣିଜ୍ୟିକ ପ୍ରତିଷ୍ଠାନ, କାର୍ଯ୍ୟାଳୟ ଓ ଅନୁଷ୍ଠାନ ବନ୍ଦ ରହିବ। ତେବେ ଜରୁରିକାଳୀନ ସେବାରେ ନିୟୋଜିତ ଡାକ୍ତର, ମେଡିକାଲ୍/ପାରାମେଡିକାଲ୍ ଷ୍ଟାଫ୍ (ସରକାରୀ ଓ ବେସରକାରୀ), ଆମ୍ବୁଲାନ୍ସ, ବିଦ୍ୟୁତ୍, ଅଗ୍ନିଶମ ସେବା, ଟେଲିକମ୍, ଜଳ ଯୋଗାଣ କର୍ମଚାରୀଙ୍କ ଗମନାଗମନ ଉପରେ କୌଣସି କଟକଣା ନାହିଁ। ସେହିପରି ବିମାନବନ୍ଦର, ରେଳ ଷ୍ଟେଶନ ଓ ବସ୍ ଷ୍ଟାଣ୍ଡକୁ ଯାଉଥିବା ଯାତ୍ରୀଙ୍କ ଲାଗି ପ୍ରତିବନ୍ଧକ ନାହିଁ। ପରିଚୟପତ୍ର ଦେଖାଇ ଆଇଟି କର୍ମଚାରୀ ଯାତାୟାତ କରିପାରିବେ। ଘରୋଇ ଯାତ୍ରୀବାହୀ ଯାନ ଓ ଟାକ୍ସି ବିମାନବନ୍ଦର, ରେଳ ଷ୍ଟେଶନ ଓ ବସଷ୍ଟାଣ୍ଡରୁ ଯାତ୍ରୀଙ୍କୁ ନେବା ଆଣିବା କରିପାରିବେ। ହୋଟେଲ ଓ ଏ ସମ୍ବନ୍ଧୀୟ ଅଫିସ୍‌ର କର୍ମଚାରୀଙ୍କୁ ଅନୁମତି ମିଳିବ। ସେହିପରି ଗଣମାଧ୍ୟମ ପ୍ରତିନିଧିମାନେ କମିଶନରେଟ୍ ପୋଲିସ କିମ୍ବା ଜିଲା ପୋଲିସର ଅନୁମତିପତ୍ର ସହିତ କାର୍ଯ୍ୟ କରୁଥିବା ଗଣମାଧ୍ୟମ ସଂସ୍ଥା ଦେଇଥିବା ପରିଚୟ ପତ୍ର ଦେଖାଇପାରିବେ। ପେଟ୍ରୋଲ ପମ୍ପ ଓ ସିଏନ୍‌ଜି ଷ୍ଟେଶନ ଖୋଲା ରହିବ। ଏଲ୍‌ପିଜି ବିତରଣ, ରନ୍ଧନ ଗ୍ୟାସ୍‌ର ଘରୋଇ ବିତରଣ, ଖାଦ୍ୟ ସାମଗ୍ରୀ, ପନିପରିବା, ଅଣ୍ଡା, ମାଛ, ମାଂସ ଏବଂ ଅନ୍ୟାନ୍ୟ ଜରୁରୀ ଜିନିଷ ବିତରଣ ଉପରେ ବି କୌଣସି କଟକଣା ନ ଥିବା ଜଣାଯାଇଛି। ଜାତୀୟ ରାଜପଥରେ ଥିବା ଢାବାଗୁଡ଼ିକରୁ ଖାଦ୍ୟ ପାର୍ସଲ ନିଆଯାଇପାରିବ। ଜମାଟୋ, ସ୍ୱିଗି ଭଳି ସଂସ୍ଥାର ହୋମ୍ ଡେଲିଭରିକୁ ଅନୁମତି ଦିଆଯାଇଛି।

### ସିଏଜି ଧରିଲେ ଅନିୟମିତତା...

ଯୋଗାଇବାରୁ ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡିକ ସ୍ଥାନୀୟ ବଜାରରୁ ଅଧିକ ଦରରେ ଔଷଧ କିଣି ଲୋକଙ୍କୁ ଯୋଗାଇଥିଲେ। ଏଥିଯୋଗୁ ୨୦୧୮-୧୯ରେ ୨.୨୪ କୋଟି ଟଙ୍କାର ଔଷଧ କିଣାଯିବାରୁ ୧୮.୧୨ ଲକ୍ଷ ଟଙ୍କା ଅଧିକ ଖର୍ଚ୍ଚ ହୋଇଥିଲା। ଇ-ନିରାମୟ ସଫ୍ଟୱେର ମାଧ୍ୟମରେ ଇଣ୍ଡେଣ୍ଟ, ବଣ୍ଟନ, ବ୍ୟବହାର ଓ ଔଷଧ ଷ୍ଟକ୍ ସ୍ଥିତି କରାଯାଇ ନ ପାରିବାରୁ ୨୦୧୭ ଏପ୍ରିଲରୁ ୨୦୧୭ ମେ ମଧ୍ୟରେ ୪.୧୮ କୋଟି ଟଙ୍କାର ଔଷଧ ନଷ୍ଟ ହୋଇଥିଲା। କେବଳ ସ୍ୱାସ୍ଥ୍ୟ ବିଭାଗ ନୁହେଁ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ ମଧ୍ୟ ଅନିୟମିତତା ହୋଇଥିବା ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି।

ଜାତୀୟ ଗ୍ରାମୀଣ ଜୀବିକା ମିଶନର ଏକ ଅଂଶ ଭାବେ କେନ୍ଦ୍ର ସରକାରଙ୍କ ଯୋଜନା ଦିନଦୟାଲ୍ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା (ଡିଡିୟୁଜିକେୱାଇ)ରେ ଗ୍ରାମୀଣ ଯୁବତୀ ଯୁବକଙ୍କୁ ଦକ୍ଷତା ତାଲିମ ପ୍ରଦାନ ସହିତ ସେମାନଙ୍କୁ ନିୟମିତ ମାସିକ ମଜୁରି ପ୍ରଦାନ ବ୍ୟବସ୍ଥା ରହିଛି। ଡିଡିୟୁଜିକେୱାଇକୁ ରାଜ୍ୟରେ କାର୍ଯ୍ୟକାରୀ କରିବା ଦାୟିତ୍ୱ ପଞ୍ଚାୟତିରାଜ ବିଭାଗ ଅଧୀନ ଓଡ଼ିଶା ଗ୍ରାମୀଣ ବିକାଶ ଏବଂ ବିପଣନ ସମିତି (ଓର୍‌ମାସ) ଉପରେ ରହିଛି। ତେବେ ଓର୍‌ମାସ ଦ୍ୱାରା ପ୍ରକଳ୍ପର ଆବଶ୍ୟକ ଗୁଣବତ୍ତାକୁ ମୂଲ୍ୟାୟନ କରା ନ ଯାଇ ଯୋଗ୍ୟତା ନ ଥିବା ବେସରକାରୀ ସଂସ୍ଥାଗୁଡ଼ିକୁ ଅଧିକ ମୂଲ୍ୟର ପ୍ରକଳ୍ପ ପ୍ରଦାନ କରାଯାଇଥିଲା। ଏହାଦ୍ୱାରା ଓର୍‌ମାସ ସମ୍ପୃକ୍ତ ବେସରକାରୀ ସଂସ୍ଥା ପ୍ରତି ଅହେତୁକ ଅନୁକମ୍ପା ଦେଖାଇଥିବା ରିପୋର୍ଟରୁ ଜଣାପଡିଛି। ପ୍ରତିବର୍ଷ ଯୁବତୀ ଯୁବକଙ୍କ ତାଲିମ ନେବା ଆଧାରରେ ବେସରକାରୀ ସଂସ୍ଥାଗୁଡ଼ିକୁ ଅଗ୍ରିମ ଦେବାର ବ୍ୟବସ୍ଥା କରାଯାଇଥାଏ। ୩.୩୦ କୋଟି ଟଙ୍କା ପାଇବା ଯୋଗ୍ୟତା ଥିବା ପିଆଇଏଗୁଡ଼ିକୁ ତାଲିମ ପ୍ରକଳ୍ପ କାର୍ଯ୍ୟକାରୀ କରିବା ଲାଗି ଓର୍‌ମାସ ପକ୍ଷରୁ ୨ ଗୁଣା ଅର୍ଥାତ୍ ୬.୬୦ କୋଟି ଟଙ୍କା ଆଗୁଆ ପ୍ରଦାନ କରାଯାଇଛି। ପ୍ରାର୍ଥୀମାନଙ୍କ ତାଲିମରେ ମଧ୍ୟ ହେରଫେର ହୋଇଥିବା ସିଏଜି ପ୍ରଶ୍ନ ଉଠାଇଛନ୍ତି।

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଘରବାଡି ପ୍ଲାନିଂ ସ୍ୱୟଂକ୍ରିୟ କରିବା ପାଇଁ ଭିଏଫ୍‌ଏସ୍ ଗ୍ଲୋବାଲ ସର୍ଭିସେସ୍ ଲିମିଟେଡ୍ ସହ ଚୁକ୍ତି କରିଥିଲେ। ଉକ୍ତ ସଂସ୍ଥା ଚୁକ୍ତି ଉଲ୍ଲଂଘନ କରିଥିଲେ ସୁଦ୍ଧା ବିଡିଏ ବକେୟା ଅର୍ଥକୁ ବାଜ୍ୟାପ୍ତି ନ କରିବା ଦ୍ୱାରା ସରକାରଙ୍କୁ ୨.୬୨ କୋଟି ଟଙ୍କାର ଅଯାଥ ବ୍ୟୟ ବହନ କରିବାକୁ ପଡିଛି। ସେହିପରି ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଦ୍ୱାରା ନିର୍ମାଣ କରାଯାଇଥିବା ଫଳବଜାରଗୁଡିକ ପାଇଁ କିଣାଯାଇଥିବା ଟ୍ରାନ୍ସଫର୍ମର ବ୍ୟବହାର ନ ହେବାରୁ ୧.୧୩ କୋଟି ଟଙ୍କାର ରାଜସ୍ୱ ହାନି ହୋଇଥିବା ସିଏଜି ରିପୋର୍ଟରେ ଦର୍ଶାଇଛନ୍ତି। ସେହିପରି ଭାରତର ଆଭ୍ୟନ୍ତରୀଣ ଜଳପଥ କର୍ତ୍ତୃପକ୍ଷଙ୍କ ନିୟମ ଉଲ୍ଲଂଘନ କରି ୨ଟି ପୋଲ ନିର୍ମାଣ କରାଯାଇଥିଲା। ଫଳରେ ତାହା ଅଧାରୁ ବନ୍ଦ ହେବାକୁ ପଡ଼ିଥିଲା। ଏଥିଯୋଗୁ ସରକାରଙ୍କୁ ୪.୨୨ କୋଟି ଟଙ୍କାର ଅଯଥା ଅପଚୟ କରିବାକୁ ପଡ଼ିଛି। ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ଭବନ ପାଇଁ ଯୋଜନା ପ୍ରସ୍ତୁତି ନ କରି କୋଠାଘର ନିର୍ମାଣ କରାଯାଇଛି। ଏହା ଅବ୍ୟବହୃତ ହୋଇ ପଡିରହିଛି। ଫଳରେ ଏଥିଯୋଗୁ ୫.୯୬ କୋଟି ଟଙ୍କା ବିନିଯୋଗ ନ ହୋଇ ଅଯଥା ପଡିଥିବା ସିଏଜି ତାଙ୍କ ରିପୋର୍ଟରେ କହିଛନ୍ତି।

### ୬ ଦିନ ପୂର୍ବରୁ ଅଧିବେଶନ ...

ପ୍ରଶ୍ନର ଆଲୋଚନା ହୋଇଥିବା ବେଳେ ୨୯୯୭ଟି ଅଣତାରକା ପ୍ରଶ୍ନ, ୪୪ଟି କମିଟି ରିପୋର୍ଟ, ୮୭ଟି ପେପର ଗୃହରେ ଉପସ୍ଥାପନ କରାଯାଇଛି।

ମଣ୍ଡିରୁ ଧାନ ଉଠାଇବା ନେଇ ବଜେଟ ଅଧିବେଶନ ବେଶ୍ ସରଗରମ ରହିଥିଲା। ବିରୋଧୀ ଭାଜପା ଓ କଂଗ୍ରେସ ସଦସ୍ୟମାନେ ମଣ୍ଡିରୁ ଧାନ ଉଠାଇବାକୁ ନେଇ ସରକାରଙ୍କୁ ଘେରିଥିଲେ। ଏଥିପାଇଁ ୬ ଦିନ ଗୃହ ଅଚଳ ହୋଇଥିଲା। ଭାଜପା ସଦସ୍ୟମାନେ ବିଧାନସଭାରୁ ଚାଲି ଚାଲି ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କରିବା ଘଟଣା କୌତୂହଳ ସୃଷ୍ଟି କରିଥିଲା। ଏହାସତ୍ତ୍ୱେ ବିଧାନସଭାରେ ଧାନ ଝଡ଼ ଥମି ନ ଥିଲା। ଭାଜପା ସଭ୍ୟ ସୁବାସ ପାଣିଗ୍ରାହୀଙ୍କ ସାନିଟାଇଜର ପିଇ ଆତ୍ମହତ୍ୟା ଉଦ୍ୟମକୁ ନେଇ ଗୃହରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଶାସକ ଦଳ ସଦସ୍ୟମାନେ ବିଧାୟକଙ୍କ କ୍ଷମା ପ୍ରାର୍ଥନା ଦାବି କରି ଗୃହକୁ ୩ ଦିନ ଅଚଳ କରି ଦେଇଥିଲେ। ଶେଷରେ ଭାଜପା ବିଧାୟକଙ୍କ ଜୋତା ଫିଙ୍ଗା ଘଟଣା ଚଳିତ ଅଧିବେଶନକୁ ଆହୁରି ସରଗରମ କରିଥିଲା। ଜୋତା ଫିଙ୍ଗିବା ଘଟଣାରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଭାଜପା ବିଧାୟକ ଜୟନାରାୟଣ ମିଶ୍ର, ମୋହନ ଚରଣ ମାଝି ଏବଂ ବିଷ୍ଣୁ ଚରଣ ସେଠୀଙ୍କୁ ବିଧାନସଭାରୁ ନିଲମ୍ବନ କରିଥିଲେ। ଏହି ଘଟଣାର ପ୍ରତିବାଦରେ ଭାଜପା ସଦସ୍ୟମାନେ ବିଧାନସଭା ପରିସରରେ ରାତିତମାମ ଧାରଣାରେ ବସି ରହିଥିଲେ।

### ଜୋତା ଫିଙ୍ଗି ନିଲମ୍ବିତ...

ମଧ୍ୟରେ ଦୀର୍ଘ ସମୟ ଧରି ବାକ୍‌ଯୁଦ୍ଧ ହୋଇଥିଲା। ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ମଧ୍ୟ ଏହି ପ୍ରସଙ୍ଗ କାହିଁକି ଆଲୋଚନା ହେବନାହିଁ ବୋଲି ପ୍ରଶ୍ନ କରିଥିଲେ। ଉଭୟ ଭାଜପା ଓ କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟ ଭାଗକୁ ଆସି ଖଣି ମାଲିକଙ୍କୁ ସୁରକ୍ଷା ଦେବା ବନ୍ଦ କର ...ବନ୍ଦ କର ସ୍ଲୋଗାନ ଦେଇଥିଲେ। ଭାଜପା ସଭ୍ୟ ମୋହନ ମାଝି କହିଥିଲେ, ଖଣି ଦୁର୍ନୀତି ନେଇ ମୁଲତବୀ ପ୍ରସ୍ତାବ ଆସିଥିଲା। ତାହାକୁ ନିକଟରେ ଘଟିଥିବା ବିଷୟ ନୁହେଁ କହି ଅଗ୍ରାହ୍ୟ କରି ଦିଆଗଲା। ଖଣିରୁ ପିପିଲି ଉପନିର୍ବାଚନ ପାଇଁ ପଇସା ଆସୁଛି ବୋଲି ଅଭିଯୋଗ କରିଥିଲେ। ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ କହିଲେ, ବାଚସ୍ପତି ଖଣି ଆଲୋଚନାକୁ ପୁରୁଣା ବିଷୟ କହି ଏଡ଼ାଇ ଦେଉଛନ୍ତି। ଏବେ ଖଣି ଚାଲିଛି। ଖଣିପଇସା ରାଜକୋଷକୁ ଆସୁଛି। ଏ ବିଷୟ ପୁରୁଣା ହେଲା କେମିତି। ଆଲୋଚନା କରିବାକୁ ଅନୁମତି କାହିଁକି ଦେଲେ ନାହିଁ ବୋଲି ସେ ପ୍ରଶ୍ନ କଲେ। ଏହାକୁ ନେଇ ଗୃହରେ ପ୍ରବଳ ହଟ୍ଟଗୋଳ ହେଲା। ବାଚସ୍ପତି ଗୃହକୁ ମଧ୍ୟାହ୍ନ ୧ ଟାରୁ ୧୦ ମିନିଟ ପାଇଁ ମୁଲତବୀ ଘୋଷଣା କରି ଦେଇଥିଲେ। ପୁଣି ୧ଟା ୧୦ ମିନିଟରେ ଗୃହ କାର୍ଯ୍ୟ ଆରମ୍ଭ ହେଲା। ବାଚସ୍ପତି ବିଧାନସଭାରେ ଓଡ଼ିଶା ଲୋକାୟୁକ୍ତ ଆଇନ ଏବଂ ସମିତି ପଞ୍ଜୀକରଣ (ଓଡ଼ିଶା ସଂଶୋଧନ) ବିଲ ୨୦୨୧ ଆଗତ କରିବାକୁ ଅନୁମତି ଦେଲେ। ବିରୋଧୀ ସଦସ୍ୟମାନେ ଏହାକୁ କଡ଼ା ବିରୋଧ କରି ହଟ୍ଟଗୋଳ କଲେ। ବାଚସ୍ପତି ବିରୋଧୀଙ୍କ ଆଡ଼କୁ ଧ୍ୟାନ ନ ଦେଇ ବିଲ ପାରିତ କରିବା ମୁଡ୍‌ରେ ରହିଲେ। ବିରୋଧୀ ଦଳ ସଦସ୍ୟମାନେ ଗୃହରେ ପ୍ରବଳ ହଟ୍ଟଗୋଳ କରିବା ସହିତ ବାଚସ୍ପତି ଗୃହ ପରିଚାଳନାରେ ପକ୍ଷପାତିତା କରିବା ନେଇ ଅଭିଯୋଗ ଆଣିଥିଲେ। ଗୃହର ଅଚଳ ଅବସ୍ଥାକୁ ଦୂର କରିବାକୁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ। ଏଥିପାଇଁ ଗୃହକୁ ବିଭିନ୍ନ ପର୍ଯ୍ୟାୟରେ ଅଧାଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ମୁଲତବୀ କରିଥିଲେ। ଏହାପରେ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇପାରି ନ ଥିଲା। ବାଚସ୍ପତି ବିରୋଧୀଙ୍କ ଦାବିକୁ ଅଗ୍ରାହ୍ୟ କରି ଗୃହରେ ଓଡ଼ିଶା ଲୋକାୟୁକ୍ତ(ସଂଶୋଧନ) ବିଲ୍ -୨୦୨୧ ଆଗତ କରିବାକୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କୁ କହିଥିଲେ। ଏହାକୁ ନେଇ ଭାଜପା ସଦସ୍ୟମାନେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିବା ସହ ଗୃହରେ ହଟ୍ଟଗୋଳ କରିଥିଲେ। ଭାଜପା ସଦସ୍ୟ ଜୟନାରାୟଣ ମିଶ୍ର, ବିଷ୍ଣୁ ଚରଣ ସେଠୀ ଓ ମୋହନ ଚରଣ ମାଝି ବାଚସ୍ପତିଙ୍କ ପୋଡିୟମ୍ ଉପରକୁ ଜୋତା, ଇୟର ଫୋନ୍ ଓ କଲମ ଇତ୍ୟାଦି ଫିଙ୍ଗିଥିଲେ। ଏହାକୁ ନେଇ ଗୃହରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ଅପରାହ୍ନରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଭାଜପା ସଦସ୍ୟମାନଙ୍କ ବ୍ୟବହାରକୁ ବିଜେଡି ଓ କଂଗ୍ରେସ ଦଳର ସଦସ୍ୟମାନେ ନିନ୍ଦା କରିଥିଲେ। ବିଜେଡି ସଦସ୍ୟ ଭୂପିନ୍ଦର ସିଂ, ପ୍ରତାପ ଦେବ, ଶଶିଭୂଷଣ ବେହେରା, କିଶୋର ମହାନ୍ତି, ଅମର ଶତପଥୀ, ପ୍ରୀତିରଞ୍ଜନ ଘଡ଼ାଇ, ଭାଗୀରଥି ସେଠୀ, ବିକ୍ରମ କେଶରୀ ଆରୁଖ, କଂଗ୍ରେସ ସଦସ୍ୟ ନରସିଂହ ମିଶ୍ର, ସନ୍ତୋଷ ସିଂ ସାଲୁଜା ପ୍ରମୁଖ ଭାଜପା ସଦସ୍ୟଙ୍କ ଆଚରଣକୁ ନାପସନ୍ଦ କରିବା ସହିତ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ। ବାଚସ୍ପତି ଭାଜପା ସଦସ୍ୟମାନଙ୍କ ସମ୍ପର୍କରେ ଆଲୋଚନା କରିବା ପାଇଁ ଗୃହକୁ ୪ଟା ୨୭ ମିନିଟ୍‌ରୁ ୫ଟା ୧୫ ମିନିଟ୍ ଯାଏ ମୁଲତବୀ ଘୋଷଣା କରିଥିଲେ। ୫ଟା ୧୫ରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବାଚସ୍ପତି ଭାଜପାର ୩ ଜଣ ସଦସ୍ୟଙ୍କ ବିରୋଧରେ ଏକ ମୋଶନ ଆଣିବା ଲାଗି ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କୁ କହିଥିଲେ। ସେ ମୋଶନ ଆଗତ କରି ଓଡ଼ିଶା ବିଧାନସଭା କାର୍ଯ୍ୟବିଧି ଆଇନର ୨୭୨ ରୁଲ୍ ଅନୁଯାୟୀ ଭାଜପା ସଦସ୍ୟ ଜୟନାରାୟଣ ମିଶ୍ର, ବିଷ୍ଣୁଚରଣ ସେଠୀ, ମୋହନ ଚରଣ ମାଝି ବାଚସ୍ପତିଙ୍କ ପୋଡିୟମ ଉପରକୁ ଜୋତା ଫିଙ୍ଗି ଗୃହର ଗରିମା ନଷ୍ଟ କରିଥିବାରୁ ସେମାନଙ୍କୁ ଗୃହରୁ ନିଲମ୍ବିତ କରିବା ଲାଗି ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ପ୍ରସ୍ତାବକୁ ବିଧାନସଭାରେ ଗୃହୀତ କରାଯାଇଥିଲା। ପ୍ରସ୍ତାବ ଗୃହୀତ ହେବା ପରେ ବାଚସ୍ପତି ଭାଜପାର ତିନି ସଦସ୍ୟଙ୍କୁ ଚଳିତ ଅଧିବେଶନ ଶେଷ ଯାଏ ବିଧାନସଭାରୁ ନିଲମ୍ବନ କରାଗଲା ବୋଲି ଘୋଷଣା କରିଥିଲେ ଏବଂ ସେମାନଙ୍କୁ ବିଧାନସଭା ଛାଡି ଚାଲିଯିବାକୁ ନିର୍ଦ୍ଦେଶ ଦେଇଥିଲେ। ବାଚସ୍ପତିଙ୍କ ନିର୍ଦ୍ଦେଶ ପରେ ନିଲମ୍ବିତ ୩ ସଦସ୍ୟଙ୍କ ସହିତ ଭାଜପାର ଅନ୍ୟ ସଦସ୍ୟମାନେ ବିଧାନସଭା କକ୍ଷ ଛାଡ଼ି ବାହାରକୁ ଚାଲିଯାଇଥିଲେ। ବାଚସ୍ପତିଙ୍କୁ ବିରୋଧ କରି ଭାଜପା ସଦସ୍ୟମାନେ ବିଧାନସଭା ପରିସରସ୍ଥ ଗାନ୍ଧୀ ମୂର୍ତ୍ତି ତଳେ ଧାରଣା ଦେଇଥିଲେ। ଏହାସହ ବାଚସ୍ପତିଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ଭାଜପା ସଦସ୍ୟମାନେ କକ୍ଷତ୍ୟାଗ କରିବା ପରେ ବାଚସ୍ପତି ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ବିଧାନସଭାରେ ବିଭିନ୍ନ ବିଲ୍ ଅନୁମୋଦନ କରାଇବା ପାଇଁ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହି ସମୟରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଲେ, ବାଚସ୍ପତି ବିନା ଆଲୋଚନାରେ ରାଜ୍ୟରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଲ୍ ବିଧାନସଭାରେ ଗୃହୀତ କରିଛନ୍ତି। ଯଦି ବିନା ଆଲୋଚନାରେ ବିଲ୍ ପାରିତ ହୋଇପାରୁଛି ତେବେ ଆମେ କାହିଁକି ଅଂଶଗ୍ରହଣ କରିବୁ। ଏହାକୁ ବିରୋଧ କରି କଂଗ୍ରେସ ସଦସ୍ୟମାନେ ବିଧାନସଭା କକ୍ଷ ତ୍ୟାଗ କରି ବାହାରକୁ ଚାଲି ଯାଇଥିଲେ। ବିରୋଧୀ ସଦସ୍ୟଙ୍କ ଅନୁପସ୍ଥିତିରେ ବାଚସ୍ପତି ବିତ୍ତୀୟ ଉତ୍ତରଦାୟୀ ଓ ବଜେଟ ପରିଚାଳନା (ସଂଶୋଧନ) ବିଲ୍ -୨୦୨୧, ଓଡ଼ିଶା ଅଧିବକ୍ତା କଲ୍ୟାଣ ପାଣ୍ଠି (ସଂଶୋଧନ) ବିଲ୍-୨୦୨୧, ଜାଭିୟର ବିଶ୍ୱବିଦ୍ୟାଳୟ, ଓଡ଼ିଶା (ସଂଶୋଧନ) ବିଲ୍-୨୦୨୧, ବିଜୁପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ(ସଂଶୋଧନ) ବିଲ୍ -୨୦୨୧ ଏବଂ ସମିତି ପଞ୍ଜୀକରଣ(ଓଡ଼ିଶା ସଂଶୋଧନ) ବିଲ-୨୦୨୧କୁ ଗୃହୀତ କରାଇଛନ୍ତି। ଏହିସବୁ ବିଲ୍ ଗୃହୀତ ହେବାପରେ ବାଚସ୍ପତି ଗୃହକୁ ସନ୍ଧ୍ୟା ୬ଟା ୫୮ ମିନିଟରେ ଅନିର୍ଦ୍ଦିଷ୍ଟ କାଳ ଲାଗି ମୁଲତବୀ ଘୋଷଣା କରିଛନ୍ତି।

### ରବିବାର ଦର୍ଶନ ...

ଦର୍ଶନ ସରିବା ପରେ ମଧ୍ୟ ସପ୍ତାହକୁ ୨ଥର ଶ୍ରୀମନ୍ଦିର ପରିସର ସାନିଟାଇଜ୍ କରାଯିବ। କୋହଳ କରାଯାଇଥିବା କୋଭିଡ୍ କଟକଣାକୁ ପୁଣି ଥରେ ଲାଗୁ କରାଯିବ। ମାସ୍କ ଚେକିଂ ସାଙ୍ଗକୁ ଥର୍ମାଲ ସ୍କ୍ରିନିଂ ଓ ଭକ୍ତଙ୍କ ସାନିଟାଇଜେଶନକୁ ସୁନିଶ୍ଚିତ କରାଯିବ। ସେହିଭଳି ରାଜ୍ୟ ବାହାରୁ ଆସୁଥିବା ଭକ୍ତମାନେ ଶ୍ରୀମନ୍ଦିର ପ୍ରବେଶ କରିବା ପୂର୍ବରୁ ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଣ୍ଣିତ ହୋଇଥିବା ଗାଇଡ୍‌ଲାଇନକୁ ମାନିବେ। ଶ୍ରୀମନ୍ଦିରରେ ସକାଳ ୬ରୁ ସାଧାରଣ ଦର୍ଶନ ଆରମ୍ଭ ହେବ। ଶ୍ରୀମନ୍ଦିର ପରିସର ମଧ୍ୟରେ ଗହଳିକୁ ରୋକାଯିବା ସହ ଶ୍ରଦ୍ଧାଳୁଙ୍କ ମଧ୍ୟରେ ସାମାଜିକ ଦୂରତା ଯେପରି ନିଶ୍ଚିତ ହୋଇପାରିବ ସେଥିପାଇଁ ଧାଡ଼ି ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯିବ। ଧାଡ଼ିରେ କୋଭିଡ୍ କଟକଣା ମାନି ଶ୍ରଦ୍ଧାଳୁମାନେ ଦର୍ଶନ କରିବେ। ଏହି ମାର୍ଗଦର୍ଶିକା ଆସନ୍ତା ମେ' ୪ତାରିଖ ପର୍ଯ୍ୟନ୍ତ ଲାଗୁ ହେବ ବୋଲି କୁହାଯାଇଛି।

କିଛି ଦିନ ହେବ ଶ୍ରୀମନ୍ଦିରରେ କୋଭିଡ୍ କଟକଣା କୋହଳ ହୋଇପଡ଼ିଛି। ଥର୍ମାଲ ସ୍କ୍ରିନିଂ ମଧ୍ୟ ବନ୍ଦ ହୋଇରହିଛି। ରାଜ୍ୟରେ କୋଭିଡ୍ ସଂକ୍ରମଣ ପୁଣି ଥରେ ଉପରମୁହାଁ ହେବାପରେ ଶ୍ରୀମନ୍ଦିରରେ କଟକଣା ବଢ଼ାଇବା ନେଇ ଗତ ୨୩ ତାରିଖରେ ଛତିଶା ନିଯୋଗ ବୈଠକରେ ମୁଖ୍ୟ ପ୍ରଶାସକ କ୍ରିଷ୍ଣନ କୁମାର ଓ ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ସମର୍ଥ ବର୍ମା ଆଲୋଚନା କରିଥିଲେ। କୋଭିଡ୍ କଟକଣାକୁ ପୁଣିଥରେ କଡ଼ାକଡି କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିବାବେଳେ ରବିବାର ଶ୍ରୀମନ୍ଦିରରେ ସାଧାରଣ ଦର୍ଶନ ବନ୍ଦ ରହିବା ପ୍ରସଙ୍ଗ ଉପରେ ପ୍ରଶାସନ ବିଚାର କରୁଥିବା ଜିଲାପାଳ ସମର୍ଥ ବର୍ମା କହିଥିଲେ। ଶନିବାର ବିଧିବଦ୍ଧ ଭାବେ ଏପ୍ରିଲ ମାସର ପ୍ରଥମ ରବିବାରଠାରୁ ଏହି ଘୋଷଣା ହୋଇଛି ବୋଲି ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ କହିଛନ୍ତି।

### ୫ ଯବାନ ଶହୀଦ...

ନିକଟରେ ପହଞ୍ଚିବା ସମୟରେ ସେଠାରେ ପୂର୍ବରୁ ପ୍ରସ୍ତୁତ ଥିବା ମାଓବାଦୀମାନେ ଆଖିବୁଜା ଗୁଳିଚାଳନା କରିଥିଲେ। ଫଳରେ ଘଟଣାସ୍ଥଳରେ ୫ ଯବାନ ଶହୀଦ ହେବା ସହ ୨୪ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଖବର ପାଇ ପୋଲିସର ଏକ ସ୍ୱତନ୍ତ୍ର ଦଳ ଘଟଣାସ୍ଥଳରେ ପହଞ୍ଚିଥିଲା। ଏହି ଦଳ ଆହତଙ୍କୁ ଉଦ୍ଧାର କରି ଏକ ସ୍ୱତନ୍ତ୍ର ଏମ୍.ଆଇ. ୧୭ ହେଲିକପ୍ଟର ଯୋଗେ ରାୟପୁର ଚିକିତ୍ସା ପାଇଁ ନେଇଛି। ଘଟଣା ପରେ ଉକ୍ତ ଅଞ୍ଚଳରେ କମ୍ବିଂ ଅପରେଶନକୁ ଜୋରଦାର କରାଯାଇଛି। ମାଓବାଦୀ ନେତା ହିଡମାଙ୍କ ନେତୃତ୍ୱରେ ଏପରି ଆକ୍ରମଣ କରାଯାଇଥିବା ପ୍ରାଥମିକ ଅନୁଧ୍ୟାନରୁ ଜଣାପଡ଼ିଛି। ସୂଚନାଯୋଗ୍ୟ, ଗତମାସ ୨୩ରେ ଛତିଶଗଡ଼ର ନାରାୟଣପୁର ଜିଲାରେ ସୁରକ୍ଷା ବଳଙ୍କୁ ନେଇ ଯାଉଥିବା ଏକ ବସ୍‌କୁ ଟାର୍ଗେଟ କରି ମାଓବାଦୀମାନେ ଆଇଇଡି ବିସ୍ଫୋରଣ ଘଟାଇବାରୁ ୫ ଡିଆର୍‌ଜି ଯବାନ ଶହୀଦ ହୋଇଥିଲେ। ସେହିପରି ବିଜାପୁର ଜିଲାରେ ଗତ ମାସରେ ମାଓବାଦୀମାନେ ଜଣେ ଜିଲା ପରିଷଦ ସଦସ୍ୟଙ୍କୁ ହତ୍ୟା କରିବା ସହ କୋଣ୍ଡାଗାଁଓ ଜିଲାର ଧାନୋରାରେ ୧୧ଟି ଗାଡ଼ି ଜାଳି ଦେଇଥିଲେ।



ଅଭିନେତ୍ରୀ କରିସ୍ମା କପୁର ଆଜିକାଲି ଲାଇମଲାଇଟରୁ ଦୂରେଇ ରହିଛନ୍ତି। କିନ୍ତୁ ସୋସିଆଲ ମିଡିଆରେ ନିଜର ଫଟୋ ଏବଂ ଭିଡିଓ ଶେୟାର କରି ସବୁବେଳେ ପ୍ରଶଂସକଙ୍କ ସହ ଯୋଡିହୋଇ ରହିଥାନ୍ତି। କରୋନା କାରଣରୁ କରିସ୍ମା ବର୍ତ୍ତମାନ ଘରେ ପନିପରିବା ଧୋଇବା ଆରମ୍ଭ କରିଛନ୍ତି। ଏହାର ଫଟୋ ଏବଂ ଭିଡିଓ ସେ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଭିଡିଓରେ ତାଙ୍କୁ ଟମାଟୋ ଏବଂ କୋବି ଧୋଉଥିବାର ଦେଖିବାକୁ ମିଳୁଛି। ଏହାକୁ ପୋଷ୍ଟକରି ସେ କ୍ୟାପଶନରେ ଲେଖିଛନ୍ତି, ମୁଁ ଯେଉଁ କାମ କରିବାକୁ ସବୁଠୁ ବେଶୀ ଭଲପାଏ ସେହି କାମ କରୁଛି। ପରିବାକୁ ଧୋଇବା ଏବଂ ଶୁଖାଇବା। କରିସ୍ମାଙ୍କ ଏହି ପୋଷ୍ଟରେ ପ୍ରଶଂସକମାନେ ନିଜର ପ୍ରତିକ୍ରିୟା ରଖୁଛନ୍ତି।

# ଆପେଣ୍ଡିକ୍ସ ଥିଲେ ପ୍ରବେଶ ମନା

**ମନୁଷ୍ୟ ଶରୀରର ଏକ ଅନାବଶ୍ୟକ ଅଙ୍ଗ ହେଉଛି ଆପେଣ୍ଡିକ୍ସ। ଏହା ଯଦିଓ କୌଣସି ଜରୁରୀ କାମରେ ଆସେନାହିଁ, ତଥାପି ଏଥିରେ ସଂକ୍ରମଣ ହେଲେ ଖୁବ୍ ଯନ୍ତ୍ରଣାଦାୟକ। ଏପରି କି ଠିକ୍ ସମୟରେ ଚିକିତ୍ସା ନ କଲେ ମଣିଷର ମୃତ୍ୟୁ ଘଟିବା ଆଶଙ୍କା ବେଶୀ। ତେବେ ଆଣ୍ଟାର୍କଟିକାର 'ଭିଲାସ୍ ଲାସ୍ ଏଷ୍ଟ୍ରେଲାସ୍' ଗ୍ରାମରେ ଆପେଣ୍ଡିକ୍ସ ଥିଲେ ପ୍ରବେଶ ବାରଣ। ଏଠାକୁ ଦୀର୍ଘଦିନ ଧରି ରହିବା ଉଦ୍ଦେଶ୍ୟରେ ଆସୁଥିବା ବ୍ୟକ୍ତିଙ୍କୁ ଆପେଣ୍ଡିକ୍ସ ଅପରେଶନ କରିବା ଭଳି ଅଜବ ସର୍ତ୍ତ ମାନିବାକୁ ପଡ଼େ। ଜରୁରୀ ପରିସ୍ଥିତିକୁ ଏଡ଼ାଇବାକୁ ବୈଜ୍ଞାନିକ, ସୁରକ୍ଷା ବଳ ଏବଂ ସେମାନଙ୍କ ପରିବାର ଏଭଳି ନିୟମ ଆପଣାଇଥାଆନ୍ତି।**



**ନୂଆଦିଲ୍ଲୀ:** ନିଜ ଭିଟାମାଟିରେ ରହିବା ପାଇଁ କଟାଇବାକୁ ପଡ଼େ ଶରୀରର ଆଭ୍ୟନ୍ତରୀଣ ଅଙ୍ଗ। ପିଲାଠୁ ବୟସ୍କ ଯାଏ ସମସ୍ତଙ୍କ କ୍ଷେତ୍ରରେ ଏଭଳି ଅଜବ ନିୟମ ଲାଗୁ। ଆଣ୍ଟାର୍କଟିକାର 'ଭିଲାସ୍ ଲାସ୍ ଏଷ୍ଟ୍ରେଲାସ୍' ଗ୍ରାମରେ ପ୍ରବେଶ ପୂର୍ବରୁ ସର୍ଜରି କରି ଆପେଣ୍ଡିକ୍ସ ହଟାଇବାକୁ ପଡ଼େ। ଅନେକ ଦେଶରେ ପ୍ରବେଶ ପୂର୍ବରୁ ପାସପୋର୍ଟ, ପରିଚୟପତ୍ର ସହିତ କେତେକ ନିୟମ ମାନିବା ବାଧ୍ୟତାମୂଳକ। ତେବେ 'ଭିଲାସ୍ ଲାସ୍ ଏଷ୍ଟ୍ରେଲାସ୍'ର ସର୍ଜରି କରି ଆପେଣ୍ଡିକ୍ସ ହଟାଇବା ନିୟମ ଯେତିକି ଆଶ୍ଚର୍ଯ୍ୟଚକିତ, ସେତିକି ରୋଚକ ମଧ୍ୟ।

### କାହିଁକି ଏଭଳି ନିୟମ

'ଭିଲାସ୍ ଲାସ୍ ଏଷ୍ଟ୍ରେଲାସ୍'ରେ ଏଭଳି ଅଜବ ନିୟମ ପଛରେ ରହିଥିବା ପ୍ରମୁଖ କାରଣ ହେଉଛି ମେଡିକାଲ ସୁବିଧା। ଗ୍ରାମର ନିକଟତମ ହସ୍ପିଟାଲ କିଙ୍ଗ୍ ଜର୍ଜ ଆଇସ୍‌ଲାଣ୍ଡରେ ଅବସ୍ଥିତ, ଯାହା 'ଭିଲାସ୍ ଲାସ୍ ଏଷ୍ଟ୍ରେଲାସ୍'ଠାରୁ ପାଖାପାଖି ୧୦୦୦ କିଲୋମିଟର। ଏଠାରେ ପହଞ୍ଚିବାକୁ ହେଲେ ବରଫ ପାହାଡ଼, ବିପଦସଙ୍କୁଳ ରାସ୍ତା ଅତିକ୍ରମ କରିବାକୁ ପଡ଼େ। ସେହିପରି ଉକ୍ତ ଡାକ୍ତରଖାନାରେ ହାତଗଣତି ଡାକ୍ତର ନିଯୁକ୍ତି ପାଇଛନ୍ତି। ଜରୁରି କାଳୀନ ସମୟରେ ସେବା ଯୋଗାଇ ଦେବା ଲାଗି କୌଣସି ସର୍ଜନ ନାହାନ୍ତି। ତେଣୁ ଆପେଣ୍ଡିକ୍ସ ସଂକ୍ରମଣ ହେଲେ ଜୀବନ ଯିବା ଭୟ ରହୁଛି। ପୂର୍ବରୁ ଏଭଳି ଅନେକ ମାମଲାର ନଜିର ରହିଛି। ତେଣୁ ଧନଜୀବନ ସୁରକ୍ଷା ଦୃଷ୍ଟିରୁ 'ଭିଲାସ୍ ଲାସ୍ ଏଷ୍ଟ୍ରେଲାସ୍'ରେ ଦୀର୍ଘଦିନ ଧରି ରହୁଥିବା ବ୍ୟକ୍ତିଙ୍କ ଲାଗି ଏଭଳି ନିୟମ କରାଯାଇଛି।

### ରହିଛି ଚିଲିସେନାର ବେସ୍‌କ୍ୟାମ୍ପ

'ଭିଲାସ୍ ଲାସ୍ ଏଷ୍ଟ୍ରେଲାସ୍'ରେ ରହିଛି ଚିଲିସେନାର ବେସ୍‌କ୍ୟାମ୍ପ। ତେଣୁ ବିଭିନ୍ନ କାର୍ଯ୍ୟରେ ଏଠାକୁ ରୋଟେଶନଭିତ୍ତିରେ ସେନା କର୍ମଚାରୀ, ବିଶେଷଜ୍ଞ, ବୈଜ୍ଞାନିକ, ଡାକ୍ତର ଆସିଥାନ୍ତି। ସେମାନଙ୍କୁ ଦୀର୍ଘଦିନ ଧରି ଗ୍ରାମର ପ୍ରତିକୂଳ ପରିବେଶରେ ରହିବାକୁ ପଡ଼ିଥାଏ। ତେଣୁ ପରିବାର ସଦସ୍ୟ ମଧ୍ୟ ସେମାନଙ୍କ ସହ ଆସି ରୁହନ୍ତି। ହାତପାହାନ୍ତାରେ ସ୍ୱାସ୍ଥ୍ୟସେବା ଉପଲବ୍ଧ ନ ଥିବାରୁ ସମସ୍ତଙ୍କ ସ୍ୱାସ୍ଥ୍ୟ ଉପରେ ସ୍ୱତନ୍ତ୍ର ଯତ୍ନ ରଖାଯାଇଥାଏ, ଯେପରି କୌଣସି ଜରୁରୀ ପରିସ୍ଥିତି ସୃଷ୍ଟି ନ ହୁଏ।

## ଅଜବ ଗାଁ 'ଭିଲାସ୍ ଲାସ୍ ଏଷ୍ଟ୍ରେଲାସ୍'

### ରହିବା ପାଇଁ ସର୍ତ୍ତ

ଆପେଣ୍ଡିକ୍ସ ଅନ୍ତଃନଳୀ ସହିତ ସଂଯୁକ୍ତ ଏକ ଅନାବଶ୍ୟକ ଅଙ୍ଗ। ଏହାକୁ ଡାକ୍ତରୀ ଭାଷାରେ ଆପେଣ୍ଡିସାଇଟ୍‌ସ କୁହାଯାଏ। ଏହାର ଗୋଟିଏ ପାର୍ଶ୍ୱ ନିବୁଜ ଏବଂ ଅନ୍ୟ ପାର୍ଶ୍ୱଟି ଖୋଲା। ଅନେକ ସମୟରେ ଖାଦ୍ୟ କଣିକା ଏହା ଭିତରେ ପଶିଯାଇ ଶଢ଼ିବା ଆରମ୍ଭ କରେ। ଫଳରେ ଆପେଣ୍ଡିକ୍ସ ସଂକ୍ରମିତ ହୋଇଯାଏ। ଏପରି ହେଲେ ଏହା ଫାଟିବା ଆଶଙ୍କା ବଢ଼ିଯାଏ, ଯାହା ରୋଗୀଙ୍କୁ ମୃତ୍ୟୁ ମୁଖକୁ ଟାଣିନିଏ। ଯେହେତୁ 'ଭିଲାସ୍ ଲାସ୍ ଏଷ୍ଟ୍ରେଲାସ୍'ରେ ଚିକିତ୍ସା ସୁବିଧା ନାହିଁ, ତେଣୁ ଜରୁରିକାଳୀନ ପରିସ୍ଥିତି ଏଡ଼ାଇବାକୁ ଏଠାରେ ଆପେଣ୍ଡିକ୍ସ ଅପରେଶନ କରିବା ବାଧ୍ୟତାମୂଳକ କରାଯାଇଛି।

ସେହିପରି ଏଠାରେ ଥିବା ଚିଲି ମିଲିଟାରି ବେସ୍‌ରେ ଯବାନମାନେ ସପରିବାର ରୁହନ୍ତି। ବିଭିନ୍ନ କାର୍ଯ୍ୟରେ ନେଭି, ଏୟାରଫୋର୍ସ, ବୈଜ୍ଞାନିକ ମଧ୍ୟ ଆସି ବର୍ଷ ବର୍ଷ ଧରି ରହିଥାନ୍ତି। ଏଭଳିସ୍ଥିତିରେ ଯବାନଙ୍କ ସ୍ତ୍ରୀମାନେ ଗର୍ଭବତୀ ହେବା ସମ୍ଭାବନା ରହିଥାଏ। ହେଲେ ଚିକିତ୍ସା ସୁବିଧା ନ ଥିବାରୁ ସେମାନଙ୍କୁ ମାତୃତ୍ୱ ଲାଭ ନ କରିବାକୁ ପରାମର୍ଶ ଦିଆଯାଇଥାଏ।

### ଅନେକ ସୁବିଧା ଉପଲବ୍ଧ

'ଭିଲାସ୍ ଲାସ୍ ଏଷ୍ଟ୍ରେଲାସ୍'ରେ ଉନ୍ନତ ସ୍ୱାସ୍ଥ୍ୟସେବା ମିଳେନାହିଁ। ହେଲେ ଲୋକମାନଙ୍କ ଜୀବନଜୀବିକା ଲାଗି ରାଶନ ଦୋକାନ, ଫଳ ଦୋକାନ, ବ୍ୟାଙ୍କ, ସ୍କୁଲ, ପୋଷ୍ଟଅଫିସ, ପ୍ରାଥମିକ ଚିକିତ୍ସାଳୟ ଗଢ଼ିଉଠିଛି। ଏଠାରେ ଥିବା ସ୍କୁଲରେ କେବଳ ପ୍ରାଥମିକ ଶିକ୍ଷା ଦିଆଯାଏ। ଅଞ୍ଚଳର ପ୍ରତିକୂଳ ପରିବେଶ ପାଇଁ ଲମ୍ବା ଅବଧି ଲାଗି ଡାକ୍ତର ଆସିବାକୁ ଅମଙ୍ଗ ହୋଇଥାଆନ୍ତି। ତେଣୁ ଡାକ୍ତରଖାନାରେ ଛୋଟମୋଟ ବେମାର, ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କ ଚିକିତ୍ସା ସୁବିଧା ମିଳିଥାଏ। ଏଠାକାର ସର୍ବାଧିକ ତାପମାତ୍ରା ୨.୩ ଡିଗ୍ରୀ ହିଁ ହୋଇଥାଏ। ବର୍ଷର ଅଧିକାଂଶ ସମୟ ବରଫ ଢାଙ୍କି ହୋଇ ରହିଥିବାରୁ ପବ୍ଲିକ୍ ଟ୍ରାନ୍ସପୋର୍ଟ ସୁବିଧା ନାହିଁ। ଯାତାୟାତ ଲାଗି ମୁଖ୍ୟତଃ ଟ୍ରକ୍ ଏବଂ ରାଫ୍ଟିଙ୍ଗ୍ ବୋଟ୍ ବ୍ୟବହାର କରାଯାଏ। ଏଠାରେ ବସବାସ କରିବା ଚ୍ୟାଲେଞ୍ଜିଂ ହୋଇଥିବାବେଳେ ସ୍ୱତନ୍ତ୍ର ଧରଣର ଘର ନିର୍ମାଣ କରାଯାଇଥାଏ। ଏଭଳି ଘର ମୁଖ୍ୟତଃ ସେନା ଅଧିକାରୀମାନେ ନିର୍ମାଣ କରିଥାଆନ୍ତି।

# ବଲିଉଡ୍‌ରେ ମନ୍ଦାନାଙ୍କ ଡେବ୍ୟୁ



**ମୁମ୍ବାଇ:** ଟଲିଉଡ୍‌ର ହିଟ ନାୟିକା ରଶ୍ମିକା ମନ୍ଦାନା ବଲିଉଡ୍‌ରେ ଡେବ୍ୟୁ କରିବେ। ବିଗ୍ ବି ଅମିତାଭ ବଚ୍ଚନଙ୍କ ସହ ସେ ଫିଲ୍ମ 'ଗୁଡ୍ ବାଏ'ରେ ନଜର ଆସିବେ। ଏନେଇ ଘୋଷଣା କରିଛନ୍ତି ଏକତା କପୁର। ଏହାଛଡ଼ା ସିଦ୍ଧାର୍ଥ ମଲହୋତ୍ରାଙ୍କ ବିପକ୍ଷରେ 'ମିଶନ ମଜନୁ'ରେ ନଜର ଆସିବେ ରଶ୍ମିକା। ତେଣୁ ଗୋଟିଏ ନୁହେଁ ଦୁଇ ଦୁଇଟି ଫିଲ୍ମ ମାଧ୍ୟମରେ ସେ ବଲିଉଡ୍ ଏଣ୍ଟ୍ରି କରିବାକୁ ଯାଉଥିବାକୁ ନେଇ ପ୍ରଶଂସକମାନେ ବେଶ୍ ଖୁସି ପ୍ରକାଶ କରିଛନ୍ତି। ୨୦୧୬ରେ କନ୍ନଡ ଫିଲ୍ମ 'କିରିକ ପାର୍ଟି' ଜରିଆରେ ଅଭିନୟ ଜୀବନ ଆରମ୍ଭ କରିଥିଲେ ରଶ୍ମିକା। ପରେ ସେ ୨୦୧୮ରେ ଫିଲ୍ମ 'ଚଲୋ'ରୁ ତେଲୁଗୁ ଡେବ୍ୟୁ କରିଥିଲେ। ଏହାଛଡ଼ା ଫିଲ୍ମ 'ଡିଅର କୋମ୍ରେଡ'ରେ ବିଜୟ ଦେବରାକୋଣ୍ଡାଙ୍କ ବିପକ୍ଷରେ ତାଙ୍କ ଅଭିନୟକୁ ବେଶ ପ୍ରଶଂସା କରାଯାଇଥିଲା। ଫିଲ୍ମଟି ସେତେବେଳେ ହିଟ୍ ହୋଇଥିଲା। ନିକଟରେ ମହେଶ ବାବୁଙ୍କ ସହ 'ସାରିଲେରୁ ନିକେଭାରୁ' ସହ ସହ ନଜର ଆସିଥିଲେ ରଶ୍ମିକା। ଆଗାମୀ ଦିନରେ ଏହି ଅଭିନେତ୍ରୀଙ୍କ ରୋମାଣ୍ଟିକ ଡ୍ରାମା 'ଭିସ୍ମା' ରିଲିଜ ହେବ। ଏଥିରେ ଲିଡ ରୋଲ୍‌ରେ ଅଭିନେତା ନୀତିନଙ୍କ ସହ ସେ ନଜର ଆସିବେ। ଏହାଛଡ଼ା ରଶ୍ମିକା ଆଲ୍ଲୁ ଅର୍ଜୁନଙ୍କ ଫିଲ୍ମ 'ଏଏ୨୦'ରେ କାମ କରୁଛନ୍ତି। ତାମିଲ, ତେଲୁଗୁ, କନ୍ନଡ ଭାଷୀୟ ଫିଲ୍ମରେ କାମ କରି ବାହାବା ସାଉଁଟିଛନ୍ତି ରଶ୍ମିକା। ଏବେ ବଲିଉଡ୍‌ରେ ସେ କି କମାଲ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଗଜପତି, ଗଞ୍ଜାମ, କନ୍ଧମାଳ, ବୌଦ୍ଧ, ଅନୁଗୋଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ଖୋର୍ଦ୍ଧା, ପୁରୀ, ନୟାଗଡ଼ ଆଦି ଜିଲାର କେତେକ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ଅନ୍ୟସ୍ଥାନରେ ପାଗ ଶୁଖିଲା ରହିବ। ଦିନର ସର୍ବାଧିକ ତାପମାତ୍ରା ୨ ଡିଗ୍ରୀ ସେଲ୍‌ସିୟସ ହ୍ରାସ ପାଇପାରେ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ସାମାନ୍ୟ ମେଘୁଆ ରହିପାରେ। କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ରବିବାର ସର୍ବୋଚ୍ଚ ତାପମାତ୍ରା ୩୫ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୦ | ୨୬.୧ |
| ଚାନ୍ଦବାଲି | ୩୫.୪ | ୨୪.୮ |
| କଟକ | ୩୬.୦ | ୨୫.୪ |
| ପାରାଦୀପ | ୩୨.୦ | ୨୭.୩ |
| ଭୁବନେଶ୍ୱର | ୩୭.୪ | ୨୬.୦ |
| ଗୋପାଳପୁର | ୩୨.୬ | ୨୭.୪ |
| ପୁରୀ | ୩୩.୬ | ୨୭.୪ |
| ଅନୁଗୋଳ | ୩୮.୭ | ୨୫.୬ |
| ବାରିପଦା | ୩୯.୦ | ୨୪.୫ |
| ଝାରସୁଗୁଡ଼ା | ୩୯.୬ | ୨୨.୮ |
| କେନ୍ଦୁଝର | ୩୬.୪ | ୨୨.୬ |
| ସମ୍ବଲପୁର | ୩୯.୯ | ୨୬.୧ |
| ସୁନ୍ଦରଗଡ଼ | ୪୦.୦ | ୨୨.୦ |
| ହୀରାକୁଦ | ୩୭.୪ | ୨୪.୬ |
| ତାଳଚେର | ୩୮.୭ | ୨୪.୦ |
| ଭବାନୀପାଟଣା | ୩୯.୫ | ୨୬.୨ |
| ବଲାଙ୍ଗୀର | ୪୦.୦ | ୨୨.୦ |
| କୋରାପୁଟ | ୩୫.୦ | ୨୨.୪ |
| ଫୁଲବାଣୀ | ୩୭.୦ | ୨୨.୫ |
| ଟିଟିଲାଗଡ଼ | ୪୦.୦ | ୨୫.୮ |
| ମାଲକାନଗିରି | ୪୦.୫ | ୨୩.୫ |
| ସୋନପୁର | ୩୮.୫ | ୨୬.୪ |
| ଦାରିଙ୍ଗିବାଡ଼ି | ୩୨.୦ | ୨୧.୦ |
| ନୟାଗଡ଼ | ୩୭.୦ | ୨୫.୫ |
| ବୌଦ୍ଧ | – | ୧୯.୦ |
| ଛତ୍ରପୁର | ୩୨.୦ | ୨୨.୫ |
| ପାରଳାଖେମୁଣ୍ଡି | ୩୩.୦ | ୨୦.୦ |
| ରାୟଗଡ଼ା | ୩୪.୮ | ୨୧.୦ |

ଡିଗ୍ରୀ ସେଲ୍‌ସିୟସ୍

# ମଇଁଷି ଖାଉଛି ସ୍ୟାଣ୍ଡୱିଚ୍

**ନୂଆଦିଲ୍ଲୀ:** ମଇଁଷି ଘାସ ଖାଇବା କିମ୍ବା ଦାନା ଚୋକଡ଼ ଆଦି ଖାଇବାର ଆପଣ ହୁଏତ ଦେଖିଥିବେ। କିନ୍ତୁ ମଇଁଷି ମଲ୍‌ଟିଗ୍ରେନ୍ ସ୍ୟାଣ୍ଡୱିଚ୍ ଖାଉଛି, ଏକଥା ହୁଏତ ଖୁବ କମ୍ ଲୋକେ ଜାଣିଥିବେ। ଏଭଳି ଭିନ୍ନ ଖାଦ୍ୟ ଖାଉଥିବା ଏକ ମଇଁଷି ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

ବିଭିନ୍ନ ପ୍ରାଣୀଙ୍କ ନିଆରା ସଉକ ଏବେ ସୋସିଆଲ ମିଡିଆରେ ଏକ ଟ୍ରେଣ୍ଡ ପାଲଟିଛି। କୁକୁର, ବିଲେଇ ଭଳି ପ୍ରାଣୀଙ୍କ ପରେ ଏବେ ଏକ ମଇଁଷିର ସ୍ୟାଣ୍ଡୱିଚ ଖାଇବା ଅଭ୍ୟାସ ସୋସିଆଲ ସାଇଟ୍‌ରେ ଭାଇରାଲ ହେଉଛି। ଏମିତିକି ମଇଁଷିଟି ଖାଲି ବ୍ରେଡ ବି ଖାଉନାହିଁ। ଖାଲି ବ୍ରେଡ୍ ଦେଲେ ସେ ମୁହଁମୋଡ଼ି ଦେଉଛି। କିନ୍ତୁ ମଲ୍‌ଟିଗ୍ରେନ ସ୍ୟାଣ୍ଡୱିଚ୍ ଦେଲେ ସେ ଅତ୍ୟନ୍ତ ଆଗ୍ରହର ସହିତ ଖାଉଥିବା ଭିଡିଓରେ ଦେଖିବାକୁ ମିଳିଛି। ଏଥିରୁ ଜଣାପଡୁଛି ଯେ, ମଇଁଷିଟି ମଧ୍ୟ ମଣିଷଙ୍କ ଭଳି ଚଟ୍‌ପଟି ମସଲାଯୁକ୍ତ ଖାଦ୍ୟ ଖାଇବାକୁ ପସନ୍ଦ କରୁଛି। ମଇଁଷିର ଏମିତି ଏକ ଭିଜୁଆଲକୁ ପ୍ରଥମେ ଫୁଡ୍ ବ୍ଲଗର ଆମର ସିରୋହୀ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଶେୟାର କରିଥିଲେ। ଏହାପରେ ଏହି ଭିଜୁଆଲଟି ଭାଇରାଲ ହେବାରେ ଲାଗିଛି। ମଇଁଷି ପାଇଁ ପ୍ରସ୍ତୁତ ହେଉଥିବା ସ୍ୟାଣ୍ଡୱିଚ୍‌ରେ ପ୍ରଥମେ ଚଣାଗୁଣ୍ଡ, ସୋୟାବିନ୍ ଖଣ୍ଡ, ଓଟ୍‌ସ, ଦେଶୀ ଘିଅ, ଗହମ, ରୁଟିଗହମ, ଚୋକଡ଼ ଏବଂ ଆଖୁ ଆଦି ଦିଆଯାଇଥାଏ। ଏସବୁ ବ୍ୟତୀତ ମଇଁଷିକୁ ଭରପୂର ପୋଷଣ ପାଇଁ ଭିଟାମିନ୍ ଏଚ୍ ମଧ୍ୟ ଦିଆଯାଉଛି। ଭିଡିଓଟି ୩ ମିନିଟ୍ ୧୫ ସେକେଣ୍ଡର ଏବଂ ଏବେ ଏହାକୁ ୮୭ ହଜାରରୁ ଅଧିକ ଲୋକ ଦେଖିସାରିଲେଣି। ସୋସିଆଲ ମିଡିଆରେ ମଇଁଷିର ଏଭଳି ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଦେଖି ଲୋକେ ସୁନ୍ଦର ସୁନ୍ଦର କମେଣ୍ଟ ଦେଉଛନ୍ତି।




# କଫିନ୍‌ରେ ୫୦ ଘଣ୍ଟା ରହିଲେ ୟୁଟ୍ୟୁବର

**ୱାଶିଂଟନ:** ୟୁଟ୍ୟୁବ୍‌ରେ ପ୍ରତିଦିନ ନୂଆ ନୂଆ ଘଟଣା ସମ୍ପର୍କରେ ଭିଡ଼ିଓ ଅପଲୋଡ ହେଉଛି। ସମ୍ପ୍ରତି ଆମେରିକାର ଜଣେ ୟୁଟ୍ୟୁବର ମାଟି ତଳେ କଫିନ୍‌ରେ ୫୦ ଘଣ୍ଟା ରହିଥିବାର ଭିଡ଼ିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ସେ ହେଉଛନ୍ତି ଜଣାଶୁଣା ୟୁଟ୍ୟୁବର ଜିମ୍ମି ଡୋନାଲ୍ଡସନ। ତାଙ୍କ କଫିନ୍‌ରେ କ୍ୟାମେରା ଏବଂ ଲାଇଟ ଲଗାଯାଇଥିଲା। ଏହାପରେ କଫିନ୍‌କୁ ମାଟିରେ ପୋତି ଦିଆଯାଇଥିଲା। ଦୁଇ ଦିନରୁ ଅଧିକ ସମୟ ଧରି ମାଟି ତଳେ କଫିନ୍‌ରେ ରହିଥିବା ଜିମ୍ମିଙ୍କ ଭିଡ଼ିଓ ନେଇ ଏବେ ସୋସିଆଲ ମିଡ଼ିଆରେ ୫ କୋଟିରୁ ଅଧିକ ଥର ଦେଖା ସରିଲାଣି। କଫିନ୍‌ରେ ରହି ଜିମ୍ମି ନିଜ ବନ୍ଧୁମାନଙ୍କ ସହିତ କଥାବାର୍ତ୍ତା ହେଉଥିବାର ଭିଡ଼ିଓରେ ଦେଖିବାକୁ ମିଳୁଛି। ଜିମ୍ମି ମିଷ୍ଟର ବିଷ୍ଟ ଭାବେ ବେଶ ପରିଚିତି ହାସଲ କରିଛନ୍ତି। ଏହି ଭିଡ଼ିଓକୁ ଅନ୍ୟ ସୋସିଆଲ ମିଡ଼ିଆରେ ମଧ୍ୟ ଶେୟାର କରାଯାଉଛି।

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**



**ଅନାଘା ସାହୁ**
ଭୁବନେଶ୍ୱର, ସୁନ୍ଦରପଦା
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
–:ଶୁଭେଚ୍ଛା ସହ:–
ପିତା: ଚନ୍ଦନ ପ୍ରସାଦ ସାହୁ, ମାତା: ରୂପଶ୍ରୀ ସାହୁ, ଭାଇ-ଭଉଣୀ, ମଉସା- ମାଉସୀ, ମାମୁ- ମାଇଁ, ଅଜା, ସ୍ୱର୍ଗତା ଆଈ, ଜେଜେବାପା- ଜେଜେମାଆ, ପିଉସା- ପିଉସୀ, ବଡ଼ବାପା- ବଡ଼ମାଆ, ଦାଦା-ଖୁଡ଼ୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୨୦୪୧୨

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**GALAXY TOWER**
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

**SMS JOB**
Send SMS, Earn Money
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ 15000/- ରୁ 45000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

**ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ**
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
ବାବା କମଲ୍ ଖାନ୍
କଳାଯାଦୁର ଅଧିକାରୀ
7699180736
8800979262
Near Bus Stand

**ଛତୁ ବହି**
"ମୋ ଛତୁ ଚାଷ"
ପାଳଛତୁ ଏବଂ ଧିଙ୍ଗିରି ଛତୁ ଚାଷର ସମ୍ପୂର୍ଣ୍ଣ ପ୍ରଣାଳୀ, ରୋଗ ଲକ୍ଷଣ ଓ ତାର ସମାଧାନ, ପ୍ରଶ୍ନୋତ୍ତର ଏବଂ ମଞ୍ଜି ତିଆରିର ସମ୍ପୂର୍ଣ୍ଣ ତଥ୍ୟ ଏହି ବହିରେ ଦିଆଯାଇଅଛି ।
Book Cost only Rs 300/-
G Pay PhonePe 7477040026
Contact / WhatsApp : 8249069673
Author : Mr. Sisir Kumar Singh
For FOGGER SYSTEM & HUMIDIFIER please contact with above number
Also available at AMAZON, type Mo Chhatu Chasa

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ନବମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**Late Bhaskar Chandra Seet**
(Ex-B.D.O, D.P.O & V.F.I, National Refree), Dhansimulia, Balasore
ଆବିର୍ଭାବ: ୧୧।୦୬।୧୯୪୮
ତିରୋଧାନ: ୧୪।୦୩।୨୦୧୨
ସ୍ୱର୍ଗଦ୍ୱାରରେ ଆପଣଙ୍କ ଶରୀର ପଞ୍ଚଭୂତରେ ବିଲୀନ ହୋଇଯିବା ନଅବର୍ଷ ହୋଇଗଲା। ଆପଣଙ୍କ ଅବର୍ତ୍ତମାନରେ ଆପଣଙ୍କ ସାଧୁତା, ତ୍ୟାଗ, ନିଷ୍ଠା, ସ୍ନେହ, ପରୋପକାରିତା ଓ ଈଶ୍ୱର ଭକ୍ତି ଆମ ଜୀବନର ପାଥେୟ। ଆପଣଙ୍କ ଅନ୍ତର ଆତ୍ମାର ସଦ୍‌ଗତି ନିମନ୍ତେ ଆମ୍ଭେ ଈଶ୍ୱରଙ୍କ ପାଖରେ ପ୍ରାର୍ଥନା କରୁଛୁ।
–:ଶୋକସନ୍ତପ୍ତ:–
ପତ୍ନୀଙ୍କ ସହ ବାବୁ, ମିଟୁ, ବେବି, ପିଙ୍କୁ, ମୀନୁ, ପପି, ବାପୁନି ତଥା ପରିବାରବର୍ଗ, ବନ୍ଧୁ ପରିଜନ ଓ ଆତ୍ମୀୟସ୍ୱଜନ
ଧ-୨୦୪୧୦

**ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ରମେଶ ଚନ୍ଦ୍ର ସ୍ୱାଇଁ**
ଗାଡ଼କଣ, ଭୁବନେଶ୍ୱର, ଖୋର୍ଦ୍ଧା
ଆବିର୍ଭାବ:୧୭।୦୮।୧୯୫୯
ତିରୋଧାନ:୦୯।୦୩।୨୦୧୮
ଚୈତ୍ରମାସ, କୃଷ୍ଣପକ୍ଷ, ଅଷ୍ଟମୀ ତିଥି
ଆପଣଙ୍କର ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା।
–:::ଆପଣଙ୍କ:::–
ପତ୍ନୀ, ପୁତ୍ର, ପୁତ୍ରବଧୂ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୭୦୯୧୪

# କୁକୁର ବେକରେ ରଙ୍ଗିନ କଲାର

**ହାଇଦ୍ରାବାଦ:** ବୁଲା କୁକୁର ବେକରେ ପିନ୍ଧୁଛନ୍ତି ରଙ୍ଗିନ କଲାର। ସେମାନଙ୍କୁ ଏଭଳି ରଙ୍ଗିନ କଲାର ପିନ୍ଧାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି। ବୁଲା କୁକୁରଙ୍କ ଜୀବନ ରକ୍ଷା ସହିତ ରାସ୍ତା ଦୁର୍ଘଟଣା କମ୍ କରିବା ଲକ୍ଷ୍ୟରେ ଏଭଳି କଲାରପିନ୍ଧା କାର୍ଯ୍ୟକ୍ରମ କରାଯାଉଛି ହାଇଦ୍ରାବାଦରେ।

ବୁଲା କୁକୁରଙ୍କୁ ରଙ୍ଗିନ ଏବଂ ଚକ୍‌ଚକ୍ କରୁଥିବା କଲାର ପିନ୍ଧାଯାଉଛି ହାଇଦ୍ରାବାଦରେ। ଏଠାରେ ଏକ ଏନ୍‌ଜିଓ ମାଧ୍ୟମରେ କୁକୁରଙ୍କୁ ଏଭଳି କଲାର ପିନ୍ଧାଇ ସେମାନଙ୍କ ଜୀବନ ରକ୍ଷା ସହିତ ଦୁର୍ଘଟଣା ରୋକିବାର ପ୍ରୟାସ ଆରମ୍ଭ ହୋଇଛି। କୁକୁରଙ୍କୁ କଲାର ପିନ୍ଧାଇବା ଫଳରେ ସେମାନେ ଦୂରରେ ମଧ୍ୟ ଅଛନ୍ତି ବୋଲି ଜଣାପଡିଯିବ। ତେଣୁ ରାସ୍ତା ଉପରକୁ ଚାଲିଆସିଲେ ଗାଡ଼ି ଚଳାଉଥିବା ବ୍ୟକ୍ତି ସାବଧାନ ହୋଇପାରିବେ ଏବଂ ଦୁର୍ଘଟଣା ବି ହେବ ନାହିଁ। ଏମିତି ଏକ ଉଦ୍ଦେଶ୍ୟ ରଖି ଏବେ ହାଇଦ୍ରାବାଦରେ ସବୁ କୁକୁରଙ୍କୁ କଲାର ପିନ୍ଧାଇବା ପାଇଁ ଯୋଜନା କରୁଛି ଏନ୍‌ଜିଓ। କୁକୁରଙ୍କ ପାଇଁ ତିଆରି ହୋଇଥିବା ଏହି କଲାର ଏକଦମ୍ ହାଲୁକା ଏବଂ ସେମାନଙ୍କ ପାଇଁ ନିରାପଦ ମଧ୍ୟ। ଭିନ୍ନ କଥା ହେଉଛି, ଏହି କଲାରରୁ ଆଲୋକ ପ୍ରତିଫଳନ ହେଉଥିବାରୁ ଏହା ଦୂରରୁ ସହଜରେ ଦେଖିହୁଏ। ବୁଲା କୁକୁରଙ୍କ ପାଇଁ ଅନେକ ସମୟରେ ବିଭିନ୍ନ ସ୍ଥାନରେ ଭୟଙ୍କର ଦୁର୍ଘଟଣା ଘଟିଥାଏ। ଏବେ ରାସ୍ତାରେ ଯାନବାହନ ସଂଖ୍ୟା ଧୀରେ ଧୀରେ ବୃଦ୍ଧି ପାଉଥିବାରୁ ଏଭଳି ଦୁର୍ଘଟଣା ସଂଖ୍ୟା ମଧ୍ୟ ବଢ଼ିବାର ସମ୍ଭାବନା ରହିଛି। ତେଣୁ ଏଭଳି ସମସ୍ୟା ଦୂର କରିବା ପାଇଁ ଏବେ ଏହି ଏନ୍‌ଜିଓର ଉଦ୍ୟମ ବେଶ୍ ଫଳପ୍ରଦ ହୋଇପାରିବ ବୋଲି ମତ ପ୍ରକାଶ ପାଇଛି।



# ବିବାହ ଗାଉନରେ ୱାର୍ଲ୍ଡ ରେକର୍ଡ



**ନିକୋସିଆ:** ସାଇପ୍ରସରେ ଜଣେ କନ୍ୟା ନିଜ ବିବାହରେ ଏମିତି ଏକ ପୋଷାକ ପିନ୍ଧି ୱାଲର୍ଡ ରେକର୍ଡ ସୃଷ୍ଟି କରିଛନ୍ତି। ମାରିୟା ପରସ୍କେଭା ନାମ୍ନୀ ଏହି କନ୍ୟା ବିବାହରେ ପ୍ରାୟ ୭ କି.ମି. ଲମ୍ବା ଗାଉନ୍ ପିନ୍ଧି ଗିନିଜ ବୁକ ଅଫ ରେକର୍ଡସରେ ସ୍ଥାନ ହାସଲ କରିଛନ୍ତି। ଏତେ ଲମ୍ବା ଗାଉନ ପିନ୍ଧିବା ପାଇଁ ମାରିୟାଙ୍କୁ ୬ ଘଣ୍ଟା ସମୟ ଲାଗିଥିଲା ଏବଂ ୩୦ ଲୋକ ତାଙ୍କ ପୋଷାକ ଧରିଥିଲେ। ଲମ୍ବା ବିବାହ ପୋଷାକ ପିନ୍ଧି ରେକର୍ଡ କରିବା ତାଙ୍କର ସ୍ୱପ୍ନ ଥିଲା ବୋଲି ମାରିୟା କହିଛନ୍ତି।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

# ଶ୍ରୀଲଙ୍କା-ୱେଷ୍ଟଇଣ୍ଡିଜ ଟେଷ୍ଟ ସିରିଜ ଡ୍ର

**ନର୍ଥ ସାଉଣ୍ଡ (ଆଣ୍ଟିଗୁଆ),୩।୪**

ସ୍ଥାନୀୟ ଭିଭିଆନ ରିଚାର୍ଡ୍ସ ଷ୍ଟାଡିୟମରେ ୱେଷ୍ଟଇଣ୍ଡିଜ ଓ ଭ୍ରମଣକାରୀ ଶ୍ରୀଲଙ୍କା ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ ଶନିବାର ଅମୀମାଂସିତ ରହିଛି। ଶ୍ରୀଲଙ୍କାର ଦୁଇ ଓପନର ଲାହିରୁ ଥିରିମାନେ ଓ ଅଧିନାୟକ ଦିମୁଥ କରୁଣାରତ୍ନେ ପ୍ରଥମ ଉଇକେଟରେ ୧୦୧ ରନର ଶତକୀୟ ଭାଗୀଦାରି କରି ମ୍ୟାଚ୍‌କୁ ଡ୍ର ରଖିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ପୂର୍ବରୁ ଏହି ଗ୍ରାଉଣ୍ଡରେ ଖେଳାଯାଇଥିବା ପ୍ରଥମ ଟେଷ୍ଟ ମଧ୍ୟ ଅମୀମାଂସିତ ରହିଥିଲା। ଫଳରେ ଦୁଇ ମ୍ୟାଚ ବିଶିଷ୍ଟ ଏହି ସିରିଜ ୦-୦ ବ୍ୟବଧାନରେ ଡ୍ର ରହିଛି। ପ୍ରଥମ ଇନିଂସରେ ୧୨୬ ରନର ଶତକୀୟ ଇନିଂସ ଓ ଦ୍ୱିତୀୟ ଇନିଂସରେ ୮୫ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ଘରୋଇ ଓପନର କ୍ରେଗ୍ ବ୍ରାଥୱେଟ୍ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ସେହିପରି ସାରା ସିରିଜରେ ସ୍ଥିର ପ୍ରଦର୍ଶନ କରିଥିବା ଶ୍ରୀଲଙ୍କା ଦ୍ରୁତ ବୋଲର ସୁରଙ୍ଗା ଲାକମଲ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି।



ଶ୍ରୀଲଙ୍କା ଦ୍ୱିତୀୟ ଇନିଂସର ପ୍ରଥମ ଉଇକେଟରେ ୧୦୧ ରନର ପାର୍ଟନରଶିପ୍ ଅବସରରେ ଓପନର ଦିମୁଥ କରୁଣାରତ୍ନେ ଓ ଲାହିରୁ ଥିରିମାନେ।

ଟସ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସରେ ୩୫୪ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଶ୍ରୀଲଙ୍କା ୨୫୮ ରନକରି ଅଲଆଉଟ ହୋଇଥିଲା। ଫଳରେ ୱେଷ୍ଟଇଣ୍ଡିଜ ୯୬ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ଇନିଂସରେ ୱେଷ୍ଟଇଣ୍ଡିଜ ୪ ଉଇକେଟ ହରାଇ ୨୮୦ ରନ କରି ଇନିଂସ ଘୋଷଣା କରିଥିଲା। ଫଳରେ ଶ୍ରୀଲଙ୍କା ସମ୍ମୁଖରେ ୩୭୭ ରନର ବିଜୟଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଶ୍ରୀଲଙ୍କା ଦ୍ୱିତୀୟ ଇନିଂସ ଆରମ୍ଭ କରି ପଞ୍ଚମ ତଥା ଅନ୍ତିମ ଦିବସ ଖେଳ ଶେଷ ସୁଦ୍ଧା ୭୯ ଓଭରରେ ୨ ଉଇକେଟ ହରାଇ ୧୯୩ ରନ ସଂଗ୍ରହ କରିଥିଲା। ଓଶାଡା ଫର୍ନାଣ୍ଡୋ ୬୬ ଓ ଦୀନେଶ ଚାଣ୍ଡିମଲ ୧୦ ରନକରି ଅପରାଜିତ ରହିଥିଲେ। ତେବେ ଶତକୀୟ ଭାଗୀଦାରି ସ୍ଥାପନ କରିଥିବା ଦୁଇ ଓପନର ଥିରିମାନେ ୩୯ ଓ କରୁଣାରତ୍ନେ ୭୫ ରନ ସଂଗ୍ରହ କରି ଯଥାକ୍ରମେ ଅଲଜାରି ଜୋଶେଫ ଓ କାଏଲ ମେୟର୍ସଙ୍କ ଦ୍ୱାରା ଆଉଟ ହୋଇଥିଲେ। ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୨୯/୦ରୁ ଶ୍ରୀଲଙ୍କା ଖେଳ ଆରମ୍ଭ କରିଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ଥିରିମାନେ ୧୭ ଓ କରୁଣାରତ୍ନେ ୧୧ରୁ ଖେଳ ଆରମ୍ଭ କରି ଶନିବାର ଆଉଟ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର:**

ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ: ୧୧୧.୧ ଓଭରରେ ୩୫୪ ଅଲଆଉଟ।

ଶ୍ରୀଲଙ୍କା ପ୍ରଥମ ଇନିଂସ: ୧୦୭ ଓଭରରେ ୨୫୮ ଅଲଆଉଟ।

ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସ: ୭୨.୪ ଓଭରରେ ୨୮୦/୪ (ଇନିଂସ ଘୋଷଣା)

ଶ୍ରୀଲଙ୍କା ଦ୍ୱିତୀୟ ଇନିଂସ: ୭୯ ଓଭରରେ ୧୯୩/୨

(ଓଶାଡ଼ା ଫର୍ନାଣ୍ଡୋ- ୬୬*, ଦୀନେଶ ଚାଣ୍ଡିମଲ- ୧୦*, କରୁଣାରତ୍ନେ- ୭୫, ଥିରିମାନେ- ୩୯, ଜୋଶେଫ୍- ୧/୩୩, ମେୟର୍ସ- ୧/୫)।

# ଖୋର୍ଦ୍ଧା କପ୍ ଟି୨୦ ଆଜିଠାରୁ



ଖବରଦାତା ସମ୍ମିଳନୀରେ ଟୁର୍ନାମେଣ୍ଟ ଆୟୋଜକ କମିଟିର ସଦସ୍ୟମାନେ।

**ଖୋର୍ଦ୍ଧା ଅଫିସ,୩।୪**

ଖୋର୍ଦ୍ଧା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ରବିବାରଠାରୁ ୧୧ ତାରିଖ ପର୍ଯ୍ୟନ୍ତ ଖୋର୍ଦ୍ଧା କପ ଟି-୨୦ ରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଏବଂ ୧୮ ତାରିଖରୁ ଖୋର୍ଦ୍ଧା ପ୍ରିମିୟର ଲିଗ୍ ଟେନିସ ବଲ କ୍ରିକେଟ ଆରମ୍ଭ ହେବ। ଟି-୨୦ କ୍ରିକେଟ ଟୁର୍ନାମେଣ୍ଟରେ ୮ଟି ଟିମ୍ ଅଂଶଗ୍ରହଣ କରିବେ। ରାଜ୍ୟ ବାହାରୁ ରାଞ୍ଚି ରେଳବାଇ ଏବଂ ଦିଲ୍ଲୀ ସେକ୍ରେଟେରିଏଟ୍ ଦଳ ଅଂଶଗ୍ରହଣ କରିବେ। ଟୁର୍ନାମେଣ୍ଟର ବିଜେତାଙ୍କୁ ୧ଲକ୍ଷ ଓ ଉପବିଜେତାଙ୍କୁ ୫୦ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ। ସେହିପରି ପ୍ରିମିୟର ଲିଗ୍‌ରେ ୧୦ଟି ଦଳ ଅଂଶଗ୍ରହଣ କରିବେ। ପ୍ରିମିୟର ବିଜେତାଙ୍କୁ ୨ଲକ୍ଷ ଏବଂ ଉପ ବିଜେତାଙ୍କୁ ୧ଲକ୍ଷ ଟଙ୍କା ପୁରସ୍କାର ସହ ଟ୍ରଫି ପ୍ରଦାନ କରାଯିବ। ପ୍ରତ୍ୟେକ ମ୍ୟାଚ ସନ୍ଧ୍ୟା ୬ଟା ୩୦ରେ ଆରମ୍ଭ ହେବ। ୭ ତାରିଖରେ ସିନିୟର ମହିଳା ପ୍ରଦର୍ଶନୀ ମ୍ୟାଚ ଓଡ଼ିଶା ରେଡ ଓ ଗ୍ରୀନ ଟିମ୍ ମଧ୍ୟରେ ଖେଳାଯିବ। ଉଦ୍‌ଘାଟନୀ ଦିବସରେ ଖୋର୍ଦ୍ଧା କ୍ରିକେଟ ଏକାଡେମୀ ଉଦ୍‌ଘାଟନ କରାଯିବ। ଏକାଡେମୀ ଅଧୀନରେ ପ୍ରଥମ ପର୍ଯ୍ୟାୟରେ ୨୦ଜଣ ପିଲାଙ୍କୁ କ୍ରିକେଟ କୋଚିଂ ଦିଆଯିବ ବୋଲି ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆସୋସିଏଶନର କୋଷାଧ୍ୟକ୍ଷ ଚଣ୍ଡିପ୍ରସାଦ ଆଚାର୍ଯ୍ୟ କହିଛନ୍ତି। ସମ୍ମିଳନୀରେ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଜୟନ୍ତ କୁମାର ରାୟ, ବିକାଶ ପ୍ରଧାନ, ସମୀର କୁମାର ବଳିଆରସିଂ ପ୍ରମୁଖ ଉପସ୍ଥିତ ଥିଲେ। କୋଭିଡ୍ କଟକଣା ମଧ୍ୟରେ ସମସ୍ତ ମ୍ୟାଚ ଆୟୋଜନ କରାଯିବ ବୋଲି ଖୋର୍ଦ୍ଧା କ୍ରିକେଟ ଆସୋସିଏଶନ ସଭାପତି ତଥା ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ କହିଛନ୍ତି।

## ୧୮ରୁ ଖୋର୍ଦ୍ଧା ପ୍ରିମିୟର ଲିଗ୍



ଲଣ୍ଡନ: ଶନିବାର ଲଣ୍ଡନସ୍ଥିତ ଷ୍ଟାମଫୋର୍ଡ ବ୍ରିଜ୍ ଷ୍ଟାଡିୟମରେ ଚେଲ୍‌ସି ବିପକ୍ଷ ଇଂଲିଶ ପ୍ରିମିୟର ଲିଗ୍ ଫୁଟ୍‌ବଲ ମ୍ୟାଚ ବେଳେ ୱେଷ୍ଟ ବ୍ରୋମୱିଚ୍ ଅଲବିଅନ୍ ଦଳର ଗୋଲ୍‌କିପର ସାମ୍ ଜନଷ୍ଟନ ଏକ ଫ୍ରି କିକ୍ ସେଭ୍ କରୁଛନ୍ତି।

# ଆଇପିଏଲ୍: ମୁମ୍ବାଇରେ ପହଞ୍ଚିଲେ ସ୍ମିଥ୍

**ମୁମ୍ବାଇ,୩।୪(ପି.ଟି.)**

ଅଷ୍ଟ୍ରେଲୀୟ ଅଭିଜ୍ଞ ବ୍ୟାଟ୍ସମ୍ୟାନ ଷ୍ଟିଭ୍ ସ୍ମିଥ୍ ଦିଲ୍ଲୀ କ୍ୟାପିଟାଲ୍ସ ଦଳରେ ଯୋଗ ଦେବାକୁ ଶନିବାର ମୁମ୍ବାଇରେ ଆସି ପହଞ୍ଚିଛନ୍ତି। ଏବେ ସେ ବାଧ୍ୟତାମୂଳକ ୭ ଦିନିଆ କ୍ୱାରାଣ୍ଟାଇନ୍‌ରେ ରହିବେ। ଏ ନେଇ ଦିଲ୍ଲୀ କ୍ୟାପିଟାଲ୍ସ ଟୁଇଟ୍ କରି ସୂଚନା ଦେବା ସହ ସ୍ମିଥ୍‌ଙ୍କ ଏକ ଫଟୋ ଅପ୍‌ଲୋଡ କରିଛି। ୩୧ ବର୍ଷୀୟ ସ୍ମିଥ୍‌ଙ୍କୁ ରାଜସ୍ଥାନ ରୟାଲ୍ସ ରିଲିଜ୍ କରିଥିଲା। ଫଳରେ ଗତ ଫେବୃୟାରୀରେ ହୋଇଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଅକ୍ସନରେ ଦିଲ୍ଲୀ କ୍ୟାପିଟାଲ୍ସ ତାଙ୍କୁ ୨.୨ କୋଟି ଟଙ୍କା ବିନିମୟରେ କ୍ରୟ କରିଥିଲା। ଦିଲ୍ଲୀ ଦଳ ଇତିମଧ୍ୟରେ ଟ୍ରେନିଂ ଆରମ୍ଭ କରିଛି। ତେବେ ସ୍ମିଥ୍ ଓ ତାଙ୍କ ନିଜ ଦେଶର ଖେଳାଳି ମାର୍କସ ଷ୍ଟୋଇନିସ କିନ୍ତୁ ଦଳର ପ୍ରଥମ ମ୍ୟାଚ୍ ପୂର୍ବରୁ ଅଭ୍ୟାସ କରିବାର ସୁଯୋଗ ପାଇବେ ନାହିଁ। କାରଣ ଏହି ଦୁଇ ଖେଳାଳି କ୍ୱାରାଣ୍ଟାଇନରେ ରହିବେ। ଏପ୍ରିଲ ୧୦ ତାରିଖରେ ଦିଲ୍ଲୀର ପ୍ରଥମ ମ୍ୟାଚ୍‌ରେ ମହେନ୍ଦ୍ର ସିଂ ଧୋନୀଙ୍କ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଭେଟି ଅଭିଯାନ ଆରମ୍ଭ କରିବ। ଉଲ୍ଲେଖଥାଉ କି, ସ୍ମିଥ୍ ୨୦୧୯ରେ ରାଜସ୍ଥାନ ରୟାଲ୍ସ ଦଳରେ ଯୋଗ ଦେଇଥିଲେ ଓ ୨୦୨୦ରେ ଦଳର ନେତୃତ୍ୱ ନେଇଥିଲେ। ତେବେ ଦଳ ତାଲିକାର ସର୍ବନିମ୍ନ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ପୂର୍ବତନ ଅଷ୍ଟ୍ରେଲିଆ ଅଧିନାୟକ ରିକି ପଣ୍ଟିଂ ଦିଲ୍ଲୀର ହେଡ କୋଚ୍ ରହିଛନ୍ତି। ନିୟମିତ ଅଧିନାୟକ ଶ୍ରେୟାସ ଆୟାର ଇଞ୍ଜୁରି କାରଣରୁ ବାଦ୍ ପଡ଼ିଥିବାରୁ ଉଇକେଟ କିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଦିଲ୍ଲୀର ନେତୃତ୍ୱ ନେବେ।



ଷ୍ଟିଭ ସ୍ମିଥ୍

# ହାଇଦ୍ରାବାଦ, ଇନ୍ଦୋର ବିକଳ୍ପ ଭେନ୍ୟୁ

**ମୁମ୍ବାଇ, ୩।୪ (ପି.ଟି.)**

ସହରରେ କରୋନା ସଂକ୍ରମଣ ବଢ଼ି ଚାଲିଥିଲେ ସୁଦ୍ଧା ମୁମ୍ବାଇରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ମ୍ୟାଚ ଆୟୋଜନ କରିବା ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆଶାବାଦୀ। ମୁମ୍ବାଇରେ ଏପ୍ରିଲ ୧୦ରୁ ୨୫ ମଧ୍ୟରେ ୧୦ ଆଇପିଏଲ୍ ମ୍ୟାଚ ଆୟୋଜନର ଯୋଜନା ରହିଛି। ତେବେ ପରିସ୍ଥିତି ଯଦି ଆହୁରି ବିଗିଡ଼ି ଯାଏ ତେବେ ସେଥିପାଇଁ ବିକଳ୍ପ ଭେନ୍ୟୁ ଭାବେ ହାଇଦ୍ରାବାଦ ଓ ଇନ୍ଦୋରକୁ ବାୟୋବବଲ ବ୍ୟବସ୍ଥା ସହ ଆଗୁଆ ପ୍ରସ୍ତୁତ ରଖାଯାଇଛି। ଚଳିତବର୍ଷର ଆଇପିଏଲ୍ ଏପ୍ରିଲ ୯ରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଥିବାବେଳେ ଦିଲ୍ଲୀ କ୍ୟାପିଟାଲ୍ସର ସ୍ପିନ ଅଲରାଉଣ୍ଡର ଅକ୍ଷର ପଟେଲ, ୱାଙ୍ଖଡେ ଷ୍ଟାଡିୟମର ୧୦ ଗ୍ରାଉଣ୍ଡ ଷ୍ଟାଫ୍ ସଦସ୍ୟ ଏବଂ ବିସିସିଆଇ ଦ୍ୱାରା ମୁତୟନ ହୋଇଥିବା ୬ ଇଭେଣ୍ଟ ମ୍ୟାନେଜର କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଆୟୋଜକଗଣଙ୍କୁ ଏହା ଚିନ୍ତାରେ ପକାଇ ଦେଇଛି। ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ଏକ ବିବୃତିରେ କୁହାଯାଇଛି ଯେ, ମାର୍ଚ୍ଚ ୨୮ରେ ମୁମ୍ବାଇରେ ଟିମ୍ ହୋଟେଲରେ ପ୍ରବେଶ ପୂର୍ବରୁ ଅକ୍ଷର ପଟେଲଙ୍କର ହୋଇଥିବା କୋଭିଡ୍ ଟେଷ୍ଟରେ ଫଳାଫଳ ନେଗେଟିଭ ଆସିଥିଲା। ମାତ୍ର ତାଙ୍କର ଦ୍ୱିତୀୟ ଥର ହୋଇଥିବା ଟେଷ୍ଟରେ ଫଳାଫଳ ପଜିଟିଭ ଆସିଥିଲା। ସେ ବର୍ତ୍ତମାନ ଆଇସୋଲେଶନରେ ଅଛନ୍ତି। ଦିଲ୍ଲୀ କ୍ୟାପିଟାଲ ମେଡିକାଲ ଟିମ୍ ତାଙ୍କ ସହ ଯୋଗାଯୋଗରେ ରହିଛି। ମହାରାଷ୍ଟ୍ରରେ ଯେପରି ଭାବେ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି ସ୍ଥାନୀୟ ସରକାରଙ୍କ ପାଇଁ ଏହା ଚିନ୍ତାର କାରଣ ହୋଇଛି। ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଆଗକୁ ମିନି ଲକ୍‌ଡାଉନ ହୋଇପାରେ ବୋଲି ଚେତାଇ ଦେଇଛନ୍ତି। ବିସିସିଆଇର ଜଣେ ବରିଷ୍ଠ କର୍ମକର୍ତ୍ତା କହିଛନ୍ତି, ଟିମ୍‌ଗୁଡ଼ିକ ଯେହେତୁ ବାୟୋବବଲରେ ଅଛନ୍ତି, ଯଦି ଲକ୍‌ଡାଉନ୍ ଲାଗୁ କରାଯାଏ ବିନା ଦର୍ଶକରେ ମ୍ୟାଚ ଆୟୋଜନ କରାଯାଇପାରିବ ବୋଲି ଆମର ଦୃଢ଼ବିଶ୍ୱାସ ରହିଛି। ଆଇପିଏଲ୍‌ର କାର୍ଯ୍ୟସୂଚୀ ଅନୁସାରେ ଟୁର୍ନାମେଣ୍ଟର ଦ୍ୱିତୀୟ ମ୍ୟାଚ ଏପ୍ରିଲ ୧୦ରେ ଦିଲ୍ଲୀ କ୍ୟାପିଟାଲ୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ହେବ।

## କୋଭିଡ୍ ଭୟ

## ଅକ୍ଷର, ୧୦ ଗ୍ରାଉଣ୍ଡ ଷ୍ଟାଫ୍‌ଙ୍କୁ କରୋନା

# ଜାନିକ୍ ସିନର ଫାଇନାଲରେ



ଜାନିକ୍ ସିନର

**ମାୟାମି, ୩।୪(ଏପି):** ପୂର୍ବତନ ସ୍କିଂ ଚାମ୍ପିୟନ ଇଟାଲିର ୧୯ ବର୍ଷୀୟ ଜାନିକ୍ ସିନର ମାୟାମି ଓପନ ଟେନିସ ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିଛନ୍ତି। ମାୟାମି ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିବାରେ ଚତୁର୍ଥ ସ୍ୱଳ୍ପ ବୟସ୍କ ଖେଳାଳି ବିବେଚିତ ହୋଇଛନ୍ତି। ଅନ୍ୟମାନେ ହେଲେ ନୋଭାକ୍ ଜୋକୋଭିଚ୍, ରାଫାଲ ନାଡାଲ ଓ ଆନ୍ଦ୍ରେ ଆଗାସି। ସିନର ୧୩ ବର୍ଷ ବୟସରେ ସ୍କିଂ ଛାଡ଼ି ଟେନିସ ପ୍ରତି ଆକୃଷ୍ଟ ହୋଇଥିଲେ। ଏଠାରେ ସେମିଫାଇନାଲରେ ସେ ସ୍ପେନର ରବର୍ଟୋ ବଟିଷ୍ଟା ଅଗଟ୍‌ଙ୍କୁ ୫-୭, ୬-୪, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି। ସିନର ଫାଇନାଲରେ ୨୬ତମ ସିଡ୍ ପୋଲାଣ୍ଡର ହବର୍ଟ ହର୍କାଜଙ୍କୁ ଭେଟିବେ। ସୂଚନାଯୋଗ୍ୟ, ଜୋକୋଭିଚ୍, ନାଡାଲ ଓ ରୋଜର ଫେଡରର ଏହି ଟୁର୍ନାମେଣ୍ଟରୁ ଓହରିଯାଇ ୪ ସେମିଫାଇନାଲିଷ୍ଟଙ୍କ ପାଇଁ ସୁଯୋଗ ସୃଷ୍ଟି କରିଥିଲେ।

# ଏସ୍‌ଡିସିଏ ‘ଏଚ୍’ ଫାଇନାଲରେ

**ସୋନପୁର,୩।୪(ନି.ପ୍ର.)**

ସୋନପୁର ଗାନ୍ଧୀ ପଡିଆରେ ସୁବର୍ଣ୍ଣପୁର ଜିଲା କ୍ରିକେଟ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଓସିଏ ପ୍ରାୟୋଜିତ ଭିଜନ ୨୪ କ୍ରିକେଟ୍ ଲିଗ୍‌ର ଶନିବାର ମ୍ୟାଚ୍‌ରେ ଏସଡିସିଏ ‘ଏଚ୍’ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଏସ୍‌ଡିସିଏ‘ଏଚ୍’ ଓ ଏସଡିସିଏ ‘ଏଫ୍’ ମଧ୍ୟରେ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏସ୍‌ଡିସିଏ ‘ଏଚ’ ଦଳର ଅଧିନାୟକ ଟସ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ପ୍ରଭୁଦତ୍ତ କୁମାରଙ୍କ ୬୫ ରନ ଓ ସତ୍ୟନାରାୟଣ ପଧାନଙ୍କ ୫୨ରନ ବଳରେ ଦଳ ୪୪.୪ ଓଭରରେ ୨୩୮ ରନ ସଂଗ୍ରହ କରିପାରିଥିଲା। ‘ଏଫ୍’ ଦଳର ଯୋଗେଶ ପ୍ରସାଦ ମାଝି ୩ଟି ଉଇକେଟ ନେଇଥିଲେ। ୨୩୯ ରନର ବିଜୟ ଲକ୍ଷ୍ୟ ନେଇ ‘ଏଫ୍ ’ ଦଳ ୩୨ ଓଭରରେ ସମସ୍ତ ଉଇକେଟ ହରାଇ ୧୭୭ ରନ ସଂଗ୍ରହ କରିଥିଲା। ମୁଖତାର ଖାନ୍ ସର୍ବାଧିକ ୭୧ରନ ସଂଗ୍ରହ କରିଥିଲେ। ଚୁଖିରାମ ମେହେର ୨୫ରନ ବିନିମୟରେ ୪ଟି ଓ ମାନଗୋବିନ୍ଦ ଆଚାର୍ଯ୍ୟ ୧୯ ରନ ବିନିମୟରେ ୩ଟି ଉଇକେଟ ଅକ୍ତିଆର କରିଥିଲେ। ‘ଏଫ୍’ ଦଳ ୬୧ ରନରେ ପରାସ୍ତ ହୋଇଥିଲା। ପୂର୍ବତନ କ୍ରିକେଟ୍ ଖେଳାଳି ସନ୍ତୋଷ କୁମାର ପୂଜାହାରୀ ଅତିଥିଭାବେ ଯୋଗ ଦେଇଥିଲେ। ମ୍ୟାଚ୍ ପରିଚାଳନା କରିଥିଲେ ସୁରେଶ ଚନ୍ଦ୍ର ବିଶି ଓ ସୁନୀଲ କୁମାର ପ୍ରଧାନ। ସ୍କୋରର ଥିଲେ ପାର୍ଥସାରଥି ଦାସ।

## ଭିଜନ-୨୪ କ୍ରିକେଟ



ଅତିଥିଙ୍କ ଗହଣରେ କ୍ରିକେଟ୍ ସଂଘର କର୍ମକର୍ତ୍ତା ଓ ଖେଳାଳି।









# ଟାଇଟଲ ଲକ୍ଷ୍ୟରେ ବାଙ୍ଗାଲୋର

**ଆଇପିଏଲ୍**

ନୂଆଦିଲ୍ଲୀ,୩।୪(ପି.ଟି.)

ହାଇପ୍ରୋଫାଇଲ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଅଣ୍ଡର ଆଚିଭର ବିବେଚିତ ହେଉଥିବା ବିରାଟ କୋହଲିଙ୍କ ନେତୃତ୍ୱାଧୀନ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଦଳ ଏଥର କିନ୍ତୁ ଅଲଗା କରି ଦେଖାଇବା ଲକ୍ଷ୍ୟରେ ରହିଛି। ନିଜର ଦକ୍ଷତା ଓ କ୍ଷମତା ଅନୁରୂପ ସଫଳତା ପାଇ ନ ଥିବା ବାଙ୍ଗାଲୋର ଏ ପର୍ଯ୍ୟନ୍ତ ଟାଇଟଲ ହାସଲ କରିବାକୁ ସକ୍ଷମ ହୋଇନାହିଁ। ଦଳରେ ଏକାଧିକ ପରିବର୍ତ୍ତନ ଆଣି ଶକ୍ତି ବଢାଇବାକୁ ପ୍ରୟାସ କରିଛି ବାଙ୍ଗାଲୋର। ଅଷ୍ଟ୍ରେଲିଆ ତାରକା ଅଲରାଉଣ୍ଡର ଗ୍ଲେନ ମ୍ୟାକ୍ସୱେଲ ଓ ୬ ଫୁଟ ୮ ଇଞ୍ଚ ଉଚ୍ଚତା ବିଶିଷ୍ଟ ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର କାଏଲ ଜେମିଶନ ଦଳରେ ସାମିଲ ହୋଇଛନ୍ତି। ଫଳରେ ଦଳରେ ସନ୍ତୁଳନ ଆସିଛି ଓ ବାଙ୍ଗାଲୋର ଏଥର ଟାଇଟଲ ହାସଲ କରିବା ଲକ୍ଷ୍ୟରେ ରହିଛି।

ଗତ ସଂସ୍କରଣରେ ଇଞ୍ଜୁରି ସମସ୍ୟା ସହିତ ଦଳ କୋହଲି ଓ ଅଭିଜ୍ଞ ଏବି ଡିଭିଲର୍ସଙ୍କ ଉପରେ ଅତ୍ୟଧିକ ନିର୍ଭରଶୀଳ ହୋଇପଡିଥିଲା। ଫଳରେ ଦଳ ଆଶାନୁରୂପ ସଫଳତା ପାଇପାରି ନ ଥିଲା। ବାଙ୍ଗାଲୋର ଜବରଦସ୍ତ ଆରମ୍ଭ କରିଥିଲେ ମଧ୍ୟ ଟୁର୍ନାମେଣ୍ଟ ଶେଷଆଡକୁ ଫିକା ପ୍ରଦର୍ଶନ କରିଥିଲା। କ୍ରମାଗତ ୫ଟି ମ୍ୟାଚ୍‌ରେ ଦଳ ପରାଜୟ ବରଣ କରିଥିଲା ଓ ଏଲିମିନେଟରରେ ପରାସ୍ତ ହୋଇ ଟୁର୍ନାମେଣ୍ଟରୁ ବିଦାୟ ନେଇଥିଲା। ଅକ୍ସନ ପୂର୍ବରୁ ଦଳରେ ୧୦ଜଣ ଖେଳାଳିଙ୍କୁ ରିଲିଜ କରିଥିଲା। ବ୍ୟାଟିଂ ଓ ବୋଲିଂ ବିଭାଗକୁ ଦୃଢ କରିବାକୁ ଟିମ୍ ମ୍ୟାନେଜମେଣ୍ଟ ପ୍ରୟାସ କରିଥିଲା। ବାଙ୍ଗାଲୋର ଏପ୍ରିଲ ୯ ତାରିଖରେ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିୟନ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ମୁମ୍ବାଇ ଇଣ୍ଡିଆନ୍ସକୁ ଭେଟିବ।

**ଦଳର ବଳ:** କାଗଜକଲମରେ ଦଳର ବ୍ୟାଟିଂ ବିଭାଗ ନିଶ୍ଚିତ ଭାବେ ଶକ୍ତିଶାଳୀ ମନେହେଉଛି। ରନ ମେଶିନ ତଥା ଅଧିନାୟକ କୋହଲି ଓପନିଂ ଭାବେ ରେକର୍ଡ ସଫଳତା ଅର୍ଜନ କରିଛନ୍ତି। ଏଥର ସେ ଲିଗ୍‌ରେ ଓପନିଂ କରିବେ ବୋଲି ସ୍ପଷ୍ଟ କରିଛନ୍ତି। କୋହଲିଙ୍କ ସହିତ ପ୍ରତିଭାସମ୍ପନ୍ନ ଯୁବ ଓପନର ଦେବଦତ୍ତ ପଡିକାଲ ଇନିଂସ ଓପନ କରିବେ। ଗତ ସଂସ୍କରଣରେ ଓପନିଂ କରି ପଡିକାଲ ଜବରଦସ୍ତ ପ୍ରଦର୍ଶନ କରିଥିଲେ ଓ ଜବରଦସ୍ତ ଫର୍ମରେ ଥିଲେ। ନବାଗତ ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ମହମ୍ମଦ ଆଝାରୁଦ୍ଦିନ ସୟଦ ମୁସ୍ତାକ ଅଲି ଟି୨୦ ଟ୍ରଫିରେ ଜବରଦସ୍ତ ପ୍ରଦର୍ଶନ କରି ଦଳରେ ସ୍ଥାନ ପାଇଛନ୍ତି। ସେ ଦେଶର ଏହି ସର୍ବବୃହତ୍ ଘରୋଇ ଟୁର୍ନାମେଣ୍ଟରେ ୧୯୪.୫୪ ଷ୍ଟ୍ରାଇକ୍‌ରେଟ୍‌ରେ ରନ୍ ସଂଗ୍ରହ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ନ୍ୟୁଜିଲାଣ୍ଡର ଫିନ୍ ଆଲେନ ମଧ୍ୟ ଆକ୍ରମଣାତ୍ମକ ବ୍ୟାଟିଂ କରି ଦଳକୁ ବଡ଼ ସ୍କୋର ପ୍ରଦାନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ଆଶା କରାଯାଉଛି। ମିଡ୍‌ଲ ଅର୍ଡରରେ ଡିଭିଲର୍ସ ଓ ମ୍ୟାକ୍ସୱେଲ ମଧ୍ୟ ବିସ୍ଫୋରକ ବ୍ୟାଟିଂ କରିବାର କ୍ଷମତା ରଖୁଛନ୍ତି। ସେହିପରି ସଚିନ ବେବି, ଅଭିଜ୍ଞ ଡାନିଏଲ ଖ୍ରୀଷ୍ଟିଆନ ଓ ୱାଶିଂଟନ ସୁନ୍ଦର ବ୍ୟାଟିଂର ଗଭୀରତା ବଢାଇବାରେ ସହାୟକ ହେବେ।

ଚେନ୍ନାଇ ଓ ଅହମଦାବାଦର ସ୍ଲୋ ଟ୍ରାକ୍‌ରେ ବାଙ୍ଗାଲୋର ସ୍ପିନରମାନେ କମାଲ କରିବେ ବୋଲି ଆଶା କରାଯାଉଛି। ଲେଗ୍ ସ୍ପିନର ଯୁଜବେନ୍ଦ୍ର ଚହଲ ଲିଗ୍‌ରେ ଦୃଷ୍ଟାନ୍ତମୂଳକ ସଫଳତା ହାସଲ କରିଛନ୍ତି। ତାଙ୍କୁ ସୁନ୍ଦର ସହାୟତା ପ୍ରଦାନ କରିବେ। ଗତ ସଂସ୍କରଣରେ ପାୱାର ପ୍ଲେରେ ସୁନ୍ଦର ଭଲ ପ୍ରଦର୍ଶନ କରିଥିଲେ। ଅଷ୍ଟ୍ରେଲିଆ ତରଫରୁ ହ୍ୱାଇଟ୍ ବଲ୍ ଫର୍ମାଟରେ ନିୟମିତ ବୋଲିଂ କରୁଥିବା ମ୍ୟାକ୍ସୱେଲ ମଧ୍ୟ ଏହି ଦୁଇ ବୋଲରଙ୍କୁ ସହାୟ ହେବେ। ବିଗ୍ ବାସ ଲିଗ୍‌ରେ ମଧ୍ୟ ମ୍ୟାକ୍ସୱେଲ ଭଲ ପ୍ରଦର୍ଶନ କରିଛନ୍ତି। ପୁଣି ଲେଗ୍ ସ୍ପିନ୍‌ରେ ଅଷ୍ଟ୍ରେଲିଆର ଆଡାମ ଜାମ୍ପା ମଧ୍ୟ ଦଳ ପାଇଁ ଉପଯୋଗୀ ସାବ୍ୟସ୍ତ ହେବେ।

**ଦୁର୍ବଳତା:** ବାଙ୍ଗାଲୋରର ଦ୍ରୁତ ବୋଲିଂ ବିଭାଗ ସେତେଟା ଶକ୍ତିଶାଳୀ ମନେହେଉନି। ଧଳା ବଲ୍‌ରେ ବୋଲିଂ କରିବା ନେଇ ନବଦୀପ ସଇନି ଓ ମହମ୍ମଦ ସିରାଜଙ୍କ ପାଖରେ ସେତେଟା ଅଭିଜ୍ଞତା ନାହିଁ। ଟି୨୦ ଫର୍ମାଟରେ ଏହି ଦୁଇ ବୋଲର ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଛନ୍ତି। ସେହିପରି ଜେ ମିସନ ମଧ୍ୟ ଏହି ଫର୍ମାଟରେ ସଂଘର୍ଷ କରୁଥିବା ଲକ୍ଷ୍ୟ କରାଯାଇଛି। ଭାରତରେ ଖେଳିବାର ତାଙ୍କର ଅଭିଜ୍ଞତା ନାହିଁ। ଅନ୍ୟ ମିଡିୟମ ପେସରଙ୍କ ମଧ୍ୟରେ ହର୍ଶାଲ ପଟେଲ ଓ ଅଷ୍ଟ୍ରେଲିଆର ଖ୍ରୀଷ୍ଟିଆନ, ଡାନିଏଲ ସାମ୍ସ ଓ କେନ୍ ରିଚାର୍ଡସନ ଦଳ ପାଇଁ ଉପଯୋଗୀ ସାବ୍ୟସ୍ତ ହେବେ ବୋଲି ଆଶା କରାଯାଉଛି।



ବ୍ୟାଟ୍ସମ୍ୟାନ ଏବି ଡିଭିଲର୍ସ ଓ ଆର୍‌ସିବି ଅଧିନାୟକ ବିରାଟ କୋହଲି।

**ସୁଯୋଗ:** ଦଳରେ ଏକାଧିକ ବିଗ୍ ହିଟର ରହିଛନ୍ତି। ତେଣୁ ବାଙ୍ଗାଲୋର ବଡ଼ ସ୍କୋରକୁ ପିଛା କରିବାର କ୍ଷମତା ରଖୁଛି। ପୁଣି ନିଜର ଚମକ ଦେଖାଇବାକୁ ମ୍ୟାକ୍ସୱେଲ ସୁଯୋଗ ପାଇବେ। ପୂର୍ବରୁ ସେ ଅଷ୍ଟ୍ରେଲିଆ ପାଇଁ ମ୍ୟାଚ୍ ୱିନର ସାବ୍ୟସ୍ତ ହୋଇଛନ୍ତି। ତେବେ ସେ ଆଇପିଏଲ୍‌ରେ ସେତେଟା ସଫଳ ହୋଇନାହାନ୍ତି। ତେଣୁ ସେ ଏଥର କିଛି କରି ଦେଖାଇବାର ସୁଯୋଗ ପାଇବେ। ଦୁଇ ନବାଗତ ଆଟାକିଂ ବ୍ୟାଟ୍ସମ୍ୟାନ ଆଝାରୁଦ୍ଦିନ ଓ ସଚିନ ସୁଯୋଗର ସଦ୍‌ବ୍ୟବହାର କରିବେ। ତେବେ ମ୍ୟାକ୍ସୱେଲ ବ୍ୟାଟିଂରେ ବିଫଳ ହେଲେ ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହେବ। ସେହିପରି କୋହଲି ଓ ଡିଭିଲର୍ସଙ୍କ ଉପରେ ଅତ୍ୟଧିକ ନିର୍ଭରଶୀଳ ହେବା ମଧ୍ୟ ଦଳ ପାଇଁ ଶୁଭଙ୍କର ନୁହେଁ।

**ଆରସିବି ଦଳ:** ବିରାଟ କୋହଲି (ଅଧିନାୟକ), ଏବି ଡିଭିଲର୍ସ, ଦେବଦତ୍ତ ପଡିକାଲ, ଯୁଜବେନ୍ଦ୍ର ଚହଲ, ମହମ୍ମଦ ସିରାଜ, କେନ୍‌ରିଚାର୍ଡସନ, ୱାଶିଂଟନ ସୁନ୍ଦର, ପବନ ଦେଶପାଣ୍ଡେ, ଫିନ ଆଲେନ, ଶାହାବାଜ ଅହମଦ, ନବଦୀପ ସଇନି, ଆଡାମ ଜାମ୍ପା, କାଏଲ ଜେମିଶନ, ଗ୍ଲେନ ମ୍ୟାକ୍ସୱେଲ, ରଜତ ପଟିଦାର, ସଚିନ ବେବି, ମହମ୍ମଦ ଆଝାରୁଦ୍ଦିନ, ଡାନିଏଲ କ୍ରିଷ୍ଟିଆନ, କେ.ଏସ. ଭାରତ, ସୂୟାଶ ପ୍ରଭୁଦେଶାଇ, ଡାନିଏଲ ସାମ୍ସ ଓ ହର୍ଶାଲ ପଟେଲ।

# ପ୍ରଦର୍ଶନରେ ଉନ୍ନତି ହୋଇଛି: ବିଲିଙ୍ଗ୍ସ

ନୂଆଦିଲ୍ଲୀ,୩।୪(ପି.ଟି.)



ସାମ ବିଲିଙ୍ଗ୍ସ

ଆସନ୍ତା ୯ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଆଇପିଏଲ୍‌ରେ ଇଂଲଣ୍ଡ ଉଇକେଟକିପର ବ୍ୟାଟ୍ସମ୍ୟାନ ସାମ ବିଲିଙ୍ଗ୍ସ ଅଲଗା କିଛି କରିଦେଖାଇବାକୁ ଉତ୍ସାହିତ ଅଛନ୍ତି। ନିଜର ପ୍ରଦର୍ଶନରେ ଉନ୍ନତି ହୋଇଛି ବୋଲି ସେ କହିଛନ୍ତି। ଦିଲ୍ଲୀ କ୍ୟାପିଟାଲ୍ସ ତରଫରୁ ସେ ଏଥର ଅଂଶଗ୍ରହଣ କରିବେ। ପୂର୍ବରୁ ୨୦୧୬ ଓ ୨୦୧୭ରେ ବିଲିଙ୍ଗ୍ସ ଦିଲ୍ଲୀ ଫ୍ରାଞ୍ଚାଇଜ ତରଫରୁ ଆଇପିଏଲ୍ ଖେଳିଥିଲେ। ଏଥର ବେସ୍ ପ୍ରାଇସ୍ ୨ କୋଟି ଟଙ୍କାରେ ତାଙ୍କୁ ଦିଲ୍ଲୀ କ୍ୟାପିଟାଲ୍ସ କ୍ରୟ କରିଛି।

ଶେଷଥର ପାଇଁ ଦିଲ୍ଲୀ ତରଫରୁ ଖେଳିବା ପରଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଦେଖିବାକୁ ଗଲେ ମୋର ପ୍ରଦର୍ଶନରେ ଉନ୍ନତି ହୋଇଛି ବୋଲି ସେ କହିଛନ୍ତି। ଏଥର ଦଳ ପାଇଁ ଭଲ ପ୍ରଦର୍ଶନ କରିବାକୁ ପ୍ରୟାସ କରିବେ ବୋଲି ସେ କହିଛନ୍ତି। ଆଇପିଏଲ୍‌କୁ ପ୍ରତ୍ୟାବର୍ତ୍ତନ କରିବା ସବୁଠାରୁ ବଡ଼ କଥା। ଦିଲ୍ଲୀ ଦଳରେ ଏକାଧିକ ବିଶ୍ୱସ୍ତରୀୟ ଖେଳାଳି ରହିଛନ୍ତି ଓ ଏଠି ଉପସ୍ଥିତ ରହି ବେଶ୍ ଉତ୍ସାହିତ ଅଛି ବୋଲି ସେ କହିଛନ୍ତି। ୨୯ ବର୍ଷୀୟ ବିଲିଙ୍ଗ୍ସ ଏ ପର୍ଯ୍ୟନ୍ତ ୧୮୭ ଟି୨୦ ମ୍ୟାଚ୍ ଖେଳିଛନ୍ତି ଓ ୩୫୨୭ ରନ ସଂଗ୍ରହ କରିବା ସହ ୧୦୭ଟି କ୍ୟାଚ ନେଇଛନ୍ତି ଓ ୧୭ଟି ଷ୍ଟମ୍ପିଂ କରିଛନ୍ତି। ଆଇପିଏଲ୍‌କୁ ଭଲ ପାଏ। ଏହି ଲିଗ୍ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଇଭେଣ୍ଟ ରୂପେ ସାରା ବିଶ୍ୱରେ ଲୋକପ୍ରିୟତା ହାସଲ କରିଛି। ଦିଲ୍ଲୀ ପାଇଁ ଖେଳିବାକୁ ବ୍ୟଗ୍ର ଅଛି ବୋଲି ସେ କହିଛନ୍ତି। ଇଞ୍ଜୁରି କାରଣରୁ ନିୟମିତ ଅଧିନାୟକ ଶ୍ରେୟାସ ଆୟାର ବାଦ୍ ପଡିବା ପରେ ରିଷଭ ପନ୍ତ ଏଥର ଦିଲ୍ଲୀର ନେତୃତ୍ୱ ନେବେ। ବର୍ତ୍ତମାନ ପନ୍ତ ହେଉଛନ୍ତି ଶ୍ରେଷ୍ଠ ଯୁବ କ୍ରିକେଟର ଓ ତାଙ୍କ ସହ ଖେଳିବାକୁ ଉତ୍ସାହିତ ଅଛି ବୋଲି ବିଲିଙ୍ଗ୍ସ କହିଛନ୍ତି। ଏପ୍ରିଲ ୧୦ ତାରିଖରୁ ଦିଲ୍ଲୀ ମୁମ୍ବାଇର ୱାଙ୍ଖଡେ ଷ୍ଟାଡିୟମରେ ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ।

## ୟଙ୍ଗଷ୍ଟର୍ସ-ଆଭେଞ୍ଜର୍ସ ଫାଇନାଲ

ଭୁବନେଶ୍ୱର, ୩।୪(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ ୟୁନିଟ-୧ସ୍ଥିତ ମଦର୍ସ ପବ୍ଲିକ ସ୍କୁଲ ବାସ୍କେଟବଲ କୋର୍ଟରେ ଚାଲିଥିବା ୫ମ ମଦର୍ସ ବାସ୍କେଟବଲ ଲିଗ୍‌ର ୮ମ ଦିବସରେ ବାଳିକା ଓ ବାଳକ ବିଭାଗରେ ସେମିଫାଇନାଲ ମ୍ୟାଚଗୁଡ଼ିକ ଖେଳାଯାଇଥିଲା। ପ୍ରଥମ ମ୍ୟାଚ ବାଳିକା ବିଭାଗରେ ୟଙ୍ଗଷ୍ଟର୍ସ ଓ ୱଙ୍କର୍ସ ମଧ୍ୟରେ ଖେଳାଯାଇଥିଲା। ଏଥିରେ ୟଙ୍ଗଷ୍ଟର୍ସ ୫୬-୩୮ ପଏଣ୍ଟ ବ୍ୟବଧାନରେ ବିଜୟଲାଭ କରିଥିଲା। ବିଜୟୀ ଦଳର ଟପ୍ ସ୍କୋରର ପଲ୍ଲଭୀ ପାଣ୍ଡେ ୧୪ ପଏଣ୍ଟ ଏବଂ ୱଙ୍କର୍ସ ତରଫରୁ ଅନନ୍ୟା ୨୯ ପଏଣ୍ଟ ସ୍କୋର କରିଥିଲେ। ବାଳିକା ବିଭାଗ ଦ୍ୱିତୀୟ ସେମିଫାଇନାଲ ଆଭେଞ୍ଜର୍ସ ଓ ୱାରିୟର୍ସ ମଧ୍ୟରେ ଖେଳାଯାଇଥିଲା। ଆଭେଞ୍ଜର୍ସ ଏହି ମ୍ୟାଚ ୫୬-୪୦ ପଏଣ୍ଟରେ ଜିତିନେଇଥିଲା। ଆଭେଞ୍ଜର୍ସର ଅଙ୍କିତା ଦଳାଇ ୨୨ ପଏଣ୍ଟ ସ୍କୋର କରିଥିବାବେଳେ ୱାରିୟର୍ସର ଭେଦିକା ଦାସ ୧୫ ପଏଣ୍ଟ ସ୍କୋର କରିଥିଲେ।

# ସିଙ୍ଗଲ୍ସ, ଡବଲ୍ସ ଫାଇନାଲରେ ପ୍ରମୋଦ

ଦୁବାଇ,୩।୪(ପି.ଟି.)

**ଦୁବାଇ ପାରା ବ୍ୟାଡ୍‌ମିଣ୍ଟନ**

ଦୁବାଇରେ ଚାଲିଥିବା ତୃତୀୟ ପାରା ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟରେ ଓଡ଼ିଆ ତାରକା ପ୍ରମୋଦ ଭଗତ ଉଭୟ ପୁରୁଷ ସିଙ୍ଗଲ୍ସ ଓ ଡବଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ଦୁଇ ଭାରତୀୟ ତାରକା ପ୍ରମୋଦ ଓ ସୁକାନ୍ତ କଦମ ନିଜ ନିଜ ବର୍ଗର ଫାଇନାଲରେ ପ୍ରବେଶ କରିଛନ୍ତି।

ଏସ୍‌ଏଲ୍ ୩ ବର୍ଗରେ ବିଶ୍ୱର ଏକ ନମ୍ବର ଖେଳାଳି ଓଡ଼ିଶାର ପ୍ରମୋଦ ଭଗତ ମଲେସିଆର ମହମ୍ମଦ ହୁଜାଇରି ଅବଦୁଲ ମାଲେକଙ୍କୁ ପରାସ୍ତ କରି ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ସେମି ଫାଇନାଲରେ ସେ ମାଲେକଙ୍କୁ ୨୧-୭, ୨୧-୧୭ରେ ପରାସ୍ତ କରି ଫାଇନାଲ ଟିକେଟ ହାସଲ କରିଛନ୍ତି। ଏବେ ପ୍ରମୋଦ ଟାଇଟଲ ପାଇଁ ଫାଇନାଲରେ ନିଜ ଦେଶର କୁମାର ନୀତେଶଙ୍କୁ ରବିବାର ଭେଟିବେ। ସେମିରେ ପ୍ରମୋଦ ପ୍ରଭାବବିସ୍ତାର କରି ଖେଳିଥିଲେ ଓ ଟାଇଟଲ ପାଇଁ ଫେଭରାଇଟ୍ ବିବେଚିତ ହେଉଛନ୍ତି।

ସେହିପରି ପୁରୁଡ ଡବଲ୍ସ ଇଭେଣ୍ଟରେ ପ୍ରମୋଦ ଓ ମନୋଜ ସରକାର ସେମିଫାଇନାଲରେ ନିଜ ଦେଶର ଅନ୍ୟତମ ଯୋଡି ମହମ୍ମଦ ଅରୱାଜ ଅନସାରି ଓ ଦୀପ ରଞ୍ଜନ ବିଶୋୟୀଙ୍କୁ ୨୧-୧୯, ୨୩-୨୧ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ରବିବାର ଫାଇନାଲରେ ପ୍ରମୋଦ ଓ ମନୋଜ ପ୍ରତିପକ୍ଷ ସୁକାନ୍ତ କଦମ ଓ କୁମାର ନୀତେଶଙ୍କୁ ଭେଟିବେ।

ତେବେ ମିକ୍ସଡ ଡବଲ୍ସ ସେମିଫାଇନାଲରେ ପ୍ରମୋଦ ଓ ତାଙ୍କ ପାର୍ଟନର ପାଲା କୋହଲି ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଏହି ଯୋଡିରେ ୧୭- ୨୧, ୫-୨୧ରେ ଫ୍ରାନ୍ସର ଲୁକାସ ମାଜୁର ଓ ଫଷ୍ଟିନ ନୋଏଲଙ୍କଠାରୁ ପରାସ୍ତ ହୋଇଛନ୍ତି। ଉଲ୍ଲେଖଥାଉ କି,



ପ୍ରମୋଦ ଭଗତ

ଏସ୍‌ଏଲ୍ ୩ ବର୍ଗର ଖେଳାଳିମାନେ ଦୁଇ କିମ୍ବା ଗୋଟିଏ ଗୋଡରେ ଅକ୍ଷମ ଥାନ୍ତି। ଚାଲିବା କିମ୍ବା ଦୌଡିବାରେ ଏହି ଖେଳାଳିମାନେ ସନ୍ତୁଳନ ରକ୍ଷା କରିବା ପାଇଁ ସଂଘର୍ଷ କରିଥାନ୍ତି। ଏସ୍‌ଏଲ୍ ୪ ବର୍ଗରେ କଦମ ଫାଇନାଲରେ ପ୍ରବେଶ କରିଛନ୍ତି। ସେ ଜର୍ମାନୀର ମାର୍ସେଲ ଆଡମ ହରାଇ ଫାଇନାଲକୁ ଉଠିଛନ୍ତି। ତେବେ ସୁକାନ୍ତ ୨୧-୧୧, ୨୧-୧୧ ସିଧାସଳଖ ସେଟ୍‌ରେ ବିଜୟୀ ଅଗ୍ରଗତି କରିଛନ୍ତି।




## ସୀମାନ୍ତ ଅଞ୍ଚଳରେ ଶିକ୍ଷା ସଚିବ

**ନୂଆପଡା ଅଫିସ:** ସ୍କୁଲ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ସଚିବ ତଥା ନୂଆପଡା ଜିଲା କୋଭିଡ ନୋଡାଲ ଅଧିକାରୀ ସତ୍ୟବ୍ରତ ସାହୁ ଶନିବାର ଦିନିକିଆ ନୂଆପଡା ଜିଲା ଗସ୍ତରେ ଆସିଥିଲେ। ସଚିବ ସାହୁ ପ୍ରଥମେ ଧରମବନ୍ଧା ପଞ୍ଚାୟତ କାର୍ଯ୍ୟାଳୟ ସ୍ଥିତ କୋଭିଡ ଭ୍ୟାକ୍ସିନ ସେଣ୍ଟର ପରିଦର୍ଶନ କରି ଟିକାକରଣ କାର୍ଯ୍ୟକ୍ରମ ଅନୁଧ୍ୟାନ କରିଥିଲେ। ପରେ ସେ ସାରାବଙ୍ଗ ନୋଡାଲ ହାଇସ୍କୁଲ ପରିଦର୍ଶନ ଓ ଛତିଶଗଡ ସାମାନ୍ତ ଅଞ୍ଚଳ ପରିଦର୍ଶନ କରି ଅପରାହ୍ନରେ ସ୍ଥାନୀୟ ସର୍କିଟ ହାଉସ ଠାରେ କୋଭିଡ ପରିଚାଳନା ଉପରେ ସମୀକ୍ଷା କରିଥିଲେ । ଏହି ବୈଠକରେ ଜିଲାପାଳ ସ୍ୱାଧୀନଦେବ ସିଂ, ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ, ଡିଇଓ ଲକ୍ଷ୍ମଣ ଭୋଇ, ଏଏସ୍‌ପି ସୁନୀଲ କୁମାର ଆଚାରୀ, ଏସ୍‌ଡିଓ କ୍ଷୀରଧର କନ୍ଦପାଣି, ସବୁ ବ୍ଲକର ବିଡିଓ, ତହସିଲଦାର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ବିବାହ ଭୋଜିରେ ଛୁରାମାଡ, ଜଣେ ମୃତ

**ଖପ୍ରାଖୋଲ, ୩।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଥାନା ଅନ୍ତର୍ଗତ ପୁଟକେଲଚୁଆଁ ଗାଁରେ ଶନିବାର ମଧ୍ୟାହ୍ନରେ ଏକ ବିବାହ ଭୋଜିରେ ଛୁରାମାଡରେ ଯାଇଛି ଜଣେ ଯୁବକଙ୍କ ଜୀବନ। ଏଥିରେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ପାଟଣାଗଡର ପ୍ରତ୍ୟୁଷ ପାତର(୧୭)। ଗୁରୁତରଙ୍କ ପରିଚୟ ମିଳିନାହିଁ। ସୂଚନା ଅନୁସାରେ, ପୁଟକେଲଚୁଆଁ ଗାଁର ଭରତ ବୁଡେକଙ୍କ ପୁଅ ବାହାଘର ଭୋଜି ମଧ୍ୟାହ୍ନରେ ଥିଲା। ଭୋଜି ଚାଲିଥିବା ବେଳେ କୌଣସି କଥାକୁ ନେଇ ଟିଟିଲାଗଡରୁ ଆସିଥିବା କେତେକ ବ୍ୟକ୍ତି ଏବଂ ପାଟଣାଗଡର ପ୍ରତ୍ୟୁଷ ଏବଂ ସାଥୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଗୋଟିଏ ଗୋଷ୍ଠୀର ଆକ୍ରମଣରେ ପ୍ରତ୍ୟୁଷ ଗୁରୁତର ହୋଇଥିଲେ। ତାଙ୍କୁ ଖପ୍ରାଖୋଲ ଏବଂ ପରେ ପାଟଣାଗଡ ମେଡିକାଲ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଲାଠୋର ଥାନା ପୋଲିସ୍ ପୁଟକେଲ ଚୁଆଁରେ ପହଞ୍ଚି ତନାଘନା ଚଳାଇଥିବା ଆଇଆଇସି ଧର୍ମେନ୍ଦ୍ର ଶାନ୍ତି କହିଛନ୍ତି। ବିବାହ ଭୋଜି ବେଳେ ଏଭଳି ଘଟଣାକୁ ନେଇ ସାଧାରଣରେ ଆଲୋଡନ ସୃଷ୍ଟି ହୋଇଛି।

### ଡାକ ପାର୍ସଲ ଲେଖାଥିବା କଣ୍ଟେନରରେ ଗୋରୁ ଚାଲାଣ

**ଅତାବିରା, ୩।୪ (ଡି.ଏନ.ଏ):** ଡାକ ବିଭାଗ ପାର୍ସଲ ଲେଖାଥିବା ଏକ ୧୮ ଚକିଆ କଣ୍ଟେନରରେ ପଶ୍ଚିମବଙ୍ଗକୁ ଗୋରୁ ଚୋରାଚାଲାଣ କରାଯାଉଥିବା ବେଳେ ଅତାବିରାର ଗୋଡଭଗାଠାରେ ବଜରଙ୍ଗ ଦଳର କର୍ମୀମାନେ ଅଟକାଇ ଗୋରୁଗୁଡିକୁ ଛାଡି ଦେଇଥିଲେ। ଏହାସହ ସ୍ଥାନୀୟ ଯୁବକମାନେ ଗୋରୁ ଚାଲାଣକାରୀମାନଙ୍କୁ ନିସ୍ତୁକ ମାଡ ମାରି ଗାଡି ଭଙ୍ଗାରୁଜା କରିଥବବା ଦେଖିବାକୁ ମିଳିଥିଲା। ଖବର ପାଇ ଗୋଡଭଗା ଫାଣ୍ଡି ଓ ଅତାବିରା ଥାନା ପୋଲିସ ଘଟଣାସ୍ଥଳକୁ ପହଞ୍ଚି ୪ଜଣଙ୍କୁ ଉଦ୍ଧାର କରି ଅତାବିରା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଇ ପଚରାଉଚୁରା କରୁଛି। ଏ ସମ୍ପର୍କରେ ଗୋଡଭଗା ଫାଣ୍ଡି ଅଧିକାରୀ ବାଲୁଙ୍କେଶ୍ୱର ନାୟକଙ୍କୁ ପଚରାଯିବାରୁ ମୁଁ ବିଶେଷ କିଛି ଜାଣିନାହିଁ। ଅତାବିରା ଥାନାକୁ ପଚାର ବୋଲି କହିଥିଲେ। ଅତାବିରା ଥାନା ଆଇଆଇସି ପୁରୁଷୋତ୍ତମ ଭୋଇଙ୍କୁ ପଚରାଯିବାରୁ ଏହି ଘଟଣାରେ ତଦନ୍ତ ଚାଲିଛି ବୋଲି କହିଥିଲେ।

### ବରିଷ୍ଠ ନାଗରିକ ସଂଘ ଅଫିସ୍ ଉଦ୍‌ଘାଟିତ

**ଅତାବିରା, ୩।୪ (ଡି.ଏନ.ଏ):** ବରଗଡ ଜିଲା ଅତାବିରା ଏନଏସି ଅଧୀନ ୫୩ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ବରିଷ୍ଠ ନାଗରିକ ସଂଘ ଅଫିସ୍ ଶନିବାର ଉଦ୍‌ଘାଟିତ ହୋଇଛି। ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଏହାକୁ ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ସ୍କୁଲ ପରିଦର୍ଶକ ଯାଚକେଶ୍ୱର ପ୍ରଧାନ, ବେଣୁଧର ମିଶ୍ର, ଉନ୍ନିକ୍ରିଷ୍ଣ ନାୟାର, ଓମ୍‌ପ୍ରକାଶ ଅଗ୍ରୱାଲ, ବୀରେନ୍ଦ୍ର ମିଶ୍ର ପ୍ରମୁଖ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ ।

### ବୋଲେରୋ ଓଲଟି ୫ ଆହତ

**କୋକସରା, ୩।୪ (ଡି.ଏନ.ଏ):** କୋକସରା ବ୍ଲକ ଅନ୍ତର୍ଗତ ୨୬ ନଂ ଜାତୀୟ ରାଜପଥର ମହାଜନଗୁଡା ନିକଟରେ ଶନିବାର ଏକ ବୋଲେରୋ ଭାରସାମ୍ୟ ହରାଇ ଓଲଟି ପଡିଛି । ଫଳରେ ବୋଲେରୋରେ ଥିବା ୫ ଜଣ ଆହତ ହୋଇଛନ୍ତି । ସେମାନେ ହେଲେ କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ମଶାଣିମୁଣ୍ଡା ଗ୍ରାମର ରାମଚନ୍ଦ୍ର ଦୀପ (୫୦), ହେମଲତା ଦୀପ (୪୫), ସୀତାକାନ୍ତ ମଙ୍ଗରାଜ (୩୫), ବୋଲେରୋ ଡ୍ରାଇଭର ମାଧବ ସାହୁ (୩୫) ଓ ସନ୍ତୋଷ ଦୀପ (୨୧)। ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ଆହତମାନଙ୍କୁ କୋକସରା ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଏହି ବ୍ୟକ୍ତିମାନେ ମାଲକାନଗିରି ଜିଲା କାଲିମେଳାକୁ ରାମଚନ୍ଦ୍ରଙ୍କ ଚିକିତ୍ସା ପାଇଁ ଯାଇ ନିଜ ଘରକୁ ଫେରୁଥିବା ସମୟରେ ଝଡ଼ ତୋଫାନ ଯୋଗୁ ଓଡି୦୮ ବି ୭୩୨୯ ନଂ ବୋଲେରୋଟି ଭାରସାମ୍ୟ ହରାଇ ନିକଟସ୍ଥ ବିଲକୁ ଓଲଟି ପଡିଥିବା ସୂଚନା ମିଳିଛି । ଖବର ପାଇ ଆମପାଣି ଥାନା ପୋଲିସ ପହଞ୍ଚି ବୋଲେରୋ ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଆମପାଣି ଥାନା ଅଧିକାରିଣୀ ପୁଷ୍ପାଞ୍ଜଳି ନିଙ୍ଗ ସୂଚନା ଦେଇଛନ୍ତି ।

# ଶୋଷଣର ଶିକାର ମହୁଲଫୁଲ ସଂଗ୍ରହକାରୀ

**କୋକସରା, ୩।୪ (ଡି.ଏନ.ଏ.)**



ଜଣେ ମହିଳା ମହୁଲ ଫୁଲ ସଂଗ୍ରହ କରୁଛନ୍ତି।

ମହୁଲ ଫୁଲର ମହୁଲି ମହକରେ ଏବେ ମହକି ଉଠୁଛି ଜଙ୍ଗଲି ଇଲାକା । ସକାଳୁ ସକାଳୁ ଜଙ୍ଗଲ ନିକଟବର୍ତ୍ତୀ ଗାଁର ମହିଳାମାନେ ପିଲାଛୁଆଙ୍କ ସହ ମହୁଲ ଫୁଲ ଗୋଟାଉଥିବା ଦୃଶ୍ୟ ଦେଖିବାକୁ ମିଳୁଛି । କଳାହାଣ୍ଡି ଜିଲା କୋକସରା ବ୍ଲକର ସାହାଜଖୋଲ ଜଙ୍ଗଲକୁ ଲାଗି ରହିଥିବା ଆମପାଣି ବରାଡୋଙ୍ଗା, ଢୁଢୁକାଠେଙ୍ଗା, ମହିମା, ଗୋତମୁଣ୍ଡା, ପୋଡ଼ାଗୁଡା ପଞ୍ଚାୟତର ବିଭିନ୍ନ ଗାଁରେ ବର୍ତ୍ତମାନ ମହୁଲ ଫୁଲ ସଂଗ୍ରହ ଜୋର ଧରିଛି । ପ୍ରତିଦିନ ସକାଳୁ ଜଙ୍ଗଲକୁ ଯାଇଥିବା ପୁରୁଷ ଓ ମହିଳାମାନେ ଟୋକେଇରେ ଫୁଲ ସଂଗ୍ରହ କରି ପୂର୍ବାହ୍ନ ପ୍ରାୟ ୧୦ଟାରୁ ୧୧ଟା ମଧ୍ୟରେ ଘରକୁ ଫେରିଥାନ୍ତି । ଏହି ଫୁଲ ଆଣି ପୁଣି ଘର ଅଗଣାରେ ୩ରୁ ୪ ଦିନ ଧରି ଟାଣ ଖରାରେ ଶୁଖାଇବାକୁ ପଡେ । ତେବେ ମହୁଲ ଫୁଲ ବିକ୍ରି କରିବାକୁ ବଜାର ସୁବିଧା ନାହିଁ । ଫଳରେ ଏହାକୁ ବିକିଲେ ପରିଶ୍ରମ ଅନୁଯାୟୀ ପ୍ରାପ୍ୟ ମିଳୁନାହିଁ। ବର୍ଷ ବର୍ଷ ଧରି ମହୁଲ ଗୋଟାଉଥିବା ବ୍ୟକ୍ତିମାନେ ଶୋଷଣର ଶିକାର ହେଉଥିଲେ ହେଁ ଏଥିପ୍ରତି କାହାରି ନିଘା ନାହିଁ । ସ୍ଥାନୀୟ ଅଞ୍ଚଳର ସାହୁକାର ଓ ମଦଭାଟି କର୍ମଚାରୀମାନେ ଗାଁ ଗାଁ ବୁଲି ନିଜ ଦ୍ୱାରା ନିର୍ଦ୍ଧାରିତ ଦରରେ ମହୁଲ ଫୁଲ କିଣିଥାନ୍ତି । ସେମାନେ କିଲୋ ପିଛା ୧୫ ରୁ ୨୦ ଟଙ୍କା ଦରରେ ମହୁଲ ଫୁଲ କିଣୁ ଥିବାରୁ ମହୁଲ ସଂଗ୍ରହକାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳୁଛି ।

ଆଦିବାସୀ ବହୁଳ ଏହି ଅଞ୍ଚଳରେ ମହୁଲ ଫୁଲକୁ ନେଇ ରହିଛି ଅନେକ ପରମ୍ପରା । ଆଦିବାସୀଙ୍କ ପର୍ବପର୍ବାଣୀରେ ମହୁଲ ଫୁଲର ରହିଛି ଆଦର । ଚୈତ୍ରମାସରେ ପାଳିତ ହେଉଥିବା ଚୈତ୍ରପର୍ବରେ ନିଜ ଇଷ୍ଟ ଦେବାଦେବୀଙ୍କ ନିକଟରେ ମହୁଲ ଫୁଲ ଓ ଫୁଲର ରସରୁ ପ୍ରସ୍ତୁତ ମଦକୁ ଅର୍ପଣ କରନ୍ତି ଆଦିବାସୀ । ନିଜର ଯାନିଯାତ୍ରାରେ

**ସାହୁକାର ଓ ଦଲାଲ ନିୟନ୍ତ୍ରଣରେ ମହୁଲ ଫୁଲ ଦର**

ମଧ୍ୟ ମହୁଲ ଫୁଲରୁ ପ୍ରସ୍ତୁତ ମଦ ଅତିଥିଙ୍କୁ ଦେବା ପରମ୍ପରା ରହିଛି । ଅନ୍ୟପକ୍ଷରେ ଏହି ଫୁଲର ଔଷଧୀୟ ଗୁଣ ରହିଥିବା ଯୋଗୁ ଦେଶର ଅନ୍ୟ ରାଜ୍ୟ ସମେତ ଅନ୍ତର୍ଜାତିକ ବଜାରରେ ମଧ୍ୟ ଯଥେଷ୍ଟ ଚାହିଦା ରହିଛି। ଏହାକୁ ଦୃଷ୍ଟିରେ ରଖି ଗ୍ରାମାଞ୍ଚଳରେ ରହୁଥିବା ଗାଁ ସାହୁକାର, ବ୍ୟବସାୟୀ ଓ ମଦ ଭାଟି କର୍ମଚାରୀମାନେ ଏହି ଅଞ୍ଚଳରୁ ଶସ୍ତାରେ ମହୁଲ ଫୁଲ କିଣି ଚଢାଦାମରେ ଅନ୍ୟତ୍ର ବିକ୍ରୟ କରିଥାନ୍ତି । ପ୍ରତି ପଞ୍ଚାୟତରେ ଜଙ୍ଗଲ ଲଘୁଜାତ ଦ୍ରବ୍ୟ କିଣିବା ନିୟମ ରହିଛି । ମହୁଲ ଫୁଲ କିଣିବା ପାଇଁ ପଞ୍ଚାୟତ ସ୍ତରରେ ବ୍ୟବସ୍ଥା ହେଲେ ହୁଏତ ସଂଗ୍ରହକାରୀ ଲାଭବାନ ହୋଇ ପାରନ୍ତେ । ଏ ନେଇ କୋକସରା ବ୍ଲକ ଜିପିଓ ନାରାୟଣ ଭୋଇଙ୍କୁ ପଚାରିବାରେ କହିଥିଲେ ଯେ, ପୂର୍ବରୁ ଓଟିଡିସି ଜଙ୍ଗଲ ଲଘୁଜାତ ଦ୍ରବ୍ୟ କିଣୁଥିଲା । ତେବେ ବର୍ତ୍ତମାନ ପଞ୍ଚାୟତିରାଜ ବିଭାଗରୁ ଏ ନେଇ କୌଣସି ଚିଠି ଆସିନାହିଁ ବୋଲି କହିଛନ୍ତି ।

# ଅଫ୍ ଲାଇନ ପରୀକ୍ଷାକୁ ବିରୋଧ



ଅତାବିରାସ୍ଥିତ ବୀର ସୁରେନ୍ଦ୍ର ସାଏ ପ୍ରତିମୂର୍ତ୍ତି ତଳେ ଛାତ୍ରମାନଙ୍କ ବିରୋଧ ପ୍ରଦର୍ଶନ ।

**ବରଗଡ଼ ଅଫିସ୍/ଅତାବିରା,୩।୪**

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନ କଲେଜ ଗୁଡ଼ିକରେ ଅଫ୍‌ଲାଇନ ମାଧ୍ୟମରେ ତୃତୀୟ ସେମିଷ୍ଟର ପରୀକ୍ଷା କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହାକୁ ବରଗଡ଼ ଜିଲା ଛାତ୍ର କଂଗ୍ରେସ ବିରୋଧ କରିଛି। ଉକ୍ତ ପରୀକ୍ଷା ଅନ୍‌ଲାଇନ ମାଧ୍ୟମରେ କରିବାକୁ ଦାବି ହୋଇଛି। ଏହି ପରିପ୍ରେକ୍ଷୀରେ ଶନିବାର ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ଅତାବିରା ସ୍ଥିତ ବୀର ସୁରେନ୍ଦ୍ର ସାଏ ପ୍ରତିମୂର୍ତ୍ତି ତଳେ ଧାରଣା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାସହିତ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ଉଦ୍ଦେଶ୍ୟରେ ଅତାବିରା ତହସିଲଦାର ଦୁର୍ଯ୍ୟୋଧନ ଭୋଇଙ୍କୁ ଛାତ୍ର କଂଗ୍ରେସ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସେମାନଙ୍କ ଦାବି ନେଇ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳି ନ ଥିବା ଅଭିଯୋଗ କରି ଛାତ୍ରନେତାମାନେ ବରଗଡ଼ ଉପଜିଲାପାଳଙ୍କ ଆବାସିକ ଅଫିସ ସମ୍ମୁଖକୁ ଆସି ନାରାବାଜି କରିଥିଲେ। ପରେ ଉପଜିଲାପାଳ ଶୁଭେନ୍ଦ୍ର କୁମାର ସାମଲ ସେଠାକୁ ଆସି ସ୍ମାରକପତ୍ର ଗ୍ରହଣ କରିଥିଲେ। ଆସନ୍ତା ୩ ଦିନ ମଧ୍ୟରେ ଏହି ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ବ୍ୟାପକ ହେବ ବୋଲି ଛାତ୍ର କଂଗ୍ରେସ ନେତା ଗୌରବ ପତି, ଅଭିଷେକ ନାୟକ, ସୌମ୍ୟକାନ୍ତ ଦାଶ, ରତିଶ ମିଶ୍ର ଏବଂ ନିଖିଳ ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି ।

# ସଫେଇ ହେଲା ଡ୍ରେନ

**ବଲାଙ୍ଗୀର ଅଫିସ, ୩।୪**



ମ୍ୟୁନିସିପାଲିଟି ପକ୍ଷରୁ ଡ୍ରେନ୍ ସଫେଇ କାମ କରାଯାଉଛି ।

**ଧରିତ୍ରୀ ପ୍ରଭାବ**
- ନୂଆ ଡ୍ରେନ୍ ତିଆରି କରିବାକୁ ହେବ
- ଜବରଦଖଲ କରି ଡ୍ରେନ୍ ଉପରେ ଚାଲିଛି ବେପାର
- ଦେଢ଼ବର୍ଷର ଊର୍ଦ୍ଧ୍ୱ ହେଲା ଖୋଲା ପଡିଛି ଡ୍ରେନ୍

୨୦୧୯ ମସିହା ଅଗଷ୍ଟ ଭୟଙ୍କର ବନ୍ୟାରେ ଡ୍ରେନ୍ ପାଣି ନିଷ୍କାସିତ ହୋଇ ନ ପାରିପାରୁ ବଲାଙ୍ଗୀର ସହର ତେଲିଗୋଠପଡା-ମାଳପଡା ଛକ ନିକଟ ଡ୍ରେନ୍ ସ୍ଲାବ୍ ଭଙ୍ଗାଯାଇଥିଲା । ସେହିଦିନଠୁ ଉକ୍ତ ଡ୍ରେନ୍ ଖୋଲା ହୋଇ ରହିଛି। ଗୋଟିଏ ମାତ୍ର ସଂକୀର୍ଣ୍ଣ ସ୍ଲାବ୍‌ରେ ଲୋକେ ଯିବା ଆସିବା କରୁଛନ୍ତି। ଦେଢ଼ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ଉକ୍ତ ଭଙ୍ଗା ଯାଇଥିବା ଡ୍ରେନ୍ ମରାମତି କରାଯାଉ ନ ଥିଲା କି ଏଠାରେ ସଫେଇ ମଧ୍ୟ ଠିକ୍ ଭାବେ କରାଯାଉ ନ ଥିଲା । । ଏନେଇ ଶନିବାର ଧରିତ୍ରୀରେ ଖବର ପ୍ରକାଶନ ପରେ ମ୍ୟୁନିସିପାଲିଟି ଟିମ୍ ଉକ୍ତ ଭଙ୍ଗା ଡ୍ରେନ୍ ସ୍ଲାବ୍ ସ୍ଥାନରେ ପହଞ୍ଚି ସ୍ଥିତି ତଦାରଖ କରିବା ସହ ଏକ ଜେସିବି ଓ ଟ୍ରାକ୍ଟର ଆଣି ଡ୍ରେନ୍ ସଫେଇ କରିଛନ୍ତି । ସେଠାରେ ପଡିଥିବା ଆବର୍ଜନା ସଫେଇ କରାଯାଇଛି। ତେବେ ଆବର୍ଜନା ସଫେଇ ବେଳେ ସେଠାରେ ଡ୍ରେନ୍ ପାଣି ଜମି ରହିଥିବା ଦେଖାଯାଇଥିଲା । ଜଳ ନିଷ୍କାସନ ଠିକ୍ ଭାବେ ହୋଇପାରୁ ନଥିବାରୁ ସେଠାରେ ଡ୍ରେନ୍ ପାଣି ଜମି ଦୁର୍ଗନ୍ଧ ହେଉଛି। ମ୍ୟୁନିସିପାଲିଟି କର୍ମଚାରୀମାନେ କହିଥିଲେ ଯେ ରେଲୱେ ଷ୍ଟେଶନ୍ ରାସ୍ତାକଡ ଏହି ଡ୍ରେନ୍‌ଟି ଦୁର୍ବଳ ହୋଇଛି । ଏହାକୁ ଆଉ ଥରେ ନୂଆକରି ତିଆରି କରିବା ଜରୁରୀ ହୋଇପଡିଛି । ସେମାନେ କହିଥିଲେ ଯେ, ଆଗରେ ଡ୍ରେନ୍ ଉପରେ ଜବରଦଖଲ ସମସ୍ୟା ରହିଛି। ଜବରଦଖଲ ସମସ୍ୟା ହଟା ନଯିବା ପର୍ଯ୍ୟନ୍ତ ଏଠାରେ ନୂଆ ଡ୍ରେନ୍ ତିଆରି କରାଯାଇପାରିବ ନାହିଁ । ନୂଆ ଡ୍ରେନ୍ ତିଆରି କରା ନ ଯିବା ପର୍ଯ୍ୟନ୍ତ ଏଠାରେ ନୂଆକରି ସ୍ଲାବ୍ ପକାଇବା ସମ୍ଭବ ନୁହେଁ ବୋଲି ମ୍ୟୁନିସିପାଲିଟି କର୍ମଚାରୀମାନେ କହିଥିଲେ। ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ବିପିନ ଦୀପଙ୍କୁ ପଚରାଯିବାରୁ ଖୁବ୍‌ଶୀଘ୍ର ମ୍ୟୁନିସିପାଲିଟି ଯନ୍ତ୍ରୀଙ୍କୁ ପଠାଇ ସେ ଉକ୍ତ ସ୍ଥାନ ସର୍ଭେ କରି ଆବଶ୍ୟକ ପଦକ୍ଷେପ ନେବେ ବୋଲି ଜଣାଇଛନ୍ତି। ଦୀର୍ଘ ଦେଢ଼ବର୍ଷରୁ ଊର୍ଦ୍ଧ୍ୱ ହେଲା ଏଠାରେ ଡ୍ରେନ୍ ଉପର ସ୍ଲାବ୍ ଭଙ୍ଗା ଯାଇଥିବାରୁ ଲୋକେ ବହୁକଷ୍ଟରେ ଯିବା ଆସିବା କରୁଛନ୍ତି । ଅନେକ ସମୟରେ ଛାତ୍ରୀଛାତ୍ର ଯିବା ଆସିବାବେଳେ ସେଠାରେ ପଡିଯାଉଥିବା ଦେଖାଯାଉଛି । ଗାଡିମଟର ମଧ୍ୟ ଦୁର୍ଘଟଣାଗ୍ରସ୍ତ ହେଉଛି ।

# ଆଶା କର୍ମୀ ସାମ୍ମୁଖ୍ୟ ବୈଠକ

**ବରଗଡ଼ ଅଫିସ୍,୩।୪**

ଅଲ ଓଡ଼ିଶା ଆଶା କର୍ମୀ ସାମ୍ମୁଖ୍ୟର ଏକ ବୈଠକ ବୁଧବାର ବରଗଡ଼ରେ ଅନୁଷ୍ଠିତ ହୋଇଯାଇଛି । ନିବେଦିତା ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ରୀତା ବେହେରା, କାର୍ଯ୍ୟକାରୀ ସଭାପତି ପଙ୍କଜିନୀ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ସରୋଜ ଭୂୟାଁ, ଚିରଞ୍ଜିବୀ ଗଡ଼ତିଆ ପ୍ରମୁଖ ଉପସ୍ଥିତ ରହି ନିଜ ମତ ରଖିଥିଲେ। ଏହି ଅବସରରେ ସୁଲୋଚନା ସୁନାଙ୍କୁ ବରଗଡ଼ ଜିଲା ସଭାପତି ଏବଂ ସ୍ୱପ୍ନା ନନ୍ଦଙ୍କୁ ଜିଲା ସମ୍ପାଦିକା ଭାବେ ମନୋନୀତ କରାଯାଇଥିଲା । ଆସନ୍ତା ୧୯ତାରିଖରେ ବରଗଡ଼ରେ ସଂଘର ପରବର୍ତ୍ତୀ ବୈଠକ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା ।

# ଅଲ ଓଡ଼ିଶା ସିଡ୍ୟୁଲ୍ଡ କାଷ୍ଟ ଫେଡେରେଶନର କଳାହାଣ୍ଡି ଜିଲା କାର୍ଯ୍ୟକାରୀ କମିଟି ଗଠିତ

**ଜୁନାଗଡ଼,୩।୪(ଡି.ଏନ.ଏ.)**

ଅଲ ଓଡିଶା ସିଡ୍ୟୁଲ କାଷ୍ଟ ଫେଡେରେଶନ ପକ୍ଷରୁ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଭଜମନ ବାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସମାଜରେ ଘଟୁଥିବା କୁସଂସ୍କାର ଦୂର କରିବା, ନାରୀ ଶିକ୍ଷା ଓ ସଶକ୍ତିକରଣ, ଅନ୍ଧବିଶ୍ୱାସର ବଶବର୍ତ୍ତୀ ନ ହେବା ଏବଂ ଅର୍ଥନୈତିକ ଅଭିବୃଦ୍ଧି ଉପରେ ଆଲୋଚନା ହୋଇଥିଲା । ପରେ ଫେଡେରେଶନ ପକ୍ଷରୁ କଳାହାଣ୍ଡି ଜିଲା କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ଏଥିରେ ସର୍ବସମ୍ମତି କ୍ରମେ ସଭାପତି ଭାବେ ଧନଞ୍ଜୟ ଦୀପ ,କାର୍ଯ୍ୟକାରୀ ସଭାପତି ଦିଗାମ୍ବର ଦୁରିଆ,ଏସ. ସୁଜାତା, ସତ୍ୟବାଦୀ ନାଏକ, ସାଧାରଣ ସମ୍ପାଦକ ଯତୀନ୍ଦ୍ର କର, କୋଷାଧ୍ୟକ୍ଷ ଭାବେ ଚୈତନ୍ୟ ନାଏକ ମନୋନୀତ ହୋଇଥିଲେ । ସେହିପରି ଆଇନସେଲରେ ଛବିଲାଲ ନିଆଲ, ସାମାଜିକ ସେଲରେ ଗୌରହରି ନାଏକ, ଶିକ୍ଷାସେଲରେ ରତ୍ନାକର ବେମାଲ, କୃଷିସେଲରେ ଜଗନ୍ନାଥ ନାଏକ, ବିଜୟଲକ୍ଷ୍ମୀ ସର୍ୱର୍ତ୍ତଙ୍କୁ ମହିଳା ସେଲ, କର୍ମଚାରୀ ସେଲରେ ପ୍ରକାଶ ସାଗର, କଳା ଓ ସଂସ୍କୃତି ସେଲ ରେ ମଧୁସୂଦନ ବାଗ, ମିଡିଆ ସେଲରେ ଗୋପାଳ ଦାସ ମହାନନ୍ଦ, ଢ଼ଗମାଳି ନାଏକଙ୍କୁ ଯୁବସେଲ, ସାମାଜିକ ନ୍ୟାୟ ସେଲ ପାଇଁ ତେଜରାଜ ବେହେରା, ପ୍ରଚାର ପ୍ରଶିକ୍ଷଣ ସେଲ ପାଇଁ ଜୁଗେଶର ସାଗରଙ୍କୁ ମନୋନୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକ ଓ ପୌରାଞ୍ଚଳର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବିଭିନ୍ନ ଦାବି ନେଇ ବିରୋଧୀ ଦଳ ନେତାଙ୍କୁ ଭେଟିଲେ

**ଜୁନାଗଡ଼, ୩।୪(ଡି.ଏନ.ଏ.)**

ଅଲ ଓଡିଶା ସିଡୁଲ କାଷ୍ଟ ଫେଡେରେଶନ କଳାହାଣ୍ଡି ଶାଖା ପକ୍ଷରୁ ବିଭିନ୍ନ ଦାବି ନେଇ ରାଜ୍ୟ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସଂରକ୍ଷଣ, ପଦୋନ୍ନତି, ଶିକ୍ଷା, ନିଯୁକ୍ତି, ଅର୍ଥନୈତିକ ଅଭିବୃଦ୍ଧି ଓ ସାମାଜିକ ବିଷମତା ଦୂର ଲାଗି ଦାବିପତ୍ରରେ ଉଲ୍ଲେଖ ରହିଛି । ଏହି ପ୍ରତିନିଧି ଦଳରେ କଳାହାଣ୍ଡି ଶାଖାର ସଭାପତି ଧନଞ୍ଜୟ ଦୀପ, ସାଧାରଣ ସମ୍ପାଦକ ଯତୀନ୍ଦ୍ର କର, କାର୍ଯ୍ୟକାରୀ ସଭାପତି ଦିଗାମ୍ବର ଦୁରିଆ, ପ୍ରେମାନନ୍ଦ ବାଗ, ବିଭୀଷଣ ନାଏକ, ସୁବାଷ ନାଗ, ଗୋପାଳ ଦାସ ମହାନନ୍ଦ, ତିଳକରାମ ନିଆଲ, ଢଗମାଳି ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ଝଡ଼ତୋଫାନ ସାଙ୍ଗକୁ କୁଆପଥର ବୃଷ୍ଟି , ବ୍ୟାପକ ଫସଲ ନଷ୍ଟ

**ବୌଦ୍ଧ/ପୁରୁଣାକଟକ, ୩।୪(ସ୍ୱ.ପ./ଡି.ଏନ.ଏ.)**



ଶନିବାର ଅପରାହ୍ନ ୫ଟାରେ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ପୁରୁଣାକଟକ ଅଞ୍ଚଳରେ ଝଡତୋଫାନ ସାଙ୍ଗକୁ କୁଆପଥର ମାଡ ହୋଇ ବ୍ୟାପକ କ୍ଷୟକ୍ଷତି ଘଟିଛି । ପବନରେ ପ୍ରାୟ ୨୦ଟି ଗ୍ରାମର ବହୁ ଚାଳ ଘରର ଛପର ଉଡି ଯାଇଥିବା ବେଳେ କୁଆପଥର ମାଡରେ ଆଜବେଷ୍ଟସ ଘର ଓ ଗାଡି ଭାଙ୍ଗି ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି । ଏହାସହିତ ଖରାଦିନିଆ ପନିପରିବା ଚାଷ କୁଆପଥର ମାଡରେ ସମ୍ପୂର୍ଣ୍ଣ ଉଜୁଡି ଯାଇଛି । ବିଶେଷ କରି ବାଇଗଣ, କାକୁଡି, ପୋଟଳ, କୁନ୍ଦୁର, ଭେଣ୍ଡି, ତରଭୁଜ, କଖାରୁ, ଶାଗ, ପିଆଜ ଚାଷ ନଷ୍ଟ ହୋଇଛି । ବୌଦ୍ଧ ଜିଲାରେ ତରଭୁଜ ଓ ପିଆଜ ଚାଷ ପ୍ରଚୁର ମାତ୍ରାରେ ହେଉଥିବା ବେଳେ କାଳ ବୈଶାଖୀ ଯୋଗୁ କ୍ଷତିଗ୍ରସ୍ତ ହୋଇଛି । ସେହିପରି ଏବର୍ଷ ଭଲ ଆମ୍ବ ଆସିଥିବା ବେଳେ ପବନରେ ଝଡି ନଷ୍ଟ ହୋଇଛି । ପ୍ରାୟ ଅଧ କେଜି ଓଜନର କୁଆପଥର ପଡିବା ଦେଖିବାକୁ ମିଳିଥିଲା । ପ୍ରଚଣ୍ଡ ଖରା ଯୋଗୁ ବୌଦ୍ଧ ଜିଲାବାସୀ ଆଉଟୁ ପାଉଟୁ ହେଉଥିବା ବେଳେ ସାମାନ୍ୟ ବର୍ଷା ଲୋକଙ୍କୁ କିଛିଟା ଆଶ୍ୱସ୍ତି ଆଣି ଦେଇଛି ।

# ମହାରାଜା ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ରଙ୍କ ବନ୍ଧୁମିଳନ




ବନ୍ଧୁମିଳନରେ ଉପସ୍ଥିତ ୧୯୬୬ ମାଟ୍ରିକ୍ ବ୍ୟାଚ୍‌ର ସହପାଠୀ।

**ସୋନପୁର,୩।୪(ନି.ପ୍ର.)**

ସୋନପୁର ମହାରାଜା ଉଚ୍ଚ ବିଦ୍ୟାଳୟ ୧୯୬୬ ମାଟ୍ରିକ୍ ବ୍ୟାଚ୍‌ର ସହପାଠୀଙ୍କ ବନ୍ଧୁ ମିଳନ ଏନଜିଓସିସି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ୨୬ ଜଣ ପୁରାତନ ଛାତ୍ର ଯୋଗଦାନ କରିଥିଲେ। ଏହି ଅବସରରେ ସର୍ବସମ୍ମତିକ୍ରମେ ପୀତବାସ ପଧାନସଭାପତି ଓ ଧ୍ରୁବଚରଣ ସାହୁଙ୍କୁ ସମ୍ପାଦକ ଚୟନ କରାଯାଇଥିଲା। ଦିବଙ୍ଗତ ସହପାଠୀ ଏବଂ ବିଦ୍ୟାଳୟର ଶିକ୍ଷକ ମାନଙ୍କର ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ପ୍ରାରମ୍ଭରେ ବିଶ୍ୱର କଲ୍ୟାଣ ନିମନ୍ତେ ଏକ ହୋମଯଜ୍ଞର ଆୟୋଜନ କରାଯାଇଛି । ପୁରୋହିତ କାଳୀପ୍ରସାଦ ମିଶ୍ରଙ୍କ ଦ୍ୱାରା ବିଷ୍ଣୁ ସହସ୍ର ନାମ ପାଠ କରାଯାଇଥିଲା। ଜଗଦୀଶ ମିଶ୍ର, ବାଲଗୋପାଳ ମହାପାତ୍ର, ହରିହର ଭୁଲ୍ଲା, ସତ୍ୟନାରାୟଣ ପାଣିଗ୍ରାହୀ, ଅନୁ ପଧାନ, ଶିଶିର ନାଏକ, ଗଦାଧର ମହାରଣା ଓ ଗୌରିଶଙ୍କର ବାଘ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

# ସ୍କୁଲ ପରିଦର୍ଶନ କଲେ ବିଧାୟକ

**ବରଗଡ଼ ଅଫିସ୍,୩।୪**

ବରଗଡ଼ ସହରରେ ଥିବା ରାଣାପ୍ରତାପ ହାଇସ୍କୁଲକୁ ଶନିବାର ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟ ଅଚାନକ ପରିଦର୍ଶନରେ ଯାଇଥିଲେ । ବିଦ୍ୟାଳୟ ପରିବେଶ ବୁଲି ଦେଖିବା ସହିତ ସ୍କୁଲରେ କୋଭିଡ୍ କଟକଣା ମାନି କିଭଳି ଦଶମ ଶ୍ରେଣୀରେ ପାଠପଢ଼ା ଚାଲିଛି, ସେ ବିଷୟରେ ପ୍ରଧାନ ଶିକ୍ଷୟିତ୍ରୀ ନମିତା ବଡ଼ପଣ୍ଡା ଏବଂ ଛାତ୍ରୀଛାତ୍ରଙ୍କୁ ପଚାରି ବୁଝିଥିଲେ। ବିଦ୍ୟାଳୟ ତରଫରୁ ବିଭିନ୍ନ ସମସ୍ୟା ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପର୍ଯ୍ୟାୟକ୍ରମେ ସେହି ସମସ୍ୟା ଗୁଡ଼ିକର ସମାଧାନ କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥଲେ। ଏହାସହିତ ଛାତ୍ରୀଛାତ୍ର କିଭଳି ମାଟ୍ରିକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ, ସେ ଦିଗରେ ଅଧିକ ଯତ୍ନଶୀଳ ହେବାକୁ ବିଧାୟକ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ।



ବରଗଡ଼ ବିଧାୟକ ପାଠପଢ଼ା ଉପରେ ପଚାରି ବୁଝୁଛନ୍ତି ।

# ମାନସିକତା ଭାଷା ସାହିତ୍ୟରେ ପରିବର୍ତ୍ତନ ଆଣେ

**ବରଗଡ଼ ଅଫିସ୍,୩।୪**




ମେଲନ ମେସନ ଉତ୍ସବରେ ପୁସ୍ତକ ଉନ୍ମୋଚନ କରାଯାଉଛି ।

ସମ୍ବଲପୁରୀ/କୋଶଲୀ ଭାଷା ଏକ ଗୁରୁତ୍ୱପୂର୍ଣ୍ଣ ଅମୃତବେଳାରେ ପହଞ୍ଚିଛି। ତଥାପି ଭାଷାର ପ୍ରକୃତ ଅଭିବୃଦ୍ଧି ନିମନ୍ତେ ସାରସ୍ୱତ ସାଧକମାନେ ସମର୍ପିତ ହେବାର ଆବଶ୍ୟକତା ରହିଛି । ଯଥେଷ୍ଟ ସତର୍କ ଏବଂ ସଚେତନ ମାନସିକତା ହିଁ ଭାଷା ସାହିତ୍ୟରେ ପରିବର୍ତ୍ତନ ଆଣିପାରିବ। ରବିବାର ଘେଁସ ଅଭିମନ୍ୟୁ ସାହିତ୍ୟ ସଂସଦର ମେଲନ ମେଶନ ଉତ୍ସବରେ ଏହି ମତପ୍ରକାଶ ପାଇଛି। ସାହିତ୍ୟ ସଂସଦ ସଭାପତି ସୁଶାନ୍ତ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଶ୍ରମ ତଥା ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି, ପଦ୍ମଶ୍ରୀ ହଳଧର ନାଗ ସମ୍ମାନିତ ଅତିଥି ଏବଂ କବି ରାମକୃଷ୍ଣ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇ କବି, ଲେଖକଙ୍କ ଦାୟିତ୍ୱବୋଧ ଶୀର୍ଷକ ଆଲୋଚନା କରିଥିଲେ। ପ୍ରାରମ୍ଭରେ ସଂସଦର ବରିଷ୍ଠ ସଦସ୍ୟ ଅଶୋକ କୁମାର ପୂଜାହାରୀ ପରିଚୟ ପ୍ରଦାନ ଏବଂ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ।

ଭାଷା, ସାହିତ୍ୟର ପୃଷ୍ଠପୋଷକତା ପାଇଁ ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତାଙ୍କୁ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ସଂସଦର ମୁଖ୍ୟପତ୍ର ବଉଲ ପତ୍ରିକା ଏବଂ ଡଃ ସୁବାସ ମେହେରଙ୍କ ପ୍ରବନ୍ଧ ସଂକଳନ ଆମର ସାହିତ୍ୟର ବିକାଶଧାରା ଉନ୍ମୋଚିତ ହୋଇଥିଲା। ୨୦୨୦ ବର୍ଷ ପାଇଁ ଟିଟିଲାଗଡ଼ର ସାହିତ୍ୟିକ ଦୋଳଗୋବିନ୍ଦ ବିଶିଙ୍କୁ ଅଭିମନ୍ୟୁ ସମ୍ମାନ, ମୀନୁ ହୋତାଙ୍କୁ ଆଲୋଚନା, ପଦ୍ମିନୀ ଦାଶ ମହାପାତ୍ରଙ୍କୁ କଥାନୀ ବିଭାଗ ପାଇଁ ବଉଲ ସମ୍ମାନ ଦିଆଯାଇଥିଲା। ସେହିପରି ୨୦୧୯ ବର୍ଷ ପାଇଁ ସମ୍ବଲପୁରର କବି ବିପିନ ଆଚାର୍ଯ୍ୟଙ୍କୁ ଅଭିମନ୍ୟୁ ସମ୍ମାନ, ମନ୍ଦାକିନୀ ଶତପଥୀଙ୍କୁ ଆଲୋଚନା, ପରମେଶ୍ୱର ମୁଣ୍ଡଙ୍କୁ ନାଟକ, ଅନନ୍ତ ମେହେରଙ୍କୁ କବିତା, ପ୍ରଭାତ କୁମାର ସାହୁଙ୍କୁ କଥାନୀ ବିଭାଗ ପାଇଁ ବଉଲ ସମ୍ମାନ ଦିଆଯାଇଥିଲା। ଡଃ ସୁବାସ ମେହେରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ବ୍ୟଙ୍ଗ କବି ମନୋରଞ୍ଜନ ସାହୁ, ନାଟ୍ୟକାର କେଶରଞ୍ଜନ ପଧାନ, ଗବେଷକ ଉତ୍ପନ୍ନ ଭୋଇ, ଡଃ ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ ଅତିଥି ଭାବେ ଯୋଗଦାନ କରିଥିଲେ। ଅଧ୍ୟାପକ ସୁକୁମାର ଭୋଇ, କବି ମୁନିରାମ କୁମ୍ଭାରଙ୍କ ସଂଯୋଜନାରେ କବିତା ପାଠ ହୋଇଥିଲା। ଅଭିମନ୍ୟୁ ସାହିତ୍ୟ ସଂସଦର ସମ୍ପାଦକ ଶୋଭାଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୪ ଏପ୍ରିଲ, ୨୦୨୧

## ସଡ଼କ ଦୁର୍ଘଟଣା, ୫ ଆହତ

**ଅମରପାଲି,(ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଅନ୍ତର୍ଗତ ଦୁରଦୁରା ସ୍କୁଲ ନିକଟରେ ଶନିବାର ସନ୍ଧ୍ୟାରେ ଏକ ସଡକ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଜଣେ ଗୁରୁତର ହୋଇଥିବା ବେଳେ ୪ଜଣ ଆହତ ହୋଇଛନ୍ତି। ଆହତମାନେ ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ଲିମ୍ବପାଲି ଗ୍ରାମର । ଗୁରୁତର ଥିବା ସତ୍ୟନାରାୟଣ ପାତ୍ରଙ୍କୁ ସୋନପୁର ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ସୂଚନାମତେ ଲିମ୍ବପାଲି ଗ୍ରାମର ୪ଜଣ ଯୁବକ ବୌଦ୍ଧ ମହାବୀର ଫାଇନାନ୍ସକୁ ଇଣ୍ଟରଭ୍ୟୁ ଦେବାକୁ ଯାଇଥିଲେ। ବୌଦ୍ଧରେ ଥିବା ତାଙ୍କ ଗ୍ରାମର ଆଉ ଦୁଇ ଜଣ ସାଙ୍ଗଙ୍କ ସହିତ ତିନିଟି ବାଇକରେ ଫେରୁଥିଲେ। ଦୁରଦୁରା ନିକଟରେ ଭାରସାମ୍ୟ ହରାଇ ଗୋଟିଏ ବାଇକ ଦୁର୍ଘଟଣା ଘଟିବାରୁ ସମସ୍ତେ ସେଠାରେ ପଡିଯାଇଥିଲେ। ଘଟଣାସ୍ଥଳରେ ସୁବଳୟା ପୋଲିସ ପହଞ୍ଚି ଆହତଙ୍କୁ ଡାକ୍ତରଖାନାକୁ ଆଣିଥିଲା ।



### ସଂକ୍ଷେପରେ

## ୩୭୭ଜଣଙ୍କୁ ପ୍ରଥମ ଡୋଜ କରୋନା ଟିକା

**ବିନିକା,୩।୪(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ରାମପୁର ଡାକ୍ତରଖାନାରେ ଶୁକ୍ରବାରଠାରୁ ୪୫ବର୍ଷୀୟ ମହିଳା ଓ ପୁରୁଷଙ୍କୁ ପ୍ରଥମ ଡୋଜ କରୋନା ଟୀକା ପ୍ରଦାନ ପ୍ରକ୍ରିୟାର ଶୁଭାରମ୍ଭ ହୋଇଛି। ପ୍ରଥମ ଦିନ ୧୭୭ ଜଣ ଟିକା ନେଇଥିବାବେଳେ ଶନିବାର ୨ଶହ ଜଣ ଟିକା ନେଇଛନ୍ତି। ରାମପୁର ଡାକ୍ତରଖାନର ମୁଖ୍ୟ ଚିକିତ୍ସକ ଡ. ପଦ୍ମନାଭ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଡକ୍ଟର ଆନନ୍ଦ ମେହେର, ଟିକା ପ୍ରଦାନ ବ୍ୟବସ୍ଥାର ପରିଚାଳକ ପିଟରସନ ଭୋଇ, ଫାର୍ମାସିଷ୍ଟ ଦେବାନନ୍ଦ ନାୟକ, ପ୍ରଭାସିନୀ ଦାଶ, ଟିକା ପଞ୍ଜୀକରଣ ଅଧିକାରୀ ପଦ୍ମସିନୀ ପାଢ଼ୀ ଟିକା ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ହମାରା ଗାଁଓ କାର୍ଯ୍ୟକ୍ରମ

**ଲୋଇସିଂହା, ୩।୪(ଡି.ଏନ.ଏ.):** କରୋନା ମହାମରୀ ଯୋଗୁ ପ୍ରାଥମିକ ସ୍କୁଲ ବନ୍ଦ ରହିଛି। ଏହି ସମୟରେ ପ୍ରଥମ ଓଡିଶା ଏଜୁକେଶନ ଫାଉଣ୍ଡେସନ ପକ୍ଷରୁ ଲୋଇସିଂହା ବ୍ଲକର ୨୫ଖଣ୍ଡ ଗ୍ରାମରେ ହମାରା ଗାଁଓ କାର୍ଯ୍ୟକ୍ରମ ଜରିଆରେ ଅଙ୍ଗନବାଡି ଶିଶୁଠାରୁ ଅଷ୍ଟମ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ କମ୍ୟୁନିଟି ମାଧ୍ୟମରେ ମହଲା ଆକ୍ଟିଭିଟି ଓ ଘରଘର ଆକ୍ଟଭିଟି ସହ ୱାଲ ମାଗାଜିନ ଜରିଆରେ କୋଭିଡ ନିୟମକୁ ଅନୁସରଣ କରି ପିଲାଙ୍କୁ ସ୍ୱେଚ୍ଛାସେବୀମାନେ ଶିକ୍ଷାଦାନ କରୁଛନ୍ତି। ଜିଲା ସଂଯୋଜକ କୁମୁଦ ରଞ୍ଜନ ମହାପାତ୍ରଙ୍କ ପ୍ରତକ୍ଷ ତତ୍ତ୍ୱାବଧାନରେ ଜ୍ୟୋତି ଦୀପ, ରାକେଶ ଦୀପ, ଦେବାନନ୍ଦ ବାଗ, ବଦ୍ରୁମଣୀ କୁମ୍ଭାର, ରସାନନ୍ଦ କୁମ୍ଭାର, ମମତା ଦୀପ ଓ ରାକ୍ଷୀ ବେହେରା, ଶାଶ୍ୱତୀ ଦେହୁରୀ ପ୍ରମୁଖ ଶିକ୍ଷାଦାନରେ ସାମିଲ ହୋଇଛନ୍ତି।

## ଓଟିଇଟି ପରୀକ୍ଷା ଜିଲାସ୍ତରରେ କରିବାକୁ ଦାବି

**ଲୋଇସିଂହା,୩।୪(ଡି.ଏନ.ଏ.):** ଓଡିଶା ଶିକ୍ଷକ ଦକ୍ଷତା ପରୀକ୍ଷା (ଓଡିଇଟି) ନିକଟରେ ହେବାକୁ ଯାଉଛି। ଉକ୍ତ ପରୀକ୍ଷାକୁ ଯେଉଁ ଜିଲାର ଛାତ୍ରୀଛାତ୍ରଙ୍କୁ ସେହି ଜିଲାରେ ପରୀକ୍ଷା କରିବାକୁ ଲୋଇସିଂହା ବ୍ଲକ ଅଞ୍ଚଳର ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ଦାବି ହେଉଛି। ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରାଥମିକ ଶିକ୍ଷକ ନିଯୁକ୍ତି ପାଇଁ ଏବେ ସିଟି ଓ ବିଏଡ୍ ତାଲିମପ୍ରାପ୍ତ ଛାତ୍ରୀଛାତ୍ରଙ୍କୁ ଓଟିଇଟି ପରୀକ୍ଷା ଦେବାକୁ ବାଧ୍ୟତାମୂଳକ କରାଯାଇଛି । ଏହିକ୍ରମରେ ଚଳିତବର୍ଷ ଓଟିଇଟି ପରୀକ୍ଷା ସକାଶେ ଅବେଦନ ସରିବା ସହ ଅତି ନିକଟରେ ଉକ୍ତ ପରୀକ୍ଷା ହେବାକୁ ଯାଉଛି। ଏହି ପରୀକ୍ଷା ରାଜ୍ୟସ୍ତରୀୟ କରାଯାଇଛି । ପ୍ରତ୍ୟେକ ଜିଲାର ପରୀକ୍ଷାର୍ଥୀମାନେ ଅନ୍ୟ ଜିଲାକୁ ପରୀକ୍ଷା ଦେଇଯିବାକୁ ବାଧ୍ୟ ହେବେ। ରାଜ୍ୟରେ କରୋନାର ଦ୍ୱିତୀୟ ଲହର ମାଡି ଆସୁଛି । ଜିଲା ବାହାରକୁ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଗଲେ ସଂକ୍ରମଣ ଆଶଙ୍କା ରହିଛି। ଏଥିସହିତ ଏବେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବାରେ ଲାଗିଛି । ଏଭଳି ସ୍ଥିତରେ ପରୀକ୍ଷାର୍ଥୀ ଜିଲା ବାହାରକୁ ଗଲେ ଅସୁବିଧାର ସମ୍ମୁଖୀନ ହେବା ନିଶ୍ଚିତ। ଯେଉଁ ଜିଲାର ପରୀକ୍ଷାର୍ଥୀଙ୍କୁ ସେହି ଜିଲାରେ ପରୀକ୍ଷା କରିବାକୁ ଗଣ ଶିକ୍ଷାମନ୍ତ୍ରୀ ଦୃଷ୍ଟିଦେବାକୁ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଦାବି କରିଛନ୍ତି।

## ଗିରଫ ଦାବିରେ ସ୍ମାରକପତ୍ର ପ୍ରଦାନ

**ଜାମଟିକ୍ରା, ୩।୪ (ଡି.ଏନ.ଏ):** ଅତାବିରା ଅତିରିକ୍ତ ତହସିଲଦାର ତଥା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସୌର୍ଯ୍ୟରଞ୍ଜନ ମିଶ୍ର ଗତ ୩୧ ତାରିଖରେ ଏନଏସି କାର୍ଯ୍ୟାଳୟରେ ଥିବାବେଳେ ଏନ୍ଏସିର ଉପାଧକ୍ଷା ଜ୍ୟୋତିର୍ମୟୀ ଦାଶଙ୍କ ସ୍ୱାମୀ ଜିତୁ ଦାଶ ତାଙ୍କୁ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ଏନଏସି ଇଓ ଅତାବିରା ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୮୯/୨୧) ରୁଜୁ କରିଥିଲା। ମାମଲା ରୁଜୁ ହେବାର ତିନି ଦିନ ବିତିଯାଇଥିଲେ ମଧ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିପାରିନାହିଁ। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ଦାବିରେ ଶନିବାର ଅତାବିରା ଭାଜପା ପକ୍ଷରୁ ସ୍ଥାନୀୟ ଥାନାଧିକାରୀ ପୁରୁଷୋତ୍ତମ ଭୋଇଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ଦେବା ସମୟରେ ଭାଜପା ନଗର ସଭାପତି ସୁରେନ୍ଦ୍ର ସ୍ୱାଇଁ, କୁଶ କୁମ୍ଭାର, ଚିତ୍ତରଞ୍ଜନ ଭୋଇ, ସୁଶାନ୍ତ ମିଶ୍ର, ସୁନନ୍ଦା ମେହେର, ନିରୋଜ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଥାନାଧିକାରୀ ଭୋଇଙ୍କୁ ପଚାରିବାରୁ ଅଭିଯୁକ୍ତଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି କହିଥିଲେ।

# ପାଇପ୍ ଜଳ ଯୋଗାଣରେ ସମସ୍ୟା

**ବରଗଡ଼ ଅଫିସ୍,୩।୪**


ଡୁରୁଙ୍ଗା ଗ୍ରାମରେ ଶୁଖିଲା ପଡିଥିବା ଓଭରହେଡ୍ ଟାଙ୍କି।

- ଓଭରହେଡ୍ ଟାଙ୍କି ଶୁଖିଲା ପଡିଛି
- ପାଣି ପାଇଁ ଗ୍ରାମବାସୀ ହଇରାଣ
- ଜିରାନଦୀ ଜଳସ୍ତର କମିଛି
- ତ୍ୱରିତ ଜଳଯୋଗାଣକୁ ଗୁରୁତ୍ୱ ଦେଲେ ବିଧାୟକ

ତାପମାତ୍ରା ବୃଦ୍ଧି ଯୋଗୁ ଜଳାଶୟଗୁଡ଼ିକର ଜଳସ୍ତର ହ୍ରାସ ପାଇଲାଣି। ଫଳରେ ବିଭିନ୍ନ ଗ୍ରାମରେ ଜଳକଷ୍ଟ ଆରମ୍ଭ ହେଲାଣି। ବରଗଡ଼ ବ୍ଲକ ପଥର୍ଲା ପଞ୍ଚାୟତ ଅଧୀନ ଡୁରୁଙ୍ଗା ଗ୍ରାମବାସୀ ଏବେ ଅନୁରୂପ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଜିରା ନଦୀ ଜଳସ୍ତର କମ୍ ଥିବାରୁ ସେଠାରୁ ପାଇପ୍ ଜଳଯୋଗାଣ ସମ୍ଭବ ହେଉନାହିଁ। ଫଳରେ ଗତ ତିନିଦିନ ହେଲା ଗ୍ରାମରେ ଥିବା ଓଭରହେଡ୍ ଟାଙ୍କି ଶୁଖିଲା ପଡ଼ିଛି ଏବଂ ପାନୀୟଜଳ ପାଇଁ ଗ୍ରାମବାସୀଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ।

୩ ୱାର୍ଡ଼ ବିଶିଷ୍ଟ ଡୁରୁଙ୍ଗା ଗ୍ରାମକୁ ଗତ ୩ବର୍ଷ ହେଲା ଜିରା ନଦୀରୁ ପାଇପ୍ ମାଧ୍ୟମରେ ପାନୀୟଜଳ ଯୋଗାଣ ହେଉଥିଲା । ମାତ୍ର ଖରାଦିନ ଯୋଗୁ ଜିରା ନଦୀ ଜଳସ୍ତର ହ୍ରାସ ପାଇଛି। ଫଳରେ ସେଠାରୁ ପାନୀୟଜଳ ଯୋଗାଣ ବନ୍ଦ ହୋଇପଡିଛି । ଜିରା ନଦୀରେ ଖୋଳାଯାଇଥିବା ଗ୍ୟାଲେରୀର ଜଳ ନିମ୍ନଗାମୀ ହୋଇଥିବାରୁ ପାଇପ୍ ଯୋଗେ ଓଭରହେଡ୍ ଟାଙ୍କି ଯାଏ ପହଞ୍ଚି ପାରୁନାହିଁ। ଗ୍ରାମରେ ନଳକୂଅ, ଖୋଲା କୂଅ ରହିଛି। ମାତ୍ର ସେସବୁର ପାଣି ଲୁଣିଆ ଯୋଗୁ ବ୍ୟବହାର ଉପଯୋଗୀ ହେଉନାହିଁ। ଗ୍ରାମବାସୀ ପ୍ରାୟ ଦେଢ଼ କି.ମି ଦୂର ବୈଷ୍ଣୋଦେବୀ ମନ୍ଦିରରେ ଥିବା ଡୁଙ୍ଗୁରୀ ନିକଟକୁ ପାଣି ସଂଗ୍ରହ ପାଇଁ ଯାଉଛନ୍ତି ବୋଲି ଗ୍ରାମର ଆର୍ତ୍ତତ୍ରାଣ ମହାପାତ୍ର କହିଛନ୍ତି। ଜିରା ନଦୀରେ ଥିବା ଗ୍ୟାଲେରୀକୁ ଆହୁରି ଗଭୀର କିମ୍ବା ସେଠାରେ ଅନ୍ୟ ଏକ ଗ୍ୟାଲେରୀ ଖୋଳାଗଲେ ପାଣି ସମସ୍ୟା କିଛିମାତ୍ରାରେ ସମାଧାନ ହେବ ବୋଲି ସେ ମତ ଦେଇଛନ୍ତି । ଅନ୍ୟପକ୍ଷେ ଗ୍ରାମର ସ୍କୁଲ ପାଖରେ ଏକ ଗଭୀର ନଳକୂଅ ଖୋଳାଯାଇ ସେଠାରୁ ପାଣି ଯୋଗାଇ ଦେଲେ ମଧ୍ୟ ଗ୍ରାମବାସୀ ଉପକୃତ ହେବେ ବୋଲି ସେ କହିଛନ୍ତି। ଏ ନେଇ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କୁ ପଚାରିବାରୁ ସେ କହିଲେ, ପାଣି ସମସ୍ୟା ନେଇ ତାଙ୍କ ପାଖରେ କୌଣସି ସୂଚନା ନାହିଁ। ଗ୍ରାମବାସୀ ଯେଭଳି ପାନୀୟଜଳ ପାଇପାରିବେ ଏବଂ ସେଠାକାର ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରିବ ସେ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ କୁହାଯିବ ବୋଲି ଆଚାର୍ଯ୍ୟ କହିଥିଲେ।

# ବର୍ଷେ ହେଲା ପ୍ରକଳ୍ପ ଅଚଳ


ନଳକୂପ ପାଖରେ ମହିଳାଙ୍କ ଭିଡ।

**ଲୋଇସିଂହା, ୩।୪(ଡି.ଏନ.ଏ.)**

- ଦୁମଦୁମିରେ ଉତ୍କଟ ପାନୀୟ ଜଳ ସମସ୍ୟା
- ପାଣି ପାଇଁ ନଳକୂଅ ପାଖରେ ଭିଡ
- ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ପାଖରେ ଖବର ନାହିଁ

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଦୁମଦୁମି ଗ୍ରାମବାସୀ ଘୋର ପାନୀୟ ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ଗାଁରେ ଥିବା ୧୦ଟି ନଳକୂପ ମଧ୍ୟରୁ ଅଧିକାଂଶ ଅଚଳ ହୋଇ ପଡଛି। ଯେଉଁ କେତୋଟିରୁ ପାଣି ବାହାରୁଛି ତାହା ଆବଶ୍ୟକତାକୁ ପୂରଣ କରୁନାହିଁ। ଏଭଳି ସ୍ଥିତିରେ ଗ୍ରାମରେ ଥିବା ପାନୀୟ ପ୍ରକଳ୍ପ ଲୋକଙ୍କ ସହାଭରସା ହେବା କଥା। ହେଲେ ଗତ ଏକବର୍ଷ ହେଲା ପ୍ରକଳ୍ପ ଅଚଳ ହୋଇପଡିଛି। ଏହାର କାର୍ଯ୍ୟକ୍ଷମ ଦିଗରେ ପଞ୍ଚାୟତ, ବ୍ଲକ ଓ ବିଭାଗୀୟ ଅଧିକାରୀ ପଦକ୍ଷେପ ଗ୍ରହଣ କରୁନାହାନ୍ତି।

କୁଟେନପାଲି ପଞ୍ଚାୟତ ଅଧୀନ ୪ୱାର୍ଡ ବିଶିଷ୍ଟ ଦୁମଦୁମି ଗାଁର ଜନସଂଖ୍ୟା ୨ ହଜାରୁ ଉର୍ଦ୍ଧ୍ୱ। ସ୍ୱଚ୍ଛ ଜଳଯୋଗାଣ ପାଇଁ ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ଗ୍ରାମର ଆଶ୍ରମ ସ୍କୁଲ ନିକଟରେ ଏକ ପ୍ରକଳ୍ପ କରାଯାଇଛି। ଗଭୀର ନଳକୂପ ଖନନ କରାଯାଇ ଗାଁକୁ ଜଳଯୋଗାଣର ବ୍ୟବସ୍ଥା କରାଯାଇଥିଲା। କିଛିଦିନ ଚାଲିଲା ପରେ ଏହା ଏବେ ଏହା କାମରେ ଆସୁନାହିଁ। ବହୁ ସ୍ଥାନରେ ପାଇପ ଫାଟି ଯାଇଛି। ଷ୍ଟାଣ୍ଡପୋଷ୍ଟ ସବୁ ଭାଙ୍ଗି ଗଲାଣି। ଏହିସବୁ କାରଣରୁ ବର୍ଷାଧିକ ସମୟ ହେଲା ପ୍ରକଳ୍ପ ବନ୍ଦ ପଡିଛି। ନଳକୂପ ପାଣି ପର୍ଯ୍ୟାପ୍ତ ହେଉ ନ ଥିବାରୁ କଟାଁ ପାଣିକୁ ଗ୍ରାମବାସୀ ପାନୀୟଭାବେ ବ୍ୟବହାର କରିବାକୁ ବାଧ ହେଉଥିବା କହିଛନ୍ତି। ଏପରିକି ଗାଁମୁଣ୍ଡ ବାଲିପଟା ପଡାରେ ଥିବା ନଳକୂପର ଚେନ ଛିଣ୍ଡି ପଡିଛି। ମହିଳାମାନେ ତାକୁ ସଜାଡି ପାଣି ସଂଗ୍ରହ କରୁଛନ୍ତି। ଏ ସମ୍ପର୍କରେ ସରପଞ୍ଚ ଚୂଡାମଣୀ ସେଠଙ୍କୁ ପଚାରିବାରୁ କେବେଠାରୁ ପ୍ରକଳ୍ପ ଅଚଳ ଅଛି ବୋଲି ପ୍ରଶ୍ନ କରିଥିଲେ। ଆସନ୍ତା ମାସିକ ବୈଠକରେ ଏହି ପ୍ରସଙ୍ଗ ଉଠାଇବି ବୋଲି କହିଥିଲେ ।

### ନଳକୂଅରୁ ବାହାରୁଛି ଫ୍ଲୋରାଇଡଯୁକ୍ତ ପାଣି

# ମିଳୁନି ବିଶୁଦ୍ଧ ପାନୀୟ ଜଳ

**ନୂଆପଡା ଅଫିସ,୩।୪**


କାଣ୍ଟେଡରା ଗାଁରେ ଥିବା ଓଭରହେଡ ପାଣିଟାଙ୍କି।

ନୂଆପଡା ଜିଲା କୋମନା ବ୍ଲକ କାଣ୍ଟେଡରା ଗାଁରେ ଜଳକଷ୍ଟ ବଢିବାରେ ଲାଗିଛି। ଗାଁର ୪ହଜାର ଜନସଂଖ୍ୟା ବିଶିଷ୍ଟ ୧୦ଟି ୱାର୍ଡରେ ୬୪ଟି ନଳକୂଅ ରହିଛି। ହେଲେ ସବୁଥିରେ ଫ୍ଲୋରାଇଡ ଯୁକ୍ତ ପାଣି ବାହାରୁ ଥିବାରୁ ବ୍ୟବହାର ଉପଯୋଗୀ ହେଉନାହିଁ। କେବଳ ବଜାର ପଡିଆରେ ଥିବା ଗୋଟି ନଳକୂପ ପାଣି ବ୍ୟବହାର ଉପଯୋଗୀ । ଏତେ ଲୋକଙ୍କୁ ତାହା ସମୁଦ୍ରକୁ ଶଙ୍ଖେ ସଦୃଶ। ଏଠାରେ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ଓଭରହେଡ୍ ଟାଙ୍କି ନିର୍ମାଣ ହୋଇ ଜଳ ଯୋଗାଣ ହେଉଛି। ହେଲେ ଉକ୍ତ ପ୍ରକଳ୍ପରେ ଆବଶ୍ୟକ ପାଣି ହେଉ ନ ଥିବାରୁ କେବଳ ୯ ଓ ୧୧ ନମ୍ବର ୱାର୍ଡର ଲୋକମାନେ ପାଣି ପାଉଥିବା ବେଳେ ଅବଶିଷ୍ଟ ୱାର୍ଡକୁ ପାଣି ମିଳୁନି । ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଯୋଗୁ ଲୋକେ ଅତିଷ୍ଠ ହୋଇ ପଡିଲେଣି । ଏହାସାଙ୍ଗକୁ ପାନୀୟ ଜଳାଭାବ ଲୋକଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଦେଉଛି। ଗାଁରେ ପାଣି ସେମିତି ସୁବିଧା ନ ଥିବାରୁ ଲୋକେ ନିଜ ଜମିରେ ଥିବା ମୁଡା, ଚହଲା, କୂଅ କିମ୍ବା ଉଠାଜଳସେଚନ ବୋରୱେଲ ପାଣି ବ୍ୟବହାର କରୁଛନ୍ତି। ଦିନତମାମ ଲୋକେ ପାଣି ସଂଗ୍ରହ କାର୍ଯ୍ୟରେ ବ୍ୟସ୍ତ ରହୁଛନ୍ତି। ଫଳରେ ସେମାନେ ଅନ୍ୟ କାର୍ଯ୍ୟ କରିପାରୁନାହାନ୍ତି। ପାଣି ସମସ୍ୟାକୁ ନେଇ ଗ୍ରାମବାସୀ ଅଭିଯୋଗ କରିଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଗାଁରେ ନିର୍ମାଣାଧୀନ ଜଳପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଗ୍ରାମବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ମିଳିପାରିବ ବୋଲି ସମିତି ସଭ୍ୟା ନଳିନୀ ଭୋଇ, କୁନୁ ଭୋଇ, କୌଶିକ ଖାନ, ସୁରେଶ ଦଣ୍ଡସେନା, ମନୋହର ରଣା, ଖୁସି ସତନାମି ପ୍ରମୁଖ ଦାବି କରିଛନ୍ତି ।

## ଖଇରମାଳ ହରିଶଙ୍କର ମନ୍ଦିର ହୁଣ୍ଡିରୁ ଚୋରି


ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ କରୁଛି।

**ବିନିକା,୩।୪(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଖଇରମାଳ ହରିଶଙ୍କର ବାବାଙ୍କ ମନ୍ଦିର ଦାନବାକ୍ସ(ହୁଣ୍ଡି) ଭାଙ୍ଗି ଦୁର୍ବୃତ୍ତମାନେ ଶୁକ୍ରବାର ବିଳମ୍ବିତ ରାତିରେ ଲୁଟ୍‌ପାଟ କରିଛନ୍ତି। ଶନିବାର ଭୋର ୪ଟାରେ ମନ୍ଦିର ସେବକ ପୂଜାର୍ଚ୍ଚନା ପାଇଁ ପହଞ୍ଚିବା ପରେ ଗମ୍ଭୀରା କବାଟ ତାଲା ଭଙ୍ଗା ଯାଇଥିବା ଦେଖିଥିଲେ। ଏଥିସହିତ ଗମ୍ଭୀରା ମଧରେ ରଖାଯାଇଥିବା ଦାନବାକ୍ସ ନ ଥିବା ଜଣାପଡିଥିଲା। ସୂଚନା ପାଇ ଗାଁ ଲୋକେ ଘଟଣା ସମ୍ପର୍କରେ ବିନିକା ଥାନାକୁ ଜଣାଇଲେ। ଖବର ପାଇ ବିନିକା ଥାନା ଆଇଆଇସି ନିରଞ୍ଜନ ଦାଶ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ କରିଥିଲେ। ମନ୍ଦିର ସମୀପ ଏକ ଜମିରେ ଦାନବାକ୍ସ ପଡିଥିବା ଦେଖାଯାଇଥିଲା। ଦାନଟଙ୍କା ଲୁଟିନେବା ପରେ ଚୋରମାନେ ବାକ୍ସକୁ ଫୋପାଡି ଚମ୍ପଟ ମାରିଥିଲେ। ଖଇରମାଳବାସୀଙ୍କ ଏତଲାକ୍ରମେ ଏକ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ମନ୍ଦିରର ସେବକ ତୀର୍ଥବାସୀ ଦେହେରୀ କୁହନ୍ତି, ୮ ମାସ ତଳେ ହୁଣ୍ଡି ସ୍ଥାପନ ହୋଇଥିଲା । ଏହି ଅର୍ଥ ମନ୍ଦିର ଉନ୍ନତିରେ ଲାଗିଥାନ୍ତା। ପୋଲିସ ଅବିଳମ୍ବେ ଚୋରଙ୍କୁ ଧରିବାକୁ ସେ ଦାବି କରିଛନ୍ତି। ମନ୍ଦିର କମିଟି ସଭାପତି ସନ୍ତୋଷ ପାଢୀ ମଧ ଅଭିଯୁକ୍ତଙ୍କ ଗିରଫ ଦାବି କରିଛନ୍ତି। ଗ୍ରାମର ସନ୍ତୋଷ ପାତ୍ର ମନ୍ଦିରରେ ସିସିଟିଭି ଲଗାଇବା ବ୍ୟବସ୍ଥା କରିବା ଜରୁରି ହୋଇ ପଡିଛି ବୋଲି କହିଛନ୍ତି।

## ଏମିତି ବି ମୃତ୍ୟୁ ଆସେ

**ଅମରପାଲି, ୩।୪ (ଡି.ଏନ.ଏ)**

### ଦୋକାନ ଆଗରେ ଠିଆ ହୋଇଥିଲେ, ଟଳିପଡ଼ିଲେ

ଏମିତି ବି ମୃତ୍ୟୁ ଆସିଥାଏ। ଦୋକାନ ଆଗରେ ଠିଆ ହୋଇଥିଲେ ଜଣେ ଯୁବକ। ହଠାତ ଟଳି ପଡିଲେ। ଘଟଣାଟି ଘଟିଛି ଶୁକ୍ରବାର ସନ୍ଧ୍ୟାରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଳପଦର ଗ୍ରାମରେ। ମୃତକ ହେଲେ ବହଳପଦର ପଞ୍ଚାୟତ ଅନ୍ତର୍ଗତ ଭାଲୁଡୁଙ୍ଗୁରି କଲୋନୀ ପଡାର ଅର୍ଜୁନ ମୁଣ୍ଡା (୩୨)। ଗାଁରେ ଥିବା ଏକ ଔଷଧ ଦୋକାନକୁ ସେ ଔଷଧ କିଣିବା ପାଇଁ ଆସି ମେଡିସିନ ଷ୍ଟୋର ସମ୍ମୁଖରେ ଠିଆ ହୋଇଥିଲେ। ତେବେ ହଠାତ୍ ସେ ତଳେ ପଡିଯାଇଥିଲେ ଓ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଅର୍ଜୁନ ଜଳଛାୟା ପ୍ରକଳ୍ପର ପୂର୍ବତନ ସମ୍ପାଦକ ଥିଲେ। ଏବେ ସେ କୌଣସି ଏକ ଫାଇନାନ୍ସ କମ୍ପାନରେ କାମ କରୁଥିବା ସୂଚନା ମିଳିଛି । ତାଙ୍କର ସ୍ତ୍ରୀ ଓ ଏକ ଦେଢ଼ବର୍ଷର ଶିଶୁକନ୍ୟା ଅଛନ୍ତି।

## ବାଲି ଚୋରା ଚାଲାଣ, ୭୦ ହଜାର ଜରିମାନା

**ଅତାବିରା, ୩।୪ (ଡି.ଏନ.ଏ)** ବରଗଡ ଜିଲା ଭେଡେନ ତହସିଲ ପକ୍ଷରୁ ଗୋଡଭଗା-ଡୁରୁମ ୫୪ ନଂ. ରାଜ୍ୟ ରାଜପଥର ଗଣ୍ଡଡୁରୁମ ଠାରେ ଚଢ଼ାଉ କରି ୩ଟି ହାଇୱା ଓ ଗୋଟିଏ ଜେସିବି ମେଶିନ ଜବତ କରାଯାଇଛି। ଏହାସହ ଗାଡି ମାଲିକଙ୍କଠାରୁ ୭୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଭେଡେନ ତହସିଲଦାର ଅନୀଲ ହୋତା, ଅତିରିକ୍ତ ତହସିଲଦାର ନାରାୟଣ ଉନସନା, ରୁଷୁଡା ଫାଣ୍ଡି ଅଧିକାରୀ ଗଣେଷ କଲେତ ପ୍ରମୁଖ ଏହି ଚଢ଼ାଉ କରିଥିଲେ। ଏ ନେଇ ଅତିରିକ୍ତ ତହସିଲଦାର ଉନସନାଙ୍କୁ ପଚରାଯିବାରୁ ଚଢ଼ାଉ ଜାରି ରହିଛି ବୋଲି କହିଥିଲେ ।

## ହୃଦ୍‌ରୋଗାକ୍ରାନ୍ତ ଜୟକୃଷ୍ଣଙ୍କ ଚିକିତ୍ସା ପାଇଁ ଟଙ୍କା ନାହିଁ

**ଲାଠୋର, ୩।୪(ଡି .ଏନ.ଏ.)**


ହୃଦ୍‌ରୋଗାକ୍ରାନ୍ତ ଜୟକୃଷ୍ଣ ଶବର।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡା ପଞ୍ଚାୟତ ଫୁଲଝର ଗ୍ରାମର ଦେବରାଜ ଶବରଙ୍କ ପୁଅ ଜୟକୃଷ୍ଣ(୧୭) ହୃଦ୍‌ରୋଗରେ ଆକ୍ରାନ୍ତ। ଆର୍ଥିକ ସ୍ଥିତି ଭଲ ନ ଥିବା ଯୋଗୁଁ ତାଙ୍କର ଚିକିତ୍ସା ହୋଇ ପାରୁନାହିଁ। ଉଚ୍ଚତର ଚିକିତ୍ସା ନପାଇ ସେ ଘରେ ପଡି ରହିଛନ୍ତି। ଦିନକୁ ଦିନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରେ ଲାଗିଛି।

ଫୁଲଝର ଗାଁର ଦେବରାଜଙ୍କ ପରିବାର କହିଲେ ସ୍ତ୍ରୀ ଦେବକୀ, ଦୁଇଝିଅ ଜୟମତି ଓ କୌଶଲ୍ୟା ଏବଂ ଦୁଇ ପୁଅ ଜୟକୃଷ୍ଣ ଓ ଗୁଣନିଧି। ସମ୍ପତି ବାଡି ଯାହା ଅଛି ସେଥିରେ ପରିବାର ଚଳାଇବା ସମ୍ଭବ ହୁଏନାହିଁ। ତେଣୁ ପ୍ରତିବର୍ଷ ସପରିବାର ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ପରିବାର ପ୍ରତିପୋଷଣ କରିଥାନ୍ତି। ୨୦୨୦ରେ ପରିବାର ସହ ଦେବରାଜ ତେଲେଙ୍ଗାନା ରାଜ୍ୟର ପଇଦାପଲିକୁ ଦାଦନ ଖଟିବାକୁ ଯାଇଥିଲେ। କିଛି ଦିନ ସେଠାରେ କାମ କଲା ପରେ ଜୟକୃଷ୍ଣଙ୍କ ଦେହ ଖରାପ ହୋଇଯାଇଥିଲ। ଡକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ ହୃଦ୍‌ରୋଗ ହୋଇଥିବା ଜଣାପଡିଥିଲା। ଏ ବିଷୟରେ ମାଲିକ ଅବଗତ ହେଲା ପରେ ମା ଦେବକୀଙ୍କ ସହ ଜୟକୃଷ୍ଣଙ୍କୁ ଘରକୁ ପଠାଇ ଦେଇଥିଲେ। ପରିବାର ଲୋକ ଘରେ କିଛି ସାଇତି ରଖିଥିଲେ ତାକୁ ଖର୍ଚ୍ଚ କରି ବିଭିନ୍ନ ହସ୍ପିଟାଲରେ ଦେଖାଇଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଉଚ୍ଚତର ଚିକିତ୍ସା ପାଇଁ ଲକ୍ଷାଧିକ ଟଙ୍କାର ଆବଶ୍ୟକତା ପଡୁଥିବା ବେଳେ ସ୍ୱାମୀଙ୍କ ଅନୁପସ୍ଥିତିରେ ଏତେ ଗୁଡାଏ ଟଙ୍କା ଦେବକୀ ଯୋଗାଡ କରି ପାରୁ ନାହାନ୍ତି। ଫଳରେ ଜୟକୃଷ୍ଣଙ୍କ ଅବସ୍ଥା ବିଗିଡିବାରେ ଲାଗିଛି। ବର୍ତ୍ତମାନ ତାଙ୍କର ହାତ, ଗୋଡ ଏବଂ ପେଟ ଫୁଲି ଯାଇଥିବାରୁ ସେ ଖାଦ୍ୟ ଖାଇବାରେ ଅସୁବିଧା ଭୋଗୁଛନ୍ତି। ଚଲାବୁଲା କରି ପାରୁ ନାହାନ୍ତି। ଏହି ସ୍ଥିତିରେ ପ୍ରଶାସନ ସାହାଯ୍ୟର ହାତ ବଢାଇବାକୁ ଦେବକୀ ଆକୁଳ ନିବେଦନ କରିଛନ୍ତି ।

# କେନାଲ ସଙ୍କୁଚିତ, ଚାଷଜମିକୁ ଯାଉନି ପାଣି

**ସରଣ୍ଡା, ୩।୪ (ଡି.ଏନ.ଏ)**


ପାଦଚଲା ରାସ୍ତା ଯୋଗୁ କେନାଲ ସଙ୍କୁଚିତ ହୋଇଯାଇଛି।

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଛି। ଟାଣ ଖରା ଯୋଗୁ ଚାଷ ଜମିରେ ପ୍ରତ୍ୟେକ ଦିନ ପାଣିର ଆବଶ୍ୟକତା ବଢ଼ିବାରେ ଲାଗିଛି। ତେବେ ଜବରଦଖଲ ଓ ବିଭାଗୀୟ ଅଧିକାରୀଙ୍କ ଅଣଦେଖା ଯୋଗୁ କେନାଲ ଦିନକୁ ଦିନ ସଙ୍କୁଚିତ ହେବାକୁ ଲାଗିଛି। କେନାଲ ଉପରେ ପାଦଚଲା ରାସ୍ତା ହୋଇଥିବା ସ୍ଥାନରେ ସଙ୍କୁଚିତ ଯୋଗୁ ଚାଷଜମିକୁ ପାଣି ମାଡିପାରୁନାହିଁ। ଏଭଳି ଅଭିଯୋଗ କରିଛନ୍ତି ଖାଇରପାଲି ଅଞ୍ଚଳର ଚାଷୀ। ବରଗଡ ଜିଲା ଅତାବିରା ବ୍ଲକ ନୂଆଁ ଖାଇରପାଲି ଗ୍ରାମ ଦେଇ ଯାଇଥିବା କେନାଲ ସଙ୍କୁଚିତ ହୋଇଯାଇଥିବାରୁ ଚାଷଜମିକୁ ପାଣି ଯାଇ ପାରୁନାହିଁ । ଏ ନେଇ ଚାଷୀମାନେ ଗୋଡଭଗା କେନାଲ ଏସ୍‌ଡିଓ ଏବଂ ଅତାବିରା ତହସିଲଦାରଙ୍କ ଠାରେ ଅଭିଯୋଗ କରିଛନ୍ତି। କେନାଲ ଏରିଆକୁ ଡିମାର୍କେସନ କରି ଚାଷଜମିକୁ ପାଣି ଯେପରି ଯାଇପାରିବ ସେ ନେଇ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି। ଚକୁଳି ଫାର୍ମ କେନାଲରୁ ନୂଆଁ ଖାଇରପାଲି ଦେଇ ଯାଇଥିବା ଏହି ଶାଖା କେନାଲ ଲରାସରା, ଖାଇରପାଲି, ଭୋଇପାଲି ଓ ସରଣ୍ଡା ମୌଜାର ୯ଶହ ଏକର ଚାଷଜମିକୁ ଜଳସେଚନ କରିଥାଏ। ଧାନ ଅମଳ ପୂର୍ବରୁ ଏହି ଚାଷଜମିକୁ ବଞ୍ଚାଇବା ପାଇଁ ଏବେ ଜଳସେଚନର ଆବଶ୍ୟକତା ରହିଛି। ଜଳାଭାବରୁ କେତେକ ସ୍ଥାନରେ ଚାଷ ଜମି ଶୁଖିଲା ହୋଇ ଧାନ ଗଛ ଝାଉଁଳି ପଡିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏ ନେଇ ଅତାବିରା ତହସିଲଦାର ଦୁର୍ଯ୍ୟୋଧନ ଭୋଇଙ୍କୁ ପଚାରିବାରୁ ସେ କହିଲେ, ଚାଷୀମାନେ ଡିମାର୍କେସନ କରିବାକୁ ଲିଖିତ ଭାବେ ଜଣାଇଛନ୍ତି। ହୋଲି ଛୁଟି ଥିବାରୁ ତାହା ହୋଇପାରିନାହିଁ। ଖୁବ୍‌ଶୀଘ୍ର ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଲୋକଙ୍କୁ ବୁଝାଯିବ । ସେମାନେ ନ ମାନିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତହସିଲଦାର ଭୋଇ କହିଥିଲେ।